RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-145 ◆FRIDAY ◆21 NOVEMBER 2025 ◆PAGE-12 ◆₹ 6.00 | JEYPORE | ◆ବର୍ଷ-୪୩ ◆ସଂଖ୍ୟା-୧୪୫ ◆ଶୁକ୍ରବାର ◆୨୧ ନଭେମ୍ବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦



ଦୁଇଟି ପାର୍ଟରେ ଆସିବ ଧୁରନ୍ଧର
▶ପୃଷ୍ଠା ୧୧ ଦେଖନ୍ତୁ...

# ହିତାଧିକାରୀଙ୍କୁ ରାସନ ଛନକା

## କାର୍ଡ କାଟିବାକୁ ଘରଘର ବୁଲୁଛନ୍ତି ସରକାରୀ ଅଧିକାରୀ

■ ଭୁବନେଶ୍ୱର, ୨୦।୧୧ (ସମିସ): ସାରା ରାଜ୍ୟରେ ଖାଦ୍ୟ ସୁରକ୍ଷା ହିତାଧିକାରୀଙ୍କୁ ଘାରିଛି ରାସନ କାର୍ଡ ଛନକା । କେୱାଇସି ଯାଞ୍ଚ କରିବା ଓ ସରକାରୀ ନଥିପତ୍ରରେ ଅଯୋଗ୍ୟ ମନେ ହେଉଥିବା ପ୍ରାୟ ୧୦ ଲକ୍ଷ ହିତାଧିକାରୀଙ୍କୁ କାଟିବା ପାଇଁ ସରକାରୀ ଅଧିକାରୀମାନେ ଘରଘର ବୁଲିବା ଆରମ୍ଭ କରିଛନ୍ତି ବୋଲି କୁହାଯାଉଛି । କେନ୍ଦ୍ର ସରକାରଙ୍କ ଖାଦ୍ୟ ସୁରକ୍ଷା ଯୋଜନାରେ ରାଜ୍ୟର ୯୨.୮୯ ଲକ୍ଷ ହିତାଧିକାରୀ ସାମିଲ ଥିବା ବେଳେ ରାଜ୍ୟ ସରକାରଙ୍କ ଖାଦ୍ୟ ସୁରକ୍ଷା ଯୋଜନାରେ ୯.୭୬ ଲକ୍ଷ ହିତାଧିକାରୀଙ୍କୁ ମାଗଣା ଚାଉଳ ଯୋଗାଇ ଦିଆଯାଉଛି । ତେବେ ମାସିକ ୧୦ ହଜାର ଟଙ୍କାରୁ ଅଧିକ ରୋଜଗାର, ୨ରୁ ବଖରାରୁ ଅଧିକ ପକ୍କା ଘର, ୩ ଚକିଆ ଗାଡ଼ି, ମୋଟର ଚାଳିତ ଡଙ୍ଗା ଓ କୃଷି ଯନ୍ତ୍ରପାତି ଆଦି ରହିଥିଲେ ରାସନ କାର୍ଡ କଟିବ ବୋଲି ଏବେ ପ୍ରଚାର ହେଉଛି । ସେହିପରି ଅଢେଇ ଏକର



ସାରା ରାଜ୍ୟରୁ ବାଦ ପଡ଼ିବେ ୧୦ ଲକ୍ଷରୁ ଊର୍ଦ୍ଧ୍ୱ ହିତାଧିକାରୀ

ଜମି ଥିବା ହିତାଧିକାରୀମାନେ ମଧ ରାସନ କାର୍ଡରୁ ବାଦ ପଡ଼ିବେ ବୋଲି ସରକାରୀ ଅଧିକାରୀମାନେ କହୁଛନ୍ତି । ଯାହାକୁ ନେଇ ହିତାଧିକାରୀଙ୍କ ମନରେ ଛନକା ସୃଷ୍ଟି କରିଛି ।

ସୂଚନା ଅନୁଯାୟୀ କେନ୍ଦ୍ର ସରକାର ସାରା ଦେଶ ପାଇଁ ଏକ ସନ୍ଦିଗ୍ଧ ତାଲିକା ପ୍ରସ୍ତୁତ କରିଛନ୍ତି । ଏହି ତାଲିକାରେ ଦେଶର ୧ କୋଟି ୧୭ ଲକ୍ଷ ହିତାଧିକାରୀଙ୍କ ନାମ ରହିଛି । ଏହି ସନ୍ଦିଗ୍ଧ ତାଲିକାରେ ଥିବା ହିତାଧିକାରୀମାନେ ରାସନ ପାଇବା ପାଇଁ ଯୋଗ୍ୟ ନ ଥିବା କେନ୍ଦ୍ର ସରକାର ଅନୁଭବ କରୁଛନ୍ତି । ଅର୍ଥାତ ଏହି ତାଲିକାରେ ଥିବା ହିତାଧିକାରୀମାନେ ଅଯୋଗ୍ୟ ହୋଇ ମଧ ରାସନ ସାମଗ୍ରୀ ନେଉଥିବା କେନ୍ଦ୍ର କହିଛି । ଏଥିପାଇଁ ରାଜ୍ୟଗୁଡ଼ିକୁ ଏହି ତାଲିକା ପ୍ରଦାନ କରିବା ସହ ତାଲିକାରେ ଥିବା ହିତାଧିକାରୀଙ୍କ ସ୍ଥିତି ଯାଞ୍ଚ କରି ସେମାନଙ୍କୁ ତାଲିକାରୁ ହଟାଇବାକୁ ନିର୍ଦ୍ଦେଶ ଥିବା ଜଣାପଡ଼ିଛି । ଆୟକର ବିଭାଗ, ପରିବହନ ବିଭାଗ ଓ କର୍ପୋରେଟ୍ ବ୍ୟାପାର ମନ୍ତ୍ରଣାଳୟ ଆଦି ବିଭାଗଗୁଡ଼ିକର ତଥ୍ୟକୁ ଆଧାର କରି ଏହି ତାଲିକା ପ୍ରସ୍ତୁତ କରାଯାଇଛି । କେନ୍ଦ୍ର ସରକାରଙ୍କ ଏହି ନିର୍ଦ୍ଦେଶନାମା ପରେ ଓଡ଼ିଶାରେ ସରକାରୀ ସ୍ତରରେ ଧରପଗଡ଼ ଆରମ୍ଭ ହୋଇଛି । ସାରା ରାଜ୍ୟରେ ଅନ୍ୟୁନ ୧୦ ଲକ୍ଷ ହିତାଧିକାରୀଙ୍କ ନାମ ଏହି ସୂଚୀରୁ ବାଦ ଦେବାକୁ ଲକ୍ଷ୍ୟ ଯାଇଥିବା ଅସମର୍ଥିତ ସୂତ୍ରରୁ ସୂଚନା ମିଳିଛି । ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ଭୁବନେଶ୍ୱର ▶ପୃଷ୍ଠା-୭

ବିଲ୍ ଅନୁମୋଦନ ମାମଲା: ରାଷ୍ଟ୍ରପତି, ରାଜ୍ୟପାଳଙ୍କ ପାଇଁ ନାହିଁ ସମୟସୀମା

# ବିଳମ୍ବ ହେଲେ ଅଦାଲତଙ୍କ ହସ୍ତକ୍ଷେପ

■ ନୂଆଦିଲ୍ଲୀ, ୨୦।୧୧ (ଏଜେନ୍ସି): ରାଜ୍ୟ ବିଧାନସଭା ଦ୍ୱାରା ଗୃହୀତ ବିଲ ଉପରେ ନିଷ୍ପତ୍ତି ନେବାଲାଗି ରାଷ୍ଟ୍ରପତି କିମ୍ବା ରାଜ୍ୟପାଳଙ୍କ ପାଇଁ ସମୟ ସୀମା ଧାର୍ଯ୍ୟ କରାଯାଇପାରିବ ନାହିଁ । ସାମ୍ବିଧାନିକ ବ୍ୟବସ୍ଥା ଅନୁଯାୟୀ କୋର୍ଟ ସେମାନଙ୍କୁ ଏଥିଲାଗି ବାଧ କରିପାରିବେ ନାହିଁ । ତେବେ ବିନା କାରଣରେ ଏହି ବିଲ୍ ଉପରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ବସିପାରିବେ ନାହିଁ ରାଜ୍ୟପାଳ । ଏଭଳି ପରିସ୍ଥିତି ସୃଷ୍ଟି ହେଲେ ଅଦାଲତ ହସ୍ତକ୍ଷେପ କରିପାରିବେ ଏବଂ ଯୁକ୍ତିଯୁକ୍ତ ସମୟ ମଧ୍ୟରେ ବିଲ୍ ଉପରେ ନିଷ୍ପତ୍ତି ନେବାଲାଗି ରାଜ୍ୟପାଳଙ୍କୁ ନିର୍ଦ୍ଦେଶ ଦେଇପାରିବେ । ରାଷ୍ଟ୍ରପତିଙ୍କ ପ୍ରେସିଡେନସିଆଲ ରେଫେରେନ୍ସର ଉତ୍ତର ଦେବାକୁ ଯାଇ ସୁପ୍ରିମକୋର୍ଟ ଆଜି ଏଭଳି ମତାମତ ଦେଇଛନ୍ତି ।

ରାଜ୍ୟ ବିଧାନସଭା ଦ୍ୱାରା ଅନୁମୋଦିତ ବିଲ ଉପରେ ନିଷ୍ପତ୍ତି ନେବା ଲାଗି କୋର୍ଟ ରାଷ୍ଟ୍ରପତି କିମ୍ବା ରାଜ୍ୟପାଳଙ୍କ କ୍ଷେତ୍ରରେ ସମୟସୀମା ଧାର୍ଯ୍ୟ କରିପାରିବେ କି? ପ୍ରେସିଡେନସିଆଲ ରେଫେରେନ୍ସ ଜରିଆରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏହି ପ୍ରଶ୍ନକୁ ନେଇ ଲୋଡ଼ିଥିବା ମତାମତ ଉପରେ ପ୍ରଧାନ ବିଚାରପତି ଜଷ୍ଟିସ ବିଆର ଗଭାଇଙ୍କ ଅଧ୍ୟକ୍ଷତାରେ ଗଠିତ ୫ ଜଣିଆ ସମ୍ବିଧାନ ବେଞ୍ଚ ଆଜି ଉପରୋକ୍ତ ମତ ଦେଇଛନ୍ତି । ଜଷ୍ଟିସ ଗଭାଇ କହିଲେ ଯେ ବିଧାନସଭା ବିଲ୍ ପଠାଇଲେ ଏହା ଉପରେ ରାଜ୍ୟପାଳ ଅନିର୍ଦ୍ଦିଷ୍ଟ କାଳ ପାଇଁ ବସିପାରିବେ ନାହିଁ । ତାଙ୍କ ପାଖରେ ତିନିଟି ବିକଳ୍ପ ରହିଛି । ବିଲ ଉପରେ ମୋହର ମାରିବେ, ଅନୁଧ୍ୟାନ ପାଇଁ ରାଷ୍ଟ୍ରପତିଙ୍କ ପାଖକୁ ପଠାଇବେ ନଚେତ ବିଲ୍ ଫେରାଇଦେବେ । ତେବେ ବିଲ୍ କାହିଁକି ଫେରାଇଲେ ତାହାର କାରଣ ଦର୍ଶାଇବାକୁ ପଡ଼ିବ । ବିଲ ଉପରେ ରାଜ୍ୟପାଳ ଅନିର୍ଦ୍ଦିଷ୍ଟ କାଳ ପାଇଁ କୌଣସି ପଦକ୍ଷେପ ନନେଲେ ଏହା ସଂଘୀୟ ବ୍ୟବସ୍ଥାର ଉଲ୍ଲଂଘନ ▶ପୃଷ୍ଠା-୭



ରାଷ୍ଟ୍ରପତିଙ୍କୁ ମତାମତ ଦେଲେ ସୁପ୍ରିମକୋର୍ଟ

# ବିହାର ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଲେ ନୀତୀଶ

■ ପାଟନା, ୨୦।୧୧ (ଏଜେନ୍ସି): ନୀତୀଶ କୁମାର ରେକର୍ଡ କରିଛନ୍ତି । ବିଧାନସଭା ନିର୍ବାଚନରେ ବଡ଼ ବିଜୟ ପରେ ପାଟନାର ଗାନ୍ଧୀ ମୈଦାନରେ ଆଜି ଆୟୋଜିତ ଭବ୍ୟ ସମାରୋହରେ ନୀତୀଶ ୧୦ମ ଥର ପାଇଁ ବିହାର ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଛନ୍ତି । ଏଥିସହିତ ନୀତୀଶ ଦୀର୍ଘଦିନ ପର୍ଯ୍ୟନ୍ତ କ୍ଷମତାରେ ଥିବା ଦେଶର ଅଷ୍ଟମ ମୁଖ୍ୟମନ୍ତ୍ରୀ ହୋଇଛନ୍ତି । ଯଦି ଏହି କାର୍ଯ୍ୟକାଳ ସମ୍ପୂର୍ଣ୍ଣ କରନ୍ତି ତେବେ ସେ ଦୀର୍ଘ ସମୟ ପର୍ଯ୍ୟନ୍ତ କ୍ଷମତାରେ ଥିବା ଭାରତର ପ୍ରଥମ ମୁଖ୍ୟମନ୍ତ୍ରୀ ପାଲଟିବେ । ପୂର୍ବରୁ ଏହି ରେକର୍ଡ ସିକିମ ନେତା ପବନ ଚାମଲିଙ୍ଗଙ୍କ ନାମରେ ରହିଛି ।

ନୀତୀଶଙ୍କ ସହିତ ୨୬ ମନ୍ତ୍ରୀ ମଧ ଶପଥ ନେଇଛନ୍ତି । ଏମାନଙ୍କ ମଧ୍ୟରେ ବିଜେପି କୋଟାରୁ ୧୪ ଜଣ, ଜେଡିୟୁରୁ ୮, ଚିରାଗ ପାଶ୍ୱାନଙ୍କ ଏଲଜେପିଆରରୁ ୨ ଜଣ, ଜିତନ ରାମ ମାନ୍ଝୀଙ୍କ ହାମ୍ ଏବଂ ଉପେନ୍ଦ୍ର କୁଶ୍ୱାହଙ୍କ ଦଳରୁ ଜଣେ ଲେଖାଏଁ ମନ୍ତ୍ରୀ ହୋଇଛନ୍ତି । ଏହି ମନ୍ତ୍ରିମଣ୍ଡଳରେ ତିନି ମହିଳା ଏବଂ ଜଣେ ମୁସଲିମ ବ୍ୟକ୍ତି ସାମିଲ ଅଛନ୍ତି । ଜେଡିୟୁ ପୁଣିଥରେ ଜମା ଖାନ୍‌ଙ୍କୁ ମନ୍ତ୍ରୀ କରିଛି । ସମ୍ରାଟ ଚୌଧୁରୀ ଏବଂ ବିଜୟ ସିହ୍ନା ପୁଣି ଉପ-ମୁଖ୍ୟମନ୍ତ୍ରୀ ହେବେ ବୋଲି ଆଶା କରାଯାଉଛି । ନୀତୀଶଙ୍କ ଏହି ନୂଆ କ୍ୟାବିନେଟରେ ୧୩ ନୂଆ ମୁହଁ ସାମିଲ ହୋଇଛନ୍ତି । ନିଜର ୮ ମନ୍ତ୍ରୀଙ୍କୁ ନୀତୀଶ ପୁଣି ସୁଯୋଗ ଦେଇଛନ୍ତି । ତେବେ ବିଜେପିରୁ ୭ ଜଣ ନୂଆ କରି ମନ୍ତ୍ରୀ ହୋଇଛନ୍ତି । ▶ପୃଷ୍ଠା-୭



୨୬ ମନ୍ତ୍ରୀ ମଧ ନେଲେ ଶପଥ

ବିଜେପିର ୧୪, ଜେଡିୟୁର ୮, ଚିରାଗଙ୍କ ୨ମନ୍ତ୍ରୀ ସାମିଲ

ମନ୍ତ୍ରିମଣ୍ଡଳରେ ୩ ମହିଳା, ଜଣେ ମୁସଲମାନ

ସପ୍ତାହେ ପରେ ଶୀତ ଅଧିବେଶନ

# ସରକାରଙ୍କୁ ଘେରିବାକୁ ବିରୋଧୀଙ୍କ ପାଗଭିଡ଼ା

■ ଭୁବନେଶ୍ୱର, ୨୦।୧୧ (ସମିସ): ଆଉ ସପ୍ତାହେ ପରେ ଅର୍ଥାତ୍ ୨୭ ତାରିଖରୁ ଓଡ଼ିଶା ବିଧାନସଭାର ପଞ୍ଚମ(ଶୀତକାଳୀନ) ଅଧିବେଶନ ଆରମ୍ଭ ହେବ । ବିଭିନ୍ନ ପ୍ରସଙ୍ଗ ଯୋଗୁଁ ଏହି ଅଧିବେଶନଟି ଚର୍ଚ୍ଚାରେ ରହିବାକୁ ଯାଉଥିବା ବେଳେ ସରକାରଙ୍କୁ ଘେରିବାକୁ ବିରୋଧୀ ଏବେଠାରୁ ପାଗ ଭିଡ଼ା ଆରମ୍ଭ କଲେଣି । ଅଧିବେଶନ ପ୍ରାରମ୍ଭରୁ ଗୃହରେ ବିରୋଧୀ ସକ୍ରିୟ ରହିବା ନେଇ ବିରୋଧୀ ବିଜେଡି ଓ କଂଗ୍ରେସ ସୂତ୍ରରୁ ସୂଚନା ମିଳିଛି । ଅପରପକ୍ଷେ ନୂଆପଡ଼ା ଉପନିର୍ବାଚନରେ ବିଶାଳ ବିଜୟକୁ ।।ନେଇ ଶାସକ ଦଳ ବିଜେପି ଉତ୍ସାହିତ ଥିବାବେଳେ ବିରୋଧୀଙ୍କ ସବୁ ଆକ୍ରମଣର ପ୍ରତ୍ୟୁତ୍ତର ଦିଆଯିବ ବୋଲି ଦଳ ଦୃଢ଼ୋକ୍ତି ପ୍ରକାଶ କରିଛି । ଅପରପକ୍ଷେ ଓଡ଼ିଶା ବିଧାନସଭା ଇତିହାସରେ ରାଷ୍ଟ୍ରପତି ପ୍ରଥମଥର ପାଇଁ ଉଦବୋଧନ ଦେବେ ଓ ଅଧିବେଶନରେ ଏକାଧିକ ଗୁରୁତ୍ୱପୂର୍ଣ୍ଣ ବିଲ୍ ଆସିବା ନେଇ ସୂଚନା ମିଳିଛି ।

ସୂଚନାଯୋଗ୍ୟ ଯେ ଗତ ମୌସୁମୀ ଅଧିବେଶନ ମାତ୍ର ୭ ଦିନ ଚାଲିଥିବା ବେଳେ ବିରୋଧୀ କଂଗ୍ରେସ ଏବଂ ▶ପୃଷ୍ଠା-୭

ଯେଉଁ ପ୍ରସଙ୍ଗକୁ ଛୁଇଁବ, ସେଥିରେ ସରକାର ବିଫଳ: ବିଜେଡି

ରାଜ୍ୟବାସୀଙ୍କ ସ୍ୱାର୍ଥ ପ୍ରସଙ୍ଗରେ ଦଳ ବିତର୍କ କରିବ: କଂଗ୍ରେସ

ସୃଷ୍ଟି ହେଲା ଘୂର୍ଣ୍ଣିବଳୟ

# ୨୨ରେ ଲଘୁଚାପ, ୨୪ରେ ଅବପାତ

■ ଭୁବନେଶ୍ୱର, ୨୦।୧୧ (ସମିସ): ବଙ୍ଗୋପସାଗରରେ ସୃଷ୍ଟି ହେବାକୁ ଥିବା ଲଘୁଚାପ ପୂର୍ବରୁ ଗୁରୁବାର ସୃଷ୍ଟି ହୋଇଛି ଏକ ଘୂର୍ଣ୍ଣିବଳୟ । 'ଷ୍ଟ୍ରିଟ୍ ଅଫ୍ ମାଲାକା' ମଧ ଅଂଶରେ ସୃଷ୍ଟି ହୋଇଥିବା ଏହି ଘୂର୍ଣ୍ଣିବଳୟ ଧୀରେ ଧୀରେ ବଙ୍ଗୋପସାଗର ମୁହାଁ ହେବ ଏବଂ ଏହାର ପ୍ରଭାବରେ ୨୨ ତାରିଖ ବେଳକୁ ଦକ୍ଷିଣ-ପୂର୍ବ ବଙ୍ଗୋପସାଗରରେ ଗୋଟିଏ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବ ବୋଲି ପାଣିପାଗ ବିଜ୍ଞାନୀମାନେ ଆକଳନ କରିଛନ୍ତି । ଏହି ଲଘୁଚାପପଶ୍ଚିମ-ଉତ୍ତରପଶ୍ଚିମ ଦିଗକୁ ଗତି କରି ୨୪ ତାରିଖ ବେଳକୁ ଆହୁରି ଘନୀଭୂତ ହୋଇ ଦକ୍ଷିଣ ବଙ୍ଗୋପସାଗରର ମଧ ଭାଗରେ ଅବପାତରେ ପରିଣତ ହେବ । ପରବର୍ତ୍ତୀ ୪୮ ଘଣ୍ଟା ମଧ୍ୟରେ ଏହା ପଶ୍ଚିମ-ଉତ୍ତରପଶ୍ଚିମ ଦିଗକୁ ଅଗ୍ରସର ହୋଇ ଦକ୍ଷିଣ-ପଶ୍ଚିମ ବଙ୍ଗୋପସାଗରରେ ଆହୁରି ଅଧିକ ଘନୀଭୂତ ହେବ । ଏହି ଲଘୁଚାପ ସୃଷ୍ଟି ପରେ ଅଧିକ ଘନୀଭୂତ ହେବା ପାଇଁ ସବୁ ପ୍ରକାର ପାଣିପାଗ ମଡେଲ ସୁହାଉ ଥିବାରୁ ଏହା ବାତ୍ୟାରେ ପରିଣତ ହୋଇପାରେ ବୋଲି ମଧ ପ୍ରାଥମିକ ଭାବେ ଆକଳନ କରାଯାଉଛି । ଏହାର ପ୍ରଭାବରେ ଉଭୟ ଆନ୍ଧ୍ର ଓ ଓଡ଼ିଶାର ଅନେକ ସ୍ଥାନରେ ପ୍ରବଳ ବର୍ଷା ହୋଇପାରେ ବୋଲି ପାଣିପାଗ ବିଜ୍ଞାନୀମାନେ ପୂର୍ବାନୁମାନ କରିଛନ୍ତି । ପୁନଶ୍ଚ ଏହା ଯଦି ▶ପୃଷ୍ଠା-୭

୨୮ରୁ ଡିସେମ୍ବର ୪ ମଧ୍ୟରେ ଅଧିକ ବର୍ଷା

ଉଠିଲା ପାରଦ; କମିଲା ଶୀତର ପ୍ରଭାବ

ପୁଲିସ ଚାକିରି ବେପାର

# ଶଙ୍କର, ସୁରେଶ, ସାଗରଙ୍କ ଜାମିନ ଆବେଦନ ଖାରଜ

■ ବ୍ରହ୍ମପୁର, ୨୦।୧୧ (ସମିସ): ବହୁଚର୍ଚ୍ଚିତ ପୁଲିସ ଏସ୍ଆଇ କେଲେଙ୍କାରୀ ମାମଲାର ତଦନ୍ତଭାର ସିବିଆଇକୁ ଦେବା ନିମନ୍ତେ ବ୍ରହ୍ମପୁର ଜେଏମଏଫସି କୋର୍ଟରେ ପିଟିସନ୍ ଦାଖଲ କରିଛି କ୍ରାଇମବ୍ରାଞ୍ଚ । ସେପଟେ ମାମଲାର ତଦନ୍ତ ପାଇଁ ବ୍ରହ୍ମପୁରରେ ପହଞ୍ଚିଛି ସିବିଆଇ ଟିମ୍ । ଜଣେ ଓକିଲଙ୍କ ସମେତ ସିବିଆଇର ୪ ଜଣିଆ ଟିମ୍ ପ୍ରଥମେ ବ୍ରହ୍ମପୁର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟରେ ପହଞ୍ଚିଥିଲେ । କୋର୍ଟରେ ସିବିଆଇ ପକ୍ଷରୁ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଜ୍ଞପ୍ତି ପତ୍ରକୁ ଦାଖଲ କରାଯାଇଥିଲା । ପରେ ଏସ୍ଆଇ ପରୀକ୍ଷା କେଲେଙ୍କାରୀର ମାଷ୍ଟରମାଇଣ୍ଡ ଶଙ୍କର ପୃଷ୍ଟି, ସିଲିକନ ଟେକ୍ ପ୍ରାଇଭେଟ୍ ଲିମିଟେଡ୍ ମାଲିକ ସୁରେଶ ଚନ୍ଦ୍ର ନାୟକ, ଦଲାଲ ଅରବିନ୍ଦ ଦାସ ଓ ଏଜେଣ୍ଟ ସାଗର ଗୌଡ଼ଙ୍କ ଜାମିନ ଆବେଦନର ଶୁଣାଣି ବେଳେ ସିବିଆଇ ଓକିଲ ଜାମିନ ଆବଦେନକୁ ବିରୋଧ କରିଥିଲେ । ଉଭୟପକ୍ଷର ଓକିଲଙ୍କଠାରୁ ଶୁଣିବା ପରେ ଭିଜିଲାନ୍ସ ଜଜ୍ ▶ପୃଷ୍ଠା-୭

ଆଡ୍‌ମିସନ୍ ପରେ ବଦଳିଗଲା ନିଟ୍ ର୍ୟାଙ୍କ

# ଗୋଟିଏ କ୍ଲାସ୍ ପରେ ବିଦା କରିଦେଲା ଭିମସାର୍

■ ସମ୍ବଲପୁର, ୨୦।୧୧ (ସମିସ): ସେଦିନ ପୁଅର ନିଟ୍ ର୍ୟାଙ୍କ ଦେଖି ବାପାର ଛାତି କୁଣ୍ଢେମୋଟ ହୋଇଯାଇଥିଲା । ଚଷାଘର ପୁଅ ଡାକ୍ତର ହେବ, ରୋଗୀ ସେବା କରିବ, ନାଁ କମେଇବ; ଦିନ ଆଲୁଅରେ ଠିଆଠିଆ ଏମିତି କେତେ ସ୍ୱପ୍ନ ଦେଖିଯାଇଥିଲେ ବରଗଡ଼ର ସୁଦାମ ସାହୁ । ପୁଅ ମୁକେଶ ସାହୁ ସର୍ବଭାରତୀୟ ସ୍ତରରେ ନିଟ୍ ରାଙ୍କ ୨୬,୪୫୯ ରଖି ସରକାରୀ ମେଡିକାଲ କଲେଜରେ ନିଜର ସିଟ୍‌ଟିଏ ପକା କରିଦେଇଥିଲା । ଦିନ ଗଡ଼ିବା ସହ ଆଡ୍‌ମିସନ୍ ପ୍ରକ୍ରିୟା ଆଗେଇଲା । କାଉନସେଲିଂ, ଆଡ୍‌ମିସନ୍ ପ୍ରକ୍ରିୟାରେ ଯେପରି କୌଣସି ତ୍ରୁଟି-ବିଚ୍ୟୁତି ନ ରୁହେ, ସେଥିପ୍ରତି ପୂରା ଧ୍ୟାନ ଦେଇ ଭୀମସାର୍‌ରେ ପୁଅର ଆଡମିସନ୍ କରାଇଲେ ସୁଦାମ । ଏଥିପାଇଁ ସ୍ତ୍ରୀର ଗହଣାଗାଣ୍ଠିକୁ ବି ବନ୍ଧା ପକାଇଦେଲେ । କିନ୍ତୁ, ପୁଅ ସେଠି ଗୋଟିଏ ଦିନ କ୍ଲାସ୍ କରିବା ପରେ ମେଡିକାଲ କଲେଜ କର୍ତ୍ତୃପକ୍ଷ ତାଙ୍କୁ ବାହାର କରିଦେଲେ । କର୍ତ୍ତୃପକ୍ଷଙ୍କ କହିବା କଥା, ମୁକେଶଙ୍କ ଉପଯୁକ୍ତ ର୍ୟାଙ୍କ ନାହିଁ । ୱେବ୍‌ସାଇଟ୍‌ରେ ଦେଖିଲେ, ଏବେ ମୁକେଶଙ୍କ ର୍ୟାଙ୍କ ୧୭ ଲକ୍ଷ ଦେଖାଉଛି । ତେବେ ରାତାରାତି ପୁଅର ର୍ୟାଙ୍କ କିପରି ବଦଳିଗଲା, ତାହା ସୁଦାମଙ୍କ ଚାଷୀମୁଣ୍ଡରେ ପଶୁନାହିଁ । ମୁକେଶ ବି କିଛି ବୁଝିପାରୁନାହାନ୍ତି । ଏବେ ବାପ-ପୁଅ କିଂକର୍ତ୍ତବ୍ୟବିମୂଢ଼ ହୋଇପଡ଼ିଛନ୍ତି । କାହା ପାଖକୁ ଯିବେ, ଅଭିଯୋଗ କରିବେ; କିଛି ଜାଣିପାରୁନାହାନ୍ତି ।

ମୁକେଶଙ୍କ କହିବାନୁସାରେ, ସେ ଆଡମିସନ୍ ନେବା ସହ ଆଜି ବାୟୋକେମେଷ୍ଟ୍ରି କ୍ଲାସ୍ ମଧ କରିଥିଲେ । କିନ୍ତୁ ହଷ୍ଟେଲ ଆଡମିସନ୍ ପାଇଁ ଗଲା ବେଳକୁ ସବୁ ଓଲଟପାଲଟ ହୋଇଗଲା । ତାଙ୍କର ପର୍ଯ୍ୟାପ୍ତ ର୍ୟାଙ୍କ ନାହିଁ ଓ ପାଠପଢ଼ା ହୋଇପାରିବ ନାହିଁ ବୋଲି ତାଙ୍କୁ ଜଣାଇବା ସହ ଭିମସାରରୁ ବାହାର କରି ଦିଆଯାଇଛି । ସେପଟେ, ଏଭଳି ଘଟଣା ପରେ ବାପା ସୁଦାମ ଭାଙ୍ଗି ▶ପୃଷ୍ଠା-୭





ସକାଳ THE SAKALA
www.sakalaepaper.com

## ୬ ମାସ ମଧ୍ୟରେ ଟ୍ରମ୍ପଙ୍କ ଶିବିରକୁ ଫେରିଲେ ମସ୍କ

ୱାସିଂଟନ, ୨୦।୧୧(ଏଜେନ୍ସି): ଟେସ୍‌ଲା ମୁଖ୍ୟ କାର୍ଯ୍ୟନିର୍ବାହୀ ଏଲନ ମସ୍କ ପୁଣିଥରେ ଆମେରିକା ରାଜନୀତିର କେନ୍ଦ୍ରକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସହ ବିବାଦ ଓ ମୁକାବିଲାମୂଳକ ସ୍ଥିତି ପରେ ସେ ରାଜଧାନୀ ୱାସିଂଟନରେ ସାର୍ବଜନୀନ କାର୍ଯ୍ୟକ୍ରମରେ ଯୋଗ ଦେଇଛନ୍ତି। ସାଉଦି ରାଜକୁମାର ମହମ୍ମଦ ବିନ୍ ସଲମାନଙ୍କ ସମ୍ମାନରେ ଆୟୋଜିତ ଟ୍ରମ୍ପଙ୍କ ନୈଶ୍ୟଭୋଜିରେ ମସ୍କ ସାମିଲ ହୋଇଥିଲେ। ମସ୍କ ଏଥିସହ ନିଜର ନୂଆ ପାର୍ଟି ଗଠିବା ଯୋଜନାକୁ ମଧ୍ୟ ରଦ୍ଦ କରିଛନ୍ତି। ୨୦୨୬ରେ ଆୟୋଜନ ହେବାକୁ ଥିବା ମଧ୍ୟବର୍ତ୍ତୀକାଳୀନ ନିର୍ବାଚନରେ ଟ୍ରମ୍ପଙ୍କ ରିପବ୍ଲିକାନ ପାର୍ଟିର ପ୍ରାର୍ଥୀଙ୍କୁ ସମର୍ଥନ କରିବେ ଓ ଏଥିପାଇଁ ପାଣ୍ଠି ପ୍ରଦାନ କରିବେ ବୋଲି କହିଛନ୍ତି। ଟ୍ରମ୍ପଙ୍କ ସହ ସେ ଆଉ ବିବାଦ ନୁହେଁ ଏବେ ବନ୍ଧୁତ୍ୱ ସ୍ଥାପନ କରିବାକୁ ଇଚ୍ଛୁକ ବୋଲି କହିଛନ୍ତି। ୬ ମାସ ଦଳେ ମସ୍କ ଓ ଟ୍ରମ୍ପ ମୁହାଁମୁହିଁ ହୋଇଥିଲେ। ସେତେବେଳେ ଟ୍ରମ୍ପ ପ୍ରଶାସନର ବ୍ୟୁଟିଫୁଲ ବିଲ୍ ଓ ନିଜର ନକଟତର ଜେରେଡ ଆଇଜ୍ୟାକମ୍ୟାନଙ୍କୁ ନାସା ପ୍ରମୁଖ ଭାବେ ଉପସ୍ଥାପନ ନ କରିବାରୁ ମସ୍କ ଅସନ୍ତୁଷ୍ଟ ଥିଲେ ଓ ଦୁହିଁଙ୍କ ମଧ୍ୟରେ ମୁକାବିଲାମୂଳକ ସ୍ଥିତି ଉପୁଜିଥିଲା। କେବଳ ସେତିକି ନୁହେଁ, ଟ୍ରମ୍ପ ଯୌନ ଅପରାଧୀ ଜେଫ୍ରି ଏପ୍‌ଷ୍ଟିନ୍‌ଙ୍କ ସମ୍ପର୍କରେ ଥିଲେ ବୋଲି ସେ ଅଭିଯୋଗ କରିଥିଲେ। ଫଳରେ ଦୁହିଁଙ୍କ ସମ୍ପର୍କ ଆହୁରି ଖରାପ ହୋଇଥିଲା। ଏପଷ୍ଟିନଙ୍କ ସହ ଜଡିତ କାଗଜପତ୍ର ଟ୍ରମ୍ପ ଜାରି ଏଥିପାଇଁ କରନାହାନ୍ତି, କାରଣ ସେ ମଧ୍ୟ ଜଡିତ ଅଛନ୍ତି ବୋଲି ମସ୍କ କହି ବିବାଦକୁ ଆହୁରି ଘନୀଭୂତ କରିଥିଲେ।

## ଭାରତରୁ ପ୍ରତିଦିନ ୧୫୦ ବେଆଇନ ବାଂଲାଦେଶୀ ଫେରୁଛନ୍ତି: ବିଏସ୍‌ଏଫ୍

ନୂଆଦିଲ୍ଲୀ/କୋଲକାତା, ୨୦।୧୧(ଏଜେନ୍ସି): ପଶ୍ଚିମବଙ୍ଗରେ ଭାରତ ଓ ବାଂଲାଦେଶ ସୀମାରେ ନିୟୋଜିତ ଥିବା ବର୍ଡର ସିକ୍ୟୁରିଟି ଫୋର୍ସ (ବିଏସ୍‌ଏଫ୍) ଏକ ଭିନ୍ନ ପ୍ରକାର ଦାବି କରିଛି। ରାଜ୍ୟରେ ସ୍ପେଶାଲ ଇଣ୍ଟେନସିଭ ରିଭିଜନ (ଏସ୍‌ଆଇଆର) ଚାଲିଥିବାରୁ ଭାରତରେ ରହୁଥିବା ବହୁ ସଂଖ୍ୟାରେ ଅବୈଧ ବାଂଲାଦେଶ ନାଗରିକ ନିଜ ଦେଶକୁ ପ୍ରତ୍ୟାବର୍ତ୍ତନ କରୁଛନ୍ତି। ଉତ୍ତର ୨୪ ପ୍ରଗଣା, ମୁର୍ସିଦାବାଦ୍ ଓ ମାଲଦା ଜିଲ୍ଲାର ବିନା ବାଡ଼ ଥିବା ଅଞ୍ଚଳ ଦେଇ ଏମାନେ ପ୍ରତ୍ୟାବର୍ତ୍ତନ କରୁଛନ୍ତି ବୋଲି ବିଏସ୍‌ଏଫ୍ ତରଫରୁ କୁହାଯାଇଛି। ଏବେ ପ୍ରତିଦିନ ୧୫୦ ବାଂଲାଦେଶୀ ନିଜ ଘରକୁ ଫେରୁଛନ୍ତି। ଚେକ୍ ପୋଷ୍ଟରେ ଛୋଟ ବ୍ୟାଗ୍‌ରେ ନିଜ ଜିନିଷଧରି ଲାଇନ୍‌ରେ ଠିଆ ହେଉଛନ୍ତି ବୋଲି ବିଏସ୍‌ଏଫ୍‌ର ଯବାନମାନେ କହିଛନ୍ତି। ଏମାନେ ଖୋଲାଖୋଲି ଭାବେ ନିଜକୁ ବାଂଲାଦେଶୀ ଓ ବହୁ ବର୍ଷ ତଳେ ବେଆଇନ୍ ଭାବେ ଭାରତ ଆସିଥିବା କଥା ସ୍ୱୀକାର କରୁଛନ୍ତି। ସୀମାରେ ଏହି ଅବୈଧ ବାଂଲାଦେଶୀଙ୍କ ସଂଖ୍ୟା ବୃଦ୍ଧି ପାଉଥିବାରୁ ବିଏସ୍‌ଏଫ୍ ଓ ପଶ୍ଚିମବଙ୍ଗ ପୁଲିସ ଉପରେ ଚାପ ବୃଦ୍ଧି ପାଇଛି। ଏମାନଙ୍କୁ ଦୁଇପଟେ ଧରାଯାଉଥିବା ବ୍ୟକ୍ତିଙ୍କର ବାୟୋମେଟ୍ରିକ ଭେରିଫିକେଶନ, ପଚରାଉଚରା ଓ ଆପରାଧିକ ପୃଷ୍ଠଭୂମି ନେଇ ଯାଞ୍ଚ କରିବାକୁ ପଡୁଛି। ନିର୍ବାଚନ କମିଶନ ୯ ରାଜ୍ୟ, ୩ କେନ୍ଦ୍ର ଶାସିତ ପ୍ରଦେଶର ପାଖାପାଖି ୫୧ କୋଟି ଭୋଟରଙ୍କୁ ନେଇ ଏସ୍‌ଆଇଆର ପ୍ରକ୍ରିୟା ଜାରି ରଖିଛନ୍ତି।

## ଶିକ୍ଷିତ ଆତଙ୍କବାଦୀ ସବୁଠୁ ବିପଜ୍ଜନକ: ଦିଲ୍ଲୀ ପୁଲିସ

ନୂଆଦିଲ୍ଲୀ, ୨୦।୧୧(ଏଜେନ୍ସି): ୨୦୨୦ ଦିଲ୍ଲୀ ଦଙ୍ଗା ମାମଲାରେ ଗୁରୁବାର ସୁପ୍ରିମକୋର୍ଟରେ ଚାଲିଥିବା ଶୁଣାଣିରେ ଦିଲ୍ଲୀ ପୁଲିସ୍ ପକ୍ଷରୁ କୁହାଯାଇଛି।।ଶିକ୍ଷିତ ଲୋକେ ଯେତେବେଳେ ଆତଙ୍କବାଦୀ ହୁଅନ୍ତି ସେମାନେ ସାଧାରଣ ଦଙ୍ଗାକାରୀଙ୍କଠାରୁ ଆହୁରି ବିପଜ୍ଜନକ ହୋଇଥାନ୍ତି। ଦେଶ ବିରୋଧୀ ଗତିବିଧି ସହ ଡାକ୍ତର ଓ ଇଞ୍ଜିନିୟରମାନେ ସାମିଲ ହେବା ଏବେ ଏକ ଟ୍ରେଣ୍ଡ୍‌ର ପରିଣତ ହୋଇଛି। ଏମାନେ ସରକାରଙ୍କ ଅର୍ଥରେ ପାଠପଢ଼ିଥାନ୍ତି ଓ ପରେ ଦେଶ ବିରୋଧରେ କାର୍ଯ୍ୟ କରିଥାନ୍ତି। ଦିଲ୍ଲୀ ପୁଲିସ ଏହି ଶୁଣାଣିରେ ଶରଜିଲ ଇମାମଙ୍କ ଉତ୍ତେଜକ ଭାଷଣର ଭିଡିଓ କୋର୍ଟରେ ଉପସ୍ଥାପନ କରିଥିଲା। ଏହି ଭିଡିଓରେ ଶରଜିଲ୍ ନାଗରିକତା ସଂଶୋଧନ ଆଇନ୍ (ସିଏଏ) ଓ ଏନ୍‌ଆରସି ବିରୋଧରେ ଏହି ଉତ୍ତେଜକ ଭାଷଣ ଦେଉଥିବାର ଦେଖାଯାଇଛି। ଏହି ଭାଷଣ ଦ୍ୱାରା ସ୍ଥିତି ବିଗିଡ଼ିଥିଲା ଓ ଜନତାଙ୍କୁ ଉସ୍କାଇବା ଭଳି କାର୍ଯ୍ୟ ହୋଇଥିଲା। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତ ଆସିବା ସମୟରେ ହିଁ ଦଙ୍ଗାସୃଷ୍ଟି କରିବାକୁ ଗଭୀର ଓ ସୁଚିନ୍ତିତ ଷଡଯନ୍ତ୍ର କରାଯାଇଥିଲା। ଏହି ଦଙ୍ଗାରେ ୫୩ ଜଣ ମୃତ୍ୟୁବରଣ କରିଥିଲେ।

## ଏଟିଏମ୍ ଭ୍ୟାନ୍‌ରୁ ୭ କୋଟି ଲୁଟ୍

ବେଙ୍ଗାଲୁରୁ, ୨୦।୧୧(ଏଜେନ୍ସି): ବେଙ୍ଗାଲୁରୁରେ ଚିଳଚିତ୍ର ଶୈଳୀରେ ଏକ ବଡ଼ଧରଣର ଲୁଟ୍ ହୋଇଛି। ଏକ ଏଟିଏମ୍ କ୍ୟାସ ଭ୍ୟାନରୁ ଲୁଟେରାମାନେ ୭ କୋଟି ଟଙ୍କା ଲୁଟ୍ କରିଛନ୍ତି। ବୁଧବାର ଅପରାହ୍ଣ ୧୨.୩୦ରେ ଏହି ଘଟଣା ଘଟିଛି। ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଆରବିଆଇ) ଅଧିକାରୀ ବୋଲି ପରିଚୟ ଦେବା ସହ ଲୁଟେରାମାନେ କ୍ୟାସ୍ ଭ୍ୟାନ୍‌କୁ ରାସ୍ତାରେ ଅଟକାଇ ଟଙ୍କା ନେଇ ପଳାଇଯାଇଥିଲେ। ଏହାପରେ ପୁଲିସ ଏହି ଭ୍ୟାନକୁ ଜୟଦେବ ସର୍କଲ ଫ୍ଲାଏଓଭର ପୋଲ ନିକଟରେ ଠାବ କରିଥିଲା। ପୁଲିସ ଭ୍ୟାନର ଡ୍ରାଇଭର, ଦୁଇଜଣ ସୁରକ୍ଷାକର୍ମୀ ଓ ଜଣେ କ୍ୟାସ୍ ଡିପୋଜିଟରଙ୍କୁ ପଚରାଉଚରା ପାଇଁ ଅଟକ ରଖିଛି। କ୍ୟାଶ୍ ମ୍ୟାନେଜମେଣ୍ଟ କମ୍ପାନୀ (ସିଏମ୍‌ଏସ୍)ର ହିଁ ଏହି କ୍ୟାଶ ଭ୍ୟାନ ବୋଲି କୁହାଯାଇଛି। ଏହି ଘଟଣାରେ ଏସ୍‌ଏମ୍‌ଏସ୍‌ର କିଛି କର୍ମଚାରୀଙ୍କ ଭୂମିକା ସନ୍ଦେହ ପରିସରକୁ ଆସିଛି ବୋଲି ପୁଲିସ କମିଶନର ସୀମାନ୍ତ କୁମାର ସିଂ କହିଛନ୍ତି। ଏହି ଘଟଣାରେ ସିଦ୍ଧାପୁରାଦ ପୁଲିସ ଥାନାରେ ମାମଲା ରୁଜୁ କରାଯାଇଛି। ମାତ୍ର ୩୦ ମିନିଟ୍ ମଧ୍ୟରେ ଲୁଟେରାମାନେ ଏହି କାଣ୍ଡ ଘଟାଇବାରେ ସଫଳ ହୋଇଥିଲେ। ସକାଳ ୯.୩୦ରେ ଏହି କ୍ୟାଶ୍ ଭ୍ୟାନ୍ ଏଚ୍‌ଡିଏଫ୍‌ସି ବ୍ୟାଙ୍କକୁ ଯାଉଥିଲା। ଦ୍ୱିପହର ୧୨.୨୪ରେ ଜେପି ନଗରସ୍ଥିତ ଏଚ୍‌ଡିଏଫ୍‌ସି କରେନ୍ସ ଚେଷ୍ଟରୁ ୭.୧୧ କୋଟି ଟଙ୍କା ନିଆଯାଇଥିଲା। ନୋଟଗୁଡ଼ିକୁ ଟ୍ରଙ୍କରେ ଭର୍ତ୍ତି କରାଯାଇଥିଲା।

---

**୧୦୦ଥର ବସ୍‌ଉଠ କରାଇଥିବା ଶିକ୍ଷୟିତ୍ରୀ ଗିରଫ**

## ଅସୁସ୍ଥ ଅନୁଭବ କରିବା ପରେ ମୃତ୍ୟୁବରଣ କରିଥିଲେ ଛାତ୍ରୀ

ପାଲ୍‌ଘର, ୨୦।୧୧(ଏଜେନ୍ସି): ମହାରାଷ୍ଟ୍ର ପାଲଘରରେ ଜଣେ ଶିକ୍ଷୟିତ୍ରୀ ତାଙ୍କର ଜଣେ ଛାତ୍ରୀଙ୍କୁ ବିଳମ୍ବରେ ସ୍କୁଲକୁ ଆସିବାରୁ ୧୦୦ ଥର ବସ୍‌ଉଠ୍ ହେବାର ଦଣ୍ଡ ପ୍ରଦାନ କରିଥିଲେ। ଏହାପରେ ଅସୁସ୍ଥ ହୋଇ ୧୨ ବର୍ଷର ଏହି ଛାତ୍ରୀ ମୃତ୍ୟୁବରଣ କରିଥିଲେ। ଗୁରୁବାର ସମ୍ପୃକ୍ତ ଶିକ୍ଷୟିତ୍ରୀଙ୍କୁ ପୁଲିସ ଗିରଫ କରିଛି। ତାଙ୍କ ବିରୋଧରେ ଉଦ୍ଦେ୍ୟଶ୍ୟମୂଳକ ହତ୍ୟା ଅଭିଯୋଗରେ ମାମଲା ରୁଜୁ କରାଯାଇଛି। ଏହି ଘଟଣା ନଭେମ୍ବର ୮ରେ ଘଟିଥିଲା।



ଛାତ୍ରୀଜଣଙ୍କ ଅସୁସ୍ଥ ହେବା ପରେ ତାଙ୍କ ଚିକିତ୍ସା କରାଯାଇଥିଲା। କିନ୍ତୁ ୭ ଦିନ ପରେ ନଭେମ୍ବର ୧୩ରେ ଛାତ୍ରୀଜଣକ ମୃତ୍ୟୁବରଣ କରିଥିଲେ। ଏହି ଶିକ୍ଷୟିତ୍ରୀଙ୍କ ନାମ ହେଉଛି ମମତା। ତାଙ୍କୁ ବସଇ ଅଞ୍ଚଳରେ ଥିବା ସତୀବାଲିର ଘରୋଇ ସ୍କୁଲ୍‌ରୁ ପୂର୍ବରୁ ହଟାଇ ଦିଆଯାଇଛି। ଏହା ପରେ ପୁଲିସ ମାମଲା ରୁଜୁ କରି ମମତାଙ୍କୁ ଗିରଫ କରିଛି। ଏହି ଘଟଣା ନେଇ ବମ୍ବେ ହାଇକୋର୍ଟରେ ଏକ ଆବେଦନ ଦାଏର କରାଯାଇଥିଲା। ହାଇକୋର୍ଟ ନିଜେ ଏ ମାମଲାରେ କର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଏସ୍‌ଆଇଟି ଯାଞ୍ଚ କରିବାକୁ ଓ ସ୍କୁଲ ଓ ଶିକ୍ଷୟିତ୍ରୀଙ୍କ ବିରୋଧରେ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ।

**ଦିଲ୍ଲୀ ଛାତ୍ର ଆତ୍ମହତ୍ୟା ମାମଲା**

## ସର୍ବସାଧାରଣରେ ଶିକ୍ଷକ ଅପମାନିତ କରିଥିବା ଅଭିଯୋଗ

ନୂଆଦିଲ୍ଲୀ, ୨୦।୧୧(ଏଜେନ୍ସି): ଦିଲ୍ଲୀର ସେଣ୍ଟ କଲମ୍ବିଆ ସ୍କୁଲ୍‌ର ଛାତ୍ର ସୌର୍ଯ୍ୟଙ୍କ ଆତ୍ମହତ୍ୟା ମାମଲାକୁ ନେଇ ଏକ ନୂଆ ତଥ୍ୟ ସାମ୍ନାକୁ ଆସିଛି। ସ୍କୁଲର ଶିକ୍ଷକ ସର୍ବସାଧାରଣରେ ଛାତ୍ରଙ୍କୁ ଅପମାନିତ କରିଛନ୍ତି ବୋଲି ତାଙ୍କ ମାତାପିତା ଅଭିଯୋଗ କରିଛନ୍ତି।



ସୌର୍ଯ୍ୟଙ୍କୁ ଅପମାନିତ କରାଯାଇଥିଲା ବୋଲି ତା'ର ସହପାଠୀ କହିଥିବା ପିତା ପ୍ରଦୀପ ପାଟିଲ ଉଲ୍ଲେଖ କରିଛନ୍ତି। ନଭେମ୍ବର ୧୮ରେ ଏକ ନୃତ୍ୟ ଅଭ୍ୟାସରେ ଗୋଡ଼ ଖସିଯିବା କାରଣରୁ ସୌର୍ଯ୍ୟ ତଳେ ପଡ଼ିଯାଇଥିଲେ। ଫଳରେ ଜଣେ ଶିକ୍ଷକ ତାଙ୍କୁ ଗାଳି କରିଥିଲେ। ସେ ଯେତେବେଳେ କାନ୍ଦିଥିଲା, ଶିକ୍ଷକ କହିଥିଲେ ଯେ, କାନ୍ଦେ ଯେତେ କାନ୍ଦିବୁ ମୋ ଉପରେ କୌଣସି ଫରକ ପଡ଼ିବ ନାହିଁ। ଏତିକି ବେଳେ ସ୍କୁଲ୍‌ର ପ୍ରିନସପାଲ ମଧ୍ୟ ଉପସ୍ଥିତ ଥିଲେ। କିନ୍ତୁ କେହି ତାଙ୍କୁ ସମବେଦନା ଜଣାଇ ନ ଥିଲେ। ଫଳରେ ନଭେମ୍ବର ୧୮ରେ ୧୬ ବର୍ଷୀୟ ସୌର୍ଯ୍ୟ ରାଜେନ୍ଦ୍ର ନଗର ମେଟ୍ରୋ ଷ୍ଟେସନ ଉପରୁ ତଳକୁ ଡେଇଁ ଆତ୍ମହତ୍ୟା କରିଥିଲେ। ବୁଧବାର ପ୍ରଦୀପ ପ୍ରିନ୍‌ସପାଲ, କୋର୍ଡିନେଟର ଓ ଶିକ୍ଷକମାନଙ୍କ ବିରୋଧରେ ମାମଲା ରୁଜୁ କରିଥିଲେ। ପୁଅ ଉପରେ ସ୍କୁଲ ତରଫରୁ ଲଗାତର ମାନସିକ ଚାପ ପ୍ରୟୋଗ କରାଯାଉଥିଲା। ତାଙ୍କ ପତ୍ନୀ ତଥା ସୌର୍ଯ୍ୟଙ୍କ ମା ଏ ନେଇ ପୂର୍ବରୁ ଅଭିଯୋଗ କରିଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିଲା ବୋଲି ପ୍ରଦୀପ କହିଛନ୍ତି।

# ଭାରତ ବିରୋଧରେ ଟ୍ରମ୍ପଙ୍କ ଅପପ୍ରଚାର

## ■ 'ଅପରେସନ ସିନ୍ଦୂର'ରେ ପାକିସ୍ତାନଠୁ ହାରିଛି ଭାରତ: ଆମେରିକା ରିପୋର୍ଟ

ନୂଆଦିଲ୍ଲୀ, ୨୦।୧୧ (ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପ୍ରଶାସନ ପୁଣି ଭାରତ ବିରୋଧୀ ପଦକ୍ଷେପ ଗ୍ରହଣ କରିଛି। ଗୋଟିଏ ପଟେ ବନ୍ଧୁତ୍ୱର ହାତ ବଢାଉଥିବାବେଳେ ଅନ୍ୟପଟେ ବିଶ୍ୱାସଘାତ କରୁଛି। ଡୋନାଲ୍ଡ ଟ୍ରମ୍ପଙ୍କ ପ୍ରଶାସନ ଅପପ୍ରଚାର ଚଲାଇ ଭାରତକୁ ବଦନାମ କରିବାକୁ ପ୍ରୟାସ କରିଚାଲିଛି। ମେ'ରେ ଭାରତ ଏବଂ ପାକିସ୍ତାନ ମଧ୍ୟରେ ୪ ଦିନ ପର୍ଯ୍ୟନ୍ତ ହୋଇଥିବା ସଂଘର୍ଷ ତଥା 'ଅପରେସନ ସିନ୍ଦୂର'ରେ ପାକିସ୍ତାନଠାରୁ ଭାରତ ହାରି ଯାଇଥିଲା ବୋଲି ଆମେରିକା ପକ୍ଷରୁ ଜାରି ଏକ ରିପୋର୍ଟରେ ଦାବି କରାଯାଇଛି। ଏଥିରେ ପହଲଗାମ ଆକ୍ରମଣକୁ ମଧ୍ୟ ଆତଙ୍କବାଦୀ ଘଟଣା କୁହାଯାଇ ନାହିଁ। ଏହାକୁ 'ବିଦ୍ରୋହୀଙ୍କ ଆକ୍ରମଣ' ଧରାଯାଇଛି। ୮୦୦ ପୃଷ୍ଠାର ଏହି ରିପୋର୍ଟକୁ ୟୁଏସ-ଚୀନ୍ ଇକୋନମିକ ଆଣ୍ଡ ସିକ୍ୟୁରିଟି ରିଭ୍ୟୁ କମିଶନ ତଥା ୟୁଏସସିସି ପକ୍ଷରୁ ଜାରି କରାଯାଇଛି। କଂଗ୍ରେସ ନେତା ଜୟରାମ ରମେଶ ଏହି ରିପୋର୍ଟକୁ ତୀବ୍ର ବିରୋଧ କରିଛନ୍ତି। ସେ ଏହାକୁ ନେଇ କେନ୍ଦ୍ର ସରକାରଙ୍କୁ ପ୍ରଶ୍ନ କରିଛନ୍ତି। ପ୍ରଧାନମନ୍ତ୍ରୀ ଏବଂ ବିଦେଶ ମନ୍ତ୍ରୀ ଏହି ରିପୋର୍ଟକୁ ନେଇ ଆପତ୍ତି ଉଠାଇ ବିରୋଧ କରିବେ କି ବୋଲି ପଚାରିଛନ୍ତି। ଏହା ଭାରତର କୂଟନୀତି ପାଇଁ ବଡ଼ ଝଟ୍‌କା ବୋଲି ରମେଶ କହିଛନ୍ତି।



ରିପୋର୍ଟରେ କୁହାଯାଇଛି ଯେ 'ଅପରେସନ ସିନ୍ଦୂର'ରେ ଭାରତର ୬ଟି ଲଢୁଆ ବିମାନକୁ ପାକିସ୍ତାନ ଖସାଇ ଥିବା ଦାବି କରିଥିଲା। ଏଥିରେ ରାଫେଲ ସାମିଲ ଥିବା ମଧ୍ୟ କୁହାଯାଇଛି। ତେବେ ପ୍ରକୃତରେ କେବଳ ତିନୋଟି ବିମାନ ଖସା ଯାଇଥିବା ସୂଚନା ମିଳିଥିବା ଉଲ୍ଲେଖ କରାଯାଇଛି। ଏହା ଦ୍ୱାରା ରାଫେଲର ଛବି ଖରାପ ହୋଇଛି। ୟୁଏସସିସି ପକ୍ଷରୁ କୁହାଯାଇଛି ଯେ ଭାରତ ଏବଂ ପାକିସ୍ତାନ ଏହି ଯୁଦ୍ଧକୁ ନିଜର ଆଧୁନିକ ଅସ୍ତ୍ରଶସ୍ତ୍ରକୁ ବିଶ୍ୱକୁ ଦେଖାଇବା ପାଇଁ ବ୍ୟବହାର କରିଥିଲେ। ସଂଘର୍ଷ ପରେ ଚୀନ୍ ଦୂତାବାସ ସାରା ବିଶ୍ୱରେ ନିଜ ଅସ୍ତ୍ରଶସ୍ତ୍ରର ପ୍ରଶଂସା କରିଥିଲା। ଭାରତୀୟ ଲଢୁଆ ବିମାନକୁ ଖସାଇବା ପାଇଁ ପାକିସ୍ତାନ ଏହାକୁ ବ୍ୟବହାର କରିଥିବା କୁହାଯାଇଥିଲା। ଭାରତ-ପାକିସ୍ତାନ ସଂଘର୍ଷର ୫ ମାସ ପରେ ଚୀନ୍ ଇଣ୍ଡୋନେସିଆକୁ ୪୨ଟି ଜେ-୧୦ସି ଲଢୁଆ ବିମାନ ବିକିବା ପାଇଁ ଚୁକ୍ତି କରିଥିଲା। ରିପୋର୍ଟ ଅନୁଯାୟୀ ପାକିସ୍ତାନ ଏହି ଲଢ଼େଇରେ ଚୀନ୍‌ର ଏଚ୍‌କ୍ୟୁ-୯ ଏୟାର ଡିଫେନ୍ସ ସିଷ୍ଟମ, ପିଏଲ-୧୫ କ୍ଷେପଣାସ୍ତ୍ର ଏବଂ ଜେ-୧୦ ଲଢୁଆ ବିମାନ ବ୍ୟବହାର କରିଥିଲା।

### ■ ପହଲଗାମ ଆକ୍ରମଣକୁ ଆତଙ୍କବାଦୀ ଆକ୍ରମଣ ମାନିଲାନି

## ଆରବ ସାଗରରେ ଆମେରିକା ସମର୍ଥନରେ ଦୀପ ନିର୍ମାଣ କରିବ ପାକିସ୍ତାନ

ଇସ୍‌ଲାମାବାଦ୍, ୨୦।୧୧(ଏଜେନ୍ସି): ପାକିସ୍ତାନ ଆରବ ସାଗରରେ ଏବେ ଏକ କୃତ୍ରିମ ଦୀପ ସୃଷ୍ଟି କରିବାକୁ ନିଷ୍ପତ୍ତି ନେଇଛି। ସମୁଦ୍ରରେ ତୈଳ ଖୋଜିବା ପ୍ରକ୍ରିୟା ପାଇଁ ଏକ ସ୍ଥାୟୀ ପୃଷ୍ଠଭୂମି ଭଳବେ ଏହି ଦୀପକୁ ବ୍ୟବହାର କରାଯିବ ବୋଲି ପାକିସ୍ତାନ ସରକାର କହିଛନ୍ତି। ପାକିସ୍ତାନ ପେଟ୍ରୋଲିୟମ ଲିମିଟେଡ (ପିପିଏଲ୍) ଏହି ପ୍ରସ୍ତାବିତ ପ୍ରକଳ୍ପର ନେତୃତ୍ୱ ନେବ। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସମର୍ଥନ ମିଳିବା ପରେ ପାକିସ୍ତାନ ଏହି ନିଷ୍ପତ୍ତି ନେଇଛି। ଗତ ଜୁଲାଇରେ ଟ୍ରମ୍ପ ଘୋଷଣା କରିଥିଲେ ଯେ, ଆମେରିକା ଓ ପାକିସ୍ତାନ ମିଳିତ ଭାବେ ତୈଳ ଭଣ୍ଡାରର ବିକାଶ କରିବେ। ଯଦି ଏଥିରେ ତୈଳ ମିଳେ ଭାରତ ମଧ୍ୟ ପାକିସ୍ତାନଠୁ କ୍ରୟ କରିବ ବୋଲି ଟ୍ରମ୍ପ କହିଥିଲେ। ଏହି କୃତ୍ରିମ ଦୀପ ସାହାଯ୍ୟରେ ପାକିସ୍ତାନ ୨୫ଟି ତୈଳକୂପ ଖୋଳିବାକୁ ଯୋଜନା ରଖିଛି। ସିନ୍ଧ ରାଜ୍ୟ ଉପକୂଳରୁ ୩୦କିମି ଦୂରରେ ଥିବା ସୁଜାବଲ ଅଞ୍ଚଳରେ ଏହି ଦୀପ ସୃଷ୍ଟି କରାଯିବ। ସୁଜାବଲ କରାଚୀଠାରୁ ପାଖାପାଖି ୧୩୦ କିମି ଦୂରରେ ଅବସ୍ଥିତ। ସୂଚନା ଯୋଗ୍ୟ ଯେ, ପାକିସ୍ତାନ ଆଶୋଧିତ ତୈଳ କ୍ରୟ କରିବାରେ ୫୦ତମ ସ୍ଥାନରେ ରହିଛି। ପାକିସ୍ତାନ ୮୦ ପ୍ରତିଶତରୁ ଅଧିକ ଆଶୋଧିତ ତୈଳ କ୍ରୟ କରୁଛି।

## ବିସ୍ଫୋରଣ ଷଡ଼ଯନ୍ତ୍ରକାରୀ ସମେତ ୫ ଗିରଫ

ନୂଆଦିଲ୍ଲୀ, ୨୦।୧୧ (ଏଜେନ୍ସି): ଦିଲ୍ଲୀ ବିସ୍ଫୋରଣର ତଦନ୍ତ କରୁଥିବା ଏନ୍‌ଆଇଏ ୫ ଜଣ ପ୍ରମୁଖ ଷଡ଼ଯନ୍ତ୍ରକାରୀଙ୍କୁ ଗିରଫ କରିଛି। ଏ ପର୍ଯ୍ୟନ୍ତ ଏହି ମାମଲାରେ ଏନଆଇଏ ୭ ଜଣଙ୍କୁ ଗିରଫ କଲାଣି। ଗିରଫ ଅଭିଯୁକ୍ତ ଅନନ୍ତନାଗ କାଜିଗୁଣ୍ଡର ବାସିନ୍ଦା ତଥା ସକ୍ରିୟ ଷଡ଼ଯନ୍ତ୍ରକାରୀ ଜସିର ବିଲାଲ ୱାନୀ ଓରଫ ଦାନିଶ ରହିଛି। ଅନ୍ୟମାନଙ୍କ ମଧ୍ୟରେ ପୁଲୱାମାର ଡ. ମୁଜାମିଲ ସକିଲ ଗନି, ଅନନ୍ତନାଗର ଡ. ଅଦିଲ ଅହମ୍ମଦ ରାଥର, ସୋପିଆନର ମୁଫ୍‌ତି ଇର୍ଫାନ ଅହମ୍ମଦ ଏବଂ ଲକ୍ଷ୍ନୌର ଡ. ସାହିନ ସୈୟିଦ ମଧ୍ୟ ଏହି ଷଡ଼ଯନ୍ତ୍ରରେ ସାମିଲ ଥିଲେ। ଏହି ଚାରି ଜଣଙ୍କୁ ପଟିଆଲା ହାଉସ କୋର୍ଟରେ ହାଜର କରାଯାଇଛି। କୋର୍ଟ ଆଜି ଏହି ଚାରି ଅଭିଯୁକ୍ତଙ୍କୁ ୧୦ ଦିନ ପାଇଁ ଏନ୍‌ଆଇଏ ହେପାଜତକୁ ପଠାଇ ଦେଇଛନ୍ତି। ପୂର୍ବରୁ ଏହି ଅଭିଯୁକ୍ତ ଜମ୍ମୁ-କଶ୍ମୀର ସହିତ ଅନ୍ୟ ରାଜ୍ୟର ପୁଲିସ ହେପାଜତରେ ଥିଲେ। ଏନଆଇଏର ସୂଚନା ଅନୁଯାୟୀ, ଜସିର ଆତ୍ମଘାତୀ ଉମର ଉନ ନବିର ଘନିଷ୍ଠ ସହଯୋଗୀ ଥିଲା। ସେ ଡ୍ରୋନ ଏବଂ ରକେଟ ମାଧ୍ୟମରେ ଆତଙ୍କବାଦୀ ଆକ୍ରମଣ ପାଇଁ ଯାନ୍ତ୍ରିକ ସହାୟତା ଦେଇଥିଲା। ରକେଟ ନିର୍ମାଣରେ ମଧ୍ୟ ସହାୟତା କରିଥିଲା। ଦିଲ୍ଲୀ ବିସ୍ଫୋରଣ ପାଇଁ ସେ ଆତ୍ମଘାତୀ ବୋମା ଉମର ନବି ସହ ମିଶି କାମ କରିଥିଲା। ସେହିପରି ଅନ୍ୟ ଚାରି ଜଣ ଡାକ୍ତର ଏହି ବିସ୍ଫୋରଣେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ବୋଲି କୁହାଯାଇଛି।

**■ ଅଲ-ଫଲାହରୁ ପାସ୍ ହୋଇଥିବା ୨୦୦ ବ୍ୟକ୍ତିଙ୍କ ତାଲିକା ନେଲା ଏଜେନ୍ସି**
**■ ବିଦେଶ ଯିବାକୁ ବାହାରି ଥିଲେ ଅଲ-ଫଲାହ ଅଧ୍ୟକ୍ଷ ସିଦ୍ଦିକୀ**

ଅନ୍ୟପକ୍ଷରେ ଫରିଦାବାଦର ଅଲ-ଫଲାହ ୟୁନିଭର୍ସିଟିରୁ ପରିଚାଳିତ ଆତଙ୍କବାଦୀ କାର୍ଯ୍ୟରେ ସାମିଲ ଡାକ୍ତର ଗୁପ୍ତ ଭାବେ ସେମାନଙ୍କ କାମ ଜାରି ରଖିଥିଲେ। ଆତଙ୍କବାଦୀ ନେଟୱାର୍କ ପ୍ରସ୍ତୁତ କରିବା ପାଇଁ ଡ.ମୁଜାମିଲ ସକିଲକୁ ନିଯୁକ୍ତି ଦାୟିତ୍ୱ ଦିଆଯାଇଥିଲା। ନୂଆ ନିଯୁକ୍ତି ପରେ ଡ. ସାଇନ ସୈୟିଦ ଏବଂ ଡ. ଉମର ନବି ସେମାନଙ୍କୁ ଆର୍ଥିକ ସହାୟତା ଦେଇ ବ୍ରେନୱାସ କରାଉଥିଲା। ଏହି ନେଟୱର୍କରେ ସାମିଲ ଥିବା କର୍ମଚାରୀଙ୍କ ପରିବାର ସଦସ୍ୟ ଏହି ସୂଚନା ଦେଉଛନ୍ତି। ଏଠାରେ ମୁଜାମିଲ ସର୍ଜନ ଭାବେ କାର୍ଯ୍ୟ କରୁଥିଲେ ବି ପରଦା ପଛରେ ରହି ଆତଙ୍କବାଦୀ ସୃଷ୍ଟି କରୁଥିଲା। ଏହି ୟୁନିଭର୍ସିଟିରୁ ପାସ୍ କରି ବିଭିନ୍ନ ସ୍ଥାନରେ ଚାକିରି କରୁଥିବା ୨୦୦ ବ୍ୟକ୍ତିଙ୍କ ତାଲିକା ସଂଗ୍ରହ କରିଛି ଏନ୍‌ଆଇଏ। ଏମାନେ ଆତଙ୍କବାଦୀଙ୍କୁ ସହାୟତା ଏବଂ ଆତଙ୍କବାଦୀ କାର୍ଯ୍ୟକଳାପରେ ଲିପ୍ତ ଥିବା କୁହାଯାଉଛି। କିଛି ବ୍ୟକ୍ତି ବଂଲାଦେଶ ଏବଂ ଆଫଗାନିସ୍ତାନ ଯାଇଥିବା ମଧ୍ୟ ସନ୍ଦେହ କରାଯାଉଛି। ଏବେ ସେମାନଙ୍କୁ ଧରିବା ପାଇଁ ଏନଆଇଏ ପ୍ରୟାସ ଆରମ୍ଭ କରିଛି।

ଦିଲ୍ଲୀ ବିସ୍ଫୋରଣ ମାମଲାକୁ ନେଇ ଅଲ-ଫଲାହ ବିଶ୍ୱବିଦ୍ୟାଳୟ ଯାଞ୍ଚ ଏଜେନ୍ସିର ରାଡାରରେ ରହିଛି। ଆତଙ୍କବାଦୀଙ୍କ ଶିକ୍ଷାକେନ୍ଦ୍ର ପାଲଟି ଥିବା ଏହି ବିଶ୍ୱବିଦ୍ୟାଳୟର ଅନେକ ଗୁମର ଖୋଲିବାରେ ଲାଗିଛି। ଏହାର ଅଧ୍ୟକ୍ଷ ଜବାଦ ଅହମ୍ମଦ ସିଦ୍ଦିକିଙ୍କୁ ଗିରଫ କରି ଇଡି ରିମାଣ୍ଡକୁ ନେଇଛି। ତେବେ ସେ ବିଦେଶ ପଳାଇବାକୁ ଯୋଜନା କରିଥିଲେ ବୋଲି ଯାଞ୍ଚ ଏଜେନ୍ସି ପକ୍ଷରୁ କୁହାଯାଇଛି।


## କଶ୍ମୀର ଟାଇମ୍ସରେ ଏସ୍‌ଆଇଏ ଚଢ଼ଉ

ଶ୍ରୀନଗର, ୨୦।୧୧(ଏଜେନ୍ସି) ଜମ୍ମୁ-କଶ୍ମୀର ପୁଲିସର ଷ୍ଟେଟ୍ ଇନଭେଷ୍ଟିଗେସନ ଏଜେନ୍ସି (ଏସଆଇଏ) ଗୁରୁବାର 'କଶ୍ମୀର ଟାଇମ୍ସ' ଖବରକାଗଜ ଅଫିସରେ ଚଢ଼ଉ କରିଛି। ଏଠାରୁ ଏକେ-୪୭ ରାଇଫଲର କ୍ୟାଟ୍ରିଜ, ପିସ୍ତଲ ରାଉଣ୍ଡ ଏବଂ ହ୍ୟାଣ୍ଡ ଗ୍ରେନେଡ଼ ଜବତ କରାଯାଇଥିବା ପୁଲିସ ପକ୍ଷରୁ କୁହାଯାଇଛି। ଏହି ପ୍ରକାଶନ ସଂସ୍ଥା ଭାରତ ବିରୋଧୀ କାର୍ଯ୍ୟକଳାପକୁ ପ୍ରୋତ୍ସାହନ ଦେଉଛି ବୋଲି ପୁଲିସ ଅଧିକାରୀ କହିଛନ୍ତି। ତେବେ କଶ୍ମୀର ଟାଇମସ ପକ୍ଷରୁ ଏହାର ଖଣ୍ଡନ କରାଯାଇଛି। ଏହି ସମ୍ବାଦପତ୍ରର ସମ୍ପାଦକଙ୍କ ପକ୍ଷରୁ କୁହାଯାଇଛି ଯେ ବିଭିନ୍ନ ସମୟରେ ଏହାକୁ ହଇରାଣ କରାଯାଉଛି। ଯେଉଁଥିପାଇଁ ୨୦୨୨ରୁ ଏହି ସମ୍ବାଦପତ୍ରର ମୁଦ୍ରିତ ପ୍ରକାଶନ ବନ୍ଦ ରହିଛି। ତେବେ ଡିଜିଟାଲ ପ୍ରକାଶନ ଜାରି ରହିଛି। କାହାରି ନାଲି ଆଖି ଆଗରେ ସମ୍ବାଦପତ୍ରର ସ୍ୱର ଦବିଯିବ ନାହିଁ।

## ବିବାଦରେ ବ୍ରହ୍ମାଣ୍ଡ ସୁନ୍ଦରୀ ପ୍ରତିଯୋଗିତା

ବ୍ୟାଙ୍କକ୍, ୨୦।୧୧ (ଏଜେନ୍ସି): ବ୍ରହ୍ମାଣ୍ଡ ସୁନ୍ଦରୀ ପ୍ରତିଯୋଗିତା (୨୦୨୫)କୁ ନେଇ ନୂଆ ବିବାଦ ସୃଷ୍ଟି ହୋଇଛି। ଗ୍ରାଣ୍ଡ ଫିନାଲେର ଦିନକ ପୂର୍ବରୁ ବ୍ରହ୍ମାଣ୍ଡ ସୁନ୍ଦରୀ ଚୟନ କମିଟିର ଅଧ୍ୟକ୍ଷ ଏବଂ ଇଟାଲୀ ରାଜକୁମାରୀ କ୍ୟାମିଲା ଡି ବୋରବୋନ ବିଚାରକମଣ୍ଡଳୀରୁ ଇସ୍ତଫା ଦେଇଛନ୍ତି। ତୃତୀୟ ବିଚାରପତି ଭାବେ ସେ ଏଭଳି ନିଷ୍ପତ୍ତି ନେଇଛନ୍ତି। ଏହା ପୂର୍ବରୁ ସଙ୍ଗୀତକାର ଓମାର ହାରଫୁସ ଏବଂ ଫ୍ରାନ୍ସର ପୂର୍ବତନ ଫୁଟବଲର କ୍ଲାଉଡ ମାକଲେଲେ ଏହି ଜୁରିରୁ ବାହାରି ଯାଇଥିଲେ। ଏହି ଚୟନ କମିଟି ମୋଟ ୮ ସଦସ୍ୟ ଥାଆନ୍ତି। ୩ ବିଚାରକ ଛାଡିବା ପରେ ସଂଗଠନ ନତାଲୀ ଗ୍ଲୋବୋଭାଙ୍କୁ ସାମିଲ କରିଥିଲା। ଏବେ ବିଚାରକ ମଣ୍ଡଳୀରେ ମୋଟ ୬ ସଦସ୍ୟ ଅଛନ୍ତି। ଶୁକ୍ରବାର ଥାଇଲାଣ୍ଡର ରାଜଧାନୀ ବ୍ୟାଙ୍କକରେ ଗ୍ରାଣ୍ଡ ଫିନାଲେ ଅନୁଷ୍ଠିତ ହେବ। ଓମାର ଅଭିଯୋଗ ଲଗାଇ ଥିଲେ ଯେ ବିଚାରକ କମିଟି ପ୍ରସ୍ତୁତ ହେବା ପୂର୍ବରୁ ଆୟୋଜନକାରୀ ପ୍ରମୁଖ ୩୦ ପ୍ରତିଯୋଗୀଙ୍କୁ ଅଣ-ଆନୁଷ୍ଠାନିକ ଭାବେ ଚୟନ କରି ରଖିଥିଲା। ଆୟୋଜକଙ୍କ ସହ ବ୍ୟକ୍ତିଗତ ସମ୍ପର୍କ ରଖିଥିବା ପ୍ରତିଯୋଗୀଙ୍କୁ ବଛା ଯାଇଥିଲା। ଏହା ପରେ ବିଚାରପତିମାନେ ଇସ୍ତଫା ଦେବାରେ ଲାଗିଥିଲେ।

## ନେପାଳରେ ପୁଣି ଜେନ୍-ଜେଡ୍ ଆନ୍ଦୋଳନ



ସିମାରା, ୨୦।୧୧(ଏଜେନ୍ସି): ନେପାଳରେ ପୁଣି ଜେନ୍-ଜେଡ୍ ଆନ୍ଦୋଳନ ମୁଣ୍ଡ ଟେକିଛି। ମଧେଶ ରାଜ୍ୟର ବାଡ଼ାରେ ବୁଧବାର ଜେନ୍ ବିକ୍ଷୋଭକାରୀ ଓ ଶାସକ ସିପିଏନ୍-ୟୁଏମ୍‌ଏଲ୍‌ର କାର୍ଯ୍ୟକର୍ତ୍ତାଙ୍କ ମଧ୍ୟରେ ହିଂସା ଓ ସଂଘର୍ଷ ସୃଷ୍ଟି ହୋଇଥିଲା। ସ୍ଥିତି ନିୟନ୍ତ୍ରଣ ବାହରକୁ ଯିବା ପରେ ଅପରାହ୍ଣ ୧୨.୩୦ରୁ ରାତି ୮ ପର୍ଯ୍ୟନ୍ତ କର୍ଫ୍ୟୁ ଲାଗୁ କରାଯାଇଥିଲା। ଫଳରେ ସିମରା ବିମାନ ବନ୍ଦରର କାର୍ଯ୍ୟ କିଛି ସମୟ ପାଇଁ ବନ୍ଦ ରହିଥିଲା। ୟୁଏମ୍‌ଏଲ୍‌ର ଶୀର୍ଷ ନେତା ଶଙ୍କର ପୋଖରେଲ ଓ ମହୋଶ ବେସ୍ନେତ ବୁଧବାର ପାର୍ଟିର 'ଯୁବି ଜାଗରଣ ଅଭିଯାନ' କାର୍ଯ୍ୟକ୍ରମରେ ଯୋଗ ଦେବାକୁ ସିମରା ଆସିବାର ଥିଲା। କିନ୍ତୁ ଏହାକୁ ଜେନ୍-ଜେଡ୍ ବିରୋଧ କରିବାକୁ ଅପିଲ କରିଥିଲେ। ଏହାପରେ ସକାଳେ ଶହେରୁ ଦେଢ଼ଶହ ସିମରା ଛକରେ ଏକାଠି ହୋଇଥିଲେ ଓ ପାର୍ଟି କାର୍ଯ୍ୟକର୍ତ୍ତା ସହ ସେମାନଙ୍କର ମୁହାଁମୁହିଁ ସ୍ଥିତି ଉପୁଜିଥିଲା। ପଥର ଫୋପଡ଼ା ଫୋପଡ଼ି ହେବା ସହ ମାଡପିଟ୍ ମଧ୍ୟ ହୋଇଥିଲା। ଫଳରେ ବିମାନ ବନ୍ଦରର ମୁଖ୍ୟ ଦ୍ୱାର କ୍ଷତିଗ୍ରସ୍ତ ହୋଇଥିଲା। ଭିଡ଼କୁ ନିୟନ୍ତ୍ରଣ କରିବାକୁ ଲାଠିଚାର୍ଜ କରିଥିଲା। ଏବେ ଦୁଇ କକ୍ଷ ମଧ୍ୟରେ ଆରୋପ ପ୍ରତ୍ୟାରୋପ ଜାରି ରହିଛି। ୟୁଏମ୍‌ଏଲ କାର୍ଯ୍ୟକର୍ତ୍ତା ବିରୋଧରେ ଜେନ୍-ଜେଡ୍ ଯୁବକମାନେ ପୁଲିସ ଥାନାରେ ଅଭିଯୋଗ କରିଛନ୍ତି।

## କର୍ଣ୍ଣାଟକ, ମହାରାଷ୍ଟ୍ର ରାଜନୀତିରେ ହଲଚଲ: ଶିବକୁମାର, ସିନ୍ଦେଙ୍କ ଉପରେ ନଜର

ବେଙ୍ଗାଲୁରୁ/ମୁମ୍ବଇ, ୨୦।୧୧ (ଏଜେନ୍ସି): ମୁଖ୍ୟମନ୍ତ୍ରୀ ପଦ ପାଇଁ ଧାର୍ଯ୍ୟ ଅଢ଼େଇ ବର୍ଷର କଣ୍ଟ ସରିବା ପୂର୍ବରୁ ପୁଣି କର୍ଣ୍ଣାଟକ କଂଗ୍ରେସରେ କଳି ଆରମ୍ଭ ହୋଇଛି। ଉପ-ମୁଖ୍ୟମନ୍ତ୍ରୀ ଡିକେ ଶିବକୁମାର ଗୋଷ୍ଠୀର ବିଧାୟକମାନେ ଖୋଲାଖୋଲି ଭାବେ ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟାଙ୍କ ବିରୋଧରେ ମୁହଁ ଖୋଲିଛନ୍ତି। ତାଙ୍କର କିଛି ସମର୍ଥକ ନୂଆଦିଲ୍ଲୀରେ ମଧ୍ୟ ପହଞ୍ଚି ଯାଇଛନ୍ତି। ଏଠାରେ ସେ କଂଗ୍ରେସ ନେତୃତ୍ୱଙ୍କୁ ଭେଟି ଶିବକୁମାରଙ୍କ ପାଇଁ ଲବି କରିବେ ବୋଲି କୁହାଯାଉଛି। ଡିକେ ଶିବକୁମାର ରାଜ୍ୟ କଂଗ୍ରେସ ଅଧ୍ୟକ୍ଷ ପଦ ଛାଡ଼ିବା ନେଇ କହିବାର କିଛି ଘଣ୍ଟା ପରେ ଏଭଳି ହୋଇଛି। ସେ ଖୁବଶୀଘ୍ର ଅଧ୍ୟକ୍ଷ ପଦ ଛାଡିବେ ବୋଲି କହିଥିଲେ। ସେ କହିଥିଲେ ଯେ ଏହି ପଦରେ ସବୁବେଳେ ରହିବେ ନାହିଁ। ଏବେ ଅନ୍ୟ ନେତାଙ୍କୁ ବି ସୁଯୋଗ ମିଳିବା ଉଚିତ। ତେବେ ନେତୃତ୍ୱରେ ନ ରହିଲେ ମଧ୍ୟ ସମ୍ମୁଖରେ ରହିବି। ଶିବକୁମାରଙ୍କ ଏହି ବୟାନ ମୁଖ୍ୟମନ୍ତ୍ରୀଙ୍କ ସହ ଚାଲିଥିବା ତାଙ୍କ ଟଣାଓଟରା ଚର୍ଚ୍ଚାକୁ ଖୋରାକ ଯୋଗାଇଛି। ଆଜି ରାଜ୍ୟରେ କଂଗ୍ରେସ ସରକାରକୁ ଅଢେଇ ବର୍ଷ ପୂରଣ ହେବାକୁ ଯାଉଥିବାବେଳେ ମ୍ୟୁମନ୍ତ୍ରୀ ବଦଳାଇବା ନେଇ ପୁଣି ଚର୍ଚ୍ଚା ଆରମ୍ଭ ହୋଇଛି।

ମହାରାଷ୍ଟ୍ରରେ ମଧ୍ୟ ଶାସକ ମେଣ୍ଟରେ କଳି ଆରମ୍ଭ ହୋଇଗଲାଣି। ରାଜ୍ୟରେ ବିଜେପିର ଅନ୍ୟତମ ପ୍ରମୁଖ ଅଂଶୀଦାର ଶିବସେନାର ମନ୍ତ୍ରୀ ଓ ବିଧାୟକ ମୁଖ୍ୟମନ୍ତ୍ରୀଙ୍କ ଉପରେ ଭୀଷଣ କ୍ଷୁବ୍ଧ ଥିବା ଜଣାପଡ଼ିଛି। କ୍ୟାବନେଟ ବୈଠକରେ ଶିବସେନା ମନ୍ତ୍ରୀମାନେ ଯୋଗ ଦେଉ ନାହାନ୍ତି। ସେମାନେ ଅଭିଯୋଗ କରିଛନ୍ତି ଯେ ସେମାନେ ମନ୍ତ୍ରୀ ଥିଲେ ମଧ୍ୟ ସେମାନଙ୍କ ହାତରେ କ୍ଷମତା ନାହିଁ। ଅଫିସରମାନେ ସେମାନଙ୍କ କଥା ଶୁଣୁ ନାହାନ୍ତି। ଏଭଳି ଅଭିଯୋଗ ନେଇ ଶିବ ସେନା ମୁଖ୍ୟ ତଥା ଉପମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେ ଦୁଇ ଦିନ ତଳେ ଦିଲ୍ଲୀ ଯାଇ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହଙ୍କୁ ଭେଟିଛନ୍ତି। ରାଜ୍ୟ ସରକାରରେ ସେମାନଙ୍କୁ ଏକପ୍ରକାର ଏକଘରିକିଆ କରିଦିଆଯାଇଛି। ସେ ଅଭିଯୋଗ କରିଛନ୍ତି ଯେ ଆଉ କିଛି ଦିନ ପରେ ରାଜ୍ୟରେ ପୌର ନିର୍ବାଚନ ହେବାକୁ ଯାଉଛି। ଏହାପୂର୍ବରୁ ଶିବ ସେନାର ନେତାମାନଙ୍କୁ ନିଜ ଆଡ଼କୁ ନେବା ଲାଗି ସ୍ଥାନୀୟ ବିଜେପି ନେତାମାନେ ସ୍ୱତନ୍ତ୍ର ଅଭିଯାନ ଚଳାଇଛନ୍ତି। ମୁଖ୍ୟମନ୍ତ୍ରୀ ଫଡନାଭିସଙ୍କୁ ଜଣାଇଲେ ମଧ୍ୟ ସେ ଶୁଣୁ ନାହାନ୍ତି।

# ଶପଥ ନେଲେ ଜୟ ଢୋଲକିଆ



ଭୁବନେଶ୍ୱର,୨୦।୧୧(ସମିସ): ନୂଆପଡ଼ାର ନବନିର୍ବାଚିତ ବିଧାୟକ ଜୟ ଢୋଲକିଆ ଆଜି ବିଧାନସଭାରେ ଶପଥ ଗ୍ରହଣ କରିଛନ୍ତି। ବାଚସ୍ପତି ସୁରମା ପାଢ଼ୀ ତାଙ୍କୁ ପଦ ଓ ଗୋପନୀୟତାର ଶପଥ ପାଠ କରାଇଛନ୍ତି। ଏହି ଅବସରରେ ସଂସଦୀୟ ବ୍ୟାପାର ମନ୍ତ୍ରୀ ମୁକେଶ ମହାଲିଙ୍ଗ, ସରକାରୀ ଦଳ ମୁଖ୍ୟ ସଚେତକ ସରୋଜ ପ୍ରଧାନ, ବିଧାନସଭା ସଚିବ ସତ୍ୟବ୍ରତ ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ସଦ୍ୟସମାପ୍ତ ନୂଆପଡ଼ା ଉପନିର୍ବାଚନରେ ଶ୍ରୀ ଢୋଲକିଆ ୮୩ ହଜାରରୁ ଅଧିକ ଭୋଟ୍‌ରେ ବିଜୟୀ ହୋଇଥିଲେ।

# ବାପା ଦଶାହରେ ଚାଲିଗଲା ପୁଅର ଜୀବନ

ଆସିକା, ୨୦।୧୧(ସମିସ): 'ଦୁଃଖ' ସାଙ୍ଗସାଥୀ, ଭାଇ-ବନ୍ଧୁ-କୁଟୁମ୍ବକୁ ସାଙ୍ଗରେ ଆଣି ଆସେ। ବାପା ମୃତ୍ୟୁକୁ ଦିନ ୧୦ଟା ନବିତୁଣୁ ପୁଅର ଜୀବନ ଚାଲିଯାଇଛି। ଗଞ୍ଜାମ ଜିଲ୍ଲା ଆସିକା ବ୍ଲକ୍ ଅତରଙ୍ଗ ଗ୍ରାମର ଉଦୟ ଗୌଡ଼ (୭୦)ଙ୍କ ପରିବାର ଉପରେ ଏବେ ଏମିତି ଦୁଃଖର ପାହାଡ଼ ଅଜାଡ଼ି ହୋଇପଡ଼ିଛି।

ସୂଚନାନୁଯାୟୀ, ଗତ ୧୧ ତାରିଖରେ ଉଦୟଙ୍କ ମୃତ୍ୟୁ ହୋଇଯାଇଥିଲା। ଆଜି ତାଙ୍କର ଦଶାହ କର୍ମ ଥିଲା। ଏଥିପାଇଁ ପୁଅ ରାଜେନ୍ଦ୍ର ଗୌଡ଼ ସବୁ ଯୋଗାଡ଼ଯନ୍ତ୍ର ସାରିଥିଲେ। କିନ୍ତୁ ଆଜି ହଠାତ୍ ସେ ଗୁରୁତର ଅସୁସ୍ଥ ହୋଇପଡ଼ିଥିଲେ। ପରିବାରଲୋକେ ତାଙ୍କୁ ଆସିକା ହସ୍ପିଟାଲରେ ଭର୍ତ୍ତି କରାଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଏହି ଖବର ପଦାକୁ ଆସିବା ପରେ ଗାଁରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ରାଜେନ୍ଦ୍ରଙ୍କ ଶବ ପହଞ୍ଚିବା ପରେ କାନ୍ଦବୋବାଳିରେ ଗାଁ ଦାଣ୍ଡ ଫାଟି ପଡ଼ିଥିଲା। ରାଜେନ୍ଦ୍ର ତାଙ୍କ ପରିବାରର ଏକମାତ୍ର ରୋଜଗାରିଆ ବ୍ୟକ୍ତି ଥିଲେ। ବାପାଙ୍କ ଅନ୍ତେ ସେ ଦୁଃଖରେ ଭାଙ୍ଗି ପଡ଼ିଥିଲେ। ବାପାଙ୍କୁ ଝୁରିଝୁରି ତାଙ୍କ ଜୀବନ ଯାଇଥିବା ନେଇ ଚର୍ଚ୍ଚା ହେଉଛି। ଅପରପକ୍ଷେ, ରାଜେନ୍ଦ୍ରଙ୍କ ମୃତ୍ୟୁ ପରେ ତାଙ୍କ ପୂରା ପରିବାର ବେସାହାରା ହୋଇଯାଇଛି। ଉଦୟଙ୍କ ଦଶାହ ଓ ରାଜେନ୍ଦ୍ରଙ୍କ ଅନ୍ତ୍ୟେଷ୍ଟିକ୍ରିୟା କେମିତି ସଂପନ୍ନ ହେବ, ତାକୁ ନେଇ ପରିବାରଲୋକ, ବନ୍ଧୁବାନ୍ଧବ ଚିନ୍ତାରେ ପଡ଼ିଛନ୍ତି। ତେଣୁ, ତାଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

**ଅପରେଶନ 'ଚକ୍ର'**

# ୧୦ ଦୁର୍ଦ୍ଦାନ୍ତ ଅପରାଧୀ ଗିରଫ, ୩ ବନ୍ଧୁକ ଓ ୪ ଗୁଳି ଜବତ

ପୁରୀ, ୨୦।୧୧(ସମିସ): ପୁରୀ ପୁଲିସ୍ ପଞ୍ଝାରେ ୨ ଗ୍ୟାଙ୍ଗ୍‌ର ୧୦ଦୁର୍ଦ୍ଦାନ୍ତ ଅପରାଧୀ। ବଡ଼ଧରଣର ଅପରାଧ ଘଟାଇବା ପାଇଁ ବ୍ଲୁ-ପ୍ରିଣ୍ଟ ତିଆରି କରୁଥିବା ବେଳେ ଟାଉନ୍ ଥାନା ଓ ତାଳବଣିଆ ଥାନା ଏମାନଙ୍କୁ ପୃଥକ୍ ପୃଥକ୍ ଜାଗାରୁ ଧରିଛି। ଅଭିଯୁକ୍ତମାନେ ହେଲେ, ତଲୁଛ ସାହିର ଲୋକନାଥ ମିଶ୍ର, ବାସେଳିସାହି ଥାନା ମିଶ୍ର ସାହିର ସନ୍ତୋଷ କୁମାର ମିଶ୍ର, ସିଦ୍ଧମହାବୀର ବେହେରା ସାହିରେ ରହୁଥିବା ଛଇତନାର କାଳିଆ ପ୍ରଧାନ, ପୁରୀ ସଦର ଥାନା ଖଣ୍ଡିଆବନ୍ଧର ଦୁଃଶାସନ ସାହୁ, ସିପସରୁବାଲିରେ ରହୁଥିବା ଚନ୍ଦନପୁର ଗୋପୀନାଥପୁର ମାନସ କୁମାର ଭୋଇ। ତାଳବଣିଆ ଥାନା ପୁଲିସ ଭୂଦାନ ଜଙ୍ଗଲରୁ ଏମାନଙ୍କୁ ଗିରଫ କରିଛି। ସେହିପରି, ଟାଉନ୍ ଥାନା ପୁଲିସ ହାତରେ ଧରାପଡ଼ିଥିବା ଅଭିଯୁକ୍ତମାନେ ହେଲେ, ବାଲିକୁଦ ରାମଚଣ୍ଡୀ ସାହିର ଶବି ନାୟକ, ବାପିନା ନାୟକ, ବାଲିସାହି ବଡଲମଠ ଗଳିର ସତ୍ୟପ୍ରିୟ ପ୍ରତିହାରୀ, ଘୋଡ଼ାବଜାର ଅଞ୍ଚଳରେ ରହୁଥିବା ଗଞ୍ଜାମ ସୁରେଖାଦେଇପୁରର ପ୍ରଫୁଲ୍ଲ ସ୍ୱାଇଁ ଏବଂ ପାରାନୋଳିଆ ସାହି ବାରବାଟୀ ଜାଗାର ସୁକାନ୍ତ ନାୟକ। ଏମାନଙ୍କୁ ପୁଲିସ ଲୋକନାଥ ରୋଡ୍ କୁସୁନୁ ଖୁଣ୍ଟିଆରୁ ଗିରଫ କରିଛି। ଅଭିଯୁକ୍ତମାନଙ୍କଠାରୁ ୩ଟି ବନ୍ଧୁକ, ୪ଟି ଗୁଳି, ୩ଟି କଟୁରୀ, ଗୋଟିଏ ଲୁହାରଡ୍, ମୋବାଇଲ ଫୋନ ଏବଂ ୮୦୦ ଟଙ୍କା ଜବତ କରାଯାଇଛି। ଗୁରୁବାର ଜିଲ୍ଲା ପୁଲିସ ମୁଖ୍ୟାଳୟରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଏସ୍‌ପି ପ୍ରତୀକ ସିଂ ଏନେଇ ବିସ୍ତୃତ ସୂଚନା ଦେଇଛନ୍ତି। ଗିରଫ ଅଭିଯୁକ୍ତମାନେ ହତ୍ୟା, ଚୋରି, ଡକାୟତି, ଛିନ୍‌ତାଇ, ରାହାଜାନି ଆଦି ଅପରାଧରେ ସଂପୃକ୍ତ ବୋଲି ଏସ୍‌ପି ଶ୍ରୀ ସିଂ କହିଛନ୍ତି। ଉଲ୍ଲେଖଯୋଗ୍ୟ, ପୁରୀ ସହରକୁ ଅପରାଧମୁକ୍ତ ଓ ନିଶାମୁକ୍ତ କରିବା ପାଇଁ ଏସ୍‌ପି ପ୍ରତୀକ୍ ସିଂଙ୍କ ତତ୍ତ୍ୱାବଧାନରେ 'ଅପରେଶନ ଚକ୍ର' ଜାରି ରହିଛି। ବିଭିନ୍ନ ଥାନାର ବରିଷ୍ଠ ପୁଲିସ ଅଧିକାରୀଙ୍କୁ ନେଇ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଛି। ସଞ୍ଜ ନଇଁଲେ ପ୍ରମୁଖ ସ୍ଥାନରେ ଚାଲିଛି ନାକାବନ୍ଦୀ। ଗାଡିମୋଟର ଯାଞ୍ଚ ସାଙ୍ଗକୁ ଅପରାଧୀଙ୍କ ଗତିବିଧି ଉପରେ ତୀକ୍ଷ୍ଣ ନଜର ରଖିଛି ପୁଲିସ।

■ ଦେବ ଦୀପାବଳି ଉତ୍ସବ

# କୌଶଲ୍ୟା, ଦଶରଥଙ୍କୁ ଦୀପଦାନ

ପୁରୀ, ୨୦।୧୧(ସମିସ): ମାର୍ଗଶିର ଅମାବାସ୍ୟା ତିଥିରେ ମହାପ୍ରଭୁ ଶ୍ରୀଜଗନ୍ନାଥ ପିତୃପୁରୁଷ ଦଶରଥ ଓ କୌଶଲ୍ୟାଙ୍କୁ ଦୀପଦାନ କରିଛନ୍ତି। ଗୁରୁବାର ସନ୍ଧ୍ୟାଧୂପ ନୀତି ବଢ଼ିବା ପରେ ଦେବ ଦୀପାବଳି ନୀତି ଆରମ୍ଭ ହୋଇଥିଲା। ମାର୍ଗଶିର କୃଷ୍ଣ ଚତୁର୍ଦ୍ଦଶୀ ନୀତି ଭଳି ସମାନ ନୀତି କରାଯାଇଥିଲା। ଠାକୁର ଶ୍ରାଦ୍ଧ ବେଶରେ ବିଭୂଷିତ ହୋଇଥିଲେ। ଅପରପକ୍ଷେ, ମନ୍ଦିରରେ ଦୀପ ଲଗାଯାଇଥିଲା। ଶ୍ରୀମନ୍ଦିରରେ ତିନିଦିନ ଧରି ପାଳିତ ହେଉଥିବା ଦେବଦୀପାବଳି ଉତ୍ସବର ସୋମବାର ଶେଷ ଦିବସ। ଏହି ଶୁକ୍ଳ ପ୍ରତିପଦା ତିଥିରେ ଠାକୁର ବାସୁଦେବ ଓ ଦେବକୀ, ନନ୍ଦ ଓ ଯଶୋଦା, ଇନ୍ଦ୍ରଦ୍ୟୁମ୍ନ ଓ ଗୁଣ୍ଡିଚାଙ୍କୁ ଦୀପଦାନ କରିବେ।



ଲକ୍ଷେ ଦୀପରେ ଝଲସୁଛି ବଡ଼ଦାଣ୍ଡ

# ଅମାବାସ୍ୟା ନାରାୟଣଙ୍କ ସାଗର ବିଜେ

ପୁରୀ, ୨୦।୧୧ (ସମିସ): ପ୍ରତି ଅମାବାସ୍ୟାରେ ଶ୍ରୀମନ୍ଦିରରୁ ଅମାବାସ୍ୟା ନାରାୟଣ ସାଗର ବିଜେ କରିଥାନ୍ତି। ଗୁରୁବାର ମାର୍ଗଶିର ଅମାବାସ୍ୟା ତିଥିରେ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ସକାଳ ଧୂପ ପରେ ଅମାବାସ୍ୟା ନାରାୟଣ ସାଗର ବିଜେ କରିଥିଲେ। ମହାଜନ ସେବକ ଅମାବାସ୍ୟା ନାରାୟଣଙ୍କୁ ହାତରେ ଧରି ପାଲିଙ୍କିରେ ବିଜେ କରାଇଥିଲେ। ପାଲିଙ୍କି ସିଂହଦ୍ୱାର ଦେଇ ସ୍ୱର୍ଗଦ୍ୱାର ସମୁଦ୍ରକୂଳରେ ବିଜେ କରାଯାଇଥିଲା। ସେଠାରେ ସାଗର ବିଜେ ନୀତି ଅନୁଷ୍ଠିତ ହୋଇଥିଲା। ଗରାବଡୁ ସେବକ ରୁପା ପିଙ୍ଗଣରେ ସମୁଦ୍ର ଜଳ ଆଣି ପଣ୍ଡାଙ୍କୁ ଦେବା ପରେ ତାହାକୁ ସଂସ୍କାର କରାଯାଇ ଠାକୁରଙ୍କୁ ଲାଗି କରାଯାଇଥିଲା। ସାବତ ନିଯୋଗ ପକ୍ଷରୁ ପଣା ଭୋଗ, କର୍ପୂର ଆଳତି, ବନ୍ଦାପନା, ସଞ୍ଜ କାହାଳୀ ଆଳତି ପରେ ବିମାନବଡୁ ସେବକମାନେ ଠାକୁରଙ୍କୁ ପାଲିଙ୍କିରେ ନେଇ ଯମେଶ୍ୱର ମହାଦେବଙ୍କ ମନ୍ଦିର ଦେଇ ଶ୍ରୀମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ଏହାପରେ ଠାକୁରଙ୍କ ଅନ୍ୟାନ୍ୟ ନୀତି ବଢ଼ିଥିଲା।

# ଚଳନ୍ତା ବସ୍‌ରେ ଚାଳକଙ୍କୁ ହୃଦ୍‌ଘାତ

**ଅଳ୍ପକେ ବର୍ତ୍ତିଗଲେ ୨୫ ଯାତ୍ରୀ**

ସେମିଳିଗୁଡ଼ା, ୨୦।୧୧ (ସମିସ): ଚଳନ୍ତା ବସ୍‌ରେ ଚାଳକଙ୍କୁ ହୃଦ୍‌ଘାତ। କିନ୍ତୁ, ନିଜର ଜୀବନ ଯିବା ପୂର୍ବରୁ ୨୫ଟି ଅମୂଲ୍ୟ ଜୀବନ ବଞ୍ଚାଇଦେଲେ। ଠିକ୍ ସମୟରେ ବ୍ରେକ୍ ମାରି ବସ୍ ଅଟକାଇ ଦେବାରୁ ଏକ ବଡ଼ ଅଘଟଣ ଅଳ୍ପକେ ଟଳିଯାଇଛି। କୋରାପୁଟ ଜିଲ୍ଲା ସେମିଳିଗୁଡ଼ା ବ୍ଲକ୍‌ର କୁନ୍ଦିଲି ନିକଟରେ ଆଜି ସକାଳେ ଏହି ଘଟଣା ଘଟିଛି। ମୃତ ବସ୍‌ଚାଳକ ହେଲେ, ପରୁଲ୍ଲି ସାଇକୃଷ୍ଣ କୁମାର।





ସୂଚନାନୁଯାୟୀ, ବିଜୟନଗରମ୍‌ରୁ ୨୫ ଯାତ୍ରୀଙ୍କୁ ଧରି ଓଏସ୍‌ଆରଟିସିର ଏକ ବସ୍ ବୁଧବାର ରାତିରେ ମାଲକାନଗିରି ଯାଉଥିଲା। କୁନ୍ଦିଲି ନିକଟ ଚାଳକ ସାଇକୃଷ୍ଣଙ୍କୁ ହୃଦ୍‌ଘାତ ହୋଇଥିଲା। ସେ ତୁରନ୍ତ ବ୍ରେକ୍ ମାରି ବସ୍‌କୁ ରାସ୍ତାକଡ଼ରେ ଅଟକାଇଦେବା ସହ ଷ୍ଟିୟରିଂ ଉପରେ ମୁହଁ ମାଡ଼ି ପଡ଼ି ଯାଇଥିଲେ। ଏହି ସମୟରେ ବସ୍‌ରେ ଥିବା ଅନ୍ୟ ଚାଳକଜଣଙ୍କ ତାଙ୍କୁ ରେଷ୍ଟ ସିଟ୍‌ରେ ଶୁଆଇ ଗାଡ଼ିକୁ ଆଗକୁ ବଢ଼ାଇଥିଲେ। ସୁନାବେଡ଼ା ପରେ ଡୁମୁରିପୁଟଠାରେ ପୁଣଥରେ ସାଇକୃଷ୍ଣଙ୍କ ହୃଦ୍‌ଘାତ ହୋଇଥିଲା। କୋରାପୁଟ ବସ୍‌ଷ୍ଟାଣ୍ଡରୁ ଏକ ଅଟୋରେ ତାଙ୍କୁ ସହିଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜକୁ ନିଆଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ବ୍ୟବଚ୍ଛେଦ ପରେ ତାଙ୍କ ଶବକୁ ମାଲକାନଗିରିସ୍ଥିତ ତାଙ୍କ ଘରକୁ ପଠାଇ ଦିଆଯାଇଛି।

■ ଆବାସିକ ବିଦ୍ୟାଳୟରେ ପୁଣି ଲଜ୍ଜା!

# +୨ ଛାତ୍ରୀ ଗର୍ଭବତୀ

ଖଇରପୁଟ, ୨୦।୧୧(ସମିସ): ମାଲକାନଗିରିରେ ପୁଣି ଏକ ଲଜ୍ଜାଜନକ ଘଟଣା ଘଟିଛି। ଗୋବିନ୍ଦପଲ୍ଲୀ ଏସ୍‌ଏସ୍‌ଡି ଆବାସିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ପାଠ ପଢୁଥିବା ଜଣେ +୨ ଛାତ୍ରୀ ଗଭର୍ବତୀ ହୋଇଛନ୍ତି। ଏହି ଖବର ପଦାକୁ ଆସିବା ପରେ ତୀବ୍ର ଆଲୋଡ଼ନ ସୃଷ୍ଟି ହୋଇଛି। ଜିଲ୍ଲା ମଙ୍ଗଳ ଅଧିକାରୀ ଏହି ଘଟଣାକୁ ଗୁରୁତ୍ୱର ସହ ନେଇ ତଦନ୍ତ ଆରମ୍ଭ କରିଛନ୍ତି। ସୂଚନାନୁଯାୟୀ, ଗତ ଦଶହରା ଛୁଟିରେ ଛାତ୍ରୀଜଣଙ୍କ ଘରକୁ ଯାଇଥିଲେ। ଫେରିବା ପରେ ବିଦ୍ୟାଳୟର ମାଟ୍ରନ୍ ଝିଅଟିର ମାସିକ ପରୀକ୍ଷା କରିଥିଲେ। ତାଙ୍କ ରିପୋର୍ଟ ପଜିଟିଭ୍ ଆସିବାରୁ ବିଦ୍ୟାଳୟ କର୍ତ୍ତୃପକ୍ଷ ଉପରିସ୍ଥ ଅଧିକାରୀଙ୍କୁ ଜଣାଇବା ସହ ମାଥିଲି ଥାନାରେ ଅଭିଯୋଗ କରିଛନ୍ତି। ମାଲକାନଗିରି ଜିଲ୍ଲାରେ ପୂର୍ବରୁ ମଧ୍ୟ ଏପରି ଚିତ୍ର ଦେଖିବାକୁ ମିଳିଛି। ସୂଚନାଥାଉକି, ଗତ ଦଶମ ଶ୍ରେଣୀ ପରୀକ୍ଷା ବେଳେ ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡା ବ୍ଲକରେ ଜଣେ ଦଶମ ଶ୍ରେଣୀ ଛାତ୍ରୀ ଗର୍ଭବତୀ ହୋଇ ସନ୍ତାନ ପ୍ରସବ କରିଥିଲେ। ଏପରି ଘଟଣା ଜିଲ୍ଲାରେ ବଢ଼ିବାରେ ଲାଗିଥିବା ବେଳେ ଏଥିପ୍ରତି ସରକାର ଓ ପ୍ରଶାସନ ଦୃଢ଼ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇଛି।

# ଶଙ୍ଖ ଭବନରେ ବିଜେଡିର ସାଂଗଠନିକ ବୈଠକ

ଭୁବନେଶ୍ୱର,୨୦।୧୧(ସମିସ): ବିଜେଡି ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଶଙ୍ଖ ଭବନରେ ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ରଙ୍କ ଅଧ୍ୟକ୍ଷତାରେ ଦଳର ସାଂଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ପ୍ରତ୍ୟକ୍ଷ ଓ ଭିଡିଓ କନଫରେନ୍ସିଂ ମାଧ୍ୟମରେ ୩୩ଟି ସାଂଗଠନିକ ଜିଲ୍ଲାର ସଭାପତିମାନଙ୍କ ସହିତ ଆଗାମୀ ଦିନର ସାଂଗଠନିକ କାର୍ଯ୍ୟକ୍ରମ ଉପରେ ଆଲୋଚନା ହୋଇଥିବା ଜଣାପଡ଼ିଛି।

■ ଭାଗନେଲେ ୩୩ଟି ସାଂଗଠନିକ ଜିଲ୍ଲାର ସଭାପତି
■ ଆଗାମୀ ଦିନର ସାଂଗଠନିକ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା

ବୈଠକରେ ପ୍ରତ୍ୟେକ ଭାବରେ କନ୍ଧମାଳ ଜିଲ୍ଲାର ସାଂଗଠନିକ ସ୍ଥିତି ବିଷୟରେ ଆଲୋଚନା ହୋଇଥିଲା। ଏଥିରେ ଜିଲ୍ଲା ସଭାପତି ପଦ୍ମନାଭ ବେହେରା, ବିଧାୟକ ଚନ୍ଦ୍ରମଣୀ କହଁର, ପୂର୍ବତନ ବିଧାୟକ ସାଲୁଗା ପ୍ରଧାନ, ପୂର୍ବତନ ଜିଲ୍ଲା ସଭାପତି ସରୋଜ କର୍ଣ୍ଣ ଓ ଫୁଲବାଣୀ ବିଧାୟକ ପ୍ରାର୍ଥୀ ଜୟଶ୍ରୀ କହଁରଙ୍କ ଉପସ୍ଥିତିରେ ଆଗାମୀ ଦିନରେ କନ୍ଧମାଳ ଜିଲ୍ଲାରେ ଦଳୀୟ ସଂଗଠନକୁ ଅଧିକ ମଜଭୁତ ଓ କ୍ରିୟାଶୀଳ କରାଯିବା ଉପରେ ଆଲୋଚନା କରାଯାଇଥିଲା।

ସେହିଭଳି ବୌଦ୍ଧ ଜିଲ୍ଲାର ସଭାପତି ମହିଧର ରଣା ଓ ପୂର୍ବତନ ମନ୍ତ୍ରୀ ପ୍ରଦୀପ ଅମାତଙ୍କ ସହିତ ଶ୍ରୀ ମିଶ୍ର ପ୍ରତ୍ୟକ୍ଷ ଭାବରେ ଆଲୋଚନା କରିଥିଲେ। ଭିଡିଓ କନ୍‌ଫରେନ୍ସିଂ ଜରିଆରେ ବିଭିନ୍ନ ଜିଲ୍ଲାର ସଭାପତି ଅନୁଗୁଳର ବ୍ରଜ



କିଶୋର ପ୍ରଧାନ, ବରଗଡ଼ର ସୁଶାନ୍ତ କୁମାର ମହାପାତ୍ର, ଭଦ୍ରକର ଜଗନ୍ନାଥ ସ୍ୱାଇଁ, ବଲାଙ୍ଗିରର ସରୋଜ କୁମାର ମେହେର, କଟକର ପ୍ରଫୁଲ୍ଲ ସିଂ, ଦେବଗଡ଼ର ରୋମାଞ୍ଚ ରଞ୍ଜନ ବିଶ୍ୱାଳ, ଢେଙ୍କାନାଳର କାର୍ଯ୍ୟକାରୀ ସଭାପତି ସନ୍ଦୀପ ଷଡ଼ଙ୍ଗୀ, ଗଜପତିର ପ୍ରଦୀପ ନାୟକ, ଝାରସୁଗୁଡାର ହରିଶ ଗଣତ୍ରା, କଳାହାଣ୍ଡିର ପ୍ରଦୀପ କୁମାର ଦିଶାରୀ, କେନ୍ଦ୍ରାପଡ଼ାର ଶିବ ପ୍ରସାଦ ଭୋଇ, କେନ୍ଦୁଝରର ଆଶିଷ ଚକ୍ରବର୍ତ୍ତୀ, କୋରାପୁଟର କାର୍ଯ୍ୟକାରୀ ସଭାପତି ପ୍ରଶାନ୍ତ ବିଡିକା ଓ ଦୁର୍ଗା ମିଶ୍ର, ମାଲକାନଗିରିର ମାନସ ମାଡକାମୀ, ମୟୂରଭଞ୍ଜ-୧ର ସୁଦାମ ମାରାଣ୍ଡି, ମୟୂରଭଞ୍ଜ-୨ର ଦେବାଶିଷ ମାରାଣ୍ଡି, ନବରଙ୍ଗପୁରର ମନୋହର ରନ୍ଧାରୀ, ନୟାଗ?ର ରମେଶ ବେହେରା, ନୂଆପଡାର ଅବନୀ ରଞ୍ଜନ ଯୋଶୀ, ରାଉରକେଲାର ପ୍ରଦ୍ୟୁମ୍ନ ତ୍ରିପାଠୀ, ସମ୍ବଲପୁରର ରୋହିତ ପୂଜାରୀ, ସୁବର୍ଣ୍ଣପୁରର ସରୋଜ କୁମାର କର୍ଣ୍ଣ, ସୁନ୍ଦରଗଡର ଯୋଗେଶ ସିଂ, ରାୟଗଡାର ଜଗନ୍ନାଥ ସାରକାଙ୍କ ସହ ସାଙ୍ଗଠନିକ ବିଷୟରେ ଆଲୋଚନା କରାଯିବା ସହିତ ବାକି ଥିବା ଜିଲ୍ଲା କମିଟି ଓ ବିଏଲ୍‌ଓଙ୍କ ନାମ ଦଳର ମୁଖ୍ୟାଳୟ (ଶଙ୍ଖ ଭବନ)ରେ ତୁରନ୍ତ ଦାଖଲ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା । ପ୍ରତ୍ୟେକ୍ଷ ଭାବରେ ଜଗତସିଂହପୁର ଜିଲ୍ଲା ସଭାପତି ପ୍ରଶାନ୍ତ ମୁଦୁଲିଙ୍କ ସହ ଦଳର ସାଧାରଣ ସମ୍ପାଦକ ଦେବେଶ ଆଚାର୍ଯ୍ୟ ଓ ବିଜୟ ନାୟକ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ।

■ ଅଧା ରହିଗଲା ନାତୁଣୀର ଜନ୍ମଦିନ ପାଳନ

# ଦୁର୍ଘଟଣାରେ ଚାଲିଗଲା ଅଜାଙ୍କ ଜୀବନ

ଆନନ୍ଦପୁର, ୨୦।୧୧ (ସମିସ): ଅଧା ରହିଗଲା ନାତୁଣୀର ଜନ୍ମଦିନ ପାଳନ। ବାଟ ମଝିରେ ଟ୍ରକ୍ ଧକ୍କାରେ ଚାଲିଗଲା ଅଜାଙ୍କ ଜୀବନ। କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଉପଖଣ୍ଡ ୨୦ ନଂ ଜାତୀୟ ରାଜପଥର କୋଳିମାଟି ଛକ ନିକଟରେ ଆଜି ଏପରି ଏକ ଦୁଃଖଦ ଘଟଣା ଘଟିଛି। ମୃତକ ହେଲେ, ମୟୂରଭଞ୍ଜ ଜଲ୍ଲା କରଞ୍ଜିଆ ଥାନା ଖାଲୁର୍ ଗାଁୟର ଶରତ ଚନ୍ଦ୍ର ନାୟକ। ଏହି ଦୁର୍ଘଟଣାରେ ଶରତଙ୍କ ପତ୍ନୀ ମମତା ଗୁରୁତର ଆହତ ହୋଇଛନ୍ତି। ତାଙ୍କୁ ଚିକିତ୍ସା ଲାଗି ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସୂଚନାନୁଯାୟୀ, ନାତୁଣୀର ଜନ୍ମଦିନ ପାଳନ ପାଇଁ ଶରତ ଓ ମମତା ଏକ ବାଇକ୍‌ରେ ଯାଜପୁରରୋଡ୍‌ସ୍ଥିତ ନିଜ ଝିଅ ଘରକୁ ଯାଉଥିଲେ। କୋଳିମାଟି ଛକ ନିକଟରେ ଶରତ ଏକ ବସ୍‌କୁ ଓଭଟେକ୍ କରୁଥିବା ସମୟରେ ପଛପଟୁ ଆସୁଥିବା ଏକ ଟ୍ରକ୍ ତାଙ୍କୁ ଧକ୍କା ଦେଇଥିଲା। ଘଷିପୁରା ପୁଲିସ୍ ଉଭୟଙ୍କୁ ଉଦ୍ଧାର କରି ଆନନ୍ଦପୁର ମେଡିକାଲରେ ଭର୍ତ୍ତି କରାଇଥିଲା। ସେଠାରେ ଶତରଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ସେପଟେ ଦୁର୍ଘଟଣା ଘଟାଇଥିବା ଟ୍ରକ୍‌କୁ ଅଟକ ରଖି ତଦନ୍ତ ଚଳାଇଛି ପୁଲିସ୍।

**ମାଟ୍ରିକ୍ ପରୀକ୍ଷାକୁ ଆଉ ୨ ମାସ**

# ଇଂରାଜୀ ବହିରେ ହାତ ମାରିନାହାନ୍ତି ସାର୍

ଉଦଳା, ୨୦।୧୧ (ସମିସ): ୨ ମାସ ପରେ ବୋର୍ଡ ପରୀକ୍ଷା। କିନ୍ତୁ ଏଯାଏ ଇଂରାଜୀ ବହିରେ ହାତ ମରା ହୋଇନି। ଅଭିଯୋଗ କରି କରି ଥକିଯିବା ପରେ ଶିକ୍ଷକ ଶୁଣୁନାହାନ୍ତି। ଏପରି ଅଭିଯୋଗ ନେଇ ଆଜି ୨୪ ଜଣ ଛାତ୍ରଛାତ୍ରୀ ଉପଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ମୟୂରଭଞ୍ଜ ଜିଲ୍ଲା ଉଦଳା

**ଉପଜିଲ୍ଲାପାଳଙ୍କୁ ଭେଟି ଅଭିଯୋଗ କଲେ ଛାତ୍ରଛାତ୍ରୀ**

ଥାନା ବଡ଼ଖମଣ ସରକାରୀ ହାଇସ୍କୁଲର ଏହି ଘଟଣା ଆଜି ଜିଲ୍ଲାବ୍ୟାପୀ ଚର୍ଚ୍ଚାର ବିଷୟ ହୋଇଛି।

ଅଭିଯୋଗ ଅନୁଯାୟୀ, ଦାୟିତ୍ୱରେ ଥିବା ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ନବମ ଏବଂ ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କୁ ଇଂରାଜୀ ପଢ଼ାଉ ନାହାନ୍ତି। ଏନେଇ ଛାତ୍ରଛାତ୍ରୀମାନେ ବାରମ୍ବାର ଗୁହାରି କରିବା ପରେ ମଧ ସେ ଶୁଣୁନାହାନ୍ତି। ଫଳରେ ନିଜ ଭବିଷ୍ୟତକୁ ନେଇ ଛାତ୍ରଛାତ୍ରୀମାନେ ଆଶଙ୍କାରେ ପଡ଼ିଛନ୍ତି। ଏହାର ପ୍ରତିବଦରେ ଆଜି



ସକାଳେ ସ୍କୁଲର ୨୪ଜଣ ଛାତ୍ରଛାତ୍ରୀ ବସ୍‌ରେ ଉଦଳାରେ ପହଞ୍ଚି ଉପଜିଲ୍ଲାପାଳଙ୍କୁ ସାକ୍ଷାତ କରି ଇଂରାଜୀ ପଢ଼ା ହେଉନଥିବା କହିଛନ୍ତି। ଉପଜିଲ୍ଲାପାଳଙ୍କୁ ଭେଟି ନିଜର ଗୁହାରି ଜଣାଇବା ସହିତ ଇଂରାଜୀ ବିଷୟ ପଢ଼ାଇବା ଅନୁରୋଧ କରିଛନ୍ତି ଛାତ୍ରଛାତ୍ରୀ। ସେପଟେ, ଏଭଳି ସାଙ୍ଘାତିକ ଅଭିଯୋଗ ଆସିବା ପରେ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ସମ୍ପୃକ୍ତ ଭାରପ୍ରାପ୍ତ ପ୍ରଧାନଶିକ୍ଷକଙ୍କୁ ଡକାଇ ତାଗିଦ୍ କରିଛନ୍ତି। ଇଂରାଜୀ କ୍ଲାସ କରିବାକୁ ତାଗିଦ କରିଛନ୍ତି। ଏ ସଂପର୍କରେ ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ କହିଛନ୍ତି ଯେ ଏହି ଘଟଣାର ତଦନ୍ତ କରାଯିବା ସହ କ୍ଲାସ୍ ନକରି ଶିକ୍ଷାରେ ବାଧା ସୃଷ୍ଟି କରିଥିଲେ, ସମ୍ପୃକ୍ତ ଶିକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ।

**ଜୋର୍ ଧରିଲା ବହଳଦା ବିଡିଓଙ୍କ ଦାବି**

# ବ୍ଲକ୍ ଅଫିସ୍‌ରେ ତାଲା ପକାଇ ସରପଞ୍ଚଙ୍କ ସମୂହ ଧାରଣା

ବହଳଦା, ୨୦।୧୧ (ସମିସ): ଅଭିଯୋଗ, ଚେତାବନୀ ପରେ ମଧ୍ୟ ବିଡିଓଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯିବାରୁ ବ୍ଲକ୍ ଅଫିସ୍ ଆଗରେ ତାଲା ପକାଇ ସମୂହ ଧାରଣାରେ ବସିଲେ ୧୧ ପଞ୍ଚାୟତର ସରପଞ୍ଚ। ମୟୂରଭଞ୍ଜ ଜିଲ୍ଲା ବହଳଦା ବ୍ଲକ୍‌ରେ ଆଜି ଏପରି ଏକ ଅପ୍ରୀତିକର ପରିସ୍ଥିତି ଦେଖିବାକୁ ମିଳିଛି।

ମନରେଗା ଯୋଜନାଠାରୁ ଆରମ୍ଭ କରି ବହଳଦା ବ୍ଲକ୍‌ରେ ହେଉଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ବିଡିଓ ଶରତ କୁମାର ମଲ୍ଲିକ ଆଖିବୁଜା ପିସି ଆଦାୟ କରୁଛନ୍ତି ବୋଲି ଗତ ୧୭ ତାରିଖରେ ଏକ ସାମ୍ବାଦିକ ସମ୍ମିଳନୀରେ ସରପଞ୍ଚମାନେ ଅଭିଯୋଗ କରିଥିଲେ। ତେଣୁ, ସଂପୃକ୍ତ ବିଡିଓଙ୍କୁ ତୁରନ୍ତ ବଦଳି କରିବାକୁ ପ୍ରଶାସନକୁ ଚେତାବନୀ ଦେଇଥିଲ। କିନ୍ତୁ, ପ୍ରଶାସନ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ନିଆନଯିବାରୁ ଏହାର ପ୍ରତିବାଦରେ ଆଜି ସରପଞ୍ଚମାନେ ଏକାଠି ହୋଇ ବ୍ଲକ୍ ଅଫିସ ଆଗରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଧାରଣା ଦେଇଛନ୍ତି। ଏହାସହ ବ୍ଲକ୍ ଅଫିସ୍‌ରେ ମଧ ତାଲା ପକାଇ ଦେଇଛନ୍ତି।

ଅତିରିକ୍ତ ଉପଜିଲ୍ଲାପାଳ ବାସନ୍ତୀ ଲାକ୍ରା ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀ ସରପଞ୍ଚଙ୍କୁ ବୁଝାସୁଝା କରି ଧାରଣାରୁ ଓହରିବାକୁ ନିବେଦନ କରିଥିଲେ। ଏ ସଂପର୍କରେ ରାଇରଙ୍ଗପୁର ଉପଜିଲ୍ଲାପାଳଙ୍କ ସହ ଆସନ୍ତା ୨୪ ତାରିଖରେ ଆଲୋଚନା କରିବେ ବୋଲି ମଧ୍ୟ ପ୍ରସ୍ତାବ ଦେଇଥିଲେ। ହେଲେ ଏହି ପ୍ରସ୍ତାବରେ ସରପଞ୍ଚମାନେ ରାଜି ହୋଇ ନଥିଲେ। ବିଡିଓଙ୍କ ବଦଳି ନ ହେବା




**ବିନା ପିସିରେ ବିଲ୍ ପାସ କରୁ ନ ଥିବା ଅଭିଯୋଗ**

ପର୍ଯ୍ୟନ୍ତ ତାଲାବନ୍ଦ ଆନ୍ଦୋଳନ ଜାରି ରହିବ ବୋଲି ସରପଞ୍ଚମାନେ ଅଡ଼ି ବସିଥିଲେ। ଅପରପକ୍ଷେ, ଏହି ଆନ୍ଦୋଳନ ଯୋଗୁଁ ବ୍ଲକ୍ ଅଫିସ୍‌ର ସମସ୍ତ କାର୍ଯ୍ୟ ଠପ୍ ହୋଇଯାଇଛି। ବ୍ଲକକୁ ବିଭିନ୍ନ କାମରେ ଆସୁଥିବା ଲୋକେ ନିରାଶରେ ଫେରିଛନ୍ତି।

ଏହି ଧାରଣାରେ ଗମ୍ଭାରିଆ ସରପଞ୍ଚ ବୈଦେହୀ ହାଁସଦା, ଗିଦିଘାଟୀ ସରପଞ୍ଚ ସାଲାଇ ବେଶ୍ରା, କାଙ୍କି ସରପଞ୍ଚ ସାରଥୀ ହାଁସଦା, ଶଶ ସରପଞ୍ଚ ସ୍ଥଳପଦ୍ମ ହାଁସଦା, ବଡପଳସା ସରପଞ୍ଚ ଗୀତାରାଣୀ ହେମ୍ବ୍ରମ, ଭିତରାମଦା ସରପଞ୍ଚ ଖାତ୍ରୀ କିସ୍କୁ, ବହଳଦା ସରପଞ୍ଚ ଲକ୍ଷ୍ମଣ ହାଁସଦା, ଅଁଳାଯୋଡି ସରପଞ୍ଚ ସଲମା ମାଝୀ, ଅସନା ସରପଞ୍ଚ ବାଲେଶ୍ୱର ମୁର୍ମୁ, ଯଶିପୁର ସରପଞ୍ଚ କାଶୁ ମାଝୀ ଏବଂ ବାସିଙ୍ଗି ସରପଞ୍ଚ ମାହି ମୁର୍ମୁ ପ୍ରମୁଖ ଯୋଗ ଦେଇଛନ୍ତି। ତେବେ ଝରାଡିହି ସରପଞ୍ଚ ରଞ୍ଜିତା ନାଏକ ଏହି ଆନ୍ଦଳନରୁ ବିରତ ରହିଥିବା ଜଣାପଡ଼ିଛି। ଧାରଣାସ୍ଥଳରେ ତହସିଲଦାର ଶିବପ୍ରସାଦ ମୁର୍ମୁ ଓ ବହଳଦା ଥାନା ଅଧିକାରୀ ଭାସ୍କର ପ୍ରଧାନଙ୍କ ସହ ପୁଲିସ ବଳ ଉପସ୍ଥିତ ଥିଲେ।

ଏ ସଂପର୍କରେ ବିଡିଓ ଶ୍ରୀ ମଲ୍ଲିକଙ୍କୁ ଯୋଗାଯୋଗ କରିବାରୁ ସେ ପିସି କାରବାରକୁ ଖଣ୍ଡନ କରିଛନ୍ତି। କୌଣସି ଲାଞ୍ଚ ନେଇନାହାନ୍ତି ବୋଲି ପ୍ରତିକ୍ରିୟାରେ କହିଛନ୍ତି। ଯଦି ଅଭିଯୋଗ ଅଛି କିମ୍ବା ମୋ ନାମ ନେଇ କୌଣସି ଅଧିକାରୀ ଲାଞ୍ଚ ନେଇଥା'ନ୍ତି, ତାହେଲେ ସେମାନେ ଦୁର୍ନୀତି ନିବାରଣ ବିଭାଗରେ ଅଭିଯୋଗ କରନ୍ତୁ ବୋଲି କହିଛନ୍ତି।

## ଉପାନ୍ତ ମାଲୁ ସାଉନ୍ତା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସଫଳତା

# ବର୍ଷା ଜଳ ସଂରକ୍ଷଣ ପ୍ରକଳ୍ପକୁ ଜାତୀୟ ପୁରସ୍କାର



କୋରାପୁଟ,୨୦।୧୧(ସମିସ): ପୂର୍ବ ସରକାରଙ୍କ '୫-ଟି'ଯୋଜନାର ସୁଫଳ ଯୋଗୁଁ ଉପାନ୍ତ ଅଞ୍ଚଳର ସରକାରୀ ସ୍କୁଲ ଆଜି ଜାତୀୟସ୍ତରରେ ପୁରସ୍କୃତ ହୋଇ ରାଜ୍ୟ ପାଇଁ ଗୌରବ ଆଣିଛି। କୋରାପୁଟ ଜିଲ୍ଲା ସଦର ବ୍ଲକ ଦାମନଯୋଡ଼ି ମାଥାଲପୁଟ ସ୍ଥିତ ମାଲୁ ସାଉନ୍ତା ମାଧ୍ୟମିକ ଉଚ୍ଚ ବିଦ୍ୟାଳୟର ଜଳ ସଂରକ୍ଷଣ ଓ ବର୍ଷା ଜଳର ପୁନଃବ୍ୟବହାର ପାଇଁ ଜାତୀୟ ସ୍ତରରେ ତୃତୀୟ ସ୍ଥାନ ହାସଲ କରି ପୁରସ୍କୃତ ହୋଇଛି। ରାଜ୍ୟର ଏକମାତ୍ର ବିଦ୍ୟାଳୟ ଏହି ପୁରସ୍କାର ପାଇଁ ମନୋନୀତ ହେବା ବର୍ତ୍ତମାନ ଅନ୍ୟ ମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛି। ନୂଆଦିଲ୍ଲୀ ବିଜ୍ଞାନ ଭବନରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ପ୍ରଧାନ ଶିକ୍ଷକ ରଶ୍ମି ରଞ୍ଜନ ସେଠୀ କେନ୍ଦ୍ର ଜଳ ଶକ୍ତି ମନ୍ତ୍ରୀ ସିଆର ପାଟିଲଙ୍କ ଠାରୁ ପୁରସ୍କାରଗ୍ରହଣକରିଛନ୍ତି।ଶ୍ରୀସେଠୀଙ୍କ ନିକଟରୁ ମିଳିଥିବା ସୂଚନା ଅନୁଯାୟୀ କିଛି ବର୍ଷ ପୂର୍ବେ ତତ୍କାଳୀନ ରାଜ୍ୟ ସରକାରଙ୍କ '୫-ଟି' ଯୋଜନାରେ ସ୍କୁଲର ରୂପରେଖ ବଦଳିବା ପରେ ବିଦ୍ୟାଳୟର ରକ୍ଷଣାବେକ୍ଷଣ, ସୌନ୍ଦର୍ଯ୍ୟକରଣ ଦିଗରେ ଛାତ୍ର ଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀ କର୍ମଚାରୀ ଅଧିକ ଦାୟିତ୍ୱବାନ ହୋଇଥିଲେ। ଏହି କ୍ରମରେ ବିଦ୍ୟାଳୟ ପରିସରରେ ପ୍ରାୟ ୭୦୦ ଚାରାରୋପଣ କରା ଯାଇଥିଲା। ପରବର୍ତ୍ତୀ ସମୟରେ ଜଳ ସମସ୍ୟା ଦେଖା ଦେବାରୁ ଛାତରୁ ଖସୁଥିବା ବର୍ଷା ଜଳକୁ ଏକତ୍ରିତ ସଞ୍ଚୟ କରି ରଖାଗଲା। ସଞ୍ଚିତ ଜଳକୁ ଗଛ ଗୁଡ଼ିକରେ ସିଞ୍ଚନ କରାଯିବା ସହ ବିଦ୍ୟାଳୟର ଅଚଳ ନଳକୂପକୁ ସଂରକ୍ଷିତ ବର୍ଷା ଜଳ ଛାଡ଼ି ତାର ପୁନରୁଦ୍ଧାର କରାଯାଇଛି। ଫଳରେ ବର୍ତ୍ତମାନ ଉକ୍ତ ନଳକୂପ କାର୍ଯ୍ୟକ୍ଷମ ହୋଇ ବ୍ୟବହାର ଉପଯୋଗୀ ହୋଇଛି। ଏହି ସବୁ କାର୍ଯ୍ୟକ୍ରମ ହାତକୁ ନେଇ ଅବ୍ୟବହୃତ ଜଳର ସଦ୍‌ଉପଯୋଗ କରାଯାଉଛି। କେନ୍ଦ୍ରୀୟ ଟିମ୍ ବିଦ୍ୟାଳୟ ପରିଦର୍ଶନ କରି ଏ ସମସ୍ତ ବ୍ୟବସ୍ଥା ଓ କାର୍ଯ୍ୟକ୍ରମ ଦେଖି ସନ୍ତୋଷ ବ୍ୟକ୍ତ କରି ପୁରସ୍କାର ପାଇଁ ସୁପାରିଶ କରିଥିବା ଶ୍ରୀ ସେଠୀ ସୂଚନା ଦେଇଛନ୍ତି। ରାଜ୍ୟର ଏକମାତ୍ର ବିଦ୍ୟାଳୟ ଜାତୀୟ ସ୍ତରରେ ତୃତୀୟ ସ୍ଥାନ ହାସଲ କରିବା ଜିଲ୍ଲା ପାଇଁ ଗର୍ବର ବିଷୟ ବୋଲି ଅଭିଭାବକମାନେ ଖୁସିବ୍ୟକ୍ତ କରି ପ୍ରଧାନ ଶିକ୍ଷକଙ୍କ ସମେତ ଅନ୍ୟାନ୍ୟ ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀ ମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପାଚେରି ପାର୍ଶ୍ୱ ଜବରଦଖଲ ଉଚ୍ଛେଦ

ଜୟପୁର,୨୦।୧୧(ସମିସ): ଜୟପୁର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ମହାତ୍ମା ଗାନ୍ଧୀ ରାସ୍ତା ପଟେ ରହିଥିବା ପାଚେରୀ ପାଖରେ ଉଠାଦୋକାନୀଙ୍କୁ ଉଚ୍ଛେଦ କରାଯାଇଛି। ଏହି ରାସ୍ତାରେ ଉକ୍ତ ଉଠା ଦୋକାନୀଙ୍କୁ ବାରମ୍ବାର ଉଠାଯାଉଥିଲେ ସୁଦ୍ଧା ସେମାନେ ପୁଣି ଜବରଦଖଲ କରିବା ସହିତ ବେଆଇନ ଭାବେ ଦୋକାନ କରୁଥିବା ଯୋଗୁଁ ଉକ୍ତ ରାସ୍ତାରେ ଯାତାୟାତ ସମସ୍ୟା ସୃଷ୍ଟି ହେଉଛି। ବାଳିକା ଉଚ୍ଚବିଦ୍ୟାଳୟର ପାଚେରିରେ ସୌନ୍ଦର୍ଯ୍ୟକରଣ ପାଇଁ ରଙ୍ଗ ଦେଇ ସଚେତନତା ବାର୍ତ୍ତା ନେଇ ୱାଲପେଣ୍ଟିଂ କରାଯାଉଥିବା ଯୋଗୁଁ ଉପଜିଲ୍ଲାପାଳ ତଥା ପୌର ନିର୍ବାହି ଅଧିକାରୀ ଏ.ଶଶ୍ୟା ରେ‡ଙ୍କ ନିର୍ଦ୍ଦେଶକ୍ରମେ ପୌର ସଂସ୍ଥା କର୍ମଚାରୀ ମାନେ ସମସ୍ତ ଉଠା ଦୋକାନୀ ମାନଙ୍କର ଜବରଦଖଲ ଉଚ୍ଛେଦ କରିଥିଲେ। ପୁନର୍ବାର ନ କରିବା ନେଇ ତାଗିଦ କରିଥିଲେ। ନିର୍ଦ୍ଦେଶନାମାକୁ ଖିଲାଫ କରି ଉଠା ଦୋକାନୀ ପୁନର୍ବାର ଦୋକାନ ଖୋଲିଲେ ସେମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହିତ ଦୈନକି ଜରିମାନା ବାବଦକୁ ୫ଶହ ଟଙ୍କା ଲେଖାଏଁ ଆଦାୟ କରାଯିବ ବୋଲି ଚେତାବନୀ ଦିଆଯାଇଛି। ଏହି ଉଚ୍ଛେଦରେ ସମୟରେ ପୌର ଅତିରିକ୍ତ ନିର୍ବାହୀ ଅଧିକାରୀ ପୂଜା ରାଉତ, ସ୍ୱାସ୍ଥ୍ୟ ନିରୀକ୍ଷକ ଭୁବନି ହାଲବା, ପରିମଳ ନିରୀକ୍ଷକ କିରଣ ମଲ୍ଲିକ, ଜଗଦିଶ ରାଓ, ସତ୍ୟନାରାୟଣ ପାତ୍ର ପ୍ରମୁଖଙ୍କ ସହିତ ଅନ୍ୟାନ୍ୟ କର୍ମଚାରୀ ମାନେ ଉପସ୍ଥିତ ଥିଲେ।

## ଆଇନ ସ୍ନାତକରେ ଜିଲ୍ଲାର ପ୍ରଥମ ସ୍ୱର୍ଣ୍ଣପଦକ ହାସଲ କଲେ ଦୀପାଳି




ନବରଙ୍ଗପୁର,୨୦।୧୧(ସମିସ): ନବରଙ୍ଗପୁର ଜିଲ୍ଲାରେ ପ୍ରଥମ ଥର ପାଇଁ ପାଞ୍ଚ ବର୍ଷୀୟ ଆଇନ ସ୍ନାତକରେ ସ୍ୱର୍ଣ୍ଣ ପଦକ ଜିତି ଜିଲ୍ଲା ପାଇଁ ଗର୍ବ ଆଣିଛନ୍ତି ନବରଙ୍ଗପୁର ସହରର ପ୍ରସନ୍ନ କୁମାର ପାଢ଼ୀ ଏବଂ କବିତା ପାଢ଼ୀଙ୍କ ଝିଅ ସୁଶ୍ରୀ ଦୀପାଳି ପାଢ଼ୀ। କୋଲକାତାର ଆମିଟି ବିଶ୍ୱବିଦ୍ୟାଳୟରୁ ୫ ବର୍ଷ ପାଇଁ ବିବିଏ ଓ ଏଲ୍‌ଏଲ୍‌ବି (୨୦୨୦-୨୫) ପାଠ୍ୟକ୍ରମରେ ନିଜର ଦକ୍ଷତା ପ୍ରଦର୍ଶନ କରି ସ୍ୱର୍ଣ୍ଣପଦକ ହାସଲ କରି ଶିକ୍ଷାକ୍ଷେତ୍ରରେ ପ୍ରଥମ ସ୍ଥାନ ପାଇଛନ୍ତି। ସେ ସ୍ନାତକ ସମୟରେ ଆନ୍ତର୍ଜାତୀୟ ଆଇନ ସମ୍ମାନ ଗ୍ରହଣ କରିଛନ୍ତି। ବର୍ତ୍ତମାନ ସେ ନବରଙ୍ଗପୁରର ବରିଷ୍ଠ ଓକିଲ ତଥା ରାଜ୍ୟ ଆଇନଜୀବୀ ସଂଘର ଉପ ସଭାପତି ନରସିଂହ ନାଥ ତ୍ରିପାଠୀଙ୍କ କାର୍ଯ୍ୟାଳୟରେ ଜଣେ ଜୁନିଅର ଆଡଭୋକେଟ୍ ଭାବରେ କାର୍ଯ୍ୟ କରୁଛନ୍ତି। ତାଙ୍କର ଏହି କୃତୀ ପାଇଁ ରାଜ୍ୟ ଆଇନଜୀବୀ ସଂଘର ଉପ ସଭାପତି ନରସିଂହ ନାଥ ତ୍ରିପାଠୀ ଏବଂ ନବରଙ୍ଗପୁର ଜିଲ୍ଲା ଆଇନଜୀବୀ ସଂଘର ପୂର୍ବତନ ଜିଲ୍ଲା ସମ୍ପାଦକ ରାମ ପ୍ରସାଦ ପାତ୍ରଙ୍କ ସମେତ ବହୁ ଲୋକ ଅଭିନନ୍ଦନ ଜଣାଇଛନ୍ତି।

## ହ୍ୟୁମାନ୍ ସାଗରଙ୍କୁ ଶ୍ରଦ୍ଧାଞ୍ଜଳି

କୋଷାଗୁମୁଡ଼ା,୨୦।୧୧(ସମିସ): ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡା ବ୍ଲକ ସଦର ମହକୁମାରେ ସ୍ଥାନୀୟ ବ୍ଲକ୍ ଅଫିସ ଛକ ଠାରୁ ଏକ କ୍ୟାଣ୍ଡେଲ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରି ହ୍ୟୁମାନ ସାଗରଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯାଇଛି। ଆୟୋଜିତ ଶୋଭାଯାତ୍ରାରେ ସମସ୍ତ ଧମର ଲୋକେ ଗ୍ରାମର ବ୍ୟବସାୟୀ, ରାଜନେତା ଅଂଶ ଗ୍ରହଣ କରିଥଇଲେ। ସ୍ଥାନୀୟ ଜଇଲୁମ ଚର୍ଚ୍ଚ ପ୍ରାଙ୍ଗଣରେ ପହଞ୍ଚି ହ୍ୟୁମାନ ସାଗରଙ୍କ ଆତ୍ମାର ସଦ୍‌ଗତି ପାଇଁ ୨ ମିନିଟ ନିରବ ପ୍ରାର୍ଥନା କରିଥିଲେ। ଆୟୋଜିତ କ୍ୟାଣ୍ଡେଲ ମାର୍ଚ୍ଚରେ ସାଂସଦ ପ୍ରତିନିଧି ସୁରେଶ ପାତ୍ର ଉପସ୍ଥିତ ରହି ହ୍ୟୁମାନ ସାଗରଙ୍କ ଜୀବନୀ ଉପରେ କହିଥିଲେ।

BEST OFFER
SALE
Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.
9437015112

● ଭିନ୍ନକ୍ଷମଙ୍କଠାରୁ ଟଙ୍କା ଚୋରି

## ଚୋରକୁ ଧରି ପୁଲିସ ଜିମାଦେଲେ ଗ୍ରାମବାସୀ

ପୋଡ଼ାଗଡ଼,୨୦।୧୧(ସମିସ): ଭିନ୍ନକ୍ଷମଙ୍କ ଠାରୁ ଟଙ୍କା ଚୋରି କରି ଫେରାର ହେଉଥିବା ବେଳେ ଗ୍ରାମର ଯୁବକମାନେ ଚୋରକୁ ଗୋଡ଼ାଇ ଗୋଡ଼ାଇ କାବୁ କରିବା ପରେ ଉତ୍ତମ ମଧ୍ୟମ ଦେଇ ବାନ୍ଧି ରଖିବା ପରେ ପୁଲିସକୁ ଜିମା ଦେଇଥିବା ସୂଚନା ମିଳିଛି। ଏଭଳି ଏକ ଘଟଣା ଦେଖିବାକୁ ମିଳିଛି ଦଶମନ୍ତପୁର ବ୍ଲକ ଡୁମ୍ବାଗୁଡା ପଞ୍ଚାୟତ ମହକୁମାରେ। ଏହି ପଞ୍ଚାୟତ ଅନ୍ତର୍ଗତ କାଳିଆମ୍ବ ଗ୍ରାମର ସୁଧୁରୁ କୁଲୁସିକା ଗତ ବୁଧବାର ବ୍ଲକରେ ଅନୁଷ୍ଠିତ ହୋଇଥିବା ଭୀମଭୋଇ ସାମର୍ଥ ଶିବିରକୁ ଆସି ପାଖରେ ଥିବା ଷ୍ଟେଟ ବ୍ୟାଙ୍କରୁ ପ୍ରଧାନ ମନ୍ତ୍ରୀ ଆବାସ ଯୋଜନାରେ ନିଜ ଆକାଉଣ୍ଟରେ ଚଢି ଥିବା ଚାଳିଶି ହଜାର ଟଙ୍କା ମଧ୍ୟରୁ ୩୮ ହଜାର ଟଙ୍କା ଉଠାଇ ଡୁମ୍ବାଗୁଡା ଯାଇଥିଲା। ସେଠାରେ ୩୮ ହଜାର ମଧ୍ୟରୁ ଏକ ହଜାର ଟଙ୍କା ମଦ୍ୟପାନ କରି ଖର୍ଚ୍ଚ କରିଦେଇଥିବା ସେ ପ୍ରକାଶ କରିଥିଲେ। ରାତି ହେବାରୁ ସେ ସେଠାରୁ ନିଜ ଗ୍ରାମ କାଳିଆମ୍ବ ଆଉ ଯାଇପାରି ନଥିଲା। କୁମ୍ଭାର ସାହିରେ ବାହାରେ ଶୋଇ ପଡିଥିଲା। ତେବେ ତାଙ୍କ ପାଖରେ ଥିବା ସମସ୍ତ ଟଙ୍କା ସହ ଆଧାର କାର୍ଡ, ଭୋଟ କାର୍ଡ, ବ୍ୟାଙ୍କ ପାସବୁକ ଇତ୍ୟାଦି ଚୋରି ହୋଇ ଯାଇଥିଲା। ଗୁରୁବାର ସକାଳୁ ଟଙ୍କା ଚୋରି ହୋଇଥିବା ସମସ୍ତଙ୍କୁ ଜଣାଇ କାନ୍ଦି କାନ୍ଦି ହାଟରେ ବୁଲିଥିଲା। ଅନେକ ବାର ଚୋରି କରି ଧରା ପଡିଥିବା ଡୁମ୍ବାଗୁଡ଼ା ଗ୍ରାମ କୁମ୍ଭାର ସାହିର ସାଧୁ କୁମ୍ଭାର ଉପରେ ସମସ୍ତଙ୍କ ସନ୍ଦେହ ହେଲା। ପ୍ରଥମେ ତାକୁ ଡାକି ଟଙ୍କା ନେଇଛୁ କି ବୋଲି ପଚାରିବାରେ ସେ ସ୍ପଷ୍ଟ ଅସ୍ୱୀକାର କରିଥିଲା। ହାଟରେ ଏକ ନୂଆ ସୁଇଟର କିଣିବା ପରେ ଜୟପୁର କାଶୀପୁର ବସ୍‌ରେ ଚଢି ଟିକିରି ଯାଉଥିବା ସମୟରେ ଡୁମ୍ବାଗୁଡା ଠାରୁ ପ୍ରାୟ ଏକ କିମି ଦୂରରେ ବ୍ରିଜ ନିକଟରେ ବସ୍‌କୁ ଅଟକାଇ ସାଧୁ ଠାରୁ ମୋଟ ୩୪ ହଜାର ଟଙ୍କା ଉଦ୍ଧାର କରିଥିଲେ ସ୍ଥାନୀୟ ଯୁବକମାନେ। ତାଙ୍କୁ ଦଶମନ୍ତପୁର ପୁଲିସର ଜିମା ଦିଆଯାଇଥିବା ଜଣାପଡ଼ିଛି। ସାଧୁ ପୂର୍ବରୁ ମଧ୍ୟ ବିଦ୍ୟାଳୟ,ସ୍ୱାସ୍ଥ୍ୟ କେନ୍ଦ୍ର ଓ ବିଭିନ୍ନ ସ୍ଥାନ ମାନଙ୍କରେ ଚୋରି କରି ଜେଲ ଯାଇଥିବା ଜଣାପଡିଛି।

## ଜମି ବିବାଦକୁ ନେଇ ପଟ୍ଟାଧାରୀ ଥାନାର ଦ୍ୱାରସ୍ଥ

ବୈପାରୀଗୁଡ଼ା,୨୦।୧୧(ସମିସ): ଜମି ବିବାଦକୁ ନେଇ ପଟ୍ଟାଧାରୀ ଥାନାର ଦ୍ୱାରସ୍ଥ ହୋଇଛି। କୁନ୍ଦୁରା ଥାନାରେ ଏଭଳି ଦେଖିବାକୁ ମିଳିଛି। କୁନ୍ଦୁରା ବ୍ଲକ ଆସନା ପଞ୍ଚାୟତର ପକନାଗୁଡ଼ା ଗ୍ରାମର ଏକ ଡଙ୍ଗର ଜମିକୁ ନେଇ ଆଜି ପଟ୍ଟାଧାରୀ ମୋତି ଦୁରୁଆ ଏବଂ ପରିବାର ଲୋକେ କୁନ୍ଦୁରା ଥାନାର ଦ୍ୱାରସ୍ଥ ହୋଇଛନ୍ତି। ସେମାନଙ୍କ ପୈତୃକ ଡଙ୍ଗର ଜମିକୁ କିଛି ଲୋକ ନିଜର ଜମି ଦର୍ଶାଇ ଆନ୍ଧ୍ର ପ୍ରଦେଶର ଦୁଇଜଣ ବ୍ୟକ୍ତିଙ୍କୁ ବିକ୍ରି କରିଦେଇଥିବା ଅଭିଯୋଗ ହୋଇଛି। ଯେଉଁ ଜମିକୁ ବିକ୍ରି କରିଛନ୍ତି ତାହା ୨୦୨୨ ମସିହା ଠାରୁ ସିଭିଲ୍ କୋର୍ଟରେ କେସ୍ ବିଚାରାଧୀନ ଅବସ୍ଥାରେ ରହୁଛି। କୋର୍ଟର କୌଣସି ନିଷ୍ପତି ନ ଆସିବା ପୂର୍ବରୁ ଉକ୍ତ ଜମିକୁ ବିକ୍ରି କରିଥିବା ଲୋକଙ୍କ ବିରୁଦ୍ଧରେ ଆଜି କୁନ୍ଦୁରା ଥାନା ଦ୍ୱାରସ୍ଥ ହୋଇଛନ୍ତି ଜମି ପଟ୍ଟାଧାରୀ। ବିଚାରାଧୀନ ଡଙ୍ଗର ଜମି କିଣାବିକାକୁ ନେଇ ସମସ୍ତଙ୍କୁ ଚକିତ କରିଦେଇଛି। ଏଣୁ ଆଜି କୁନ୍ଦୁରା ଥାନାରେ ପଟ୍ଟାଧାରୀ ସ୍ୱର୍ଗୀୟ ଗୁରୁ ଦୁରୁଆଙ୍କ ଦାବିଦାର ମାନେ ଲିଖିତ ଅଭିଯୋଗ କରିଛନ୍ତି। ଏହି ଅଭିଯୋଗକୁ ଆଧାର କରି କୁନ୍ଦୁରା ଥାନା ଅଧିକାରୀ ଅଶ୍ୱିନୀ ପଟ୍ଟନାୟକ ଏହାର ନିରପେକ୍ଷ ତଦନ୍ତ କରି କୋର୍ଟରେ ସଠିକ ପ୍ରମାଣ ଉପସ୍ଥାପନ କରିବାକୁ ଅନୁରୋଧ କରାଯାଇଛି।

## ମନରେଗା କାର୍ଯ୍ୟ ଅନୁଧ୍ୟାନ କଲେ ଅମ୍ବୁଡ୍‌ସ ପର୍ସନ୍

ଚନ୍ଦ୍ରପୁର,୨୦।୧୧(ସମିସ): ରାୟଗଡ଼ା ଜିଲ୍ଲାର ଦୁର୍ଗମ ଅଞ୍ଚଳ ଚନ୍ଦ୍ରପୁର ବ୍ଲକ ଅନ୍ତର୍ଗତ ବନ୍ଦ୍ରିଉପର ସାହିରେ ୬, ଚନ୍ଦ୍ରପୁରରେ ୧୨୦, ଚନ୍ଦ୍ରପୁର ରାମପୁର ୨୫, ମୁନାରଗାଁ ୨୮, ଆଜିପଙ୍ଗାରେ ୪୦, କୃପାଗାଡ଼ାରେ ୩୦, ଚିଚିପଙ୍ଗାରେ ୨୦ ମନରେଗା ପ୍ରକଳ୍ପ କମ୍ପୋଷ୍ଟ ପିଟ କାର୍ଯ୍ୟକ୍ରମର କ୍ଷେତ ପରିଦର୍ଶନ କରିଛନ୍ତି ଆମ୍ବୁଡସ୍ ପର୍ସନ। ସେମାନଙ୍କୁ ୪ଲକ୍ଷ ୩୭ ହଜାର ଟଙ୍କା ଦିଆଯାଇଛି। ବଳକା କମ୍ପୋଷ୍ଟ ପିଟ କାର୍ଯ୍ୟ କରି ନଥିବାରୁ ବଳକା ଟଙ୍କା ଦିଆଯାଇ ନାହିଁ ବୋଲି କହିଛନ୍ତି ଜିଲ୍ଲା ଆମ୍ବୁଡ଼ସ ପର୍ସନ ଅକ୍ଷୟ ଦାଶ। ଅନିୟମିତତା ହୋଇଥିବା ନେଇ ତଦନ୍ତ ଚାଲିଛି ବୋଲି କହିଛନ୍ତି। ଏହାକୁ ସ୍ୱୟଂ ସଜ୍ଞାନ ନେଇ ଶ୍ରୀ ଦାଶ ତଦନ୍ତ କରିଛନ୍ତି। ଦିଲ୍ଲୀ ଗ୍ରସ୍ତରେ ଥିବା ଜିଲ୍ଲା ଗ୍ରାମ୍ୟଉନ୍ନୟନ ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଅକ୍ଷୟ କୁମାର ଖେମୁଣ୍ଡ ମଧ୍ୟ ଏହି ପ୍ରସଙ୍ଗକୁ ଗୁରୁତର ସହ ନେଇ



ଅନୁଧ୍ୟାନ କରିବାକୁ ସୁପାରିଶ କରିଥିଲେ। ଚନ୍ଦ୍ରପୁର ପଞ୍ଚାୟତରେ ୩୭୫ ପରିବାର ପାଇଁ ସକପିଟ ଓ କାମ୍ପୋଷ୍ଟ ପିଟ ନିର୍ମାଣ ପାଇଁ ୮୩୭୨୧୬ ଟଙ୍କା ବ୍ୟୟବରାଦ ରହିଥିଲା। ୧୧୩୦ ଶ୍ରମ ଦିବସ ସୃଷ୍ଟି କରିବାକୁ ଲକ୍ଷ୍ୟ ରଖି ସ୍ଥାନୀୟ ଝାନ୍‌ସୀରାଣୀ ଲକ୍ଷ୍ମୀବାଇ ସ୍ୱୟଂ ସେବିକା ମହାସଂଘ କାର୍ଯ୍ୟଭାର ନେଇ ଥିବା ଜଣାପଡ଼ିଛି। ଏବେ ମନରେଗା କାର୍ଯ୍ୟକ୍ରମର ଅଭିଯୋଗ ସତ୍ୟାସତ୍ୟ ତଦାରଖ କରିବାକୁ ନଥିପତ୍ର ଦେବାକୁ ବ୍ଲକ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଶ୍ରୀ ଦାଶ। ଯେକୌଣସି ବ୍ୟତିକ୍ରମ ପରିଲକ୍ଷିତ ହେଲେ ବିହିତ କାର୍ଯ୍ୟାନୁଷ୍ଠାନ ପାଇଁ ସରକାରଙ୍କୁ ସୁପାରିଶ କରିବେ ବୋଲି ଉପସ୍ଥିତ ଗଣମାଧ୍ୟମ କୁ ଅମ୍ବୁଡ୍ସ ପର୍ସନ ଜଣାଇଛନ୍ତି। କ୍ଷେତ୍ର ପରିଦର୍ଶନ ବେଳେ ଚନ୍ଦ୍ରପୁର ଗୋଷ୍ଠୀ ଉନୟନ ଅଧିକାରୀ ସୌମ୍ୟକାନ୍ତ ବୋଙ୍ଗାଲ, ସହକାରୀ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ବିଶ୍ୱଜିତ ମିଶ୍ର, ବ୍ଲକ ଅଧକ୍ଷ କୋଇନ କିମ୍ବାକା, ପଞ୍ଚାୟତ ଅଫିସର ଓ ରୋଜଗାର ସହାୟକ ଏବଂ ହିତାଧିକାରୀ ମାନେ ଉପସ୍ଥିତ ଥିଲେ।

## ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ଜନଜାତୀୟ ଗୌରବ ଦିବସ ପାଳିତ



କୋରାପୁଟ,୨୦।୧୧(ସମିସ): ବିର୍ସା ମୁଣ୍ଡାଙ୍କ ୧୫୦ତମ ଜନ୍ମବାର୍ଷିକୀ ଓ ଶହୀଦ ଲକ୍ଷ୍ମଣ ନାୟକଙ୍କ ୧୨୭ତମ ଜନ୍ମବାର୍ଷିକୀ ଓଡିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ଜନଜାତୀୟ ଗøରବ ଦିବସ ପାଳିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ପ୍ରଫେସର ନରସିଂହ ଚରଣ ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିବା ସହ ଭଗବାନ ବିର୍ସା ମୁଣ୍ଡା ଓ ଶହୀଦ ଲକ୍ଷ୍ମଣ ନାୟକଙ୍କ ଦେଶପ୍ରତି ଅମୂଲ୍ୟ ଅବଦାନକୁ ଉଲ୍ଲେଖ କରିଥିଲେ। ସେମାନଙ୍କ ଜୀବନ ଓ ସଂଘର୍ଷ ସମସ୍ତ ଭାରତୀୟଙ୍କ ପାଇଁ ଅବିରତ ପ୍ରେରଣା ବୋଲି ସେ କହିଥିଲେ। ଏହି ଅବସରରେ ଝାଡଖଣ୍ଡ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଫେସର ମାଗୁଣି ଚରଣ ବେହେରା ମୁଖ୍ୟବକ୍ତା ଭାବେ ଯୋଗଦେଇ ଜନଜାତୀୟ ଶବ୍ଦର ବିଭିନ୍ନ ପର୍ଯ୍ୟାୟକୁ ବ୍ୟାଖ୍ୟା କରିଥିଲେ। ଭଗବାନ ବିର୍ସା ମୁଣ୍ଡା ଓ ଶହୀଦ ଲକ୍ଷ୍ମଣ ନାୟକଙ୍କ ଅବଦାନ ଆଜି ପର୍ଯ୍ୟନ୍ତ ସମାନ ଭାବେ ଗୁରୁତ୍ୱପୂର୍ଣ୍ଣ ବୋଲି ସେ କହିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଅର୍ଥନୀତି ବିଭାଗର ମୁଖ୍ୟ ପ୍ରଫେସର ରଥୀକାନ୍ତ କୁମ୍ଭାର, ଛାତ୍ର କଲ୍ୟାଣ ଡିନ ଡ. ରମେନ୍ଦ୍ର କୁମାର ପାଢୀ, ଅର୍ଥ ଅଧିକାରୀ ଦୁର୍ଯ୍ୟୋଧନ ସେଠୀ ଓ ଅର୍ଥନୀତି ବିଭାଗର ସହଯୋଗୀ ଅଧ୍ୟାପକ ଡ. ପ୍ରଶାନ୍ତ କୁମାର ବେହେରା ମଞ୍ଚାସୀନ ଥିଲେ। ଜନଜାତୀୟ ଗୌରବ ଦିବସ ପାଳନ ଅବସରରେ ବିଶ୍ୱବିଦ୍ୟାଳୟରେ ଶୋଭାଯାତ୍ରା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ବିଶ୍ୱବିଦ୍ୟାଳୟ ଦୀର୍ଘ ଦଶକ ଧରି ନିଷ୍ଠା ଓ ସମର୍ପଣ ସହ ଯୁକ୍ତ ରହି କାର୍ଯ୍ୟ କରୁଥିବା ବରିଷ୍ଠ ଶିକ୍ଷକ ଓ ଅଧିକାରୀ ଡ. କପିଳା ଖେମୁଣ୍ଡୁ, ଡ. ବି. କେ. ଶ୍ରୀନିବାସ, ଲୋକସମ୍ପର୍କ ଅଧିକାରୀ ଡ. ଫାଗୁନାଥ ଭୋଇଙ୍କୁ ସମ୍ମାନିତ କରିଥିଲା। ଏହି ଅବସରରେ ବିଭିନ୍ନ ସାହିତ୍ୟିକ ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା ଓ ବିଜୟୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ସଂଯୋଜକ ଡ. ପ୍ରଶାନ୍ତ କୁମାର ବେହେରା ସ୍ୱାଗତ ଭାଷଣ ଦେଇଥିବା ବେଳେ ସହ ସଂଗଠକ ଡ. ଲୋପାମୁଦ୍ରା ବେହେରା ଧନ୍ୟବାଦ ପ୍ରଦାନ କରିଥିଲେ।

## ଓଡ଼ିଶା ସରକାରୀ ଆଉଟ୍‌ସୋର୍ସିଂ କର୍ମଚାରୀ ମହାସଂଘର ବିଧାୟକଙ୍କୁ ଦାବିପତ୍ର



ମାଲକାନଗିରି,୨୦।୧୧(ସମିସ): ଓଡିଶା ସରକାରୀ ଆଉଟସୋର୍ସିଂ କର୍ମଚାରୀ ମହାସଂଘ, ମାଲକାନଗିରି ଜିଲ୍ଲା ଶାଖା ତରଫରୁ ମାଲକାନଗିରି ବିଧାୟକ ନରସିଂହ ମାଡକାମି ଓ ଚିତ୍ରକୋଣ୍ଡା ବିଧାୟକ ମଙ୍ଗୁ ଖିଲଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଉକ୍ତ ଦାବିପତ୍ରରେ ଉଲ୍ଲେଖ ରହିଛି ଯେ, ବହୁବର୍ଷ ଧରି ଏହି ସରକାରୀ ଆଉସୋର୍ସିଂ କର୍ମଚାରୀ ମାନେ ନିଜର କର୍ତ୍ତବ୍ୟ ସୂଚାରୁ ରୂପେ କରି ଆସୁଥିଲେ ସୁଦ୍ଧା ଏମାନଙ୍କୁ କୌଣସି ସୁବିଧା ସୁଯୋଗ ଯୋଗାଇ ଦିଆ ଯାଇନାହିଁ। ବିଶେଷକରି ଗତ ୨୦୨୨ ମସିହାରେ କେତେକ କର୍ମଚାରୀଙ୍କୁ ସ୍ଥାୟୀ ନିଯୁକ୍ତି ପ୍ରଦାନ କରାଯାଇ ସେମାନଙ୍କୁ ସମସ୍ତ ସୁବିଧା ଯୋଗାଇ ଦିଆ ଯାଉଥିବା ବେଳେ ଆଉ କେତେଜଣ ବର୍ତ୍ତମାନ ସୁଦ୍ଧା ଚୁକ୍ତିଭିତ୍ତିକ କର୍ମଚାରୀ ଭାବେ ହିଁ ରହି ଯାଇଛନ୍ତି। ୨୦୨୨ ମସିହାରେ ଏହି ଚୁକ୍ତିଭିତ୍ତିକ କର୍ମଚାରୀ ମାନଙ୍କୁ ମଧ୍ୟ ଚାକିରିରୁ ବହିଷ୍କାର କରାଯାଇଥିଲା। ଏ ସମ୍ବନ୍ଧରେ ୨୦୨୫ ମାର୍ଚ୍ଚ ମାସରେ ରାଜ୍ୟ ସରକାରଙ୍କୁ ଦାବିପତ୍ର ମାଧ୍ୟମରେ ଏମାନଙ୍କୁ ପୁନଃ ନିଯୁକ୍ତି ପ୍ରଦାନ ସମ୍ବନ୍ଧରେ ଦାବି କରାଯାଇଥିଲା। କିନ୍ତୁ ଏଯାବତ୍ ଏ ସମ୍ବନ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆ ଯାଇନାହିଁ। ତେଣୁ ପୁଣି ଏ ସମ୍ବନ୍ଧରେ ବିଧାୟକଙ୍କ ମାଧ୍ୟମରେ ରାଜ୍ୟ ସରକାରଙ୍କୁ ଦାବିପତ୍ର ପ୍ରଦାନ କରାଯିବା ସହ ସମସ୍ତଙ୍କୁ ସ୍ଥାୟୀ ନିଯୁକ୍ତି ପ୍ରଦାନ କରିବା ପାଇଁ ଦାବି କରାଯାଇଛି। ଏଥିସହ ସ୍ଥାୟୀ ନିଯୁକ୍ତି ପାଇଥିବା ସମସ୍ତ କର୍ମଚାରୀଙ୍କୁ ଯେଉଁ ସବୁ ସୁବିଧା ସୁଯୋଗ ମଧ୍ୟ ଯୋଗାଇ ଦେବାକୁ ଦାବିପତ୍ରରେ ଉଲ୍ଲେଖ ରହିଛି। ଏହି ଅବସରରେ ଜିଲ୍ଲା ସଭାପତି ବିକ୍ରମ ରାଉତ, ସମ୍ପାଦକ ପ୍ରମୋଦ ବାଜିଂଗ, ବ୍ଲକ କୋର୍ଡିନେଟର ମାନେ ଓ ଅନ୍ୟ କର୍ମଚାରୀ ବୃନ୍ଦ ମାନେ ଉପସ୍ଥିତ ଥିଲେ।

## ଜିଲ୍ଲାସ୍ତରୀୟ ସର୍ଗୀଫୁଲ ଉଦ୍‌ଯାପିତ

ମାଲକାନଗିରି,୨୦।୧୧(ସମିସ):ମାଲକାନଗିରି ଜିଲ୍ଲା ମହକୁମା ମାଲ୍ୟବନ୍ତ ଛାତ୍ରାବାସ ଖେଳ ପଡିଆ ଠାରେ ଦୁଇଦିନିଆ ଜିଲ୍ଲାସ୍ତରୀୟ ଶିଶୁ ମହୋତ୍ସବ ସର୍ଗିଫୁଲ ଆଜି ଉଦ୍‌ଯାପିତ ହୋଇଯାଇଛି। ଜିଲ୍ଲା ମଙ୍ଗଳ ଅଧିକାରୀ ଶ୍ରୀନିବାସ ଆଚାରୀଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମାଲକାନଗିରି ବିଧାୟକ ନରସିଂହ ମାଡକାମୀ, ମୁଖ୍ୟବକ୍ତା ଅତିରିକ୍ତ ଜିଲ୍ଲାପାଳ ସୋମନାଥ ପ୍ରଧାନ, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ଗୁରୁବନ୍ଧୁ ପୂଜାରୀ, ଏଡିଡବ୍ଲୁଓ ସୁମନ୍ତ ମାଝୀ, ଶୁଶୁ ଅତିଥି ଟୁନି ମାଡକାମୀ, ମଙ୍ଗଳ ବିଭାଗ ଜିଲ୍ଲା ଶିକ୍ଷା ଅଧିକାରୀ ଅଜୟ ମିଶ୍ର ଯୋଗ ଦେଇଥିଲେ। ଜିଲ୍ଲାରେ ଥିବା ୮୫ଟି ମଙ୍ଗଳ ବିଭାଗ ବିଦ୍ୟାଳୟ ମଧ୍ୟରୁ ୫୯ ବିଦ୍ୟାଳୟର ୫୦୦ ଜଣ ଛାତ୍ରୀଛାତ୍ରଙ୍କ ସହ ୧୦୯ ଜଣ ଗାଇଡ୍ ଶିକ୍ଷୟିତ୍ରୀ ଶିକ୍ଷକ ଅଂଶଗ୍ରହଣ କରିଛନ୍ତି। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ସୁନ୍ଦର ହସ୍ତାକ୍ଷର, ବିଜ୍ଞାନ ମେଳା, ସ୍ଲୋଗାନ, ବକ୍ତୃତା, ଏକକ ନୃତ୍ୟ, ସାଧାରଣ ଜ୍ଞାନ, ଖୋଲା ମଞ୍ଚରେ ଏକକ ସଙ୍ଗୀତ, ମିଳିତ ନୃତ୍ୟ, ଭଲିବଲ, ଲାଇଫ୍ ସ୍କୁଲ ଇତ୍ୟାଦି ପ୍ରତିଯୋଗତା କରାଯାଇ ଥିଲା। କୃତି ପ୍ରତିଯୋଗୀଙ୍କୁ ଅତିଥି ମାନେ ପୁରସ୍କୃତ କରିଥିଲେ। ରାତ୍ରରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଶଣ କରା ଯାଇଥିଲା।

## ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଶାସନ ସଚିବଙ୍କ ନବରଙ୍ଗପୁର ଜିଲ୍ଲା ଗସ୍ତ

ନବରଙ୍ଗପୁର,୨୦।୧୧(ସମିସ): ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଶାସନ ସଚିବ ତଥା ଜିଲ୍ଲା ନୋଡାଲ ଅଧିକାରୀ ଡ.ଏନ୍ ତିରୁମାଲା ନାୟକ ଆଜି ଦୁଇ ଦିନିଆ ଗସ୍ତରେ ନବରଙ୍ଗପୁର ଜିଲ୍ଲା ପରିଦର୍ଶନ କରିଛନ୍ତି। ସଚିବଙ୍କ ସହ ଜିଲ୍ଲାପାଳ ଡ. ମହେଶ୍ୱର ସ୍ୱାଇଁ, ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ବିଶ୍ୱଜିତ ବର୍ମନ୍, ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲ୍ଲା ପରିଷଦ ବିରଞ୍ଚି ନାରାୟଣ ଦରୱାନ, ଡିଇଓ ଛତ୍ରପତି ସାହୁ, ବିଡିଓ ନବରଙ୍ଗପୁର ସୁନିଲ ଖୁରା, ବିଡିଓ, ନନ୍ଦାହାଣ୍ଡି କ୍ଷୀରୋଦ ଚନ୍ଦ୍ର ସାହୁ, ଡିଡି ପ୍ଲାନିଂ ଏଶ୍ୱର୍ଯ୍ୟ ଭଞ୍ଜ, ନିର୍ବାହୀ ଅଧିକାରୀ ପୌରପାଳିକା ଅଶୋକ କର୍ଣ୍ଣ, ସିଡିଏମଓ ଡ. ସନ୍ତୋଷ କୁମାର ପଣ୍ଡା ଏବଂ ଅନ୍ୟ ଅଧିକାରୀ ସାମିଲ ଥିଲେ। ସଚିବ ପ୍ରଥମେ ନବରଙ୍ଗପୁର ପୌରପାଳିକା ଜଳ ବିଶୋଧନ ପ୍ଲାଣ୍ଟ ପରିଦର୍ଶନ କରି ଏହାର କାର୍ଯ୍ୟକାରିତା ବୁଝିଥିଲେ। ସାନକୁମୁଲି ସ୍ଥିତ ମଳ ଉପଚାର ପ୍ଲାଣ୍ଟ ମଧ୍ୟ ଗସ୍ତ କରି ନିର୍ବାହୀ ଅଧିକାରୀଙ୍କୁ ବିଭିନ୍ନ ପ୍ରଶ୍ନ ପଚାରିଥିଲେ। ଏହାପରେ ସାନକୁସୁମୀ ପ୍ରାଥମିକ ବିଦ୍ୟାଳୟ ଏବଂ ପୌରପାଳିକା ଉଚ୍ଚ ବିଦ୍ୟାଳୟ ବିଦ୍ୟାଳୟ ଗସ୍ତ କରି ଛାତ୍ର ଛାତ୍ରୀଙ୍କୁ ପାଠ ଉପରେ ବିଭିନ୍ନ ପ୍ରଶ୍ନ କରିଥିଲେ। ପିଲାଙ୍କ ସାଙ୍ଗରେ ମଧ୍ୟାହ୍ନ ଭୋଜନ ଖାଇଥିଲେ। ଏହାପରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଗସ୍ତ କରି ରୋଗୀମାନଙ୍କ ପାଇଁ ବିଭିନ୍ନ ସୁବିଧା ଓ ସରକାରୀ ବ୍ୟବସ୍ଥା ଦେଖିଥିଲେ। ରୋଗୀମାନଙ୍କ ସହ ବାର୍ତ୍ତାଳାପ କରି ଔଷଧ, ଖାଦ୍ୟ, ଚିକିତ୍ସା ଉପରେ ବିଶେଷ ଗୁରୁତ୍ୱ ଦେଇ ଡାକ୍ତର, ସ୍ୱାସ୍ଥ୍ୟ କର୍ମଚାରୀଙ୍କୁ ଠିକ୍ ରୂପେ ଦାୟିତ୍ୱ ତୁଲାଇବାକୁ ନିର୍ଦ୍ଦେଶ ଦେଇଥିଲେ।

# ନବରଙ୍ଗପୁରରେ ଦେବ ଦୀପାବଳୀ ନୀତି



ନବରଙ୍ଗପୁର,୨୦।୧୧(ସମିସ): ନବରଙ୍ଗପୁର ଶ୍ରୀଜଗନ୍ନାଥ ନୀତି ପରିଚାଳନା ନିଯୋଗ ପକ୍ଷରୁ ପବିତ୍ର ମାର୍ଗଶିର ଅମାବାସ୍ୟା ଅବସରରେ ଗୁରୁବାର ନବରଙ୍ଗପୁର ଶ୍ରୀଜଗନ୍ନାଥ ମନ୍ଦିରରେ ଦୀପାବଳୀ ନୀତି ଅନୁଷ୍ଠିତ ହୋଇଯାଇଛି ମହାପ୍ରଭୁଙ୍କ ସାନ୍ଧ୍ୟ ଆଳତି ସମ୍ପୂର୍ଣ୍ଣ ହେବା ପରେ ସନ୍ଧ୍ୟା ୬ ଘଣ୍ଟା ସମୟ ଠାରୁ ନବରଙ୍ଗପୁର ଶ୍ରୀ ଜଗନ୍ନାଥ ମନ୍ଦିରରେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଦେବ ଦୀପାବଳୀ ନୀତି ଅନୁଷ୍ଠିତ ହୋଇଥିଲା। ମନ୍ଦିର ଗର୍ଭଗୃହରେ ମହାପ୍ରଭୁଙ୍କ ନିକଟରେ ନିଯୋଗ ମୁଖ୍ୟ ଉପଦେଷ୍ଟା ତଥା ଜିଲ୍ଲା ରାଜ ପୁରୋହିତ ନରସିଂହ ନାଥ ତ୍ରିପାଠୀ ଓ ଶ୍ରୀଜଗନ୍ନାଥ ନୀତି ପରିଚାଳନା ନିଯୋଗ ସମ୍ପାଦକ କୁନା ପାତ୍ରଙ୍କ ଦ୍ୱାରା ମହାଦୀପ ଲଗାଯାଇଥିଲା। ଏହା ପରେ ବଡ଼ ଠାକୁର ବଳଭଦ୍ରଙ୍କ ନିକଟରେ ୯ଟି ଦୀପ ଲଗାଯାଇଥିଲା। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ୧୦ଟି ଏବଂ ମାଁ ସୁଭଦ୍ରାଙ୍କ ନିକଟରେ ୯ଟି ଦୀପ ଲଗାଯିବା ସହିତ ମନ୍ଦିର ପୂଜକଙ୍କ ଦ୍ୱାରା ପୂଜାର୍ଚ୍ଚନା କରାଯାଇଥିଲା। ମହାଦୀପ ଲଗାଯିବା ପରେ ମନ୍ଦିର ପରିସର ଏବଂ ସମ୍ମୁଖ ଚାରିଆଡ଼େ ଓଁ ଏବଂ ନୀଳଚକ୍ର ଆକୃତିରେ ଆରମ୍ଭ ହୋଇଥିଲା ମହାପ୍ରଭୁଙ୍କ ଶତାଧିକ ଦୀପଦାନର ନୀତି। ତିନି ଦିନ ଧରି ଚାଲୁଥିବା ଏହି ଦେବ ଦୀପାବଳିର ପ୍ରଥମ ଦିନ ଅର୍ଥାତ୍ ଚତୁର୍ଦ୍ଦଶିରେ ମହାପ୍ରଭୁ ଅଦିତି ଏବଂ କଶ୍ୟପଙ୍କ ଉଦ୍ଦେଶ୍ୟରେ ଦୀପ ଦାନ ଏବଂ ଶ୍ରାଦ୍ଧ କରିଥିବା ବେଳେ ଦ୍ୱିତୀୟ ଦିନ ବା ଅମାବାସ୍ୟାରେ ଦଶରଥ ଏବଂ କୌଶଲ୍ୟାଙ୍କ ଉଦ୍ଦେଶ୍ୟରେ ଦୀପଦାନ ଏବଂ ଶ୍ରାଦ୍ଧ ଦେଇଥାନ୍ତି ଏବଂ ତୃତୀୟ ଦିନ ଅର୍ଥାତ୍ ପ୍ରତିପଦା ତିଥିରେ ମହାପ୍ରଭୁ ବାସୁଦେବ, ଦେବକୀ, ଯଶୋଦା, ଇନ୍ଦ୍ରଦ୍ୟୁମ୍ନ ଓ ମା ଗୁଣ୍ଡିଚା ରାଣୀଙ୍କ ଦୀପଦାନ ଓ ଶ୍ରାଦ୍ଧ ଦେଇଥାନ୍ତି। ଏହି ଅବସରରେ ମହାପ୍ରଭୁ ନାଗପୁରୀ ଶାଢ଼ୀ ଚାଦର ରେ ଭୂଷିତ ହୋଇଥାନ୍ତି। ଏହି ବେଶରେ ମହାପ୍ରଭୁ କେବଳ ଧଳା ବସ୍ତ୍ର ପରିଧାନ କରିଥାନ୍ତି। ଏହି ବେଶ ସମୟରେ ବଡ ଠାକୁର ବଳଭଦ୍ର ୧୬ ହାତର ଲୁଗା ଏବଂ ମହାପ୍ରଭୁ ଶ୍ରୀ ଜଗନ୍ନାଥ ୧୬ ହାତର ଲୁଗା ପିନ୍ଧିଥିବା ବେଳେ କମ୍ପିଲ୍ୟ ବାସିନୀ ମାଁ ସୁଭଦ୍ରା ୧୨ ହାତର ନାଗପୁରି ଶାଢ଼ୀ ପରିଧାନ କରିଥାନ୍ତି। ନବରଙ୍ଗପୁର ଜିଲ୍ଲା ରାଜ ପୁରୋହିତ ତଥା ନିଯୋଗ ମୁଖ୍ୟ ଉପଦେଷ୍ଟା ନରସିଂହ ନାଥ ତ୍ରିପାଠୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଆଜିର ଏହି ଦେବ ଦୀପାବଳୀ ନୀତି ପାଳନ ସମୟରେ ମନ୍ଦିର ପୂଜକ ଦେବୀ ନାୟକ, ଶୁଭମ୍ ନାୟକ, ମହାଲକ୍ଷ୍ମୀ ମନ୍ଦିର ପୂଜକ ରବୀନ୍ଦ୍ର ଶତପଥୀ, ପ୍ରମୋଦ ଚନ୍ଦ୍ର ତ୍ରିପାଠୀ, ନିଯୋଗ ସଭାପତି ନରେଶ କୁମାର ତ୍ରିପାଠୀ, ନିଯୋଗ ଉପ ସଭାପତି ଦୁର୍ଗା ତ୍ରିପାଠୀ, ସୁମିତ କୁମାର ପାଳ, ପପୁ ତ୍ରିପାଠୀ, ତ୍ରାୟନାଥ ତ୍ରିପାଠୀ , ରାଜନ୍ ତ୍ରିପାଠୀ, ସତ୍ୟ ବେହେରା, ଅନିତା ମହାରଣା, ପିଣ୍ଟୁ ସାହୁ, ରାଜା ସାହୁ, ଦିପା ତ୍ରିପାଠୀ, ସଂଗୀତା ତ୍ରିପାଠୀ, ବାଲୁ ତ୍ରିପାଠୀ, ନରସିଂହ ବେହେରା, ଦୁର୍ଗା ପ୍ରମୁଖଙ୍କ ସମେତ ଶ୍ରୀ ଜଗନ୍ନାଥ ମନ୍ଦିର ନୀତି ପରିଚାଳନା ନିଯୋଗ ଏବଂ ଅଷ୍ଟ ପ୍ରହରୀ କମିଟିର ବହୁ ଶ୍ରୀଜଗନ୍ନାଥ ସେବକ ଓ ମନ୍ଦିରର ସମସ୍ତ କୀର୍ତ୍ତନ ମଣ୍ଡଳୀ ଏବଂ ବହୁ ଶ୍ରଦ୍ଧାଳୁ ଉପସ୍ଥିତ ଥିଲେ।

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି
"ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି, ନୈନଂ ଦହତି ପାବକଃ।
ନ ଚୈନଂ କ୍ଲେଦୟନ୍ତ୍ୟାପୋ, ନ ଶୋଷୟତି ମାରୁତଃ॥"



୰ ଲକ୍ଷ୍ମୀ ପୃଷ୍ଟି
ସ୍ୱା: ୰ ଅର୍ଜୁନ ପୃଷ୍ଟି
ଆବିର୍ଭାବ : ୨୪.୦୯.୧୯୪୦, ତିରୋଧାନ : ୦୮.୧୧.୨୦୨୫
ଆପଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ପାଇଁ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଅଛୁ।
କନ୍ୟା-ମମତା, ଜ୍ୱାଇଁ- ରାମେଶ୍ୱର, ପୁତ୍ର- ପ୍ରମୋଦ, ବସନ୍ତ, ସୁମନ୍ତ, ପ୍ରଶାନ୍ତ, ପୁତ୍ରବଧୂ, କନ୍ୟାକୁମାରୀ, ମାମୁନି, ମୁନକୀରାଣୀ, ରୂପାସିନ୍ଧୁ, ନାତି-ଓମ୍, ଗୋପାଳ, ସାଧୀନ, କାହ୍ନା, ନାତୁଣୀ ଜ୍ୱାଇଁ-ସାଧିନ, ନାତୁଣୀ- ମାମା, ସୋମା, ଶୁଭ, ଦିପି, ଲିପି, ଲିଙ୍କି, ପିଙ୍କି, ରଣପୁର ଓ
ଚାନ୍ଦପୁର କୋଣାର୍କ ଜୁଏଲାରୀ ପରିବାର ସମେତ ବନ୍ଧୁ ତଥା ଆତ୍ମୀୟ ସ୍ୱଜନଙ୍କ ଭକ୍ତିପୂତ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

## ଇନ୍ଦିରା ଗାନ୍ଧୀଙ୍କ ୧୦୮ ତମ ଜୟନ୍ତୀ



କୋରାପୁଟ,୨୦ା୧୧(ସମିସ): ଜିଲ୍ଲା ସଦର ମହକୁମାରେ ପୂର୍ବତନ ପ୍ରଧାନ ମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ୧୦୮ ତମ ଜୟନ୍ତୀ ପାଳିତ ହୋଇଯାଇଛି। କୋରାପୁଟ କୋର୍ଟ ଛକ ନିକଟରେ ଥିବା ପ୍ରତିମୂର୍ତ୍ତୀରେ କଂଗ୍ରେସ ଜିଲ୍ଲା ସଭାପତି ରୁପକ ତୁରୁକ, କଂଗ୍ରେସ କୋରାପୁଟ ନଗର ସଭାପତି ଜୟନ୍ତ କଟିମ, କାଉନ୍‌ସିଲର ଚନ୍ଦ୍ରପ୍ରଭା ହିଆଲ, ସନ୍ଧ୍ୟା ରାଣୀ ଜେନା,ପୁର୍ବତନ କାଉନସିଲର ବିଜୟ କୁମାର, ଯୁବ କଂଗ୍ରେସ ନେତା ରମେଶ ଖରାଙ୍କ ସହ କଂଗ୍ରେସ ନେତା ଓ କର୍ମୀ ଯୋଗ ଦେଇ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ସ୍ମୃତି ଚାରଣ କରିଥିଲେ।

● ଦାଦନ ଦୁଃଖ

## କେରଳରୁ ଶବ ହୋଇ ଫେରିଲେ ନିଲମ

କୋଷାଗୁମୁଡା,୨୦ା୧୧(ସମିସ): କିଛି ମାସ ତଳେ ପରିବାର ପୋଷିବା ପାଇଁ ଦାଦନ ଖଟିବାକୁ କେରଳ ଯାଇଥିଲେ ନିଲମ ପୂଜାରୀ(୪୫)। ହେଲେ ବିଗତ ରବିବାର ଦିନ



କେରଳ ଠାରେ ଏକ ଦୁର୍ଘଟଣାରେ ତାଙ୍କର ମୃତ୍ୟୁ ଘଟିଛି। ଏହି ଖବର ଶୁଣି କୋଷାଗୁମୁଡା ସଦର ଜାହାଜ ଭଟ୍ଟା ସାହିରୁ ପରିବାର ଲୋକେ କେରଳକୁ ଯାଇ ନିଲମଙ୍କ ମୃତ ଶରୀରକୁ ଆଣି ବୁଧବାର ରାତି ୧୧ଟାରେ ଆଣି ଘରେ ପହଞ୍ଚିଛନ୍ତି। ଗୁରୁବାର ଦିନ ତାଙ୍କର ଶବ ସତ୍କାର କରାଯାଇଛି। ନିଲମଙ୍କ ପତ୍ନୀ ଓ ୫ସନ୍ତାନଙ୍କ ସହ ପରିବାର ଦୁଃଖରେ ଭାଙ୍ଗିପଡିଥିବା ବେଳେ ଅତି ଗରିବ ପରିବାର ହୋଇଥିବା ଯୋଗୁଁ ତୁରନ୍ତ ସରକାରଙ୍କ ପକ୍ଷରୁ ଆର୍ଥିକ ସହାୟତା ଯୋଗାଇ ଦେବାକୁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି। ନିଜ ଅଞ୍ଚଳଠାରୁ ଅଧିକ ଅର୍ଥ ଉପାର୍ଜନ ପାଇଁ ଓଡିଶାରୁ ବାହାର ରାଜ୍ୟକୁ ଦାଦନ ଶ୍ରମିକ ଭାବେ କାମ କରିବାକୁ କୋଷାଗୁମୁଡା ଓ ନବରଙ୍ଗପୁର ଜିଲ୍ଲାର ଅନେକ ଶିକ୍ଷିତ ଯୁବକ ଯୁବତୀ ଯାଉଥିବା ବେଳେ ଅନେକଙ୍କ ମୃତ ଶରୀର ଘରକୁ ଫେରୁଛି। ନିଯୁକ୍ତି ଓ ଆତ୍ମନିଯୁକ୍ତି ଦେବା ପାଇଁ ସରକାରଙ୍କ ଅନେକ ଯୋଜନା ଏଠାରେ ଫେଲ୍ ମାରିଥିବା ଅଭିଯୋଗ ହେଉଛି।

● ପଞ୍ଚାୟତ ଷ୍ଟଲ୍ ଭାଙ୍ଗିବା ଘଟଣା

## ସରପଞ୍ଚ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ



କୋରାପୁଟ,୨୦ା୧୧(ସମିସ): ଲକ୍ଷ୍ମୀପୁର ବ୍ଲକ୍ ପଞ୍ଜଡା ଗ୍ରାମପଞ୍ଚାୟତର ଦୋକାନ ଗୃହ ଭାଙ୍ଗିବା ଅଭିଯୋଗରେ ସରପଞ୍ଚ ପ୍ରିୟଙ୍କା ଜାନି ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଗ୍ରାମର ନରେଶ ବିଶୋଇ ଏବଂ ଶଙ୍କର ବିଶୋଇ ବେଆଇନ ଭାବେ ମେସିନ୍ ଦ୍ୱାରା ୨୦୨୪ରେ ନିର୍ମିତ ଷ୍ଟଲ ସହ ପଞ୍ଚାୟତ ପାଚେରୀ ଭାଙ୍ଗିଥିବା ସରପଞ୍ଚ ପ୍ରିୟଙ୍କା ଜାନୀ ଅଭିଯୋଗ କରିଛନ୍ତି। ଶଙ୍କର ବିଶୋଇ ଓ ନରେଶ ବିଶୋଇ ପଞ୍ଚାୟତ କାର୍ଯ୍ୟାଳୟ ତାଙ୍କ ଜମିରେ ନିର୍ମାଣ ହୋଇଥିବା ଦର୍ଶାଇ ଜେସିବି ମେସିନ୍ ଲଗାଇ ପାଚେରି ଓ ଗୃହ ଭଙ୍ଗାରୁଜା କରିଥିଲେ। ଉକ୍ତ ପଞ୍ଚାୟତ ୧୯୬୮ ମସିହାରେ ସରକାରୀ ଜମି ଖାତା ନଂ -୭୦ ପ୍ଲଟ ନମ୍ବର-୧୬୫୮ରେ ନିର୍ମାଣ ହୋଇଥିଲା। ଦୀର୍ଘ ବର୍ଷ ପରେ ବର୍ତ୍ତମାନ ଉକ୍ତ ବ୍ୟକ୍ତିମାନେ ନିଜ ଜମିରେ ତାହା ହୋଇଥିବା କହି ପଞ୍ଚାୟତ ଗୃହ , ପଞ୍ଚାୟତର ଦୋକାନ ଗୃହ ଓ ପାଚେରୀକୁ ବିନା ଅନୁମତିରେ ଜେସିବି ଗାଡିରେ ଭଙ୍ଗାରୁଜା କରିଛନ୍ତି। ଘଟଣାକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ଦେଖା ଦେଇଛି। ସରପଞ୍ଚ ଏ ବିଷୟରେ ଗତ ମାସ ୨୭ ତାରିଖରେ ଲକ୍ଷ୍ମୀପୁର ବିଡିଓ, ତହସିଲଦାରଙ୍କ ସମେତ କାକିରିଗୁମ୍ମା ଥାନାରେ ଅଭିଯୋଗ କରିଥିଲେ। କିନ୍ତୁ କୌଣସି ସୁଫଳ ନମିଳିବାରୁ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଅନ୍ୟ ମାନଙ୍କ ମଧ୍ୟରେ ମିନ ଜାନି, ସିମାଞ୍ଚଳ ବିଶୋଇ, ଗୟା ରାମ ଜାନି, ଘନ ସାଉନ୍ତା, ଗିରି ଜାନି, ବୁଦୁ ଗରଡ଼ା, ଗୋପାଳ ବିଶୋଇ ପ୍ରମୁଖ ଗ୍ରାମବାସୀ ଜିଲ୍ଲାପାଳଙ୍କୁ ଭେଟି ଅଭିଯୁକ୍ତ ମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଅନୁରୋଧ କରିଛନ୍ତି।

## ବ୍ଲକ୍‌ସ୍ତରୀୟ ରାଷ୍ଟ୍ରୀୟ ବାଲ ବୈଜ୍ଞାନିକ ପ୍ରଦର୍ଶନୀ

ବୈପାରିଗୁଡ଼ା,୨୦ା୧୧(ସମିସ):

ବୈପାରୀଗୁଡା ବ୍ଲକ ସରକାରୀ ଉଚ୍ଚ ବିଦ୍ୟାଳୟରେ ବ୍ଲକସ୍ତରୀୟ ରାଷ୍ଟ୍ରୀୟ ବାଲ ବୈଜ୍ଞାନିକ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁକାନ୍ତ କାର୍ତ୍ତାମୀ ଏଥିରେ ଅଧ୍ୟକ୍ଷତା କରିଥିବାବେଳେ ମୁଖ୍ୟ ଅତିଥି ରୂପେ ବ୍ଲକ ଅଧ୍ୟକ୍ଷ ପ୍ରଶାନ୍ତ କୁମାର ଗୁପ୍ତା ଯୋଗ ଦେଇଥିଲେ। ଏହି ବିଜ୍ଞାନ ମେଳାରେ ମୋଟ ୯୭ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ମୂଲ୍ୟାୟନ ପାଇଁ କୁନ୍ଦୁରା ବିଜୁ ପଟ୍ଟନାୟକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଦୂର୍ଗା ମାଧବ ଦାସ ଏବଂ ସରକାରୀ ଡିଏଭି କଲେଜର ସହକାରୀ ପ୍ରଫେସର ଏଲ୍. ସତୀଶ କୁମାର ଆଚାର୍ଯ୍ୟ ଯୋଗ ଦେଇଥିଲେ। ଶ୍ରେଷ୍ଠ ବାଲ୍ ବୈଜ୍ଞାନିକ ଭାବେ ଚନ୍ଦ୍ରପଡା ସ୍ଥିତ ଗୁମ୍ମା ଆଦର୍ଶ ବିଦ୍ୟାଳୟର ଅଷ୍ଟମ ଶ୍ରେଣୀର ଛାତ୍ର ସୁପ୍ରଜ୍ଞାନ ପରିଡ଼ାଙ୍କୁ ସ୍ୱର୍ଗତ ପି. କସ୍ତୁରୀ ଏବଂ ପି. ତ୍ରିନାଥ ପାତ୍ରଙ୍କ ସ୍ମୃତିରେ ପୁରସ୍କୃତ କରାଯାଇଛି। ଏହି ଅବସରରେ ଉକ୍ତ କାର୍ଯ୍ୟକ୍ରମ ରେ ସମ୍ମାନୀୟ ଅତିଥି ଭାବେ ବ୍ଲକ ଉପାଧ୍ୟକ୍ଷା ପୂର୍ଣ୍ଣିମା ବାରିକ, ଜିଲ୍ଲା ପରିଷଦ -୧ ସଭ୍ୟ ରାଜେଶ ମହୁରିଆ, ଜିଲ୍ଲା ପରିଷଦ -୨ ସଭ୍ୟା ମଣୀ ଜାନୀ, ସମିତି ସଭ୍ୟା ମଞ୍ଜୁଲତା ପଟ୍ଟନାୟକ ଏବଂ ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ସୁରେନ୍ଦ୍ର ଖରା ଏବଂ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ତଥା ଆବାହକ ପ୍ରଦୀପ କୁମାର ଚର୍ଚ୍ଚି ଯୋଗ ଦେଥିଲେ।

ଆନ୍ଦୋଳନ ପରେ ଚେତିଲା ପ୍ରଶାସନ

# କୋଲାବ ଲୁହା ପୋଲ ମରାମତି ଆରମ୍ଭ

ବୈପାରିଗୁଡ଼ା/ଜୟପୁର, ୨୦ା୧୧(ସମିସ):

ବୈପାରିଗୁଡା ସୁରକ୍ଷା ମଞ୍ଚ ତରଫରୁ କୋଟା ଛକ ନିକଟସ୍ଥ କୋଲାବ ବ୍ରିଜ୍ ସୁରକ୍ଷା ନିମନ୍ତେ ବହୁବାର ଦାବି କରିଆସୁଥିଲେ। କିନ୍ତୁ ପ୍ରଶାସନିକ ଅଧିକାରୀଙ୍କ ତରଫରୁ କୌଣସି ପଦକ୍ଷେପ ନିଆଯାଉ ନଥିଲା। ବ୍ରିଜ୍ ନିର୍ମାଣ ହୋଇ ୯୪ ବର୍ଷ ବିତି ଯାଇଥିବା ବେଳେ ବ୍ରିଟିଶ ଅମଳର ଏହି ପୋଲ ଯାହାକି କୋରାପୁଟ ଏବଂ ମାଲକାନଗିରି ଦୁଇ ଜିଲ୍ଲାର ମେରୁଦଣ୍ଡ। କୋଲାବ ବ୍ରିଜ୍ ଭୁଷୁଡ଼ି ପଡ଼ିଲେ ମାଲକାନଗିରି ଜିଲ୍ଲା ସମେତ ଛତିଶଗଡ଼, ଆନ୍ଧ୍ରପ୍ରଦେଶ ଓ ତେଲେଙ୍ଗାନା ରାଜ୍ୟକୁ ଯୋଗାଯୋଗ ସମ୍ପନ୍ନ ବିଚ୍ଛିନ୍ନ ହୋଇପଡ଼ିବାର ସମ୍ଭାବନା ରହିଛି। ବାରମ୍ବାର ଦାବି ପରେ ଅକ୍ଟୋବର ୧୪ ତାରିଖ ଦିନ ଜୟପୁର ଉପଜିଲ୍ଲାପାଳଙ୍କୁ କୋଲାବ ବ୍ରିଜର ସୁରକ୍ଷା ନିମନ୍ତେ ଦାବି କରାଯାଇଥିଲା। ଦାବିକୁ ନଜରକୁ ଆଣି ଉପଜିଲ୍ଲାପାଳ ଜାତୀୟ ରାଜପଥ ବିଭାଗକୁ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ଜାତୀୟ ରାଜପଥ ବିଭାଗ ଏଥିପ୍ରତି ଦୃଷ୍ଟି ଦେଇନଥିଲେ। ତେବେ ବାଧହୋଇ ବୈପାରିଗୁଡା



ସୁରକ୍ଷା ମଞ୍ଚ ରାଜ ରାସ୍ତାକୁ ଓହ୍ଲାଇ ଥିଲା। ୧୮ ତାରିଖ ଦିନ ୫ ଘଣ୍ଟିଆ ରାସ୍ତାରୋକ କରାଯାଇଥିଲା। ବୈପାରିଗୁଡା ତହସିଲଦାର, ଜାତୀୟ ରାଜପଥ ବିଭାଗ ଯନ୍ତ୍ରୀ ଏବଂ ପୁଲିସ ଉପସ୍ଥିତିରେ ଶୀଘ୍ର ମରାମତି କାର୍ଯ୍ୟ ଆରମ୍ଭ ହେବା ସହ ନୂତନ ପୋଲ ନିର୍ମାଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଆଜି ଜାତୀୟ ରାଜପଥ ବିଭାଗ ଦ୍ୱାରା କୋଲାବ ବ୍ରିଜର ମରାମତି କାର୍ଯ୍ୟ ଆରମ୍ଭ ହୋଇଛି। ବ୍ରିଜର ସୁରକ୍ଷା ପାଇଁ ଚୋରି ହୋଇଥିବା ଏବଂ ଭାଙ୍ଗି ପଡିଥିବା ଲୁହା ଖୋଲେଇ କାମ ଆରମ୍ଭ ହୋଇଛି।

## ଦୁର୍ଘଟଣାରେ ଜଣେ ମୃତ, ୪ ଆହତ

ସେମିଳିଗୁଡ଼ା, ୨୦ା୧୧ (ସମିସ): କୋରାପୁଟ ଜିଲ୍ଲାର ସେମିଳିଗୁଡ଼ା ଥାନା ଅନ୍ତର୍ଗତ କୋଡିଙ୍ଗାରୁ ଜାନିଗୁଡ଼ା ଗୃହ ଅଭିମୁଖେ ନିଜର ପୁଅକୁ ଟିଉସନରୁ ଧରି ଫେରିବାବେଳେ ଏକ ମୋଟର ସାଇକଲ ଧକ୍କାରେ ଜଣେ ମହିଳାଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଛି। ଏଥିରେ ଜଣେ ମହିଳାଙ୍କ ସମେତ ୩ ଜଣ ଆହତ ହୋଇଛନ୍ତି। ସୂଚନା ଅନୁସାରେ ସେମିଳିଗୁଡ଼ା ନିକଟ ଜାନିଗୁଡ଼ା ଗ୍ରାମର ବିକି ବେହେରା (୩୨), ମିନତି ରାଓ ଓ ଅନ୍ୟ ଜଣେ ମହିଳାଙ୍କ ସହ ନିଜ ପୁଅକୁ ଟିଉସନରୁ ଆଣିବାକୁ ବୁଧବାର ସନ୍ଧ୍ୟାରେ ଚାଲିଚାଲି ଫେରୁଥିବାବେଳେ ସେମିଳିଗୁଡ଼ା ପଟୁ ଏକ କେଟିଏମ୍ ବାଇକ୍‌ରେ ୩ ଜଣ ଯୁବକ ଦ୍ରୁତ ଗତିରେ ଆସି ପଛ ପଟୁ ଧକ୍କା ଦେଇଥିଲେ। ଫଳରେ ବିକି ଓ ମିନତୀ ରାସ୍ତା କଡ଼କୁ ଛିଟିକି ପଡ଼ି ଗୁରୁତର ଭାବେ ଆହତ ହୋଇଥିଲେ। ଖବର ପାଇ ସେମିଳିଗୁଡ଼ା ଥାନା ଅଧିକାରୀ ଅନିତା କୁଲୁରୁ ସଦଳବଳ ଘଟଣାସ୍ଥଳରେ ପହଞ୍ଚି ଆହତଙ୍କୁ ସୁନାବେଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ରାସ୍ତାରେ ବିକିଙ୍କ ମୃତ୍ୟୁ ଘଟିଥିବା ବେଳେ ସୁନିତା ଗୁରୁତର ଆହତ ହୋଇଛନ୍ତି। ତିନି ଗୁରୁତର ଆହତଙ୍କୁ ସୁନାବେଡ଼ା ପୌର ପରିଷଦ ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ କୋରାପୁଟ ସହିଦ ଲକ୍ଷ୍ମଣ ନାୟକ ଭେଷଜ ମହାବିଦ୍ୟାଳୟ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ମୃତ ମହିଳାଙ୍କ ଶବ ସୁନାବେଡ଼ା ଡାକ୍ତରଖାନାରେ ଥିବା ବେଳେ ଗୁରୁବାର ଶବ ବ୍ୟବଚ୍ଛେଦ ପରେ ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯିବ ବୋଲି ପୁଲିସ ସୂଚନାରୁ ଜଣାପଡ଼ିଛି। ପୁଲିସ ବାଇକକୁ ଜବତ କରି ତଦନ୍ତ ଆରମ୍ଭ କରିଛି।

## ଓଲଟି ପଡିଲା ପିକ୍‌ଅପ୍

ପାପଡାହାଣ୍ଡି,୨୦ା୧୧(ସମିସ): ଆଜି ପାପଡାହାଣ୍ଡି-ଜଟାବାଲ ରାସ୍ତାରେ ଭାରସାମ୍ୟ ହରାଇ ଏକ ପିକ୍‌ଅପ୍ ଗାଡ଼ି ଓଲଟି ପଡ଼ିବାରୁ ଚାଳକ ଓ ହେଲପର୍ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଦୁର୍ଘଟଣା ପରେ ଡ୍ରାଇଭର ଓ ହେଲ୍‌ପର ଫେରାର ରହିଛନ୍ତି। ପାପଡାହାଣ୍ଡି ପୁଲିସ ପହଞ୍ଚି ଘଟଣାସ୍ଥଳରେ ତଦନ୍ତ ଆରମ୍ଭ କରିଛି। ଅତ୍ୟଧିକ ଦ୍ରୁତ ଚାଳନା ଯୋଗୁଁ ଦୁର୍ଘଟଣା ଘଟିଥିବା ସନ୍ଦେହ କରାଯାଉଛି । ସୂଚନା ମୁତାବକ ପିକ୍‌ଅପ୍ ନମ୍ବର ଓଆର ୨୪ ଇ ୬୪୪୧ ପାପଡାହାଣ୍ଡିରୁ ଚେରଚେଟା ପଞ୍ଚାୟତର କରଟିଆଗୁଡା ଯିବା ସମୟରେ ରାସ୍ତାରୁ ଜଙ୍ଗଲ ଭିତରେ ଯାଇ ଓଲଟି ପଡିଥିଲା। ସ୍ଥାନୀୟ ଲୋକେ ଉଦ୍ଧାର କରିବାକୁ ଯାଇଥିବା ବେଳେ ଡ୍ରାଇଭର ଓ ହେଲ୍ପର ଫେରାର ଥିଲେ। ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

## ପ୍ରତିଶ୍ରୁତି ରଖିଲେ ବିଧାୟକ



ପୋଡ଼ାଗଡ଼, ୨୦ା୧୧(ସମିସ): ସ୍ୱାଧୀନତାର ୭୮ ବର୍ଷ ପରେ ବି ପଞ୍ଚାୟତ ମହକୁମାରୁ ଗ୍ରାମକୁ ଯିବାକୁ ହେଲେ ୧୭ ରୁ ୨୦ କିମି ବୁଲି ଯିବାକୁ ପଡୁଥିଲା। କୌଣସି ସରକାରୀ ଅଧିକାରୀ କିମ୍ବା ଜନପ୍ରତିନିଧି ଏଥିପ୍ରତି ଧ୍ୟାନ ଦେଉ ନଥିଲେ। ନିର୍ବାଚନ ଆସିଲେ ଅନେକ ନେତା ଉକ୍ତ ଅଞ୍ଚଳକୁ ଯାଇ ପ୍ରତିଶ୍ରୁତି ହିଁ ଦେଉଥିଲେ। ଜିତିଗଲା ପରେ ଆଉ ଏଥିପ୍ରତି ଧ୍ୟାନ ଦେଇନଥିଲେ। କିନ୍ତୁ ଲକ୍ଷ୍ମୀପୁର ନିର୍ବାଚନ ମଣ୍ଡଳୀର ବିଧାୟକ ନିର୍ବାଚନ ପୂର୍ବରୁ ଦେଇଥିବା କଥା ଆଜି ପୁରଣ କରିଛନ୍ତି। କୋରାପୁଟ ଜିଲ୍ଲା ଦଶମନ୍ତପୁର ବ୍ଲକ ଅଧିନସ୍ଥ ମୂଜାଙ୍ଗ ପଞ୍ଚାୟତ ଅନ୍ତର୍ଗତ ଚାରି ଖଣ୍ଡ ଗ୍ରାମକୁ ଯିବାକୁ ବାଲିଗୁଡା ନଦୀ ପାର ହୋଇ ଯିବାକୁ ପଡୁଥିଲା। ନଚେତ୍ ୧୭ ରୁ ୨୦ କିମି ବୁଲି ଦାମନଯୋଡି ଦେଇ ପଞ୍ଚାୟତକୁ ଯିବାକୁ ପଡୁଥିଲା। କିନ୍ତୁ ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଉନ୍ତାଙ୍କ ପ୍ରୟାସରେ ଉକ୍ତ ନଦୀ ଉପରେ ବାଲିଗୁଡା ନିକଟରେ ପୋଲ ନିର୍ମାଣ ନିମନ୍ତେ ପ୍ରାୟ ୪କୋଟିରୁ ଅଧିକ ଟଙ୍କା ବିନିମୟରେ ଏକ ପୋଲ ନିର୍ମାଣ ପାଇଁ ଆଜି ଭିତ୍ତିପ୍ରସ୍ତର ସ୍ଥାପନ କରାଗଲା। ଏହିପୋଲ ହେଲେ ପଞ୍ଚାୟତକୁ ଯିବା ପାଇଁ ମାତ୍ର ୩ ରୁ ୪ କିମି ହେବ। ଫଳରେ ୪ ଖଣ୍ଡ ଗ୍ରାମ ଯଥା ବାଲିଗୁଡା କଙ୍କଡା ପୁଟଦଙ୍ଗା, ଏତପୁଟ, ଡୁମା ଗୁଡା ଏବଂ କୋରାପୁଟ ବ୍ଲକ ଲିଟିଗୁଡାର ୨ ଖଣ୍ଡ ଗ୍ରାମବାସୀ ଉପକୃତ ହେବେ ବୋଲି ଅଞ୍ଚଳବାସୀ କହିଛନ୍ତି। ଏହି ପୋଲ ହେଲେ ବାର୍ଦ୍ଧକ୍ୟ ଭତ୍ତା, ପିଡିଏସ୍ ଚାଉଳ ଆଣିବା ପାଇଁ ପଞ୍ଚାୟତ ଯିବା ପାଇଁ ସୁବିଧା ହେବା ନେଇ ଅଞ୍ଚଳବାସୀ ଖୁସି ବ୍ୟକ୍ତ କରିଛନ୍ତି। ଏହାଛଡା ନିକଟ ପୋଡ଼ାଗଡ ହାଟ ଉପରେ ଅଞ୍ଚଳବାସୀ ନିର୍ଭର କରୁଥିବାରୁ ପୋଡ଼ାଗଡ ସାପ୍ତାହିକ ହାଟ ଯିବାକୁ ମାତ୍ର ୭ କିମି ଯିବାକୁ ହେବ। ପୋଲ ନଥିବା ହେତୁ ପ୍ରାୟ ୨୭ କିମି ବୁଲି ହଟକୁ ଯିବାକୁ ପଡୁଥିଲା। ଏହି ଭିତ୍ତିପ୍ରସ୍ତର ସ୍ଥାପନରେ ମୁଖ୍ୟ ଅତିଥି ଭାବେ ଲକ୍ଷ୍ମୀପୁର ବିଧାୟକ ଯୋଗ ଦେଇ ଥିବା ବେଳେ ସମ୍ମାନିତ ଅତିଥି ଭାବେ କୋରାପୁଟ ଜିଲ୍ଲା କଂଗ୍ରେସ କମିଟିର ସଭାପତି ରୂପକ ତୁରୁକ୍ ଉପସ୍ଥିତ ଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଦଶମନ୍ତପୁର ବ୍ଲକ ସାଂସଦଙ୍କ ପ୍ରତିନିଧି ପଙ୍କଜ ବାଘ, ବ୍ଲକ ସଭାପତି ମୋହନ ପାତ୍ର ହିଆଲ ଜୋନ ୨ ଜିଲ୍ଲା ପରିଷଦ ସଭ୍ୟ ଧନପତି ସାଉନ୍ତା, ସ୍ଥାନୀୟ ପଞ୍ଚାୟତର ସମିତି ସଭ୍ୟ, ଏ ମାଲକାନଗିରି ସରପଞ୍ଚ କୁମୁଟି ଜାନି ଯୁବ ସମାଜସେବୀ ଦେବେନ୍ଦ୍ର କୁଲଦୀପ, ପୋଡ଼ାଗଡ ପଞ୍ଚାୟତର ନାଏବ ସରପଞ୍ଚ ଆସେର ବେନିଆ ସିଦ୍ଧୁ କୁଲଦୀପ ଯୁଧିଷ୍ଠୀର ବିଶୋଇ, ଟୁନା ଖୋରା, ଲୋଚନ ବିଶୋଇ, ଭଗବାନ ବାରିକ, ଚରଣ ଭୋଇ, ମାଧବ କମାର. ପ୍ରଭୁଦାନ ବାଘ, ବଳ ବିଶୋଇଙ୍କ ସମେତ ଅଞ୍ଚଳବାସୀ ଉପସ୍ଥିତ ଥିଲେ। କଥା ଦେଇ କଥା ରଖିଥିବାରୁ ବିଧାୟକ ପବିତ୍ର ସାଉନ୍ତାଙ୍କୁ ଅଞ୍ଚଳବାସୀ ଧନ୍ୟବାଦ ଜଣାଇଛନ୍ତି। ବାଲିଗୁଡା ନଦୀରେ ପୋଲ ହେଉଥିବାରୁ ୪ଖଣ୍ଡ ଗ୍ରାମବାସୀଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି।

## ରାଜ୍ୟ କ୍ରିକେଟ୍ ଦଳରେ ଜୟପୁରର ଆଦିତ୍ୟ

ଜୟପୁର, ୨୦ା୧୧ (ସମିସ) : ଆସନ୍ତା ସୟଦ ମୁସ୍ତାକ ଅଲ୍ଲୀ ଆନ୍ତଃ ରାଜ୍ୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ପାଇଁ ଓଡ଼ିଶାର ୨୦ ଜଣ ଖେଳାଳିଙ୍କୁ ଚୟନ କରାଯାଇଛି। ଏଥିରେ ଜୟପୁରର ଯୁବକ ଆଦିତ୍ୟ ରାଉତଙ୍କୁ ମଧ୍ୟ ଚୟନ କରାଯାଇଛି। ଏହି ୨୦ ଜଣିଆ ଦଳରେ ଜୟପୁରର ଖେଳାଳି ଆଦିତ୍ୟ ସ୍ଥାନ ପାଇଥିବା ଯୋଗୁଁ ସ୍ଥାନୀୟ ଖେଳାଳିଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଥିବା ବେଳେ ତାଙ୍କର ସଫଳତା ପାଇଁ ଶୁଭକାମନା କରିଛନ୍ତି। ବୋର୍ଡ ଅଫ୍ କଣ୍ଟ୍ରୋଲ ଫର କ୍ରିକେଟ ଇନ୍ ଇଣ୍ଡିଆ (ବିସିସିଆଇ) ପକ୍ଷରୁ ଆୟୋଜିତ ଆସନ୍ତା ସୟଦ ମୁସ୍ତାକ ଅଲ୍ଲୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ପାଇଁ ଆଜି ଓଡ଼ିଶା କ୍ରିକେଟ କଣ୍ଟ୍ରୋଲ (ଓସିସି)ର ଖେଳାଳି ଚୟନ କମିଟିର ଅଧ୍ୟକ୍ଷ ସୌରଜିତ ମହାପାତ୍ର ରାଜ୍ୟ ପୁରୁଷ ଦଳର ୨୦ ଜଣ ଖେଳାଳିଙ୍କ ନାମ ଘୋଷଣା କରିଛନ୍ତି। ଏହି ୨୦ ଜଣିଆ ଦଳ ମଧ୍ୟରୁ ଶ୍ରେଷ୍ଠ ୧୫ ଜଣ ଖେଳାଳିଙ୍କୁ ଚୟନ କରାଯାଇ ଆୟୋଜିତ ସ୍ଥାନକୁ ପାଠଯିବ ଏବଂ ଅନ୍ୟ ୫ ଜଣଙ୍କୁ ଷ୍ଟାଣ୍ଡବାଇରେ ରଖାଯିବ।

## ଜିଲ୍ଲାସ୍ତରୀୟ ସମବାୟ ମହୋତ୍ସବ




ମାଲକାନଗିରି,୨୦ା୧୧(ସମିସ): ମାଲକାନଗିରି ଜିଲ୍ଲା ସଦରମହକୁମା ସ୍ଥିତ ସଂସ୍କୃତି ଭବନରେ ନିଖିଳ ଭାରତ ସମବାୟ ସପ୍ତାହ ପାଳନ ଅବସରରେ ଜିଲ୍ଲା ସ୍ତରୀୟ ମହୋତ୍ସବ ୨୦୨୫ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମାଲକାନଗିରି ଜିଲ୍ଲା ସମବାୟ ସମୂହର ଉପ ନିବନ୍ଧକ ଥିଓଫିଲ ଶବର ଅଧ୍ୟକ୍ଷତା କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ବେଦବର ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କେସିସି ବ୍ୟାଙ୍କ ନିର୍ଦ୍ଦେଶକ ଗୋପୀ ପାଙ୍ଗୀ, ବିଧାୟକ ପ୍ରତିନିଧି ନିହାର ରଞ୍ଜନ ରାୟ, ସହକାରୀ ନିବନ୍ଧକ ବି. ଭେଙ୍କଟ ରାଓ ଓ ସମବାୟ ଅଡିଟର କାହ୍ନୁ ଚରଣ ଗୌଡ଼ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଥମେ ଉପ ନିବନ୍ଧକ ଥିଓଫିଲ ଶବର ସମବାୟ ବିଭାଗ ତରଫରୁ ଆଗତ ଶୀର୍ଷକ ଆତ୍ମନିର୍ଭର ଭାରତ ପାଇଁ ସମବାୟ ଏକ ମାଧ୍ୟମ ଉପରେ ଆଲୋକପାତ କରିଥିଲେ। ବରିଷ୍ଠ ଓ କନିଷ୍ଠ ବର୍ଗର ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ହୋଇଥିବା ରଚନା, ପ୍ରବନ୍ଧ ଲିଖନ ଓ ବକ୍ତୃତା ପ୍ରତିଯୋଗିତାରେ ବିଭିନ୍ନ ବିଦ୍ୟାଳୟର କୃତିତ୍ୱ ଅର୍ଜନ କରିଥିବା ୧୨ ଜଣ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ମାଲକାନଗିରି ସମବାୟ ବିଭାଗ ତରଫରୁ ମାଁ ଶାନ୍ତିସେନା ସ୍ୱୟଂ ସହାୟକ ଗୋଷ୍ଠୀକୁ ସର୍ବୋତ୍ତମ ଏସ୍‌ଏଚ୍‌ଜି, କୁଡୁମୁଲୁଗୁମ୍ମା ଲ୍ୟାମ୍ପସକୁ ସର୍ବଶ୍ରେଷ୍ଠ ଲ୍ୟାମ୍ପସ ଓ ସଦସ୍ୟ ଭଗବାନ ସାହୁଙ୍କୁ ଉତ୍ତମ ଲ୍ୟାମ୍ପସ ନିର୍ଦ୍ଦେଶକ ଭାବରେ ସମ୍ମାନିତ କରାଯାଇଛି। ଶେଷରେ ମାଥିଲି ଲ୍ୟାମ୍ପସର ପରିଚାଳନା ନିର୍ଦ୍ଦେଶିକା ସନ୍ତୋଷୀ ପରିଡା ଅତିଥି ମାନଙ୍କୁ ଧନ୍ୟବାଦ ଦେଇଥିଲେ। ସହକାରୀ ନିବନ୍ଧକ ସଞ୍ଜୟ କୁମାର ଦାସ ଓ ଅନ୍ୟ କର୍ମଚାରୀ ମାନେ ମଞ୍ଚ ପରିଚାଳନା କରିଥିଲେ।

## କୋଟପାଡ଼ ଏନ୍‌ଏସିସ୍ତରୀୟ ସଂଘ ଗଠନ

କୋଟପାଡ,୨୦ା୧୧(ସମିସ): ଆଜି କୋଟପାଡ ସହରର ଗୋପବନ୍ଧୁ ପାଠାଗାର ଠାରେ ଓଡ଼ିଶା ବନ୍ଦେ ଉତ୍କଳ ଲୋକକଳା ଓ ଲୋକ ସଂସ୍କୃତି ମହାସଂଘ ତରଫରୁ କାର୍ଯ୍ୟକାରିଣୀ ସଭାପତି ପ୍ରମୋଦ ଦାସଙ୍କ ଆହ୍ୱାନ କ୍ରମେ ଜିଲ୍ଲା ସଂଯୋଜକ ସରୋଜ କୁମାର ପଟ୍ଟନାୟକ, ବାଲାଜୀ ନାୟକଙ୍କ ଉପସ୍ଥିତିରେ ବୈଠକ ହୋଇଥିଲା। କୋଟପାଡ ସହରରୁ ଆସିଥିବା ଅନେକ ସଭ୍ୟଙ୍କ ଉପସ୍ଥିତିରେ କୋରାପୁଟ ଜିଲ୍ଲା ସଭାପତି ହେମନ୍ତ କୁମାର ପାତ୍ର ଏଥିରେ ସଭାପତିତ୍ୱ କରିଥିଲେ। ଏ ଅବସରରେ ସଂଘର ଜିଲ୍ଲା ଉପଦେଷ୍ଟା ଦେବେନ୍ଦ୍ର ନାଥ ବୈଦ୍ୟ ସଂଘର ଆଭିମୁଖ୍ୟ ବିଷୟରେ ସୁନ୍ଦର ଭାବରେ ବୁଝାଇଥିଲେ। ଏ ପରିପ୍ରେକ୍ଷୀରେ କୋଟପାଡ଼ ଏନ୍‌ଏସିସ୍ତରୀୟ ସଂଘ ଗଠନ ହୋଇଛି। ଏଥିରେ ସର୍ବ ସମ୍ମତି କ୍ରମେ ସଭାପତି ରୂପେ ଗୌର ଚନ୍ଦ୍ର ମହାନ୍ତି, ଉପ ସଭାପତି ରୂପେ ଗୌର ଦିୱାନ୍, ସମ୍ପାଦକ ରୂପେ ଅନିଲ କୁମାର ପଟ୍ଟନାୟକ, ସହ ସମ୍ପାଦକ ସୁଶାନ୍ତ ପ୍ରଧାନ, କୋଷାଧ୍ୟକ୍ଷ ରୂପେ କୁଞ୍ଜ ବିହାରି ବୈଦ୍ୟ ପଟ୍ଟନାୟକଙ୍କୁ ଚୟନ କରାଯାଇଛି। ରଞ୍ଜନ ମହୁରୀଆ, ଗୌର ମହାନ୍ତି, ଶେଖର ଦାଶ ସଂଘକୁ କିପରି ଆଗେଇ ନିଆଯିବ, ଆଭିମୁଖ୍ୟକୁ ସମର୍ଥନ ଦେଇ ଏ ଅଞ୍ଚଳରେ କଳାର ବିକାଶ କେମିତି ହେବ ସେ ବିଷୟରେ ସୁନ୍ଦର ଭାବରେ ବକ୍ତବ୍ୟ ରଖିଥିଲେ। ଶେଷରେ ଜିଲ୍ଲା ସଭାପତି ଧନ୍ୟବାଦ ଅର୍ପଣ କରିଥିଲେ।

## ବ୍ଲକ୍‌ସ୍ତରୀୟ ରାଷ୍ଟ୍ରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ

ନନ୍ଦପୁର,୨୦ା୧୧(ସମିସ): ସ୍ଥାନୀୟ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ବ୍ଲକ୍‌ସ୍ତରୀୟ ରାଷ୍ଟ୍ରୀୟ ବାଲ ବୈଜ୍ଞାନିକ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧୀନସ୍ଥ ୪୫ଟି ସ୍କୁଲରୁ ଆସିଥିବା ବିଦ୍ୟାର୍ଥୀମାନେ ଗଣିତ, ବିଜ୍ଞାନ, ପରିବେଶ, ନବୀକରଣ ଓ ପ୍ରଯୁକ୍ତି ସମ୍ପର୍କିତ ବିଭିନ୍ନ ବିଷୟରେ ମୋଟ ୧୧୮ଟି ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। ଏହି ଅବସରରେ ଛାତ୍ରଛାତ୍ରୀମାନଙ୍କୁ ମାନପତ୍ର ଓ ସ୍ମୃତି ସ୍ମାରକ ଚିହ୍ନ ପ୍ରଦାନ କରି ସମ୍ମାନିତ କରାଯାଇଥିଲା।



ମୁଖ୍ୟ ଅତିଥି ଭାବେ ନନ୍ଦପୁର ବିଡିଓ ଦୂର୍ଗା ପ୍ରସାଦ ଦୋରା, ତହସିଲଦାର ଦେବବ୍ରତ ମହାରଣା, ଏବିଇଓ ମମତାଜ ଗୋମାଙ୍ଗୋ ଏବଂ ବିଦ୍ୟାଳୟର ପ୍ରଧାନଶିକ୍ଷୟତ୍ରୀ ଅଞ୍ଜୁଲତା ଗରଡ଼ା ମଞ୍ଚ ଅଳଙ୍କୃତ କରି କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ। ବିଜ୍ଞାନ ପ୍ରଦର୍ଶନୀରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ମାନପତ୍ର ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରଦୀପ କୁମାର ତ୍ରିପାଠୀ ମଞ୍ଚ ପରିଚାଳନା କରିଥିବା ବେଳେ ବ୍ଲକ୍‌ର ସିଆର୍‌ସିସି ବୃନ୍ଦ ଭଗବାନ ମହାପାତ୍ର, ରାମଚନ୍ଦ୍ର ପାଢ଼ୀ, ମନୋଜ ଦାସ, ଲମ୍ବୋଦର ବେହେରା, ପ୍ରଶାନ୍ତ କନ୍ଧ ପାନ, ମଣ୍ଟୁ ଦଳେଇ, ଶଶାଙ୍କ ଜେନା, ଶାଶ୍ୱତୀ ଭୋଳ, କୋଟିନି ସୀତାରାମାୟା, ବିଦ୍ୟା ପାଣିଗ୍ରାହୀ ଓ ନିରଞ୍ଜନ ମହାନନ୍ଦିଆ ସହ ବିଦ୍ୟାଳୟର ସମସ୍ତ ଶିକ୍ଷକ ମାନେ ଯୋଗ ଦେଇଥିଲେ।

# ଲୋକଙ୍କୁ ଆକର୍ଷଣ କରୁଛି ଅଳସୀ କ୍ଷେତ

ଉମରକୋଟ,୨୦ା୧୧ (ସମିସ):

ନବରଙ୍ଗପୁର ଜିଲ୍ଲା ଉମରକୋଟ ସହର ଠାରେ କୁହୁଡି ଆଉ କାକରର ଭେଟ ହୁଏ। ମାଟି ଆଉ ମେଘର ମିଳନ ପାଇଁ ଶେଯ ସଜଡା ହୁଏ। କିଆରି କିଆରି ହସର ହାଟରେ ପବନ ପ୍ରେମର ଫରଫ୍ୟୁମ୍ ମାରେ। କୁଞ୍ଜ କୁଞ୍ଜିଆ ପାହାଡ କଡେ କଡେ ଶୀତ ସହ ସନ୍ଧି କରି କାକର ଫୁଲେଇ ଫୁଲ ସହ ପରକୀୟା ପ୍ରୀତିରେ ମାତେ। ରାତି ଗାଢ ହୁଏ, ମାଟି ଓଦା ହୁଏ, ଛାତି ବତୁରିଯାଏ। ଆଉ ସକାଳ ହେଲା ବେଳକୁ ସବୁ ଲୁଚାଛୁପା ପ୍ରେମ ଫର୍ଚ୍ଚା ଆଲୁଅରେ



ଧରାପଡେ। ନିଜକୁ ପଚାରି ପଚାରି ଅଳସୀ ପୁଣି ଆଖିରେ କଜଳ ମାଖେ। ଆଉ ବାଟୋଇଙ୍କୁ ଆକର୍ଷିତ କରିବାକୁ ଇସାରା ଦିଏ। ଶୀତ ଆଉ ଅଳସୀ ଫୁଲର ଏକ ଅପୂର୍ବ ସଂଯୋଗ। ଜଣେ ଆସିଲେ, ଆଉ ଜଣେ ଫୁଟେ, ବାସେ, ମହକି ଯାଏ। ସେଇଥିପାଇଁ ତ ଉମରକୋଟ ଠାରେ ହଳଦିଆ ଫୁଲ ଲୋକଙ୍କୁ ହାତ ଠାରି ଡାକିଲାଣି। ଶୀତ ସକାଳର ସଜ ସଜ ଉଇଁଥିବା ସୂର୍ଯ୍ୟଙ୍କ ସୁନେଲି କିରଣ ପଡି ଆହୁରି ସୁନ୍ଦର ଦିଶେ ଅଳସୀ। ଏକର ଏକର ଜମିରେ ଅଳସୀ ଫୁଲର ସମ୍ଭାର ପ୍ରକୃତି ପ୍ରେମୀଙ୍କୁ ମନ୍ତ୍ରମୁଗ୍ଧ କରେ, ବିଭୋର କରେ। ଆଉ ଅଳସୀ ଫୁଲରେ ସୂର୍ଯ୍ୟଙ୍କ ପହିଲି କିରଣ ପଥଚାରୀଙ୍କୁ ମତୁଆଲା କରୁଛି। ପଥଚାରୀଙ୍କୁ ସମସ୍ତଙ୍କ ଆଳସ୍ୟକୁ ଦୂର କରି ଆନମନା କରୁଛି ଅଳସୀ ଫୁଲର ଅପୂର୍ବ ସମ୍ଭାର। ଉମରକୋଟ ସକାଳ କାଳେ ଭାରି ରୋମାଣ୍ଟିକ, ଅନ୍ୟ ସ୍ଥାନର ସକାଳ ପରି। ଯିଏ ଯାଇଛି ସେ ଜାଣିଥିବ। ଉମରକୋଟ ସହରର ଆଖପାଖ ଅଞ୍ଚଳରେ ସକାଳେ କୁକୁଡିର କୁହୁକ ଦେଖିବାକୁ ମିଳୁଛି। ରାସ୍ତା ଘାଟରେ କୁକୁଡିମାନେ କବିତା ପଢୁଥିବା ବେଳେ ଶୀତୁଆ ଓଠ ଉଷୁମ ଚା କପ ଖୋଜେ। ଲୋକେ ଶୀତର ଅତିଥି ଅଳସୀ ସହ ନିରୋଳାରେ ସମୟ ବିତେଇବାକୁ ଧାଇଁ ଯାଆନ୍ତି ନିଛାଟିଆ ବିଲ ଗହୀରକୁ, ଆଉ ଫୋଟ ଉଠାଇ ସେଲ୍ଫି ନେଇଥାନ୍ତି।

## ଦୁର୍ଗମ ଫଗୁଣସିନେରୀରେ ସ୍ୱାସ୍ଥ୍ୟ ଶିବିର


ପଟ୍ଟାଙ୍ଗି,୨୦ା୧୧(ସମିସ): ପଟ୍ଟାଙ୍ଗି ବ୍ଲକ କୋଟିଆ ଗ୍ରାମ ପଞ୍ଚାୟତ ଫଗୁଣସିନେରୀ ପ୍ରାଥମିକ ବିଦ୍ୟାଳୟରେ ଗୁରୁବାର ଏକ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି।ପଟ୍ଟାଙ୍ଗି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡ଼ା.ଭାଗବତ ମୁର୍ମୁ ଏବଂ ଗୋଷ୍ଠୀ ଉନ୍ନୟନ ଅଧିକାରୀ ରାମ କୃଷ୍ଣ ନାୟକ ଙ୍କ ତତ୍ୱାବଧାନରେ ଶିବିରଟି ପରିଚାଳିତ ହୋଇଅଛି।ଶିଶୁରୋଗ ବିଶେଷଜ୍ଞ ଡ଼ାଃ ଶମ୍ଭୁ ଶଙ୍କର ପାତ୍ର, ପଟ୍ଟାଙ୍ଗି ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରର ଡ଼ାଃ ରାକେଶ ବିଶ୍ୱାଳ,ଡ଼ାଃ ଦୁର୍ଗା ମାଧବ ପଣ୍ଡା ଓ ଚକ୍ଷୁ ଚିକିତ୍ସା ଅଧିକାରୀ ବିଜୟ କୁମାର ଆଚାର୍ଯ୍ୟ ଯୋଗଦେଇ ରୋଗୀ ଚିକିତ୍ସା କରିଥିଲେ।ବିପିଏମ ମଧୁଲିକା ପାଢ଼ୀ,ପିଏଚଇଓ ଆରତୀ ଗୁଡ଼ିଆ ଓ ସୁପରଭାଇଜର ସୁବ୍ରତ ଶର୍ମା ଶିବିର ଆୟୋଜନର ନେତୃତ୍ୱ ନେଇଥିଲେ।ଶିବିରରେ ବିଭିନ୍ନ ଗ୍ରାମର ୧୬୨ବ୍ୟକ୍ତି ଯୋଗ ଦେଇଥିଲେ।୩୨ ଜଣ ଶିଶୁ,୩୭ଚକ୍ଷୁ ରୋଗୀ ଓ ୯୩ଜଣ ଅନ୍ୟ ସାଧାରଣ ରୋଗୀ ଯୋଗ ଦେଇଥିଲେ।ରୋଗୀଙ୍କର ରକ୍ତଚାପ,ରକ୍ତଶର୍କରା ଆଦି ଅଣ ସଂକ୍ରାମକ ରୋଗ ପରୀକ୍ଷା ଓ



ପରାମର୍ଶ ସହିତ ରୋଗୀଙ୍କୁ ଔଷଧ ବଣ୍ଟନ କରାଯାଇଥିଲା।ଫାର୍ମାସୀ ଅଧିକାରୀ ଲକ୍ଷ୍ମଣ ପାଣିଗ୍ରାହୀ ଓ ନିରଞ୍ଜନ ରଣା,ଭିବିଡିଟିଏସ ସୌମ୍ୟ ରଞ୍ଜନ ମିଶ୍ର,ଏଲ ଟି ଅନିତା ନାଗ,ସ୍ୱାସ୍ଥ୍ୟକର୍ମୀ ସୁବାସ ଚପାଡ଼ି ଓ ସୁନୀତା ତାଡ଼ିଙ୍ଗି,କର୍ମଚାରୀ ରାଜୁ ହନ୍ତାଳ ଓ ଜଗବନ୍ଧୁ ଗେମେଲ ପ୍ରମୁଖ ଉପସ୍ଥିତ ରହି ପରିଚାଳନା କରିଥିଲେ।ବହୁ ସଂଖ୍ୟକ ଅଙ୍ଗନୱାଡ଼ି ଓ ଆଶାକର୍ମୀ ସହଯୋଗ କରିଥିଲେ। “

ସକାଳ
THE SAKALA

# ସମ୍ପାଦକୀୟ



ଶିକ୍ଷା ଯଦି ଚରିତ୍ର ନିର୍ମାଣରେ ସହାୟ ନହୁଏ, ତେବେ ତାହା ସମ୍ପୂର୍ଣ୍ଣ ବୃଥା !
-ମହାତ୍ମା ଗାନ୍ଧୀ

## ତଥ୍ୟ ସୁରକ୍ଷା ସର୍ବୋପରି

ବହୁଳ ବ୍ୟବହୃତ ସାମାଜିକ ଗଣମାଧ୍ୟମ ମଞ୍ଚ ହ୍ୱାଟ୍‌ସ୍‌ଆପ୍‌ରେ କେତେକ ବୈଷୟିକ ତ୍ରୁଟି ଯୋଗୁଁ ଏହାର ବ୍ୟବହାରକାରୀଙ୍କ ଗୋପନୀୟ ଓ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପ୍ରଘଟ ହେବାର ଆଶଙ୍କା ସୃଷ୍ଟି ହୋଇଛି । ସମଗ୍ର ବିଶ୍ୱରେ ପ୍ରାୟ ୩୫୦ କୋଟି ହ୍ୱାଟ୍‌ସ୍‌ଆପ୍ ବ୍ୟବହାରକାରୀଙ୍କ ମଧ୍ୟରୁ ଭାରତର ସର୍ବାଧିକ ୭୪.୯ କୋଟି ବା ୨୧% ଥିବାରୁ ହ୍ୟାକରଙ୍କ ହାତକୁ ଏହି ତଥ୍ୟ ଚାଲିଗଲେ ଭାରତୀୟ ଓ ଭାରତର ବଜାର ସର୍ବାଧିକ କ୍ଷତିଗ୍ରସ୍ତ ହୋଇପାରେ ।

ଅଧୁନା ସାମାଜିକ ଗଣମାଧ୍ୟମର ବିଭିନ୍ନ ମଞ୍ଚ ଉପରେ ଲୋକମାନଙ୍କର ନିର୍ଭରଶୀଳତା ବଢ଼ିବା ସହିତ ଗୋପନୀୟତାକୁ ନେଇ ବିପଦ ଆଶଙ୍କା ମଧ୍ୟ ବଢ଼ିବାରେ ଲାଗିଛି । ଏହା ସହିତ ଯୋଡ଼ି ହୋଇଯାଇଛି ଆଧାର । ଅତୀତରେ ଆଧାରରେ ଥିବା ଭାରତୀୟଙ୍କ ତଥ୍ୟ ବିଦେଶର ତୃତୀୟ ପକ୍ଷ ସଂସ୍ଥା ହାତରେ ପଡ଼ିଥିବା ଅଭିଯୋଗ ଆସିବା ପରେ ଏହା ଆଉ ସୁରକ୍ଷିତ ନୁହେଁ ବୋଲି ଧାରଣା ସୃଷ୍ଟି ହୋଇଥିଲା । କିନ୍ତୁ ଭାରତୀୟ ନାଗରିକଙ୍କ ତଥ୍ୟ ସୁରକ୍ଷା ଏ ପର୍ଯ୍ୟନ୍ତ ଭରସାଯୋଗ୍ୟ ହୋଇପାରିନାହିଁ । ଦେଶର ସର୍ବୋଚ୍ଚ ନ୍ୟାୟାଳୟଙ୍କ କଟକଣା ସତ୍ତ୍ୱେ ଆଧାରକୁ ବିଭିନ୍ନ ସେବା ପାଇଁ ଏକ ଅପରିହାର୍ଯ୍ୟ ଦସ୍ତାବେଜ୍ ଓ ପ୍ରମାଣପତ୍ର ରୂପେ ବ୍ୟବହାର କରାଯାଉଛି । ଯେମିତି ଏବେ ବିନା ଇଣ୍ଟରନେଟ୍ ଓ ସ୍ମାର୍ଟଫୋନ୍‌ରେ ଜୀବନଯାତ୍ରା ଏକପ୍ରକାର ଅଚଳ, ଆଧାର ବିନା ସେବା ସେଭଳି ଅସମ୍ଭବ ଓ ଅସମ୍ପୂର୍ଣ୍ଣ । ଆଧାର ସଂଲଗ୍ନ ଇ-କେୱାଇସି ନଥିବାରୁ ସାଧାରଣ ବଣ୍ଟନ ବ୍ୟବସ୍ଥା ଓ ଖାଦ୍ୟ ନିରାପତ୍ତା ଆଇନରୁ ବାଦ୍ ପଡ଼ି ଜୀବନ ହାରିବା ଭଳି ଉଦାହରଣ ମଧ୍ୟ ଦେଖିବାକୁ ମିଳୁଛି । ବୋଧହୁଏ ଆଉ କିଛିଦିନ ପରେ ବିନା ଆଧାରରେ ହାଟ ବଜାରରୁ ପରିବା ମଧ୍ୟ ମିଳିବ ନାହିଁ । ଏଭଳି ପରିସ୍ଥିତିରେ ତଥ୍ୟ ଚୋରି ହେବା ସ୍ୱାଭାବିକ ।

ବିଳମ୍ବରେ ହେଲେ ମଧ୍ୟ ସରକାର ଏ ଦିଗରେ ଚେତିଛନ୍ତି ଏବଂ ଆଧାର କାର୍ଡରୁ ନାମ, ଠିକଣା, ଫଟୋ ଆଦି ବାଦ୍ ଦେଇ କେବଳ କ୍ୟୁଆର କୋଡ୍ ପ୍ରଚଳନ ପାଇଁ ଯୋଜନା କରୁଛନ୍ତି । କିନ୍ତୁ ଏହା ଯଥେଷ୍ଟ ନୁହେଁ । ଆଧାର ନମ୍ବରର ଆବଶ୍ୟକତାକୁ କାଣ୍ଟଛାଣ୍ଟ, ବିଶେଷକରି ଘରୋଇ ସେବା କ୍ଷେତ୍ରରେ ନିଷିଦ୍ଧ ନ କରିବା ଯାଏଁ ନାଗରିକଙ୍କ ତଥ୍ୟ ଚୋରି ଆଶଙ୍କା ସବୁବେଳେ ଲାଗି ରହିଥିବ । ଦେଶର ପ୍ରତିରକ୍ଷା ସହିତ ଆଧାରକୁ ଯୋଡ଼ା ଯାଉଛି; କିନ୍ତୁ ନିକଟରେ କାର ବୋମା ବିସ୍ଫୋରଣରେ ଜଡ଼ିତ ଏବଂ ତା'ପୂର୍ବରୁ ଗିରଫ ଆତଙ୍କବାଦୀ ଡାକ୍ତରମାନେ ମଧ୍ୟ ଭାରତୀୟ ଆଧାର କାର୍ଡଧାରୀ ଥିଲେ । ଆତଙ୍କବାଦୀମାନେ ଏକାଧିକ ଆଧାର କାର୍ଡ ପ୍ରସ୍ତୁତି ଓ ବ୍ୟବହାର କରି ନିଶ୍ଚିନ୍ତରେ ରହିଆସୁଥିବା ବେଳେ ବିଚରା ଗରିବ ସାଧାସିଧା ଜନତା ଅଧିକ ହଇରାଣ ହରକତ ହେଉଛନ୍ତି । ତଥ୍ୟ ଚୋରିକୁ ପ୍ରତିହତ କରିବା ପାଇଁ ସରକାର ଯେଉଁକେତେକ ପଦକ୍ଷେପ ନେଉଛନ୍ତି ତାହା ପ୍ରଭାବଶାଳୀ କିମ୍ବା ସମୟୋପଯୋଗୀ ନ ହେବାରୁ ଦାନ୍ତ ଓ ନଖ ନଥିବା ବାଘ ଭଳି ହେଉଛି । କୋଟି କୋଟି ଭାରତୀୟଙ୍କ ଆଧାର କାର୍ଡ କିମ୍ବା ଅନ୍ୟ ବ୍ୟକ୍ତିଗତ ତଥ୍ୟ ପ୍ରଘଟ ହେଲେ କେବଳ ସେହି ବ୍ୟକ୍ତିବିଶେଷ କ୍ଷତିଗ୍ରସ୍ତ ହେବେ ନାହିଁ, ସମଗ୍ର ଦେଶର ଅର୍ଥ ବ୍ୟବସ୍ଥା ଉପରେ ଏହାର ପ୍ରଭାବ ପଡ଼ିବ । ତେଣୁ ତଥ୍ୟ ସୁରକ୍ଷା ଆଇନ ଓ ନିୟମାବଳୀକୁ ଅଧିକ କଠୋର ଓ ପ୍ରଭାବଶାଳୀ କରିବା ଆଜିର ଆହ୍ୱାନ ।

## ସମ୍ବିଧାନର ଗରିମାକୁ ସମ୍ମାନ

ରାଜ୍ୟ ବିଧାନସଭା ଦ୍ୱାରା ପାରିତ ଏବଂ ସମ୍ପୃକ୍ତ ରାଜ୍ୟପାଳମାନଙ୍କ ଦ୍ୱାରା ପ୍ରେରିତ ବିଧେୟକଗୁଡ଼ିକୁ ରାଷ୍ଟ୍ରପତି ନିର୍ଦ୍ଦିଷ୍ଟ କେତେ ଦିନ ମଧ୍ୟରେ ଅନୁମୋଦନ କରିବେ ସେଥିପାଇଁ କୌଣସି ସମୟସୀମା ନିର୍ଦ୍ଧାରଣ କରାଯାଇପାରିବ ନାହିଁ । ଏହା ସମ୍ପୂର୍ଣ୍ଣ ରୂପେ ରାଷ୍ଟ୍ରପତିଙ୍କ ବ୍ୟକ୍ତିଗତ ବ୍ୟାପାର । ସର୍ବୋଚ୍ଚ ନ୍ୟାୟାଳୟଙ୍କ ୫ ଜଣିଆ ସମ୍ବିଧାନ ଖଣ୍ଡପୀଠ ଉପରୋକ୍ତ ରାୟ ଦେବା ପରେ ଦୀର୍ଘଦିନ ଧରି ଲାଗି ରହିଥିବା ସାମ୍ବିଧାନିକ ସଙ୍କଟ ଓ ବିବାଦର ଅବସାନ ଘଟିଛି । ଏଥିସହିତ ସାମ୍ବିଧାନିକ ଗରିମା ଏବଂ ରାଷ୍ଟ୍ରପତିଙ୍କ ପଦମର୍ଯ୍ୟାଦା ଅତୁଟ ରହିଛି । ଏକ ସାର୍ବଭୌମ ରାଷ୍ଟ୍ରରେ ରାଷ୍ଟ୍ରପତି ସର୍ବୋଚ୍ଚ ଶାସନକର୍ତ୍ତା ହୋଇଥିବାରୁ ତାଙ୍କ ଉପରେ ଶୃଙ୍ଖଳା ବା କଟକଣା ଲଦି ଦେବା ଅଶୋଭନୀୟ ଏବଂ ସମ୍ବିଧାନର ମୂଲ୍ୟବୋଧ ପ୍ରତି ଅସମ୍ମାନ ଭଳି । ଖଣ୍ଡପୀଠଙ୍କ ରାୟ ଏ ଦୃଷ୍ଟିରୁ ସ୍ୱାଗତଯୋଗ୍ୟ ।

ଭାରତୀୟ ସଂଘୀୟ ଶାସନ ବ୍ୟବସ୍ଥାରେ ରାଜ୍ୟପାଳମାନେ କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ସେତୁ ସଦୃଶ । ସେମାନେ କେନ୍ଦ୍ର ସରକାରଙ୍କ ଦ୍ୱାରା ନିଯୁକ୍ତ ହେଲେ ମଧ୍ୟ ରାଜ୍ୟ ଶାସନରେ ଅଯଥା ହସ୍ତକ୍ଷେପ କରିପାରିବେ ନାହିଁ । କେବଳ ପରାମର୍ଶ ଦେଇପାରିବେ । ରାଜ୍ୟ ବିଧାନସଭାରେ ପାରିତ ବିଧେୟକଗୁଡ଼ିକୁ ଅନୁମୋଦନ କରିପାରିବେ, ରାଷ୍ଟ୍ରପତିଙ୍କ ଅନୁମୋଦନ ପାଇଁ ପଠାଇପାରିବେ କିମ୍ବା ଅନୁପଯୁକ୍ତ ମନେ ହେଲେ ବିଧାନସଭାକୁ ଫେରାଇ ପାରିବେ । ଯଦି ଦ୍ୱିତୀୟ ବାର ସମାନ ବିଧେୟକ ପାରିତ ହୁଏ ତେବେ ରାଜ୍ୟପାଳ ତାହାକୁ ଅନୁମୋଦନ କରିବାକୁ କିମ୍ବା ରାଷ୍ଟ୍ରପତିଙ୍କ ପାଖକୁ ପଠାଇବାକୁ ସାମ୍ବିଧାନିକ ବ୍ୟବସ୍ଥାରେ ବାଧ୍ୟ । କିନ୍ତୁ ରାଜନୈତିକ ଅସୂୟାର ବଶବର୍ତ୍ତୀ ହୋଇ କେତେକ ରଜ୍ୟର ରାଜ୍ୟପାଳ ଜାଣିଶୁଣି ବିଧେୟକଗୁଡ଼ିକୁ ପକେଇ ରଖୁଛନ୍ତି । ଏଥିରେ ରାଜ୍ୟ ଶାସନ ପ୍ରକ୍ରିୟାରେ ବାଧା ସୃଷ୍ଟି ହେଉଛି । ରାଜ୍ୟପାଳମାନଙ୍କର ଏଭଳି ଉଦ୍ଦେଶ୍ୟମୂଳକ ବାଛବିଚାର ନିଷ୍ପତ୍ତିର ସର୍ବାଧିକ କ୍ଷତିଗ୍ରସ୍ତ ରାଜ୍ୟ ମଧ୍ୟରେ ତାମିଲନାଡ୍ଡୁ, କେରଳ ଓ ପଞ୍ଜାବ ରହିଛନ୍ତି । ରାଜ୍ୟପାଳଙ୍କ ଏଭଳି ମନମୁଖି କାର୍ଯ୍ୟ ବିରୋଧରେ ତାମିଲ୍‌ନାଡ୍ଡୁ ସରକାର ସର୍ବୋଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହେବା ପରେ ଦୁଇଜଣିଆ ଖଣ୍ଡପୀଠ ବିଧେୟକଗୁଡ଼ିକୁ ଅନୁମୋଦନ କରିବା ସହିତ ରାଜ୍ୟପାଳମାନେ ସର୍ବାଧିକ କେତେ ସମୟ ମଧ୍ୟରେ ନିଷ୍ପତ୍ତି ନେବେ ତାହା ଧାର୍ଯ୍ୟ କରିଥିଲେ । ଏଥିସହିତ ରାଷ୍ଟ୍ରପତିଙ୍କୁ ମଧ୍ୟ ପ୍ରସଙ୍ଗକୁ ଆଣି ସେ ସର୍ବାଧିକ ତିନିମାସ ଭିତରେ ବିଧେୟକଗୁଡ଼ିକୁ ଅନୁମୋଦନ କରିବାକୁ ବାଧ୍ୟ ବୋଲି ରାୟ ଦେଇଥିଲେ । ଏହା ସାମ୍ବିଧାନିକ ଅଧିକାରଗତ ଜଟିଳତା ସୃଷ୍ଟି କରିବାରୁ ମାମଲା ୫ଜଣିଆ ସମ୍ବିଧାନ ଖଣ୍ଡପୀଠକୁ ଯାଇଥିଲା ।

ମାମଲାର ବିଚାର କରି ଖଣ୍ଡପୀଠ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଦୁଇଜଣିଆ ଖଣ୍ଡପୀଠ ଦେଇଥିବା ସମୟସୀମା ହଟାଇ ଦେବା ସହିତ ସାମ୍ବିଧାନିକ ପଦରେ ଅଧିଷ୍ଠିତ ବ୍ୟକ୍ତିବିଶେଷଙ୍କ କାର୍ଯ୍ୟଧାରାରେ ସମୟସୀମା କିମ୍ବା ଶୃଙ୍ଖଳା ଲାଗୁ କରିବାର ଅଧିକାର ନ୍ୟାୟାଳୟଙ୍କର ନାହିଁ ବୋଲି ସ୍ପଷ୍ଟ କରିଛନ୍ତି । ଏଥିସହିତ ରାଜ୍ୟପାଳମାନେ ଅନିର୍ଦ୍ଦିଷ୍ଟ ସମୟ ପର୍ଯ୍ୟନ୍ତ ବିଧେୟକଗୁଡ଼ିକୁ ପକେଇ ରଖିବା ଅନୁଚିତ ବୋଲି ଯଥୋଚିତ ରାୟ ଦେଇଛନ୍ତି । ସାମ୍ବିଧାନିକ ଗରିମାର ସୁରକ୍ଷା ଓ ଲକ୍ଷ୍ମଣରେଖାର ମାନ୍ୟତା ବଜାୟ ରଖିବାକୁ ଯାଇ ଖଣ୍ଡପୀଠଙ୍କ ଏହି ସଂଶୋଧିତ ରାୟକୁ ଯଦି ସକାରାତ୍ମକ ରୂପେ ରାଜ୍ୟପାଳମାନେ ଗ୍ରହଣ କରନ୍ତି ତେବେ ଗଣତନ୍ତ୍ର ପାଇଁ ଶୁଭଙ୍କର ହେବ ।

# ବୟୋବୃଦ୍ଧ: ଆଇନରେ ସୁରକ୍ଷିତ, ସମାଜରେ ଅବହେଳିତ

ଡକ୍ଟର ଅବଶ ପରିଡ଼ା

ବୟୋବୃଦ୍ଧଙ୍କ ଭରଣପୋଷଣ କରୁନାହାନ୍ତି, କିନ୍ତୁ ପିଲାମାନେ ସମ୍ପତ୍ତି ପାଇଁ ନ୍ୟାୟାଳୟର ଦ୍ୱାରସ୍ଥ ହେଉଛନ୍ତି । ପିଲାମାନଙ୍କ ଦ୍ୱାରା ବାପାଙ୍କ ସମ୍ପତ୍ତିରେ ଅଧିକାରୀ ଜାହିର କରିବା ପାଇଁ ମାମଲା କରିବା ବୟସ୍କଙ୍କ ପ୍ରତି ଏକ ଅତ୍ୟାଚାର । ଚଳିତ ମାସରେ ରାଜସ୍ଥାନ ଉଚ୍ଚ ନ୍ୟାୟାଳୟ ଏହି ଐତିହାସିକ ରାୟ ଦେଇଛନ୍ତି । ସେହିପରି ପିତାମାତାଙ୍କର ଭରଣପୋଷଣରେ ଅବହେଳା କରୁଥିବା ପିଲାଙ୍କୁ ସମ୍ପତ୍ତିରୁ ବେଦଖଲ ମାମଲାର ସଂଖ୍ୟା ଭାରତରେ ଏବେ ବୃଦ୍ଧି ପାଉଛି । ଉଭୟ ଭରଣପୋଷଣ ଏବଂ ତେଜ୍ୟ ପାଇଁ ହେଉଥିବା ଆବେଦନ କେବଳ ପିଲାମାନଙ୍କର ବ୍ୟକ୍ତିଗତ ଅବହେଳାର ପ୍ରତିଫଳନ ନୁହେଁ, ବରଂ ଏକ ସାମାଜିକ ପରିବର୍ତ୍ତନର ଆଭାସ । ବୟୋବୃଦ୍ଧ ପିତାମାତାଙ୍କ ସେବା ପିଲାମାନଙ୍କ ପାଇଁ ଏକଦା ନୈତିକ କର୍ତ୍ତବ୍ୟ ଥିଲା; କିନ୍ତୁ ତାହା ଏବେ ଆଇନଗତ ବାଧ୍ୟବାଧକତା ପାଲଟିଛି ।

ରାଷ୍ଟ୍ରୀୟସ୍ତରର ଅନେକ ସମୀକ୍ଷା ଓ ତଥ୍ୟ ଅନୁଯାୟୀ ଭାରତର ଜନସଂଖ୍ୟାରେ ତିନୋଟି ପରିବର୍ତ୍ତନ ଦେଖାଯାଉଛି । ପ୍ରଥମ ଦୁଇଟି ହେଉଛି, ବୟୋବୃଦ୍ଧଙ୍କ ସଂଖ୍ୟା ଏବଂ ଯୁବବର୍ଗଙ୍କ ଭୌଗୋଳିକ ଗତିଶୀଳତା ବଢୁଛି । ଶେଷଟି ହେଉଛି ପିଲାମାନଙ୍କ ଉପରେ ଆର୍ଥିକ ଭାବରେ ନିର୍ଭର କରୁଥିବା ବୟସ୍କଙ୍କ ସଂଖ୍ୟା ମଧ୍ୟ ସେହି ଅନୁପାତରେ ବୃଦ୍ଧି ପାଉଛି । 'ଇଣ୍ଡିଆ ଏଜିଂ ରିପୋର୍ଟ' ଏହାକୁ ନେଇ ଏକ ଆହ୍ୱାନ କଥା ଉଲ୍ଲେଖ କରିଛି । ତାହା ହେଉଛି, ନୂତନ ଜୀବନଶୈଳୀ ଏବଂ ସମ୍ବଳର ଅଭାବ ଯୋଗୁଁ ଆଧୁନିକ ପରିବାରଗୁଡ଼ିକ ନିଜ ଭାବପ୍ରବଣ ଦାୟିତ୍ୱ ମୁଖ୍ୟତଃ ବୃଦ୍ଧ ପିତାମାତାଙ୍କ ଭରଣପୋଷଣ, ଚିକିତ୍ସା ଓ ସେବାକୁ ନେଇ ଚାପରେ ଅଛନ୍ତି । ବୟସ୍କଙ୍କ ସେବା ଏକ ବୋଝ, ଏକ ଆଇନଗତ ଭୟ ଓ ଦାୟିତ୍ୱର ଚାପ ଭଳି ଧାରଣା ଏବେ ବିଶ୍ୱବ୍ୟାପୀ ବ୍ୟାପକ ହେବାରେ ଲାଗିଛି ।

ପାରମ୍ପରିକ ଭାରତୀୟ ସମାଜରେ ପିତାମାତାଙ୍କ ଯତ୍ନ, ସେବା, ଶ୍ରଦ୍ଧା ଓ ସମ୍ମାନ ହେଉଛି ମୂଲ୍ୟବୋଧ ସନ୍ନିହିତ । କିନ୍ତୁ ଦ୍ରୁତ ସହରୀକରଣ, ପ୍ରବାସ ଏବଂ ଅଣୁ ପରିବାରର ଉତ୍ଥାନ ଇତ୍ୟାଦି ଆମ ନୈତିକ କର୍ତ୍ତବ୍ୟଗୁଡ଼ିକୁ ଏକପ୍ରକାରର ଅସ୍ପଷ୍ଟ ଦାୟିତ୍ୱରେ ପରିଣତ କରିଛି । ସମ୍ଭବତଃ, ସେଥିପାଇଁ ବୟୋବୃଦ୍ଧମାନେ ନିର୍ଯାତନା, ହିଂସା, ଅବହେଳାର ଶିକାର ହେଉଛନ୍ତି । ସମାଜଶାସ୍ତ୍ରରେ ଏହାକୁ 'ନୈତିକ ନିରନ୍ତରତାର ସଙ୍କଟ' ବୋଲି କୁହାଯାଏ । ସରଳରେ କହିଲେ, ବ୍ୟକ୍ତିଗତ କିମ୍ବା ସାମାଜିକ ନୈତିକ ଢାଞ୍ଚାର ଅଧୋପତନ ଏବଂ ଠିକ୍ କିମ୍ବା ଭୁଲକୁ ନେଇ ଆମ ଭିତରେ ବ୍ୟାପକ ଅନିଶ୍ଚିତତାର ଏହା ହେଉଛି ଏକ ପରିସ୍ଥିତି । କ୍ରମାଗତ ଭାବେ ଏହା ଯୋଗୁଁ ପରିବାର ଏକ ଆବେଗପୂର୍ଣ୍ଣ ଅନୁଷ୍ଠାନରୁ ପାରସ୍ପରିକ ଲାଭ ଚାଳିତ ପ୍ରତିଷ୍ଠାନ ଏବଂ ଆଇନଗତ ଚୁକ୍ତିରେ ପରିବର୍ତ୍ତନ ହୋଇସାରିଛି । ଅନେକ ପିଲାଙ୍କ ପାଇଁ ବୃଦ୍ଧ ପିତାମାତାଙ୍କ ଯତ୍ନ ନେବା ଆଉ ଏକ ଆନ୍ତରିକ ଆଚରଣ ନୁହେଁ । ସମାଜବିଜ୍ଞାନୀ ୱେବରଙ୍କ ତତ୍ତ୍ୱ ଅନୁସାରେ ଆମର ସାମାଜିକ ଜୀବନ ଏକ ପ୍ରକ୍ରିୟାରେ ପାରମ୍ପରିକ ଢାଞ୍ଚାରୁ ଆଇନଗତ-ଯୌକ୍ତିକ କର୍ତ୍ତୃପକ୍ଷକୁ ଆଡ଼କୁ ଗତି କରେ । ଉଦାହରଣ ସ୍ୱରୂପ, ସନ୍ତାନର ଧର୍ମ, କର୍ତ୍ତବ୍ୟ ଏବଂ ନୈତିକ କ୍ରମକୁ ଅମଲାତାନ୍ତ୍ରିକ ପ୍ରକ୍ରିୟା, ଯେପରିକି ଆଧିକାରିକ ସୂଚନା, ଟ୍ରିବ୍ୟୁନାଲ୍ ଶୁଣାଣି, ବହିଷ୍କାର ଆଦେଶ ଦ୍ୱାରା ଆକାର ଦିଆଯାଉଛି । ତେଣୁ ଅବହେଳିତ ପିତାମାତାମାନେ ଆଉ ସ୍ନେହ ବନ୍ଧନ ଆଶା କରୁନାହାନ୍ତି । ପ୍ରତିବାଦରେ ଦୁଃଖ ଓ ନିର୍ଯାତନାର ଆଇନଗତ ସ୍ୱୀକୃତି ପାଇଁ ସେମାନେ ଅଦାଲତର ଆଶ୍ରୟ ନେଉଛନ୍ତି ।

ବୃଦ୍ଧ ପିତାମାତାଙ୍କୁ ନିଃସହାୟ ନ କରିବା ପାଇଁ 'ପିତାମାତା ଓ ବରିଷ୍ଠ ନାଗରିକଙ୍କ ଭରଣପୋଷଣ ଏବଂ କଲ୍ୟାଣ ଆଇନ'- ୨୦୦୭ ପ୍ରଣୟନ କରାଯାଇଥିଲା । ବୃଦ୍ଧ ପିତାମାତାଙ୍କ ମୌଳିକ ଆବଶ୍ୟକତା, ଆଶ୍ରୟ ଓ ମାସିକ ଭତ୍ତା ପ୍ରଦାନ କରିବାକୁ ଏହା ପିଲାମାନଙ୍କୁ କିମ୍ବା ଉତ୍ତରାଧିକାରୀମାନଙ୍କୁ ଆଦେଶ କରିଥାଏ । ଏଥିରେ ନିୟମ ଅଛି ଯେ ଯଦି ଅବହେଳିତ ହୁଅନ୍ତି ତେବେ ପିତାମାତାମାନେ ଏକ ଭରଣପୋଷଣ ଟ୍ରିବ୍ୟୁନାଲରେ ଏହା ବିରୁଦ୍ଧରେ ଆବେଦନ ଦାଖଲ କରିପାରିବେ । ଟ୍ରିବ୍ୟୁନାଲ ମାସିକ ଭରଣପୋଷଣ ୧୦, ୦୦୦ ଟଙ୍କା ପର୍ଯ୍ୟନ୍ତ ଦେବାକୁ ନିର୍ଦ୍ଦେଶ ଦେଇପାରିବେ କିମ୍ବା ପିଲାମାନଙ୍କୁ ପିତାମାତାଙ୍କ ସମ୍ପତ୍ତିର ଅଧିକାରରୁ ବାଦ୍ ଦେଇପାରିବେ ।

ମିଳିତ ଜାତିସଂଘର ଏକ ରିପୋର୍ଟ ଅନୁଯାୟୀ ଭାରତୀୟ ବୟସ୍କମାନେ ନିଜ ଭରଣପୋଷଣ ପାଇଁ ପିଲାମାନଙ୍କ ମଧ୍ୟରେ ବାଣ୍ଟି ହୋଇଯାଇଛନ୍ତି । ପିତାମାତାଙ୍କୁ ପିଲାମାନେ ଭାଗରେ ରଖିବାକୁ କିଛି ଆଧାର ଅଛି । ଯଥା ପିଲାମାନଙ୍କ ରହୁଥିବା ସ୍ଥାନ, ଚାକିରି ଓ ଆର୍ଥିକ କ୍ଷମତା ଇତ୍ୟାଦି । ଏକ ଘରୋଇ ଗବେଷଣାର ତଥ୍ୟ ଅନୁଯାୟୀ ବୟସ୍କଙ୍କ ଦ୍ୱାରା ନ୍ୟାୟାଳୟରେ ଆବେଦନର ସଂଖ୍ୟା ବଢ଼ିବାର ଦୁଇଟି କାରଣ ଅଛି । ପ୍ରଥମଟି, କେଉଁ ପିଲା ସେମାନଙ୍କୁ କେତେଦିନ ଭାଗରେ ରଖିବେ ଏବଂ ଦ୍ୱିତୀୟ, ପିଲାମାନଙ୍କ ମଧ୍ୟରେ ଜରୁରିକାଳୀନ ଖର୍ଚ୍ଚ ବହନର ଦ୍ୱନ୍ଦ୍ୱ । ଦିଲ୍ଲୀ ବରିଷ୍ଠ ନାଗରିକ ଟ୍ରିବ୍ୟୁନାଲ୍‌ର ଏକ ଆବେଦନର ଉଦାହରଣ ଏଠାରେ ନେବା । ୮୨ ବର୍ଷୀୟ ଦମ୍ପତି ତାଙ୍କ ପୁଅ ଓ ବୋହୂଙ୍କୁ ସମ୍ପତ୍ତିରୁ ବାସନ୍ଦ କରିବା ପାଇଁ ଏକ ଆବେଦନ ଦାଖଲ କରିଥିଲେ । ଯୁକ୍ତି ଥିଲା ଯେ ପୁଅ-ବୋହୂ ରକ୍ଷଣାବେକ୍ଷଣ ଓ ଭରଣପୋଷଣ କରୁନାହାନ୍ତି, ବରଂ ସମ୍ପତ୍ତି ଉପଭୋଗ ଓ ଦଖଲ କରି ରଖିଛନ୍ତି । ଦିଲ୍ଲୀ ଟ୍ରିବ୍ୟୁନାଲ୍ ଏମ୍‌ଡବ୍ଲୁପିଏସ୍‌ସି ଆଇନ ଅନୁଯାୟୀ ପୁଅକୁ ସମ୍ପତ୍ତିରୁ ବେଦଖଲ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ଅପରପକ୍ଷରେ ପୁଅର ଯୁକ୍ତି ଥିଲା ଯେ ତାଙ୍କ ଭାଇ ମଧ୍ୟ ସମାନ ଦାୟିତ୍ୱ ବାଣ୍ଟିବା ଉଚିତ । ବିଡ଼ମ୍ବନା ଯେ ଦୁଇ ଭାଇ ମିଳିତ ଯତ୍ନ ଗ୍ରହଣ କରିବାକୁ ମନା କରିଥିଲେ । ସୂଚାଇ ଦେବାକୁ ଚାହେଁ ଯେ ପିଲାମାନଙ୍କ ଏହି ନିଷ୍ପତ୍ତିରେ ଟ୍ରିବ୍ୟୁନାଲ୍ ବିଶେଷ କିଛି ସାହାଯ୍ୟ କରିପାରିବେ ନାହିଁ ।

ଟ୍ରିବ୍ୟୁନାଲ୍ ଦେଉଥିବା ରାୟ ମଧ୍ୟ ସମାନ ପ୍ରକାରର ନୁହେଁ । ବୟସ୍କଙ୍କ ଭରଣପୋଷଣ ଆଇନର ନ୍ୟାୟିକ ବ୍ୟାଖ୍ୟା ବିବାଦୀୟ ବୋଲି ସଦ୍ୟ ପ୍ରକାଶିତ ଏକ ଅଧ୍ୟୟନ ପ୍ରକାଶ କରିଛି । ଏହା ଅନୁଯାୟୀ ପିତାମାତାଙ୍କ ସମ୍ପତ୍ତିରୁ ପିଲାଙ୍କୁ ବେଦଖଲ କରିବାର ପ୍ରଶାସନିକ କର୍ତ୍ତୃପକ୍ଷଙ୍କ କ୍ଷମତାକୁ କିଛି ଖଣ୍ଡପୀଠ ସୀମିତ ରଖିଛନ୍ତି । କେଉଁଠି ବେଦଖଲ ମଧ୍ୟ କରିଛନ୍ତି । ଅନ୍ୟ କିଛି ପରିସ୍ଥିତିରେ ଟ୍ରିବ୍ୟୁନାଲ୍ ବେଦଖଲ ନିର୍ଦ୍ଦେଶ ଜାରି କରିଛନ୍ତି କିନ୍ତୁ ଅପବ୍ୟବହାର କିମ୍ବା ଦଖଲ ପ୍ରମାଣିତ ହୋଇନାହିଁ । ତେଣୁ ଏହା ଦର୍ଶାଉଛି ଯେ ବୟସ୍କ ବ୍ୟକ୍ତିଙ୍କ ପାଇଁ ଆଇନକୁ ଉଭୟ ଢାଲ ଭାବରେ ଏବଂ ପରିବାର ମଧ୍ୟରେ ଦ୍ୱନ୍ଦ୍ୱର ଏକ ବିବାଦୀୟ ଉପକରଣ ଭାବରେ ବ୍ୟବହାର କରାଯିବାର ସମ୍ଭବନା ଅଛି । କିଛିଦିନ ତଳେ ଆଲ୍ଲାହାବାଦ ହାଇକୋର୍ଟର ଲକ୍ଷ୍ନୌ ଖଣ୍ଡପୀଠ କହିଛନ୍ତି ଯେ ଭରଣପୋଷଣ ଟ୍ରିବ୍ୟୁନାଲ୍, ଆପିଲେଟ୍ ଟ୍ରିବ୍ୟୁନାଲ୍ କିମ୍ବା ଜିଲ୍ଲା ମାଜିଷ୍ଟ୍ରେଟ୍‌ଙ୍କର ପିତାମାତା ଓ ବରିଷ୍ଠ ନାଗରିକଙ୍କ ଭରଣପୋଷଣ ଏବଂ କଲ୍ୟାଣ ଆଇନ ୨୦୦୭ ଅନୁଯାୟୀ ଆବେଦନ ଉପରେ କୌଣସି ସନ୍ତାନ କିମ୍ବା ସମ୍ପର୍କୀୟଙ୍କୁ ବାହାର କରିବା ପାଇଁ କୌଣସି ବହିଷ୍କାର ଆଦେଶ ପ୍ରଦାନ କରିବାର କ୍ଷମତା ନାହିଁ । ସେହିପରି ଚଳିତ ବର୍ଷର ଏକ ମିଡିଆ ରିପୋର୍ଟ କୁହେ ଯେ ବୃଦ୍ଧ ପିତାମାତା ଉପହାର କିମ୍ବା ଉତ୍ତରାଧିକାର ପ୍ରତିଶ୍ରୁତି ମାଧ୍ୟମରେ ସମ୍ପତ୍ତି ହସ୍ତାନ୍ତର ପରେ ମଧ୍ୟ ସେମାନେ ଅବହେଳାର ଶିକାର ହେଉଛନ୍ତି । ତେଣୁ ମାସିକ ଅନେକ ଆବେଦନ ଆସୁଛି । ବିହାର, ଛତିଶଗଡ଼ର ଟ୍ରିବ୍ୟୁନାଲ୍ ଏବଂ କିଛି ପ୍ରଶାସନିକ ନିର୍ଦ୍ଦେଶ ଦ୍ୱାରା ବହୁତ ସମ୍ପତ୍ତି ସ୍ଥାନାନ୍ତରକୁ ବାତିଲ କରାଯାଇଛି ।

ତେଣୁ ଏଥିରୁ ଗୋଟିଏ କଥା ସ୍ପଷ୍ଟ ହେଉଛି ଯେ ଆଇନ କିମ୍ବା ସ୍ୱେଚ୍ଛାକୃତ ସମ୍ପତ୍ତି ସ୍ଥାନାନ୍ତର ବୟସ୍କମାନଙ୍କୁ ଆଶ୍ୱସ୍ତି ଦେଇପାରିବ ନାହିଁ । ପିତାମାତା ଓ ବରିଷ୍ଠ ନାଗରିକଙ୍କ ଭରଣପୋଷଣ ଏବଂ କଲ୍ୟାଣ ଆଇନ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ । କିନ୍ତୁ ଏହି ଆଇନ ପୂର୍ଣ୍ଣ ସୁରକ୍ଷା ପ୍ରଦାନ କରିବାରେ ଅସମର୍ଥ ବୋଲି ଅନେକ ଯୁକ୍ତି ବାଢୁଛନ୍ତି । ପ୍ରଥମ କାରଣ ହେଉଛି ଏହା କଲ୍ୟାଣ ଉପରେ ନୁହେଁ, ଭରଣପୋଷଣ ଉପରେ ଧ୍ୟାନ ଦେଉଛି । ଚିକିତ୍ସା ଖର୍ଚ୍ଚ, ଔଷଧ, ସହାୟକ ଉପକରଣ, ପରିବହନ ଓ ବର୍ଦ୍ଧିତ ସହରାଞ୍ଚଳ ଜୀବନଯାପନ ଖର୍ଚ୍ଚ ପାଇଁ ଏହା ପର୍ଯ୍ୟାପ୍ତ ନୁହେଁ । ଦ୍ୱିତୀୟଟି ହେଉଛି ଆଦେଶ କାର୍ଯ୍ୟକାରିତା କରିବାରେ ସମସ୍ୟା । ଯଦି ପିଲାମାନେ ଦେୟ ଦେବାକୁ ମନା କରନ୍ତି, ତେବେ ଟ୍ରିବ୍ୟୁନାଲ୍‌ର ଅନୁପାଳନକୁ ବଳବତ୍ତର କରିବା ପାଇଁ ସେମିତି କିଛି ଶକ୍ତ ଉପାୟ ନାହିଁ । ଅବଶ୍ୟ ଏକମାତ୍ର ଯତ୍ନ ନେଉଥିବା ପିଲା ବା ଆର୍ଥିକ ଦୁର୍ବଳ ପିଲାମାନଙ୍କ ଉପରେ ଚାପ ହ୍ରାସ କରିବା ପାଇଁ ରାଷ୍ଟ୍ର ଦ୍ୱାରା ପେନସନ, ସମ୍ପ୍ରଦାୟ-ଭିତ୍ତିକ ବୃଦ୍ଧାଶ୍ରମ ଏବଂ ସୁଲଭ ବାର୍ଦ୍ଧକ୍ୟ ସେବାକୁ ବିସ୍ତାର କରାଯାଉଛି ।

ପିଲାମାନଙ୍କ ଦ୍ୱାରା ଅବହେଳିତ କିମ୍ବା କୌଣସି ଭରଣପୋଷଣ ପାଉ ନଥିବା ବୃଦ୍ଧମାନଙ୍କ ଉପରେ ଆର୍ଥିକ ଚାପ ପର୍ଯ୍ୟବସିତ ନିଜସ୍ୱ ଗବେଷଣାରୁ ଜଣାପଡ଼ିଛି ଯେ ବୟୋବୃଦ୍ଧମାନେ ଆର୍ଥିକ ସାହାଯ୍ୟ ବିନା ଆଶ୍ରୟ, ସ୍ୱାସ୍ଥ୍ୟସେବା ଓ ଦୈନନ୍ଦିନ ଖର୍ଚ୍ଚ ଭଳି ମୌଳିକ ଆବଶ୍ୟକତା ଠାରୁ ଖୁବ ଦୂରରେ । ଯାହା ଫଳରେ ତୀବ୍ର ଦାରିଦ୍ର୍ୟ ଓ ସ୍ୱାସ୍ଥ୍ୟର ଅବନତି ଘଟୁଛି । ପୁରୁଷଙ୍କ ଅପେକ୍ଷା ଭାରତୀୟ ବୃଦ୍ଧା ମହିଳା, ମୁଖ୍ୟତଃ ବୃଦ୍ଧା ବିଧବା ମହିଳାମାନେ ଆର୍ଥିକ ଚାପ ଓ କମ୍ ଆର୍ଥିକ ସୁରକ୍ଷା ଦ୍ୱାରା ଅଧିକ ପ୍ରଭାବିତ ହେଉଛନ୍ତି । ରାଷ୍ଟ୍ର କିମ୍ବା ଆଇନ ଦ୍ୱାରା ଶ୍ରଦ୍ଧା, ସେବା ଓ ସମ୍ମାନ ଥିବା ସମ୍ପର୍କକୁ ପୁନଃ ସୃଷ୍ଟି କରିବା ଅସମ୍ଭବ । ତେଣୁ ଏକ ସ୍ଥାୟୀ ଆଇନଗତ ସୁରକ୍ଷା ଓ ସୁସ୍ଥ ସାମାଜିକ ନୀତି ସହିତ ଆନ୍ତଃପିଢ଼ିଗତ ଦାୟିତ୍ୱକୁ ପୁନଃପରିଭାଷିତ କରିବାର ଆବଶ୍ୟକତା ଅଛି ।

ଭୁବନେଶ୍ୱର, ମୋ: ୮୪୫୬୮୭୯୫୨୨

# ବିଜ୍ଞାନ ଅଧ୍ୟୟନ ଓ ବୈଜ୍ଞାନିକ ମନୋଭାବ

ପ୍ରଶାନ୍ତ ମିଶ୍ର

ମଣିଷ ଚିରକାଳ ଏକ ଜିଜ୍ଞାସୁ, କୌତୂହଳୀ ଓ ଅନୁସନ୍ଧିତ୍ସୁ ସତ୍ତା । ଅନ୍ଧ ଭାବେ ସେ କୌଣସି କଥାକୁ ମାନି ନିଏ ନାହିଁ । ପ୍ରଶ୍ନ କରେ, ତର୍କ ରଖେ, ପ୍ରମାଣ ଲୋଡ଼େ ଓ ଯଥାର୍ଥତା ଉପରେ ଗୁରୁତ୍ୱ ଦିଏ । ମହାଜନମାନଙ୍କ ଦ୍ୱାରା ନିର୍ଦ୍ଦେଶିତ ପନ୍ଥାରେ ନିରପେକ୍ଷତାର ଉପାଦାନ ଖୋଜେ । ନୋବେଲ ବିଜେତା ଅମର୍ତ୍ତ୍ୟ ସେନଙ୍କ 'ଯୁକ୍ତିପ୍ରିୟ ଭାରତୀୟ' ଅନୁଯାୟୀ ବୈଜ୍ଞାନିକ ମନୋଭାବ (ସାଇଣ୍ଟିଫିକ୍ ଟେମ୍ପର) ଆମ ଆଦର୍ଶବାଦର ଏକ ଅବିଚ୍ଛେଦ୍ୟ ଅଂଶ । ଉପନିଷଦ ରଚନା କାଳରୁ ଏହା ଭାରତରେ ରହି ଆସିଛି । ବୌଦ୍ଧ ସୂତ୍ରସାହିତ୍ୟରୁ ବି ଜଣାପଡ଼େ ଯେ ବୁଦ୍ଧ କୌଣସି କଥାକୁ ଅନ୍ଧ ଭାବେ ମାନିନେବା ସପକ୍ଷରେ ନଥିଲେ । କେବଳ ଗୁରୁଙ୍କୁ ସମ୍ମାନ ଦେବା ଉଦ୍ଦେଶ୍ୟରେ ଗୁରୁ ଯାହା କହିଛନ୍ତି, ତାହା ସତ୍ୟ ଓ ଅକାଟ୍ୟ ବୋଲି ବିଶ୍ୱାସ କରିଯିବା ତାଙ୍କ ପାଇଁ ଗ୍ରହଣୀୟ ନଥିଲା ।

ପାଶ୍ଚାତ୍ୟରେ ଊନବିଂଶ ଶତାବ୍ଦୀର ପ୍ରାୟ ମଧ୍ୟଭାଗରୁ 'ବୈଜ୍ଞାନିକ ମନୋଭାବ' ବାକ୍ୟାଂଶଟିର ବ୍ୟବହାର ବଢ଼ିଥିବା ଜଣାପଡ଼େ । ଏକଦା ଜଣେ ଖ୍ରୀଷ୍ଟୀୟ କ୍ୟାଥୋଲିକ୍ ବିଦ୍ୱାନ ଥୋମାସ୍ ଏ ହକ୍ସ୍ ଏହାର ବିଶ୍ଳେଷଣ କରି କହିଥିଲେ - ବୈଜ୍ଞାନିକ ମନୋଭାବ ଏକ ତ୍ରୁଟି-ବିରୋଧୀ ଯତ୍ନଶୀଳତା ଓ ଅନମନୀୟ ସଠିକତା । ବର୍ଟ୍ରାଣ୍ଡ ରସେଲ୍ 'ଫ୍ରି ଥଟ୍ ଆଣ୍ଡ ଅଫିସିଆଲ୍ ପ୍ରୋପାଗଣ୍ଡା' ଶୀର୍ଷକ 'କନୱେ ମେମୋରିଆଲ୍ ଲେକ୍‌ଚର୍' ଅବସରରେ ଆଇନଷ୍ଟାଇନଙ୍କ 'ଥିଓରି ଅଫ୍ ରିଲେଟିଭିଟି' ବିଶ୍ୱସ୍ତରରେ ଗୃହୀତ ହେବା ବୈଜ୍ଞାନିକ ମନୋଭାବର ଏକ ଉଜ୍ଜ୍ୱଳ ଉଦାହରଣ ବୋଲି ମତ ଦେଇଥିଲେ । ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ନେହେରୁଙ୍କ ବୈଜ୍ଞାନିକ ମନୋଭାବ ପ୍ରତି ଗଭୀର ଶ୍ରଦ୍ଧା ଓ ସମ୍ମାନ ଥିଲା । ତାଙ୍କ 'ଭାରତ ଆବିଷ୍କାର' (ଡିସ୍କଭରି ଅଫ୍ ଇଣ୍ଡିଆ) ଜରିଆରେ ସେ ବୈଜ୍ଞାନିକ ମନୋଭାବକୁ ଜନପ୍ରିୟ କରାଇବା ପାଇଁ ଉଦ୍ୟମ କରିଥିଲେ ।

ଧର୍ମ ସ୍ୱତଃପ୍ରବୃତ୍ତ ଆବେଗ, ଉତ୍କଣ୍ଠା ଓ ସ୍ୱତଃସ୍ଫୂର୍ତ୍ତ ଅବବୋଧ ଉପରେ ଆସ୍ଥା ରଖେ ଏବଂ ଜୀବନର ପ୍ରତ୍ୟେକ କ୍ଷେତ୍ର ସକାଶେ ଏହାର ବ୍ୟବହାରଯୋଗ୍ୟତା ରହିଛି ବୋଲି ନିଶ୍ଚିତ ଥାଏ । ଏପରିକି ବୌଦ୍ଧିକ ପର୍ଯ୍ୟବେକ୍ଷଣ ଓ ଅନୁସନ୍ଧାନ ପାଇଁ ଯେଉଁ କ୍ଷେତ୍ରଗୁଡ଼ିକ ଅନୁକୂଳ, ସେହି କ୍ଷେତ୍ରଗୁଡ଼ିକୁ ବି ବାଦ ଦେବାକୁ ଚାହେଁନାହିଁ । ମନ ମସ୍ତିଷ୍କର ବାତାୟନକୁ ବନ୍ଦ ରଖି ଅନ୍ଧତ୍ୱ, ଅସହନଶୀଳତା, ଅସଙ୍ଗତି ଓ ଅଯୌକ୍ତିକତା ପ୍ରଭୃତିକୁ ଉତ୍ସାହିତ କରେ । ତେଣୁ କୁହାଯାଇପାରେ ଧର୍ମ ନିର୍ଭରଶୀଳ ଓ ଅମୁକ୍ତ ମଣିଷର ବିଶ୍ୱାସପ୍ରବଣତା-ଆଧାରିତ ଏକ ମନୋଭାବ । ଅନ୍ୟପକ୍ଷରେ ବିଜ୍ଞାନ ଓ ବୈଜ୍ଞାନିକ ମନୋଭାବ କ୍ଷୁଧା, ଦାରିଦ୍ର୍ୟ, ଅସ୍ୱାସ୍ଥ୍ୟକର ପରିବେଶ ଓ ନିରକ୍ଷରତା, ଅନ୍ଧବିଶ୍ୱାସ ଓ ନିଶ୍ଚେତକ ପ୍ରଥା ପରମ୍ପରା ଏବଂ ଅଯଥାର୍ଥ ସମ୍ବଳକ୍ଷୟ ଜନିତ ସମସ୍ୟାସବୁର ସମାଧାନ ପାଇଁ ସାମର୍ଥ୍ୟ ରଖେ । ଆମ ସମ୍ବିଧାନ ଅନୁଯାୟୀ ବି ବୈଜ୍ଞାନିକ ମନୋଭାବ, ମାନବତାବାଦ ଓ ଅନିସନ୍ଧିତ୍ସୁ ଚିତ୍ତବୃତ୍ତିର ବିକାଶ ଘଟାଇବା ନାଗରିକର ଅନ୍ୟତମ ମୌଳିକ କର୍ତ୍ତବ୍ୟ ।

ତୃଣମୂଳ ସ୍ତରରେ ବୈଜ୍ଞାନିକ ମନୋଭାବକୁ ଆଦୃତ କରାଇବା ପାଇଁ ୧୯୫୨ -୫୩ ରେ ଭାରତ ସରକାରଙ୍କ ଦ୍ୱାରା ପ୍ରଥମ ବଳିଷ୍ଠ ପଦକ୍ଷେପ ନିଆ ଯାଇଥିଲା । ତତ୍କାଳୀନ 'କାଉନ୍‌ସିଲ୍ ଅଫ୍ ସାଇଣ୍ଟିଫିକ୍ ଆଣ୍ଡ ଇଣ୍ଡଷ୍ଟ୍ରିଆଲ୍ ରିସର୍ଚ୍ଚ'(ସିଏସ୍‌ଆଇଆର୍) ମୁଖ୍ୟ ତଥା 'ଫାଦର୍ ଅଫ୍ ରିସର୍ଚ୍ଚ ଲାବୋରଟାରିଜ୍' ନାମରେ ପରିଚିତ ଶାନ୍ତି ସ୍ୱରୂପ ଭଟ୍ଟନାଗର ଏହାର ନେତୃତ୍ୱ ନେବା ସହ ବିଜ୍ଞାନ, ଟେକ୍ନୋଲୋଜି ଭିତ୍ତିଭୂମିର ବିକାଶ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ । ହୋମି ଜାହାଙ୍ଗୀର ଭାବା, ବିକ୍ରମ ସରାଭାଇ ଓ ସମଶ୍ରେଣୀୟ ଅନ୍ୟ ବୈଜ୍ଞାନିକମାନଙ୍କର ବି ସ୍ୱାଧୀନତାପ୍ରାପ୍ତି ପରବର୍ତ୍ତୀ ଭାରତର ବିକାଶ ପାଇଁ ଉଲ୍ଲେଖନୀୟ ଅବଦାନ ରହିଥିଲା ।

ଅନ୍ୟପକ୍ଷରେ ବୈଜ୍ଞାନିକ ମନୋଭାବର ବିକାଶକୁ ପ୍ରତିହତ କରିବା ପାଇଁ ସେତେବେଳେ ଉଦ୍ୟମ ଚାଲିଥିଲା ଏବଂ ଏବେ ବି ଉଦ୍ୟମ ଜାରି ରହିଛି । ନିଜକୁ ସ୍ୱାମୀ, ବାବା, ମାତା, ଗୁରୁ, ତାନ୍ତ୍ରିକ, ଫକୀର ପ୍ରଭୃତି ରୂପେ ପରିଚିତ କରାଇ ବହୁ ଭଣ୍ଡ ଏ ଦିଗରେ କାର୍ଯ୍ୟ କରିଚାଲିଛନ୍ତି । ବିଜ୍ଞାପନ ଜରିଆରେ ଲୋକଙ୍କୁ ଆକର୍ଷିତ କରି ବିଭିନ୍ନ ବ୍ୟକ୍ତିଗତ ସମସ୍ୟାର ସମାଧାନ ଓ ବ୍ୟାଧି ନିବାରଣ ପାଇଁ କର୍ମକାଣ୍ଡୀୟ ଉପଦେଶ ଦେଉଛନ୍ତି ଓ ଉତ୍ପାଦ ବିକ୍ରି କରୁଛନ୍ତି । ସେମାନଙ୍କ ଜାଲରେ ଧରା ଦେବାକୁ ଦୌଡୁଛନ୍ତି ତଥାକଥିତ ଶିକ୍ଷିତ ଓ ପ୍ରଭାବଶାଳୀ ଲୋକ । ରାଜନୈତିକ ପୃଷ୍ଠପୋଷକତା ବି ସେମାନଙ୍କୁ ମିଳୁଛି ।

ବିଜ୍ଞାନ ଅଧ୍ୟୟନ ସହିତ ବୈଜ୍ଞାନିକ ମନୋଭାବର ବିଶେଷ ସମ୍ପର୍କ ନାହିଁ । ଯଦି ଥା'ନ୍ତା, ତେବେ ବୈଜ୍ଞାନିକ ମହାକାଶକୁ ଯାନ ପଠାଇବା ପୂର୍ବରୁ ସଫଳତା ପାଇବା ଆଶାରେ ଉପାସନା ସ୍ଥଳକୁ ଯାଇ ପୂଜାର୍ଚ୍ଚନା କରନ୍ତେ ନାହିଁ କି ଧର୍ମଗୁରୁମାନଙ୍କ ଆଶୀର୍ବାଦ ଲୋଡ଼ନ୍ତେ ନାହିଁ । ବୈଜ୍ଞାନିକ ମନୋଭାବର ଅଗ୍ରଗାମୀତ୍ୱକୁ ବଜାୟ ରଖିବା ପାଇଁ ତେଣୁ ବିଜ୍ଞାନ ପଢ଼ିବା ଅପେକ୍ଷା ଅଧିକ ଜରୁରୀ, ହେଲା ନିଷ୍କପଟ ସନ୍ଦେହ ପୋଷଣ, ପକ୍ଷପାତିତା ଓ ଘୃଣା ବିଦ୍ୱେଷରୁ ମୁକ୍ତି, ବାସ୍ତବତା ଉପରେ ଗୁରୁତ୍ୱ ଆରୋପ, ଅପ୍ରମାଣ-ଆଧାରିତ ନିଷ୍ପତ୍ତି ବା ସିଦ୍ଧାନ୍ତକୁ ନାକଚ କରିବାର ସାମର୍ଥ୍ୟ ।

କାଶୀନଗର(ଗଜପତି),ମୋ: ୭୮୭୩୫୭୩୫୬୯

# ଶକୁନି ମନ୍ଦିର

## ବିଚିତ୍ର ବିଶ୍ୱାସ

ଓଜସ୍ୱିନୀ

ମହାଭାରତର ମୁଖ୍ୟ ଖଳନାୟକ ଶକୁନିଙ୍କ ଚତୁରତା ଓ ଚକ୍ରାନ୍ତ ଅତୁଳନୀୟ । ଆଜି ମଧ୍ୟ କୌଣସି କୁବୁଦ୍ଧି ବା କୁଚକ୍ରାନ୍ତକାରୀଙ୍କୁ ଶକୁନିଙ୍କ ସହ ତୁଳନା ଓ ଭର୍ତ୍ସନା କରାଯାଏ । ଶକୁନି ଖଳ ଓ ଦୁରାଚାରୀ ଚରିତ୍ରଯୁକ୍ତ ହୋଇଥିଲେ ମଧ୍ୟ ଦକ୍ଷିଣ ଭାରତରେ ତାଙ୍କର ଏକ ମନ୍ଦିର ଅଛି । ଶୁଣିବାକୁ ଆଶ୍ଚର୍ଯ୍ୟ ଲାଗୁଥିଲେ ମଧ୍ୟ କେତେକ ପୌରାଣିକ କଥାବସ୍ତୁକୁ ଆଧାର କରି ଶକୁନିଙ୍କୁ ଦେବତୁଲ୍ୟ ବିଚାର କରାଯାଇଛି । ଯଥା - ଅଧର୍ମର ବିନାଶ ଓ ଧର୍ମର ସଂସ୍ଥାପନ ପାଇଁ ଦେବତାଙ୍କ କ୍ରୋଧରୁ ସୃଷ୍ଟି ଶକୁନି ଦ୍ୱାପର ଯୁଗରେ ଧରାପୃଷ୍ଠରେ ଜନ୍ମ ନେଇଥିଲେ । କାଳକ୍ରମେ ସେ ପାଣ୍ଡବ ଓ କୌରବଙ୍କ ମଧ୍ୟରେ ବିଭାଜନ କରାଇ ଯୁଦ୍ଧର ତାଣ୍ଡବ ରଚନା କଲେ । ମହାଭାରତ ଯୁଦ୍ଧ ଦ୍ୱାରା ଅଧର୍ମର ବିନାଶ ଓ ଧର୍ମର ଜୟଗାନ ହେଲା ।

କେରଳର କୋଲ୍ଲମ ଜିଲ୍ଲାରେ ଶକୁନିଙ୍କୁ ସମର୍ପିତ ଏହି ମନ୍ଦିରକୁ 'ମଲନାଡ ମନ୍ଦିର' କୁହାଯାଉଛି । ଏହି ମନ୍ଦିର 'ମାୟମକୋଟ୍ଟୁ ମଳଂଚାରୁବୁ ମଲନାଡ ମନ୍ଦିର' ଭାବେ ମଧ୍ୟ ଜଣାଶୁଣା । ଯେଉଁଠାରେ ଶକୁନି ମହାଦେବଙ୍କୁ ତପସ୍ୟା କରି ପ୍ରସନ୍ନ କରିଥିଲେ ସେଠାରେ ଏହି ମନ୍ଦିର ନିର୍ମାଣ କରାଯାଇଛି । ସ୍ଥାନୀୟ ଜନଶ୍ରୁତି ଅନୁସାରେ ଏଠାରେ ମହାଦେବ ଶକୁନିଙ୍କୁ ସାକ୍ଷାତ ଦର୍ଶନ ଦେଇ ମୁକ୍ତି ପ୍ରଦାନ କରିଥିଲେ । ଯେଉଁ ଶିଳା ଉପରେ ଶକୁନି ତପସ୍ୟାରତ ଥିଲେ, ତାହା ଆଜି ମଧ୍ୟ ବିଦ୍ୟମାନ ଅଛି, ଯାହା 'ପବିତ୍ରେଶ୍ୱରମ୍' ଭାବେ ପରିଚିତ । ତେଣୁ ଏହି ମନ୍ଦିର ଶକୁନିଙ୍କର ପଶ୍ଚାତାପ ଏବଂ ମହାଦେବଙ୍କ ଆଶୀର୍ବାଦର ପ୍ରତୀକ ଭାବେ ରହିଛି । ଭକ୍ତମାନଙ୍କର ଅତୁଟ ବିଶ୍ୱାସ ରହିଆସିଛି ଯେ, ଏହି ମନ୍ଦିରରେ ବିଧିବିଧାନର ସହ ଶକୁନିଙ୍କ ପୂଜା କଲେ ସମସ୍ତ ମନସ୍କାମନା ପୂର୍ଣ୍ଣ ହୋଇଥାଏ । ଏହି ମନ୍ଦିରକୁ ଗୋଟିଏ ତନ୍ତ୍ରପୀଠ ଭାବରେ ମଧ୍ୟ ଖ୍ୟାତି ମିଳିଛି । ଗୁପ୍ତ ସିଦ୍ଧି ପ୍ରାପ୍ତ କରିବା ପାଇଁ ଏଠାରେ ତାନ୍ତ୍ରିକମାନଙ୍କର ଭିଡ଼ ଅନେକ ସମୟରେ ଦେଖିବାକୁ ମିଳେ । ଏଠାରେ ଶକୁନିଙ୍କ ସହିତ ମା' ନାଗଦେବୀ, କିରାତମୂର୍ତ୍ତି ଓ ନାଗରାଜଙ୍କୁ ମଧ୍ୟ ପୂଜା କରାଯାଉଛି । ପ୍ରତିବର୍ଷ ଏଠାରେ 'ମଲକୁଣ୍ଡା ମହୋଲସବମ୍' ନାମକ ଉତ୍ସବ ପାଳନ କରାଯାଏ । ଏହି ଉତ୍ସବରେ ପାରମ୍ପରିକ ରୀତିନୀତି ଅନୁସାରେ ଶକୁନିଙ୍କର ବିଶେଷ ପୂଜାର୍ଚ୍ଚନା ଅନୁଷ୍ଠିତ ହୋଇଥାଏ ଏବଂ ହଜାର ହଜାର ଶ୍ରଦ୍ଧାଳୁ ଉକ୍ତ ପୂଜାରେ ଯୋଗ ଦେଇଥା'ନ୍ତି । ସ୍ଥାନୀୟ ଲୋକଙ୍କ ବ୍ୟତୀତ ଭାରତର ଅନେକ ସ୍ଥାନରୁ ମଧ୍ୟ ଭକ୍ତମାନେ ଏହି ଭବ୍ୟ ଉତ୍ସବରେ ଯୋଗ ଦେଇ ଶକୁନିଙ୍କ ସହିତ ମା' ନାଗଦେବୀ, କିରାତମୂର୍ତ୍ତି ଓ ନାଗରାଜଙ୍କୁ ପୂଜା କରି ଆଶିଷ ଭିକ୍ଷା କରିଥା'ନ୍ତି ।

କେବଳ କେରଳରେ ଶକୁନି ମନ୍ଦିର କାହିଁକି ପ୍ରତିଷ୍ଠା ହେଲା, ସେ ସମ୍ପର୍କରେ ଗୋଟିଏ ଲୋକକଥା ଅଛି । କଥା ଅନୁସାରେ, ଯୁଦ୍ଧଭୂମିରେ ଆତ୍ମୀୟସ୍ୱଜନଙ୍କ ମୃତ୍ୟୁ, ଅଗଣିତ ସୈନିକଙ୍କର ରକ୍ତରଞ୍ଜିତ ମୃତ ଶରୀର, ରାଜ୍ୟଗୁଡ଼ିକର ବିଭାଜନ, ହାହାକାର ଓ ଶିଶୁଙ୍କ ଆର୍ତ୍ତନାଦ ଦେଖିବା ପରେ ଶକୁନି ପଶ୍ଚାତାପର ଅଗ୍ନିରେ ଜଳିବାକୁ ଲାଗିଲେ । ନିଜକୁ ବହୁବାର ଧିକ୍କାର କରିବା ପରେ ସେ ପଶ୍ଚାତାପ ମନସ୍କ ହୋଇ ବାନପ୍ରସ୍ଥରେ ବାହାରିଲେ । ତପସ୍ୟା କରିବା ପାଇଁ ଶାନ୍ତିର ସନ୍ଧାନରେ ସେ ଆସି ପହଞ୍ଚିଲେ କେରଳର କୋଲ୍ଲମଠାରେ । ଏଠାରେ ସେ ମହାଦେବଙ୍କୁ ତପସ୍ୟା କରି ପ୍ରାୟଶ୍ଚିତ କରିବା ପାଇଁ ସ୍ଥିର କଲେ ଏବଂ ଶତାଧିକ ବର୍ଷ ତପସ୍ୟା କରିବା ପରେ ମହାଦେବ ସ୍ୱୟଂ ଶକୁନିଙ୍କୁ ଦର୍ଶନ ଦେଇ ତାଙ୍କର ମନସ୍କାମନା ପୂର୍ଣ୍ଣ କରିବା ସହ ତାଙ୍କୁ ମୁକ୍ତି ପ୍ରଦାନ କଲେ । ତେଣୁ ସମୟକ୍ରମେ ଏହି ସ୍ଥାନରେ ଶକୁନିଙ୍କ ମନ୍ଦିର ନିର୍ମାଣ ହେଲା ଏବଂ ଉକ୍ତ ତପସ୍ୟା ଶିଳା ମହାଦେବଙ୍କ ଆଶିଷପ୍ରାପ୍ତ ହୋଇ 'ପବିତ୍ରେଶ୍ୱରମ୍' ନାମରେ ଖ୍ୟାତ ହେଲା ।

କୋଲ୍ଲମଠାରେ କେବଳ ଶକୁନିଙ୍କ ମନ୍ଦିର ସହିତ ଦୁର୍ଯ୍ୟୋଧନ ଓ କୌରବ ୧୦୦ ଭାଇ ଓ ଭଗ୍ନୀ ଦୁଶଳାଙ୍କ ମନ୍ଦିର ମଧ୍ୟ ୫୦ ମିଟର ବ୍ୟବଧାନ ଭିତରେ ରହିଛି । କେରଳର ରହୁଥିବା 'କୁରାଭାର' ନାମକ ପ୍ରାଚୀନ ସମୁଦାୟର ଲୋକମାନେ ନିଜକୁ କୌରବଙ୍କ ବଂଶଧର ବୋଲି କହିଥା'ନ୍ତି । ତେଣୁ ଏହି ସମୁଦାୟର ଲୋକମାନେ ଶକୁନି ମନ୍ଦିର, ଦୁର୍ଯ୍ୟୋଧନ ମନ୍ଦିର ଓ ଅନ୍ୟ କୌରବ ମନ୍ଦିରଗୁଡ଼ିକରେ ପୂଜାର୍ଚ୍ଚନା କରିଥା'ନ୍ତି । ଏହି ମନ୍ଦିରଗୁଡ଼ିକରେ ବୈଦିକ ପୂଜାର୍ଚ୍ଚନା ପରିବର୍ତ୍ତେ ଲୋକଗୀତ, ଲୋକପ୍ରଥା, ଆଦିବାସୀ ପରମ୍ପରାର ଝଲକ ଅଧିକ ଦେଖିବାକୁ ମିଳେ । ତଥାପି ଶକୁନି ମନ୍ଦିରରେ ହେଉଥିବା ବାର୍ଷିକ ମେଳାରେ ଜାତିଧର୍ମବର୍ଣ୍ଣ ନିର୍ବିଶେଷରେ ଲୋକମାନେ ଅଂଶଗ୍ରହଣ କରିଥା'ନ୍ତି । ଶ୍ରଦ୍ଧାଳୁଙ୍କର ଅତୁଟ ବିଶ୍ୱାସ ଏହିସବୁ ମନ୍ଦିର ସହିତ ଜଡ଼ିତ ହୋଇ ରହିଛି ଏବଂ ଏହି ବିଶ୍ୱାସ ଯୋଗୁଁ ସେମାନଙ୍କ ମନୋସ୍କାମନା ଅବିଳମ୍ବେ ପୂର୍ଣ୍ଣ ହୋଇଛି ବୋଲି ଶୁଣିବାକୁ ମିଳେ ।

ଭୁବନେଶ୍ୱର, ମୋ: ୯୦୯୦୧୯୪୯୪୩

ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ । ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ବିଳମ୍ବ ହେଲେ...

ହେବ । ଏଭଳି କ୍ଷେତ୍ରରେ ଅଦାଲତ ହସ୍ତକ୍ଷେପ କରିପାରିବେ ଏବଂ ଯୁକ୍ତିଯୁକ୍ତ ସମୟମଧ୍ୟରେ ନିଷ୍ପତ୍ତି ନେବା ନିମନ୍ତେ ରାଜ୍ୟପାଳଙ୍କୁ ନିର୍ଦ୍ଦେଶ ଦେଇପାରିବେ । କୋର୍ଟ କହିଲେ ଯେ ରାଷ୍ଟ୍ରପତି/ରାଜ୍ୟପାଳଙ୍କ କ୍ଷମତାକୁ ସଙ୍କୁଚିତ କରାଯିବା ହେଉଛି ସମ୍ବିଧାନ-ବିରୋଧୀ । ତେବେ ବିନା କାରଣରେ ବିଲ୍ ଉପରେ ନିଷ୍ପତ୍ତିରେ ଅହେତୁକ ବିଳମ୍ବ ହେଲେ କୋର୍ଟ ହସ୍ତକ୍ଷେପ କରିପାରିବେ । ସେହିଭଳି ଆଉ ଏକ ପ୍ରଶ୍ନର ଉତ୍ତର ଦେବାକୁ ଯାଇ ସୁପ୍ରିମ କୋର୍ଟ କହିଛନ୍ତି ଯେ ରାଷ୍ଟ୍ରପତି/ରାଜ୍ୟପାଳ ଅନୁମୋଦନ ନଦେଲେ ବିଧାନସଭା ଦ୍ୱାରା ପାରିତ ବିଲ୍ ଅନୁମୋଦିତ ହେଲା ବୋଲି ଧରି ନିଆଯିବା ଭଳି ସମ୍ବିଧାନରେ ବ୍ୟବସ୍ଥା ନାହିଁ କି ସମ୍ବିଧାନ ଏଥିପାଇଁ ଅନୁମତି ମଧ୍ୟ ଦେଉନାହିଁ ।

ସୂଚନାଯୋଗ୍ୟ ଗତ ଏପ୍ରିଲ ମାସରେ ସୁପ୍ରିମ କୋର୍ଟଙ୍କ ଦୁଇ ଜଣିଆ ବେଞ୍ଚ ତାମିଲନାଡୁ ରାଜ୍ୟପାଳ ଆରଏନ୍ ରବି ବନାମ ତାମିଲନାଡୁ ସରକାର ମାମଲାରେ ଐତିହାସିକ ରାୟ ଦେଇ ବିଲ୍ ଉପରେ ନିଷ୍ପତ୍ତି ନେବାଲାଗି ରାଷ୍ଟ୍ରପତି ଓ ରାଜ୍ୟପାଳଙ୍କ ଲାଗି ୬ ମାସର ସମୟସୀମା ଧାର୍ଯ୍ୟ କରିଥିଲେ । ଏହି ପ୍ରଶ୍ନ ଉପରେ ଗତ ମେ ମାସରେ ରାଷ୍ଟ୍ରପତି ଶ୍ରମତୀ ମୁର୍ମୁ ପ୍ରେସିଡେନସିଆଲ ରେଫେରେନ୍ସ ଜରିଆରେ ସୁପ୍ରିମ କୋର୍ଟଙ୍କ ମତାମତ ଲୋଡ଼ିଥିଲେ । ତେବେ ମାମଲାର ଶୁଣାଣି ଚାଲିଥିବା ବେଳେ ସମ୍ବିଧାନ ବେଞ୍ଚ ସ୍ପଷ୍ଟ କରିଦେଇଥିଲେ ଯେ ଏହି ମାମଲାରେ କୋର୍ଟ କେବଳ ତାଙ୍କର ମତାମତ ଦେବେ । ଏପ୍ରିଲ ମାସରେ ସୁପ୍ରିମ କୋର୍ଟ ଦେଇଥିବା ରାୟ ଉପରେ ଏହାକୁ ପୁନର୍ବିଚାର ବୋଲି କୁହାଯାଇପାରିବ ନାହିଁ । ସେହି ରାୟକୁ ରଦ୍ଦ କରିବା ଲାଗି ବେଞ୍ଚ ମନା କରିଦେଇଥିଲେ । ଶୁଣାଣି ବେ ।ଳେ ପ୍ରଧାନ ବିଚାରପତି ଆହୁରି ସ୍ପଷ୍ଟ କରିଦେଇଥିଲେ ଯେ ସାମ୍ବିଧାନିକ କର୍ତ୍ତୃପକ୍ଷ ନିଜ ଦାୟିତ୍ୱ ତୁଲାଇବାରେ ବିଫଳ ହେଲେ ସୁପ୍ରିମ କୋର୍ଟ ଚୁପ ହୋଇ ବସିପାରି ।ବେ ନାହିଁ ।

### ହିତାଧିକାରୀଙ୍କୁ ରାସନ...

ବିଏମ୍‌ସି ଅଞ୍ଚଳ ପାଇଁ ୩୬ ହଜାର ହିତାଧିକାରୀଙ୍କ ନାମରେ ଥିବା ରାସନ କାର୍ଡ କଟାଯିବା ଲକ୍ଷ୍ୟ ରଖାଯାଇଛି । ସେହିପରି ଆଠଗଡ଼ ବ୍ଲକ୍ ପାଇଁ ପ୍ରାୟ ୫ ହଜାରରୁ ଅଧିକ, ଭଦ୍ରକ ବ୍ଲକରେ ୨୭ ହଜାର ୯୭୦ ଟି କାର୍ଡ କଟାଯିବ । ସେହିପରି ଯାଜପୁର ଜିଲ୍ଲାର ବିଭିନ୍ନ ବ୍ଲକ୍‌ରୁ ପ୍ରାୟ ୪୨ ହଜାର, ନୟାଗଡ଼ ଜିଲ୍ଲାରୁ ୩୫ ହଜାର, ସମ୍ବଲପୁର ଜିଲ୍ଲାରୁ ୫୧ ହଜାର ହିତାଧିକାରୀଙ୍କ ନାମ ସନ୍ଦିଗ୍ଧ ସୂଚୀରେ ରହିଛି ଏବଂ ଏମାନଙ୍କ ରାସନ କାର୍ଡ ରଦ୍ଦ ହୋଇପାରେ ବୋଲି କୁହାଯାଉଛି । ଯଦିଓ ରାଜ୍ୟସ୍ତରରେ ଯୋଗାଣ ବିଭାଗଏ ସମ୍ପର୍କରେ ମୁହଁ ବନ୍ଦ ରଖିଛି, ତଥାପି ସାରା ରାଜ୍ୟରେ ରାସନ୍ କାର୍ଡ କଟିବାକୁ ନେଇ ଲୋକେ ଭୟଭୀତ ଅବସ୍ଥାରେ ରହିଛନ୍ତି । ଅନ୍ୟପକ୍ଷରେ ଯେଉଁମାନେ ଅନେକ ଦିନ ପର୍ଯ୍ୟନ୍ତ କାର୍ଡରେ ଚାଉଳ ନେଇ ନାହାନ୍ତି ସେମାନଙ୍କ ନାମ ମଧ୍ୟ ରାସନକାର୍ଡ ସୂଚୀରୁ ବାଦ ପଡ଼ିବ । ରାଜ୍ୟରେ ଜାରି ରହିଥିବା ଇ-କେୱାଇସି ପ୍ରକ୍ରିୟାରେ ପ୍ରାୟ ୧୫ ଲକ୍ଷ ହିତାଧିକାରୀ ଏଯାଏଁ କେୱାଇସି କରି ନାହାନ୍ତି । ଏମାନଙ୍କ ମଧ୍ୟରେ ଅନେକ ଯୋଗ୍ୟ ହିତାଧିକାରୀ ଇ-କେୱାଇସି କରି ପାରି ନ ଥିବା ଅଭିଯୋଗ ହୋଇ ଆସୁଛି । ଏମିତି କି ଇ କେୱାଇସି ଯୋଗୁଁ ଯାଜପୁରରେ ଜଣେ ମାଙ୍କିଡିଆ ସମ୍ପ୍ରଦାୟର ଲୋକଙ୍କୁ ଚାଉଳ ନ ମିଳିବ ହେତୁ ଅନାହାରରେ ତାଙ୍କର ମୃତ୍ୟୁ ହୋଇଥିବା ଭଳି ଘଟଣା ମଧ୍ୟ ଘଟିଛି । ଏହି ସ୍ଥିତିରେ ପୁଣି ରାସନ କାର୍ଡ କାଟିବାକୁ ନେଇ ଯୋଜନା ହେବା ପରେ ରାଜ୍ୟରେ ଥିବା ଖାଦ୍ୟ ସୁରକ୍ଷା ହିତାଧିକାରୀଙ୍କ ପାଇଁ ଚିନ୍ତା ବଢ଼ିଛି । ଜିଲ୍ଲା ଓ ବ୍ଲକ୍ ସ୍ତରରେ ଯୋଗାଣ ବିଭାଗ ଅଧିକାରୀମାନେ ଏବେ ହାତରେ ସନ୍ଦିଗ୍ଧ (ସସ୍‌ପେକ୍ଟ) ତାଲିକା ଧରି କ୍ଷେତ୍ରସ୍ତରରେ ଯାଞ୍ଚ ଆରମ୍ଭ କରିଛନ୍ତି । ଇ-କେୱାସି ପରେ ପରେ ଏଭଳି ଯାଞ୍ଚ ଆରମ୍ଭ ହୋଇଥିବାରୁ ଅନେକ ହିତାଧିକାରୀଙ୍କୁ କାର୍ଡ କଟିଯିବାର ଭୟ ଘାରିଛି ।

### ବିହାର ମୁଖ୍ୟମନ୍ତ୍ରୀ...

ଶପଥ ଗ୍ରହଣ ପରେ ପ୍ରଧାନମନ୍ତ୍ରୀ ମୋଦୀ ଗାମୁଛା ହଲାଇ ଲୋକଙ୍କୁ ଅଭିବାଦନ ଜଣାଇଥିଲେ । ମଞ୍ଚରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା, ବିଜେପି ଅଧ୍ୟକ୍ଷ ଜେପି ନଡ୍ଡାଙ୍କ ସମେତ ଅନେକ ବଡ଼ ନେତା ସାମିଲ ହୋଇଥିଲେ । ସମାରୋହରେ ହରିୟାଣା, ଆସାମ, ଗୁଜରାଟ, ମେଘାଳୟ, ଉତ୍ତର ପ୍ରଦେଶ, ନାଗାଲାଣ୍ଡ, ଓଡ଼ିଶା, ଦିଲ୍ଲୀ, ମଧ୍ୟପ୍ରଦେଶ ଏବଂ ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଉପସ୍ଥିତ ଥିଲେ ।

### ସରକାରଙ୍କୁ ଘେରିବାକୁ...

ବିଜେଡିର ହଟ୍ଟଗୋଳ କାରଣରୁ ଅଧିବେଶନଟି ଏକପ୍ରକାର ଧୋଇ ହୋଇଯାଇଥିଲା । କଂଗ୍ରେସର ଅନାସ୍ଥା ପ୍ରସ୍ତାବ ସେତେବେଳେ ରାଜ୍ୟ ରାଜନୀତିକୁ ସରଗରମ କରିଥିବାବେଳେ ଏକାଧିକ ପ୍ରସଙ୍ଗକୁ ନେଇ ସରକାରଙ୍କୁ ଅଡୁଆରେ ପକାଇଥିଲା ବିଜେଡି । ଆସନ୍ତା ଅଧିବେଶନରେ ସମାନ ଢଙ୍ଗରେ ସରକାରଙ୍କୁ ଘେରରଉ କରାଯିବ ବୋଲି କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ ସୂଚନା ଦେଇଛନ୍ତି । ରାଜ୍ୟ ସରକାରଙ୍କ ବିରୋଧରେ ପୁଳାପୁଳା ପ୍ରସଙ୍ଗ ରହିଛି । ଆସନ୍ତା ୨୬ ତାରିଖରେ ଆମର ବିଧାୟକ ଦଳ ବୈଠକ ଅନୁଷ୍ଠିତ ହେବ । ବୈଠକରେ ବିଧାନସଭାରେ କେଉଁ ପ୍ରସଙ୍ଗ ଉତ୍ଥାପନ କରାଯିବ, ତାହା ସ୍ଥିର କରାଯିବ ବୋଲି ସେ କହିଛନ୍ତି ।

ସେହିପରି ବିଜେଡିର ବରିଷ୍ଠ ବିଧାୟକ ଡ. ଅରୁଣ କୁମାର ସାହୁ କହିଛନ୍ତି ଯେ ଲୋକଙ୍କ ମତକୁ ଯେ କୌଣସି ଉପାୟରେ ବିଜେପି ଯେମିତି ନେଇପାରିଛି, ସେହିପରି ଭାବେ ପ୍ରତିଦାନ କିନ୍ତୁ ଦେଇପାରୁ ନାହିଁ । ଯାହାଫଳରେ ରାଜ୍ୟରେ ବେକାରୀ, ଦରଦାମ, ଦାଦନ, ମହିଳା ଅତ୍ୟାଚାର ବୃଦ୍ଧି ପାଇବାରେ ଲାଗିଛି । ଚାଷୀକୁଳ ହତାଦାର, ପ୍ରତାରିତ ହେଉଥିବା ବେଳେ ଶିକ୍ଷା ଏବଂ ସ୍ୱାସ୍ଥ୍ୟ କ୍ଷେତ୍ରରେ କ୍ରମାଗତ ଭାବେ ଅବନତି ଦେଖା ଦେଇଛି । ଯେଉଁ ପ୍ରସଙ୍ଗ ଛୁଇଁବ, ସେହି ପ୍ରସଙ୍ଗରେ ସରକାର ବିଫଳ ବୋଲି କ୍ଷୋଭ ପ୍ରକାଶ କରିଛନ୍ତି ଅରୁଣ । ଉପରୋକ୍ତ ପ୍ରସଙ୍ଗଗୁଡ଼ିକୁ ନେଇ ଆମେ ସରକାରଙ୍କୁ ଜବାବ୍ ମାଗିବୁ ବୋଲି ସେ କହିଛନ୍ତି । ଏତଦ୍ ବ୍ୟତୀତ ମହାନଦୀଠାରୁ ଆରମ୍ଭ କରି ପୋଲାଭରମ୍ ପର୍ଯ୍ୟନ୍ତ ସମସ୍ତ ରାଜ୍ୟସ୍ୱାର୍ଥ ସମ୍ବଳିତ ପ୍ରସଙ୍ଗକୁ ବିଜେଡି ଦୃଢ଼ଭାବେ ବିଧାନସଭାରେ ଉତ୍ଥାପନ କରିବ ବୋଲି ସେ ସୂଚନା ଦେଇଛନ୍ତି ।

ସୂଚନାଯୋଗ୍ୟ ଯେ ଡିସେମ୍ବର ୩୧ ତାରିଖ ଯାଏଁ ଚାଲିବାକୁ ସ୍ଥିର ହୋଇଛିଏବଂ ଅଧିବେଶନରେ ମୋଟ ୨୯ଟି କାର୍ଯ୍ୟ ଦିବସ ରହିଛି । ପ୍ରମୁଖ କାର୍ଯ୍ୟଦିବସ ମଧ୍ୟରେ ପ୍ରଥମ ଦିନରେ ଅପରାହ୍ନରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ସମ୍ବୋଧନ ସହ ୨୮ ତାରିଖରେ ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ପ୍ରଥମ ଅତିରିକ୍ତ ବଜେଟ ଆଗତ ହେବାକୁ କାର୍ଯ୍ୟ ଧାର୍ଯ୍ୟ କରାଯାଇଛି । ଡିସେମ୍ବର ୪, ୫ ଓ ୬ ତାରିଖ ତିନିଦିନ ଧରି ଅତିରିକ୍ତ ଖର୍ଚ୍ଚଦାବୀ ଆଲୋଚନା ହେବା ପରେ ୮ ତାରିଖରେ ବ୍ୟୟମଞ୍ଜୁରୀ ବିଧେୟକ ଆଗତ ହେବ ।

### ୨୨ରେ ଲଘୁଚାପ...

ବାତ୍ୟାରେ ପରିଣତ ହୁଏ, ତେବେ ପବନର ବେଗ ମଧ୍ୟ ବୃଦ୍ଧି ପାଇବାର ଆଶଙ୍କା ରହିଛି । ଏହି ଘୂର୍ଣ୍ଣିବଳୟ ଓ ଲଘୁଚାପ ଯୋଗୁଁ ରାଜ୍ୟରେ ବର୍ଷା ପରିମାଣ କେତେ ରହିବ ସେ ନେଇ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ କୌଣସି ସୂଚନା ଜାରି କରାଯାଇନାହିଁ । ତେବେ ଲଘୁଚାପ ପ୍ରଭାବରେ ଉପକୂଳ ଓଡ଼ିଶା ସହ ଏହାର ଆଖପାଖ ଜିଲ୍ଲାଗୁଡ଼ିକରେ ବର୍ଷା ହେବାର ସମ୍ଭାବନା ରହିଛି । ସମ୍ଭବତଃ ୨୭ ତାରିଖରୁ ରାଜ୍ୟରେ ପାଗରେ ପରିବର୍ତ୍ତନ ଆସିବା ସହ ବର୍ଷାର ପରିମାଣ ବଢ଼ିବାର ଆଶଙ୍କା କରାଯାଇଛି । ବର୍ଷାକୁ ପ୍ରାଥମିକ ଭାବେ ଆଇଏମ୍‌ଡି ବିସ୍ତାରିତ ପରିସର ଆକଳନ ଜାରି କରିଛି । ଏଥିରେ ୨୮ ତାରିଖରୁ ଡିସେମ୍ବର ୪ ତାରିଖ ମଧ୍ୟରେ ଆନ୍ଧ୍ର ପ୍ରଦେଶ ଓ ଓଡ଼ିଶାରେ ସର୍ବାଧିକ ପରିମାଣର ବର୍ଷା ହୋଇପାରେ ବୋଲି ବିଭାଗ ଆକଳନ କରିଛି । ଅନ୍ୟପଟେ ସମ୍ଭାବ୍ୟ ଲଘୁଚାପ ଯୋଗୁଁ ରାଜ୍ୟରେ ଶୀତର ପରିମାଣ କମିବାରେ ଲାଗିଛି । ସାରା ରାଜ୍ୟରେ ତାପମାତ୍ରା ରାତିର ତାପମାତ୍ରାରେ କିଛି କିଛି ବଢ଼ିଛି । ଗତ ୨୪ ଘଣ୍ଟାରେ ସର୍ବନିମ୍ନ ତାପମାତ୍ରା ଫୁଲବାଣୀରେ ୧୧.୫ ଡିଗ୍ରୀ ରେକର୍ଡ ହୋଇଛି । ଏହା ସହିତ ଦାରିଙ୍ଗିବାଡ଼ିରେ ମଧ୍ୟ ତାପମାତ୍ରା ୧୧.୫ ଡିଗ୍ରୀ ସେଲ୍‌ସିୟସ୍ ରହିଛି । ୧୨ ଡିଗ୍ରୀ କିମ୍ବା ଏହାଠାରୁ କମ୍ ତାପମାତ୍ରା ଓଡ଼ିଶାର ୪ଟି ଜାଗାରେ ରେକଡର୍ କରାଯାଇଥିବା ବେଳେ ୧୫ ଡିଗ୍ରୀ କିମ୍ବା ଏହାଠାରୁ କମ୍ ତାପମାତ୍ରା ୧୫ଟି ଜାଗାରେ ରେକର୍ଡ କରାଯାଇଛି । ବର୍ତ୍ତମାନ ପବନ ପ୍ରବାହର ଦିଗ ବଦଳିଛି । ରାଜ୍ୟରେ ଏବେ ବଙ୍ଗୋପସାଗରରୁ ଜଳୀୟବାଷ୍ପ ପୂର୍ଣ୍ଣ ବାୟୁ ପ୍ରବାହିତ ହେଉଛି । ଫଳରେ ରାଜ୍ୟରେ ତାପମାତ୍ରା ବଢିବାରେ ଲାଗିଛି । ଆଗକୁ ତାପମାତ୍ରାରେ ବୃଦ୍ଧି ଯୋଗୁଁ ଶୀତର ମାତ୍ରା କମିବା ନେଇ ସମ୍ଭାବନା ରହିଛି ।

### ଗୋଟିଏ କ୍ଲାସ୍ ପରେ...

ପଢ଼ିଛନ୍ତି । ସେ କହିଛନ୍ତି, ଯଦି ପୁଅର ର୍‍ୟାଙ୍କ ନଥିଲା, ନିଟ୍ ସେଲ୍ କାହିଁକି ଓ କେମିତି କଲେଜ ଲିଙ୍ଗ ସାର୍ଟିଫିକେଟ୍ (ସିଏଲ୍‌ସି) ରଖିବା ସହ ଆଡମିସନ୍ ବାବଦକୁ ୩୭, ୯୪୦ ଟଙ୍କା ନେଇ ଭିମସାର୍‌ରେ କ୍ଲାସ୍ କରିବାକୁ ଅନୁମତି ଦେଲା ?

ସୂଚନାନୁଯାୟୀ, ମୁକେଶଙ୍କ ଘର ବରଗଡ଼ ଜିଲ୍ଲା ବିଜେପୁର ରଙ୍ଗମଟିଆରେ । ଗତ ନିଟ୍ ପରୀକ୍ଷାରେ ସେ ସର୍ବଭାରତୀୟସ୍ତରରେ ସାଧାରଣ ବର୍ଗରେ ୨୬୪୫୯ ରାଙ୍କ ପାଇଥିଲେ । ସେ ନିଟ୍ ପରୀକ୍ଷାରେ ୫୨୯ ମାର୍କ ରଖିଥିବା ବେଳେ ଷ୍ଟେଟ୍ ରାଙ୍କ ତାଙ୍କର ୯୧୧ ରହିଥିଲା । ତାଙ୍କୁ ଗତ ୨୧ ଅଗଷ୍ଟରେ ବୁର୍ଲାସ୍ଥିତ ବୀରସୁରେନ୍ଦ୍ର ସାଏ ମେଡିକାଲ କଲେଜ ଓ ହସପିଟାଲ (ଭିମସାର୍)ରେ ସିଟ୍ ଆଲଟ୍ କରାଯାଇଥିଲା । ଆଡମିସନ୍ ଫି' ବାବଦକୁ ସେ ୩୭ ୯୪୦ ଟଙ୍କା ଅନ୍‌ଲାଇନ୍‌ରେ ଜମା କରିଥିଲେ । ସେହିମାସ ୨୪ ତାରିଖରେ ଭୁବନେଶ୍ୱର ଗଣ୍ଡମୁଣ୍ଡାସ୍ଥିତ ଓଜେଇଇ କାର୍ଯ୍ୟାଳୟରେ ଧାର୍ଯ୍ୟ ସମୟରେ ତାଙ୍କର ଭିମସାରରେ ଏମ୍‌ବିବିଏସ୍ ଆଡମିସନ୍ ବି ହୋଇଥିଲା । କିନ୍ତୁ ଭିମସାରରେ ଗୋଟିଏ କ୍ଲାସ କଲା ପରେ ରାତାରାତି କିପରି ତାଙ୍କର ନିଟ୍ ରାଙ୍କ ବଦଳିଗଲା, ତାହା କେହି ବୁଝିପାରୁନାହାନ୍ତି । ତାଙ୍କ ରାଙ୍କ ଏବେ ୨୬୪୫୯ ରୁ ସିଧା ୧୭ ଲକ୍ଷ ରାଙ୍କକୁ ଖସି ଆସିଛି ।

ମୁକେଶ ଓ ତାଙ୍କ ବାପା ସୁଦାମ ଏ ସଂପର୍କରେ ଭିମସାର ସହକାରୀ ପ୍ରଫେସର ଡା. ଶଙ୍କର ରାମଚନ୍ଦାନୀଙ୍କ ନିକଟରେ ଅଭିଯୋଗ କରିଥିଲେ । ଡା. ରାମଚନ୍ଦାନୀ ସେମାନଙ୍କ କାଗଜପତ୍ର ଦେଖିବା ପରେ ଏପରି ଏକ ଠକେଇ ଘଟଣା ଘଟିଛି ବୋଲି ସାମାଜିକ ଗଣମାଧ୍ୟମରେ ଉଲ୍ଲେଖ କରିଛନ୍ତି । ଡା. ରାମଚନ୍ଦାନୀଙ୍କ କହିବା ଅନୁଯାୟୀ, ଯେହେତୁ ମୁକେଶ କହୁଛନ୍ତି, ଏହା ଠକେଇ ଭଳି ଲାଗୁଛି । ସବିଶେଷ ତଦନ୍ତ ହେବା ଆବଶ୍ୟକ । ସେପଟେ, ଘଟଣାକୁ ନେଇ ଭିମସାର ଡିନ୍ କହିଛନ୍ତି, ଆମ ପାଖକୁ ଓଜେଇଇର ଯେଉଁ ଲିଷ୍ଟ ଆସେ, ସେହି ଅନୁସାରେ ଆମେ ଆଡମିଶନ୍ ଦେଉ । ଯେଉଁ ୧୭୦ଜଣଙ୍କ ଲିଷ୍ଟ ଆସିଛି, ସେଥିରେ ମୁକେଶ ପୁରୋହିତ ବୋଲି ଗୋଟିଏ ନାଁ ଅଛି । କିନ୍ତୁ, ମୁକେଶ ସାହୁ ବୋଲି କେହିନାହାନ୍ତି । ଓଜେଇଇର ଯେଉଁ ଲିଷ୍ଟ ଆସିଛି ସେହିମାନଙ୍କୁ ଆମେ ଆଡମିଶନ ଦେଇପାରିବୁ, ଅନ୍ୟମାନଙ୍କୁ ଦେଇପାରିବୁନି ବୋଲି କହିଛନ୍ତି ।

### ଶଙ୍କର, ସୁରେଶ...

ଅଭିଯୁକ୍ତ ଶଙ୍କର, ସୁରେଶ ଓ ସାଗରଙ୍କ ଜାମିନ ଆବେଦନକୁ ଖାରଜ କରିଦେଇଥିବା ଗଞ୍ଜାମ ଜିଲ୍ଲା ପିପି ବିଶ୍ୱଜିତ ବରାଳ ସୂଚନା ଦେଇଛନ୍ତି । ଅନ୍ୟପକ୍ଷରେ, ଗିରଫ ଅଭିଯୁକ୍ତ ଅରବିନ୍ଦ ଦାସଙ୍କ ଜାମିନ ଆବେଦନକୁ ତାଙ୍କ ଓକିଲ ପ୍ରତ୍ୟାହାର କରିନେଇଥିବା ଜଣାପଡ଼ିଛି ।

ଅଭିଯୁକ୍ତମାନେ ବାହାରକୁ ଆସିଲେ ସାକ୍ଷୀଙ୍କୁ ପ୍ରଭାବିତ କରିବା ଓ ପ୍ରମାଣ ନଷ୍ଟ କରିବାର ଆଶଙ୍କା ଥିବା ସିବିଆଇ ପକ୍ଷରୁ ଦର୍ଶାଯାଇଥିଲା । ଅଢ଼େଇ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ଏହାକୁ ନେଇ ଉଭୟପକ୍ଷଙ୍କ ମଧ୍ୟରେ ଯୁକ୍ତି ହୋଇଥିଲା । ପରେ ଅଦାଲତ ମାମଲାର ଶୁଣାଣି କରି ଶଙ୍କର, ସୁରେଶ ଓ ସାଗରଙ୍କ ଜାମିନ ଆବେଦନକୁ ଖାରଜ କରିଥିଲେ ।


**AFFIDAVIT**

**I, Basanti Majhi,** W/o.: Bulu Majhi, Permanent resident of At/PO.: Nuahata, P.S.: Banarpal, Dist.: Angul, Odisha-759128 declare by this Affidavit No.: 6060, sworn before Executive Magistrate, Angul on Dt.19.11.2025 that from now onwards my name Basnti Majhi will be known as **Basanti Majhi** for all future legal purposes.

**LOST**

By Virtue of an Affidavit sworn before the Executive Magistrate, Bhubaneswar **Dtd. 15/11/2025**, I, **Sitaram Satapathy** S/o: Santanu Kumar Satapathy, have lost my Matric Certificate and Mark sheet (Roll No. 17PB328), +2 Certificate and Mark sheet (Roll No. 321EA265), B.Tech Certificate and Grade sheet (Regd. No. 1101109050), and M.Tech Certificate and Grade sheet (Regd. No. 1607106100) somewhere near Tamando on **17th August 2025**. If found, kindly Contact: **7381654085**.

**AFFIDAVIT**

By virtue of an affidavit sworn before the Executive Magistrate Jharbandh of District Bargarh dated 17th November 2025, CF No.- 01, I Hitanjali Kushal aged about 27 years, W/o- Abhilas Kushal, resident of Village- Loharsingh, Po.- Bhainsadarha PS./Block- Jharbandh, Dist.- Bargarh, Pin-768042 hereby declares that, for myself I have changed my name from **Hitanjali Luhar** to **Hitanjali Kushal**. Hence I will be known as **Hitanjali Kushal** for all future purposes.

**AFFIDAVIT**

By virtue of an affidavit before the Tahasildar & Executive Magistrate, Boudh, on 19th November 2025, I, Shobhagini Padhi, Vill- Sanabutupali, PO- Butupali, PS/Dist.: Boudh-762014 have changed my name from Sobhagini Padhi to Shobhagini Padhi. Henceforth I shall be known as **Shobhagini Padhi** for all purposes.

Sd/- Shobhagini Padhi

**AFFIDAVIT**

I, Ambika Malla, aged about 44 years, W/o- Bipin Bihari Bhuyan, resident of At- Nahan, Po- Haripur, Ps- Bari Ramachandrapur, Dist- Jajpur, Odisha, PIN- 755005 declare by this affidavit No. 2353, dtd- 20/11/2025, that now onwards I shall be known as **AMBIKA BHUYAN** for all future purposes.

**NOTICE**
**(above 18 years of age)**

By virtue of an affidavit sworn before Executive Magistrate, Garadpur, dated 17th November 2025. I, Shrabani Mohanty, Village- Solpat, PO–Bedari, PS- Patkora, Dist.- Kendrapara, Pin- 754233, declare that I have changed my name from Shrabani Ray to Shrabani Mohanty. Henceforth, I shall be known as **Shrabani Mohanty** for all purposes.

Sd/- Shrabani Mohanty

**AFFIDAVIT**

**By virtue of an affidavit sworn before Notary Public, Bhubaneswar, on dated 17.11.2025, I Mini Parida W/o- Sudarsan Parida, resident at/po- Siruli, Sub-Dist- Chandanpur, Dist- Puri, Odisha, PIN- 752012, declare that I have changed my son's name from Bishal Nayak to Bishal Parida. Henceforth, He shall be known as BISHAL PARIDA for all future purposes.**

**NAME CHANGE**

By virtue of an affidavit sworn before Notary Public, Bhubaneswar on 22/09/2025, it is declared and informed that my name has been changed from '**SANJAY KUMAR MOHAPATRA**' to "**DEVETANANDA**" as I voluntarily renounced to the mundane world to join Ramakrishna Mission Sevashrama as a brahmachari. After rigorous test and training ordained as sanyasi (monk) I have been christened as "**Swami Devetananda**" son of **Swami Gahanananda** and henceforth known as "**SWAMI DEVETANANDA**"
Furthermore, it declared that Sri Sanjay Kumar Mohapatra and Devetananda is one and same person.

**AFFIDAVIT**

By virtue of an affidavit sworn before The Executive Magistrate, Kendrapara on Dt.24.10.2025 I Dhruba Charan Das, S/o-Gangadhar Das of Vill- Artamul, P.O.-Chandol, P.S./ Dist-Kendrapara declare that my actual name is Dhruba Charan Das mentioned in my Adhar and Voter ID. But my name has been entered in my Driving License as Ramesh Das. Both the names Dhruba Charan Das and Ramesh Das one and same person. Hence forth I shall be known as Dhruba Charan Das for all purpose.

**AFFIDAVIT**

By virtue of an affidavit (CF No. 3217) sworn before The Executive Magistrate, Sambalpur on dated- 06/11/2025. I, **Kshirodra Suna,** S/o Late Parsuram Suna, permanent resident of At/Po/Ps- Baraipali, Dist- Sambalpur, PIN- 768006, Odisha declare that I have changed my minor daughter's name from **Sukruti Suna** to **C S Sukriti.** Henceforth, she shall be known as **C S Sukriti** (new name) for all purposes.

**Kshirodra Suna**

**AFFIDAVIT**

**I, Rajanikanta Paramanik, Age-55, S/o- Gouranga Paramanik, of permanent resident ,vill/Post- Chandakusumi Ps-Kamarda, Dist- Balasore, Odisha, declared by affidavit before In the Court of Executive Magistrate , Bhograi No.5699, dtd-14/11/2025. That, all the valuable records of my self Aadhar card No-6015xxx5740 & qualification certificate, Bank a/c, etc prepare my surname as Paramanik but in SBI, Dehurda vide a/c No-35866285673 prepared my surname as Barik . Hence this affidavit I shall be known as Rajanikanta Paramanik S/o- Gouranga Paramanik & Rajanikanta Barik ,S/o- Gouranga Barik same and one person for all future purposes.**

**PUBLIC NOTICE**

**This notice is hereby given that my client Mr. Balakrushna Paikaray, S/O Brundaban Paikaray has Original ROR bearing Khata No-81, Mouza- Ranasinghpur, Tahsil-Chilika, Dist- Khurda, State-Odisha in favour of Brundaban Paikaray and an FIR (Complaint No-24483001072500020) for the same has been lodged at Balugaon Police Station on 16th Nov. 2025. All person/persons are hereby informed to put their claims or interest of objection about the said property or any part thereof, within a period of 15 days along with the sufficient evidence from appearance of this notice. If ROR not found within 15 days, then certified copy of the document obtained from the registry office will be considered as the original document.**
**Samir Kumar Paikaray (Advocate)**
**Bhubanesrwar Court, Mob:7008005419**

**AFFIDAVIT**

By virtue of an affidavit before the Executive Magistrate : Sambalpur, I, Dipti Nanda, resident of Nandapada, Baulunkeswar Lane, Near Bariha Temple, PO Jharupada, PS Town, Dist. Sambalpur – 768001, do hereby state My maiden name was Sunanda Panda, as recorded in my HSE Certificate. After my marriage on 09-03-1985, I have been known as Dipti Nanda. My correct date of birth is 04-06-1964 as per HSE Certificate and PPO records. In my Aadhaar (No. 4532 6471 2582), my date of birth has been wrongly mentioned as 04-06-1959. I declare that both names refer to me.

**Sd/- Dipti Nanda**

**"ଆପଣଙ୍କ ପୁଞ୍ଜି ଆପଣଙ୍କ ଅଧିକାର"**
**ସଚେତନତା ଶିବିର**

କେନ୍ଦ୍ର ସରକାରଙ୍କ ଆର୍ଥିକ ସେବା ବିଭାଗର ନିର୍ଦ୍ଦେଶ କ୍ରମେ ଲିଡ଼ ବ୍ୟାଙ୍କ ବଲାଙ୍ଗୀର ଆନୁକୂଲ୍ୟରେ "ଆପଣଙ୍କ ପୁଞ୍ଜି ଆପଣଙ୍କ ଅଧିକାର" ଶୀର୍ଷକ ଏକ ସଚେତନତା ଶିବିର ଆଜି ୨୧ ନଭେମ୍ବର ୨୦୨୫ ପୂର୍ବାହ୍ନ ୧୦.୩୦ ସମୟରେ ଅନୁଷ୍ଠିତ ହେବ । ଏହି ଶିବିରରେ ଦାବିହୀନ ଖାତାର ଅର୍ଥରାଶି ପ୍ରଦାନ ସହିତ ବ୍ୟାଙ୍କ ଗୁଡିକରେ ଦାବିହୀନ ଖାତା ସମ୍ବନ୍ଧୀୟ ସବିଶେଷ ସୂଚନା ଜନସାଧାରଣଙ୍କୁ ପ୍ରଦାନ କରାଯିବ । ଏଥିରେ ବହୁ ସଂଖ୍ୟାରେ ଯୋଗ ଦେବାକୁ ଲିଡ଼ ବ୍ୟାଙ୍କ ବଲାଙ୍ଗୀର ତରଫରୁ ଅନୁରୋଧ କରାଯାଇଛି ।

**ସ୍ଥାନ: ପ୍ରତିମା ମଣ୍ଡପ, ପ୍ୟାଲେସ ଲାଇନ, ବଲାଙ୍ଗୀର**

Leadership and beyond
दि न्यू इन्डिया एश्योरन्स कंपनी लिमिटेड
The New India Assurance Co. Ltd
India's Premier Multinational General Insurance Company

ଭୁବନେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟ (୫୫୦୦୦୦)
ପ୍ରଥମ ମହଲା, ଆଲୋକ ଭାରତୀ ଟାୱାର, ଶହୀଦ ନଗର, ଭୁବନେଶ୍ୱର-୭୫୧୦୦୭, ଫୋନ୍:୦୬୭୪-୨୫୪୫୪୬୭

**ଲିଜ୍ ସୂତ୍ରରେ ବ୍ୟବସାୟିକ ଗୃହ ଆବଶ୍ୟକ**

ଟେଣ୍ଡର ରେଫ. ସଂ: ବିବିଏସ୍‌ଆରଓ/କଟକ ଡିଓ୨ ସ୍ଥାନାନ୍ତର/ସନ୍ଧାନ/ଚୟନ/୫୫୦୪୦୦/୦୦୧

ଦି ନ୍ୟୁ ଇଣ୍ଡିଆ ଆସ୍ୟୁରାନ୍ସ କମ୍ପାନୀ ଲିମିଟେଡ୍, କ୍ଷେତ୍ରୀୟ କାର୍ଯ୍ୟାଳୟ, ଏହାର କଟକ ଡିଓ୨ ଅପରେଟିଂ କାର୍ଯ୍ୟାଳୟ ନିମନ୍ତେ ନିମ୍ନଲିଖିତ ସ୍ଥାନରେ ୧୦୦୦-୧୩୦୦ ବର୍ଗଫୁଟ କାର୍ପେଟ ଏରିଆ ବିଶିଷ୍ଟ ତଳ କିମ୍ବା ପ୍ରଥମ ମହଲାରେ ଥିବା ବ୍ୟବସାୟିକ ଗୃହ ଲିଜ୍ ଭିତ୍ତିରେ ଜଉମୁଦ ଦିଆ ଲଫାପାରେ (ବୈଷୟିକ ବିଡ୍ ଏବଂ ଆର୍ଥିକ ବିଡ୍ ନିମନ୍ତେ ପୃଥକ) ପ୍ରସ୍ତାବମାନ ଆମନ୍ତ୍ରିତ କରୁଛି ।

**ଅବସ୍ଥିତି:** ଆବଶ୍ୟକୀୟ ପାର୍କିଂ ଏରିଆ ସହିତ ଏହି ଗୃହ ମୁଖ୍ୟତଃ ସିଡିଏ ସେକ୍ଟର-୫ ରୁ ସିଡିଏ ସେକ୍ଟର-୮, କଟକରେ ହୋଇଥିବା ଆବଶ୍ୟକ ।

ଟେଣ୍ଡର କାଗଜପତ୍ର (କଟକ ଡିଓ୨ ଅପରେଟିଂ କାର୍ଯ୍ୟାଳୟ, ୧ମ ମହଲା, ମହାଶ୍ରମଣ, କ୍ୟାଣ୍ଟନମେଣ୍ଟ ରୋଡ, କଟକ) କାର୍ଯ୍ୟାଳୟରୁ ପୂର୍ବାହ୍ନ ୧୦.୦୦ ରୁ ଅପରାହ୍ନ ୫.୩୦ ମଧ୍ୟରେ ସୋମବାରରୁ ଶୁକ୍ରବାର ସମସ୍ତ କାର୍ଯ୍ୟ ଦିବସରେ ସଂଗ୍ରହ କରିପାରିବେ । ଏହି ଟେଣ୍ଡର ସୂଚନା କଂପାନୀର ୱେବସାଇଟ୍: **www.newindia.co.in (public notice section)**ରୁ ମଧ୍ୟ ଡାଉନ୍‌ଲୋଡ୍ କରାଯାଇପାରିବ ।

**ଟେଣ୍ଡର ଦାଖଲ କରିବାର ଅନ୍ତିମ ତାରିଖ: ୧୦.୧୨.୨୦୨୫ ଅପରାହ୍ନ ୫.୦୦ ଘଟିକା** ପର୍ଯ୍ୟନ୍ତ ।

ସ୍ୱା/- ଉପ ମହା-ପ୍ରବନ୍ଧକ

**ମା' ତାରିଣୀ ଠାକୁରାଣୀ ମନ୍ଦିର ଟ୍ରଷ୍ଟ**
ସା/ପୋ.: ଘଟଗାଁ, ଜିଲ୍ଲା- କେନ୍ଦୁଝର-୭୫୮୦୨୭ (ଓଡ଼ିଶା)

ନୋଟିସ୍ ନଂ. ୩୧୩ | ତା. ୧୯.୧୧.୨୦୨୫

**ଟେଣ୍ଡର ବିଜ୍ଞାପନ**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ୨୦୨୫-୨୬ ବର୍ଷ (ତା.୨୧.୧୨.୨୦୨୫ରିଖ ଠାରୁ ତା. ୨୦.୧୨.୨୦୨୬ରିଖ ପର୍ଯ୍ୟନ୍ତ) ପାଇଁ ନିମ୍ନଲିଖିତ ଜଉମୁଦ ଟେଣ୍ଡର ପ୍ରକ୍ରିୟା ତିନୋଟି ପର୍ଯ୍ୟାୟରେ କରାଯିବ । ଏଣୁ ଇଚ୍ଛୁକ ବ୍ୟକ୍ତି, ମନ୍ଦିର ଟ୍ରଷ୍ଟ କାର୍ଯ୍ୟାଳୟରୁ ନିୟମାବଳୀ ଯୁକ୍ତ ଆବେଦନ ଫର୍ମ କ୍ରୟ ବାବଦକୁ **ଟ.୧୫୦୦/- (ଏକ ହଜାର ପାଞ୍ଚ ଶହ)** ଟଙ୍କା ନଗଦ ଦାଖଲ କରି ନିୟମାବଳୀ ଅନୁଯାୟୀ ନିର୍ଦ୍ଧାରିତ ତାରିଖ ସୁଦ୍ଧା ଏହି ଟେଣ୍ଡରରେ ଅଂଶ ଗ୍ରହଣ କରିପାରିବେ । ସମସ୍ତ କାର୍ଯ୍ୟଦିବସରେ ପ୍ରଥମ ପର୍ଯ୍ୟାୟ ପାଇଁ ଦିବା **୧୧ ଘ.** ଠାରୁ ଦିବା **୧ଘ.** ଓ ଦିବା **୫ଘ.** ଠାରୁ ସନ୍ଧ୍ୟା **୬ଘ.** ମଧ୍ୟରେ **ତା.୧୩.୧୧.୨୦୨୫ରିଖ ଠାରୁ ତା.୩୦.୧୧.୨୦୨୫ରିଖ** ସୁଦ୍ଧା ଟେଣ୍ଡର ଫର୍ମ କ୍ରୟ କରିପାରିବେ । ଟେଣ୍ଡର ସମ୍ବନ୍ଧୀୟ ନିୟମାବଳୀ ଓ ଅନ୍ୟାନ୍ୟ ତଥ୍ୟ ମନ୍ଦିର ଟ୍ରଷ୍ଟ କାର୍ଯ୍ୟାଳୟକୁ ଆସି ବୁଝିପାରିବେ । ହେବାକୁ ଥିବା ଟେଣ୍ଡର ମଧ୍ୟରୁ ଯେଉଁ ଟେଣ୍ଡର ପାଇଁ ପ୍ରଥମ ପର୍ଯ୍ୟାୟରେ ଆବେଦନ ହୋଇନଥିବ ବା ଆବେଦନ ହୋଇଥିବା ଟେଣ୍ଡର ନାକଚ ହୋଇଥିବ ସେହି ଟେଣ୍ଡର ପାଇଁ ଦ୍ୱିତୀୟ ପର୍ଯ୍ୟାୟରେ ଆବେଦନ କରିପାରିବେ । ସେହିପରି ଦ୍ୱିତୀୟ ପର୍ଯ୍ୟାୟରେ ଆବେଦନ ହୋଇନଥିବ ବା ଆବେଦନ ହୋଇଥିବା ଟେଣ୍ଡର ନାକଚ କରାଯାଇଥିବ ସେହି ଟେଣ୍ଡର ପାଇଁ ତୃତୀୟ ପର୍ଯ୍ୟାୟରେ ଆବେଦନ କରିପାରିବେ । ପରିଚାଳନା କମିଟି ଚାହିଁଲେ ବିନା କାରଣରେ ଏହି ଟେଣ୍ଡର ନାକଚ ବା ପରିବର୍ତ୍ତନ କରିପାରିବେ । ପ୍ରଥମ ପର୍ଯ୍ୟାୟ ପାଇଁ କ୍ରୟ କରିଥିବା ଟେଣ୍ଡର ଫର୍ମ ଦ୍ୱିତୀୟ ଓ ତୃତୀୟ ପର୍ଯ୍ୟାୟରେ ଏବଂ ଦ୍ୱିତୀୟ ପର୍ଯ୍ୟାୟ ପାଇଁ କ୍ରୟ କରିଥିବା ଟେଣ୍ଡର ଫର୍ମ ତୃତୀୟ ପର୍ଯ୍ୟାୟରେ ଗ୍ରହଣ ଯୋଗ୍ୟ ନୁହେଁ । ଏହି ଟେଣ୍ଡର ସମ୍ବନ୍ଧୀୟ ନୋଟିସ୍ www.maatarini.co.in ୱେବସାଇଟରେ ଦେଖିପାରିବେ ।

| ଟେଣ୍ଡରର ପର୍ଯ୍ୟାୟ | ଟେଣ୍ଡର ଗ୍ରହଣ ତାରିଖ ଓ ସମୟ | ଟେଣ୍ଡର ଖୋଲାଯିବା ତାରିଖ ଓ ସମୟ |
|---|---|---|
| ପ୍ରଥମ ପର୍ଯ୍ୟାୟ | ତା.୦୧.୧୨.୨୦୨୫ରିଖ ୧୧ ଘଟିକା | ତା.୦୧.୧୨.୨୦୨୫ରିଖ ୧୨.୦୦ ଘଟିକା |
| ଦ୍ୱିତୀୟ ପର୍ଯ୍ୟାୟ | ତା.୦୮.୧୨.୨୦୨୫ରିଖ ୧୧ ଘଟିକା | ତା.୦୮.୧୨.୨୦୨୫ରିଖ ୧୨.୦୦ ଘଟିକା |
| ତୃତୀୟ ପର୍ଯ୍ୟାୟ | ତା.୧୫.୧୨.୨୦୨୫ରିଖ ୧୧ ଘଟିକା | ତା.୧୫.୧୨.୨୦୨୫ରିଖ ୧୨.୦୦ ଘଟିକା |

| କ୍ର.ନଂ. | ଟେଣ୍ଡରର ନାମ | ଧାର୍ଯ୍ୟ ମୂଲ୍ୟ | ଅମାନତ ଦେୟ |
|---|---|---|---|
| ୧ | ପୂଜା ସାମଗ୍ରୀ ଦୋକାନ ନଂ.୧ (ସ୍ଥାନ- ମୁଖଶାଳା ଡାହାଣ ପାର୍ଶ୍ୱ) | ଟ.୨୯,୨୫,୫୫୪/- | ଟ.୨,୯୨,୫୫୫/- |
| ୨ | ପୂଜା ସାମଗ୍ରୀ ଦୋକାନ ନଂ.୨ (ସ୍ଥାନ- ଚୂଳ ପକା ମଣ୍ଡପ ପାର୍ଶ୍ୱ) | ଟ.୨୨,୫୬,୭୧୦/- | ଟ.୨,୨୫,୬୭୧/- |
| ୩ | ପୂଜା ସାମଗ୍ରୀ ଦୋକାନ ନଂ.୩ (ସ୍ଥାନ- ଗାଡ଼ି ପୂଜା) | ଟ.୨୫,୯୪,୮୮୮/- | ଟ.୨,୫୯,୪୮୮/- |
| ୪ | ଚୂଳ ପକା | ଟ.୪୮,୬୮,୧୪୩/- | ଟ.୪,୮୬,୮୧୪/- |
| ୫ | ତେଜରାତି ସାମଗ୍ରୀ ଯୋଗାଇବା | | ଟ.୧,୯୯,୬୫୦/- |
| ୬ | ସିକ୍ୟୁରିଟି ଗାର୍ଡ ଯୋଗାଇବା | | ଟ.୧,୭୬,୦୦୦/- |

ସା/- କାର୍ଯ୍ୟନିର୍ବାହୀ ଅଧିକାରୀ
ମା' ତାରିଣୀ ଠାକୁରାଣୀ ମନ୍ଦିର ଟ୍ରଷ୍ଟ
ଘଟଗାଁ, କେନ୍ଦୁଝର

**ODISHA CONSTRUCTION CORPORATION LTD.** CAD-2393
(A Govt. of Odisha Undertaking)
**CENTRAL WORKSHOP, RASULGARH,**
Bhubaneswar-751010 (Odisha)
Tel- 0674 : 2580107,
Email : smppmcws@gmail.com
(GSTIN-21AAACO2571K2ZM)

**Tender call Notice No. OCC/CWS/PROC/KIP-17(V-II)/60/2025-26 dtd.20.11.2025.**

Type of work : Supply of labour for assembly of fabricated Hoist bridge of 130T rope drum hoist of Kanupur Irrigation Project at Kanupur site.
Total No. of work : 01(One).
Period of supply : 1 (One) month.

| Procurement Officer | Tender Call Notice No. | Cost of Tender document (Including GST) | Sale of tender document | Submission of tender document (as per TCN) |
|---|---|---|---|---|
| Senior Manager (Mech.), OCC Ltd., Central Workshop, Rasulgarh, Bhubaneswar | OCC/ CWS/ PROC/KIP-17(V-II) /60 / 2025-26 dtd.20.11.2025 | Rs.4720/- (Non-refundable) | 20.11.2025 10.00AM to 01.12.2025 1.00 PM | 20.11.2025 10.00AM to 01.12.2025 3.30 PM |

Date of opening of the Tender : 01.12.2025 at 4.00 P.M.
Further details can be seen from the website (www.odishaconstruction.com)
Amendment/corrigendum/cancellation, if any shall be posted on-line only (OCCL website).

Sd/-
Senior Manager (Mech.)-I
OCC Ltd., Bhubaneswar

OIPR-

**GOVERNMENT OF ODISHA**
**PANCHAYAT SAMITI: NARAYANPATNA**
**PR & DW DEPARTMENT, ODISHA**
EMAIL ID- ori-narayanpatna@nic.in
Letter No. 3938 / 2025/TCN.08/2025-26, Dated 18.11.2025
**NOTICE INVITING TENDER**
**Bid Identification No. 08 of 2025-26 of B.D.O , Narayanpatna**

1. Bid documents consisting of specification the Bill of Quality and the Tender Call Notice can be seen in the Govt. website http://tendersorissa.gov.in/nicgep/app.

| Sl. No | Name of the Work | Amount put to Tender (Approx. In Lakhs) | Class of Contractor | Cost of Tender Paper | E.M.D. (Bid Security) in Rs | Period of completion (Calendar Month) |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | Construction of Additional Classroom at Bari PS | 7,88,971.00 | "C" & "D" | 6000/- | 7900/- | 06 Months |
| 2 | Construction of Additional Classroom at Kondaborigi PS | 8,91,723.00 | "C" & "D" | 6000/- | 9000/- | 06 Months |

03 (Three) No. of works only

| | |
|---|---|
| Tender documents are available on website | Can be downloaded from Website (http://www.tendersodisha.gov.in) |
| Bid documents available date and time | From 24.11.2025 at 11.00 Hours to 08.12.2025 up to 17.30 Hours |
| Bid clarification start date & closing date | 24.11.2025 to 08.12.2025 during office hours |
| Offline documents received through Speed Post/ Registered Post | From 24.11.2025 at 17.30Hours to 12.12.2025 at 11.00 Hours |
| Date, time and venue of opening of bid online | (12.12.2025 at 11.00 Hours), Office of the Block Development Officer, Panchayat Samiti, Narayanpatna |
| Offline documents shall be opened in presence of participate, bidders in chamber of BDO Narayanpatna | 12.12.2025 at 11.00 Hours onwords. |
| If stipulation arises the tender will be decided through Lottery System | (12.12.2025 at 02.30 Hours) Office of the Block Development Officer, Panchayat Samiti, Narayanpatna |

Block Development Officer
Narayanpatna

यूनियन बैंक Union Bank of India

**କ୍ଷେତ୍ରୀୟ କାର୍ଯ୍ୟାଳୟ: ବାଲେଶ୍ୱର**
ମାଣିଖମ୍ବ, ଓଟି ରୋଡ଼, ପୋଲିସ୍ ଲାଇନ୍, ଭାସ୍କରଗଞ୍ଜ, ଜିଲ୍ଲା: ବାଲେଶ୍ୱର, ପିନ୍-୭୫୬୦୦୧, ମୋ.: ୮୯୨୮୯୧୭୪୧୧/୯୬୮୭୬୯୭୫୪୮

**ସୁନା ନିଲାମ ବିଜ୍ଞପ୍ତି**

ଏତଦ୍‌ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ନିମ୍ନଲିଖିତ ସୁନା ଋଣଗ୍ରହୀତାମାନଙ୍କୁ ବ୍ୟାଙ୍କ ବାରମ୍ବାର ନୋଟିସ୍ ଦ୍ୱାରା ସୂଚାଇ ଦେଇଥିବା ସତ୍ତ୍ୱେ ସେମାନେ ଋଣ ପରିଶୋଧ କରୁନାହାଁନ୍ତି । ଯଦି ସେମାନେ ନିଲାମ ତାରିଖ ପୂର୍ବରୁ ସେମାନଙ୍କର ବକେୟା ଋଣ ପରିଶୋଧ ନ କରନ୍ତି, ତାହା ହେଲେ **ଆମର ସମ୍ପୃକ୍ତ ଶାଖା ପରିସରରେ ତା.୨୮.୧୧.୨୦୨୫ରିଖ ଅପରାହ୍ନ ୧୨.୩୦ ଘଟିକା** ସମୟରେ ସେମାନଙ୍କର ବନ୍ଧକଥିବା ସୁନା ଅଳଙ୍କାରଗୁଡ଼ିକୁ ନିଲାମ କରାଯିବ । ଋଣଗ୍ରହୀତାମାନଙ୍କର କୌଣସି ଅସୁବିଧା ବା କ୍ଷୟ କ୍ଷତି ପାଇଁ ବ୍ୟାଙ୍କ ଦାୟୀ ହେବ ନାହିଁ ଓ ଆବଶ୍ୟକ ସ୍ଥଳେ ବ୍ୟାଙ୍କର କ୍ଷୟ କ୍ଷତି ଘଟିଲେ ବ୍ୟାଙ୍କ ସେମାନଙ୍କ ବିରୁଦ୍ଧରେ ଅଦାଲତରେ ଆଶ୍ରୟ ନେବ । ଋଣଗ୍ରହୀତାମାନେ ନିଲାମ ସମୟ ପୂର୍ବରୁ ବକେୟା ରାଶି ପରିଶୋଧ କରି ଅଳଙ୍କାରଗୁଡ଼ିକ ନେଇପାରିବେ ।

| କ୍ର. ନଂ. | ଋଣଗ୍ରହୀତାମାନଙ୍କ ନାମ ଓ ଠିକଣା / ସୁନା ଋଣ ଆକାଉଣ୍ଟ ନଂ. | ବକେୟା ରାଶି | ନେଟ୍ ଓଜନ (ଗ୍ରାମରେ) | ମୋଟ ଓଜନ (ଗ୍ରାମରେ) |
|---|---|---|---|---|
| | **ଉଦଳା ଶାଖା, ୱାର୍ଡ ନଂ. ୫, ସିନେମା ହଲ୍ ରୋଡ୍, ଉଦଳା, ମୟୂରଭଞ୍ଜ-୭୫୭୦୪୧, ମୋ.: ୮୪୫୬୮୮୧୦୯୫, ୮୬୩୭୨୬୧୮୪୪** | | | |
| ୧. | **ଶ୍ରୀ କୃଷ୍ଣ ଚନ୍ଦ୍ର ମହାନ୍ତ,** ଦୁଗୁଧା, ଉଦଳା, ମୟୂରଭଞ୍ଜ-୭୫୭୦୪୧ / **୨୫୫୪୧୬୬୩୦୦୦୦୨୦୪** | ଟ.୧,୨୫,୬୪୭.୦୦ | ୨୧.୭ | ୨୨.୪୬ |
| ୨. | **ଶ୍ରୀ ସଞ୍ଜୟ ଦେହୁରୀ,** କାଲାଡାହି, ଭାଲୁବସା, ଉଦଳା, ମୟୂରଭଞ୍ଜ-୭୫୭୦୪୦ / **୨୫୫୪୧୬୫୫୪୦୦୦୦୫୫୭** | ଟ.୨୩,୦୨୨.୧୬ | ୪.୯୬ | ୭.୮୫ |
| ୩. | **ଶ୍ରୀ ସଞ୍ଜୟ ଦେହୁରୀ,** କାଲାଡାହି, ଭାଲୁବସା, ଉଦଳା, ମୟୂରଭଞ୍ଜ-୭୫୭୦୪୦ / **୨୫୫୪୧୬୫୫୪୦୦୦୦୬୮୧** | ଟ.୩୪,୦୭୫.୦୦ | ୬.୦୭ | ୭.୪୩ |
| ୪. | **ଶ୍ରୀ ପୁରଷ୍ଟମ ମାଝୀ,** ମାର୍ଫତ: ରମେଶ ଚନ୍ଦ୍ର ମାଝୀ, ସା: ବଡ଼ବିଶୋଳ, ପୋ: ସାନବିଶୋଳ, ଥାନା: କପ୍ତିପଦା, ମୟୂରଭଞ୍ଜ-୭୫୭୦୪୦ / **୨୫୫୪୧୬୫୫୪୦୦୦୦୨୫୬** | ଟ.୫୯,୯୬୩.୦୦ | ୧୨.୮ | ୧୩.୯୮ |
| | **ଯାଜପୁର ମୁଖ୍ୟ ଶାଖା, ସା: ୟୁନିଟ୍ ନଂ. ୮, ୧ମ ମହଲା, ଯଯାତିନଗର, ଯାଜପୁର ଟାଉନ୍, ଯାଜପୁର-୭୫୫୦୦୧, ମୋ.: ୯୮୫୧୩୦୧୬୬୧** | | | |
| ୧. | **ଶ୍ରୀ ରାକେଶ କୁମାର ଓଝା,** ସା: ଇଞ୍ଜନପୁର, ପୋ: ଗୁହାଳି, ଯାଜପୁର, ପିନ୍-୭୫୫୦୨୭/ ୩୭୦୮୦୬୫୫୪୦୦୦୦୮୧୬ | ଟ.୧୮,୫୫୧.୦୦ | ୩.୪ | ୩.୯ |
| ୨. | **ଶ୍ରୀ ରାକେଶ କୁମାର ଓଝା,** ସା: ଇଞ୍ଜନପୁର, ପୋ: ଗୁହାଳି, ଯାଜପୁର, ପିନ୍-୭୫୫୦୨୭/ ୩୭୦୮୦୬୫୫୪୦୦୦୦୮୧୭ | ଟ.୫୧,୭୭୨.୬୬ | ୯.୯୯ | ୧୧.୧ |
| | **ମାଷ୍ଟର ବାବୁ କମ୍ପ୍ଲେକ୍ସ ଶାଖା, ପ୍ଲଟ୍ ନଂ.: ୧୯୧/୩୭୮୬ ଏବଂ ୧୯୨, ମୌଜା: କୁଆଁଶ, ଭଦ୍ରକ ବାଏପାସ୍ ରୋଡ୍, ଭଦ୍ରକ, ପିନ୍-୭୫୬୧୦୦, ମୋ.: ୯୯୧୦୧୧୦୬୯୬** | | | |
| ୧. | **ଶ୍ରୀମତୀ ଅରୁଣା ରାଣୀ ବେହେରା,** ସ୍ୱାମୀ: ରତନ କୁମାର ବେହେରା, ସା: ସାଳନ୍ଦୀ କଲୋନୀ ବାଏପାସ୍, ଭଦ୍ରକ-୭୫୬୧୦୦ / **୩୩୫୭୨୬୫୫୪୦୦୦୧୧୧୧** | ଟ.୨,୦୮,୮୯୯.୪୨ | ୪୦.୪ | ୮୩.୧ |
| | **ରକ୍ସି ରୋଡ୍ ଶାଖା, ହୋଲ୍ଡିଂ ନଂ. ୫୩୩, ରକ୍ସି ମେନ୍ ରୋଡ୍, ବାରିପଦା-୭୫୭୦୦୧, ମୋ.: ୭୦୦୪୮୭୯୦୯୩** | | | |
| ୧. | **ଶ୍ରୀ ସିଦ୍ଧାର୍ଥ କୁମାର ନାଏକ,** ମାର୍ଫତ: ଶୁକଦେବ ନାଏକ, ପ୍ଲଟ୍ ନଂ.: ୪୫୯/୩୭୨୬, ନୂଆସାହି, ବରଜୁପୁର, ମୟୂରଭଞ୍ଜ-୭୫୭୦୩୩ / **୩୪୭୯୨୬୫୫୪୦୦୦୦୩୯୯** | ଟ.୧,୪୬,୨୦୧.୭୬ | ୨୭.୭୨ | ୨୯.୧୮ |
| | **ବଡବିଲ-୧ ଶାଖା, ଷ୍ଟେସନ୍ ରୋଡ୍, ବଡବିଲ, କେନ୍ଦୁଝର, ପିନ୍-୭୫୮୦୩୫, ମୋ.: ୯୧୭୮୬୫୪୮୬୪** | | | |
| ୧. | **ଶ୍ରୀ ଶ୍ରୀବତ୍ସ କୁମାର ବିଦ୍ୟାଧର,** ସା/ପୋ: ବଡ଼ନୂଆଗାଁ, ଥାନା: ହରିଚନ୍ଦନପୁର, ବଡବିଲ-୭୫୮୦୨୮ / **୫୫୪୧୦୬୫୫୪୦୦୦୦୧୮୦** | ଟ.୧,୦୭,୧୦୦.୮୯ | ୧୯.୮୨ | ୨୨.୭୮ |
| | **ଦାମୋଦରପୁର ଶାଖା, ସା/ପୋ: ଦାମୋଦରପୁର, ମେନ୍ ରୋଡ୍, ମୟୂରଭଞ୍ଜ, ପିନ୍-୭୫୭୦୦୩, ମୋ.: ୯୯୮୭୧୯୩୮୪୬** | | | |
| ୧. | **ଶ୍ରୀ ଟୁଲୁ ଦିଗାର,** ବିପିଡ଼ି, ଇନ୍ଦପାହି, ଦାମୋଦରପୁର-୭୫୭୧୦୭ / **୬୫୩୨୦୬୫୫୪୦୦୦୦୧୮୧** | ଟ.୭୩,୩୬୬.୦୦ | ୧୪.୨ | ୧୫.୪୭ |
| | **ରେମୁଣା-ଜାନୁଗଞ୍ଜ ଶାଖା, ଗଣେଶ୍ୱରପୁର, ଜାନୁଗଞ୍ଜ, ରେମୁଣା ଗୋଲେଇ, ବାଲେଶ୍ୱର, ପିନ୍-୭୫୬୦୧୯, ମୋ.: ୯୯୭୩୨୬୧୦୩୩** | | | |
| ୧. | **ଶ୍ରୀ ପ୍ରକାଶ ସାହୁ,** ପିତା: ହରେକୃଷ୍ଣ ସାହୁ, ଜାନୁଗଞ୍ଜ, ରେମୁଣା, ଗୋଲେଇ ରେମୁଣା, ବାଲେଶ୍ୱର-୭୫୬୦୧୯ / **୭୨୩୭୦୬୫୫୪୦୦୦୦୭୩୨** | ଟ.୭୨,୬୭୦.୦୦ | ୧୨.୭୮ | ୧୪.୨ |

**ନିଲାମ ଧରିବା ପାଇଁ ଇଚ୍ଛୁକ ବ୍ୟକ୍ତି ବ୍ୟାଙ୍କର ନିମ୍ନଲିଖିତ ନିୟମ ଗୁଡିକ ପାଳନ କରି ନିଲାମରେ ଅଂଶଗ୍ରହଣ କରିପାରିବେ ।**

୧) ନିଲାମ ଡାକିବା ପାଇଁ ଇଚ୍ଛୁକ ବ୍ୟକ୍ତିଙ୍କୁ ନିଲାମର ନିର୍ଦ୍ଧାରିତ ସମୟର ୨ ଘଣ୍ଟା ପୂର୍ବରୁ **ଟ.୫,୦୦୦/-** ଅମାନତ ଆକାରରେ ଜମା ଏବଂ ବୈଧ କେୱାଇସି (KYC) ଦେବାକୁ ହେବ ।
୨) ଅମାନତ ଦାଖଲ ପରେ, ନିଲାମରେ ଅଂଶଗ୍ରହଣ କରିବାକୁ ଚାହୁଁଥିବା ବ୍ୟକ୍ତିମାନେ ଅଳଙ୍କାରଗୁଡ଼ିକୁ ଯାଞ୍ଚ କରିପାରିବେ ।
୩) ସର୍ବୋଚ୍ଚ ନିଲାମ ଡାକ ଡାକିଥିବା ବ୍ୟକ୍ତିଙ୍କୁ ଉକ୍ତ ଡାକର ସମ୍ପୂର୍ଣ୍ଣ ରାଶି ସଙ୍ଗେ ସଙ୍ଗେ ବ୍ୟାଙ୍କରେ ଜମା କରିବାକୁ ପଡିବ । ଯଦି କୌଣସି ବ୍ୟକ୍ତି ସର୍ବୋଚ୍ଚ ଡାକ ଡାକିଲା ପରେ, ସମ୍ପୂର୍ଣ୍ଣ ରାଶି ଜମା କରିବାକୁ ଅସମର୍ଥ ହୁଅନ୍ତି, ତେବେ ତାଙ୍କର ଅମାନତ ଟଙ୍କା ବାଜ୍ୟାପ୍ତି ହୋଇଯିବ ଓ ଉକ୍ତ ବ୍ୟକ୍ତିଙ୍କୁ ଆଉ ଥରେ ନିଲାମ ଡାକିବାକୁ ଅନୁମତି ଦିଆଯିବ ନାହିଁ ।
୪) ଗୋଟିଏ ଆକାଉଣ୍ଟର ନିଲାମ ଡାକ ଓ ଟଙ୍କା ଜମା ଇତ୍ୟାଦି ସରିଲା ପରେ ହିଁ ଅନ୍ୟ ଆକାଉଣ୍ଟ ପାଇଁ ନିଲାମ କାର୍ଯ୍ୟ ଆରମ୍ଭ ହେବ ।
୫) ବ୍ୟାଙ୍କ କୌଣସି ନିଲାମ ଡାକ ମାନିନେବାକୁ ବାଧ୍ୟ ନୁହେଁ । କୌଣସି କାରଣ ନ ଦର୍ଶାଇ ବ୍ୟାଙ୍କ ନିଲାମକୁ ରଦ୍ଦ କରିପାରେ ।
୬) ଯେଉଁ ବ୍ୟକ୍ତିଙ୍କ ସର୍ବୋଚ୍ଚ ଡାକ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ଶାଖା କାର୍ଯ୍ୟାଳୟ ଦ୍ୱାରା ଗ୍ରହଣୀୟ ହେବ ଉକ୍ତ ବ୍ୟକ୍ତି ନିଲାମ ଦୃଢ଼ୀକରଣ ହେବା ସୂଚନା ପାଇବା ପରେ ସମ୍ପୂର୍ଣ୍ଣ ନିଲାମ ରାଶି ସଙ୍ଗେସଙ୍ଗେ ବ୍ୟାଙ୍କରେ ଜମା କରିବାକୁ ବାଧ୍ୟ ହେବେ । ନଚେତ୍ ପୂର୍ବରୁ ଜମା ଦେଇଥିବା ଅମାନତ ରାଶି ବାଜ୍ୟାପ୍ତି ହେବ ।
୭) ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ଶାଖା କାର୍ଯ୍ୟାଳୟ ଯଦି କୌଣସି ଉଚ୍ଚ ନିଲାମ ଡାକକୁ ନାକଚ କରନ୍ତି / ସ୍ଥଗିତ ରଖନ୍ତି, ତେବେ ଜମା ହୋଇଥିବା ଅମାନତ ରାଶି ଉକ୍ତ ଜମାକାରୀଙ୍କୁ ବିନା ସୁଧରେ ଫେରାଇ ଦିଆଯିବ ।
୮) ନିଲାମରେ ରଖାଯାଇଥିବା ଅଳଙ୍କାରଗୁଡିକର ଗୁଣ, ଓଜନ ଓ ବିଶୁଦ୍ଧତା ପାଇଁ ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ କୌଣସି ପ୍ରକାର ଦାୟୀ ହେବେ ନାହିଁ ।
୯) ନିଲାମରେ ଭାଗ ନେଇଥିବା କୌଣସି ବ୍ୟକ୍ତି ଉପରୋକ୍ତ ନିୟମକୁ ନ ମାନିଲେ ବ୍ୟାଙ୍କ ତାଙ୍କର ଅମାନତ ଟଙ୍କା ବାଜ୍ୟାପ୍ତି କରିବ ।

ସ୍ଥାନ : ବାଲେଶ୍ୱର, ତାରିଖ : ୨୦.୧୧.୨୦୨୫ | ଶାଖା ପ୍ରବନ୍ଧକ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ

# ଜିଲ୍ଲାସ୍ତରୀୟ 'ପରବ' ପ୍ରତିଯୋଗିତା ପାଇଁ ବୈଠକ

ଜୟପୁର,୨୦ ।୧୧(ସମିସ): ଜିଲ୍ଲାସ୍ତରୀୟ ପରବ ନିମନ୍ତେ ଆଜି ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଜୟପୁର ଠାରେ ଆୟୋଜିତ ହେବାକୁ ଥିବା ସାଂସ୍କୃତିକ ପ୍ରତିଯୋଗୀତା ଆୟୋଜନ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଉପଜିଲ୍ଲାପାଳ ଏ.ଶଶ୍ୟା ରେଡ୍ଡିଙ୍କ ସଭାପତିତ୍ୱରେ ଆୟୋଜିତ ଏହ ବୈଠକରେ ନାଟକ, ଚିତ୍ରକଳା ଓ ସଂଗୀତକୁ ନେଇ ହେବାକୁ ଥିବା ଜିଲ୍ଲା ସ୍ତରୀୟ ପ୍ରତିଯୋଗୀତା ଉପରେ ଆଲୋଚନା କରାଯାଇଥିଲା। ପ୍ରଥମେ ବ୍ଲକ୍‌ସ୍ତରରେ ଆସନ୍ତା ଡିସେମ୍ବର ୬ ତାରିଖରୁ ଚିତ୍ରକଳା ପ୍ରତିଯୋଗୀତା କରାଯିବା ପରେ ୮ ତାରିଖରେ ବିକ୍ରମଦେବ ଚାରୁ ଓ କାରୁକଳା ମହାବିଦ୍ୟାଳୟ ଠାରେ ପ୍ରଦର୍ଶନୀ କରାଯିବ। ଏଥିରେ ପୁରୁଣା ବରିଷ୍ଠ କଳାକାର ମାନେ ମଧ ତାଙ୍କର ଚିତ୍ରକଳା ପ୍ରଦର୍ଶିତ କରିପାରିବେ ବୋଲି ନିଷ୍ପତି ହୋଇଥିଲା। ପ୍ରତିଯୋଗିତାରେ ଶ୍ରେଷ୍ଠ ପ୍ରଥମ, ଦ୍ୱିତୀୟ ,ତୃତୀୟ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯିବ ବୋଲି ନିଷ୍ପତ୍ତି ହୋଇଛି। ସେହିପରି ଟାଉନହଲ ଠାରେ ସଙ୍ଗୀତ ପ୍ରତିଯୋଗିତା ଆସନ୍ତା ଡିସେମ୍ବର ୨ ତାରିଖ ଠାରୁ ୫ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଥିରେ ପ୍ରତି ବ୍ଲକ ଓ ପୌରାଞ୍ଚଳର ପ୍ରତିଯୋଗୀ ଭାଗ ନେବେ। ଚଳିତ ବର୍ଷ ବିଚାରକ ମାନଙ୍କୁ ବଦଳାଇବା ପାଇଁ ପ୍ରସ୍ତାବ ଦିଆଯାଇଥିଲା। ସେହିପରି ଜିଲ୍ଲା ସ୍ତରୀୟ ନାଟକ ପ୍ରତିଯୋଗୀତା ୩ ତାରିଖରୁ ୫ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେବ ଏବଂ ଆବଶ୍ୟକ ସ୍ଥଳେ ଏହି ପ୍ରତିଯୋଗୀତା ଗୋଟିଏ ଦିନ ଅର୍ଥାତ ୬ ତାରିଖକୁ ବୃଦ୍ଧି କରାଯିବ। ବ୍ଲକ ସ୍ତରରୁ ଯେପରି ଅଧିକରୁ ଅଧିକ ନାଟ୍ୟ ପ୍ରତିଯୋଗୀ ମାନେ ଭାଗ ନେବେ ସେ ନେଇ ଉପଜିଲ୍ଲାପାଳ କୁମାରୀ ରେଡ୍ଡି ଗୁରୁତ୍ୱାରୋପ କରିଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ସଂସ୍କୃତି ଅଧିକାରୀ ସୂର୍ଯ୍ୟକାନ୍ତ ବେହେରା, ବିଡିଓ ଶକ୍ତି ମହାପାତ୍ର, ତହସିଲଦାର ସବ୍ୟସାଚୀ ଜେନା ମଞ୍ଚାସୀନ ରହିଥିବା ବେଳେ ବିଭିନ୍ନ କଳା ସଂଗଠନର ସଦସ୍ୟ ଭାବେ ଧିରେନ ମୋହନ ପଟ୍ଟନାୟକ, ଗୋପାଳ ସାମନ୍ତରାୟ, ମନୋଜ ପାତ୍ର, ପଞ୍ଚାନନ ମିଶ୍ର ପ୍ରମୁଖଙ୍କ ସମେତ ସହରର ବହୁ ଲୋକ ଉପସ୍ଥିତ ଥିବା ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଯୋଶଦା ଗାଦବା ସୂଚନା ଦେଇଛନ୍ତି।

# ଉଦ୍‌ଘାଟନ ପୂର୍ବରୁ ପାଣି ଟାଙ୍କିରେ ଫାଟ



ପାପଡାହାଣ୍ଡି,୨୦।୧୧(ସମିସ): ପାପଡ଼ାହାଣ୍ଡି ବ୍ଲକ ପଣ୍ଡିକୋଟ ପଞ୍ଚାୟତ ଅନ୍ତର୍ଗତ ପେଟୁଗୁଡା ଗ୍ରାମ ନିକଟରେ ନିର୍ମାଣଧୀନ ମେଗାପାନୀୟ ଜଳ ପ୍ରକଳ୍ପ ଉଦ୍‌ଘାଟନ ପୂର୍ବରୁ ପାଣିଟାଙ୍କିରେ ଫାଟ ସୃଷ୍ଟି ହୋଇଛି। ବର୍ତମାନ ଫାଟ ଗୁଡିକୁ ସିମେଣ୍ଟର ଲେପ ଦେଇ ବନ୍ଦ କରାଯାଉଥିବା ଦେଖିବାକୁ ମିଳିଛି। ଅଞ୍ଚଳର ଲୋକେ ଆଶା ରଖିଥିଲେ, ଆଗକୁ ଖରା ଦିନ ଆସୁଛି ଏବଂ ଆଉ କିଛିଦିନ ପରେ ଘରେ ଘରେ ଲୋକଙ୍କୁ ପାନୀୟ ଜଳ ମିଳିବ। କିନ୍ତୁ ଲୋକଙ୍କ ଆଶା ମଉଳିବାକୁ ବସିଲାଣି। କୋଟି କୋଟି ଟଙ୍କା ଖର୍ଚ୍ଚରେ ଦୀର୍ଘ ବର୍ଷ ହେବ ଏହି ମେଗା ପାନୀୟ ଜଳ ପ୍ରକଳ୍ପ ନିର୍ମାଣ ଧୀନ ରହିଥିବା ବେଳେ କେବେ ସରିବ କେହି କହିପାରୁ ନାହାନ୍ତି। ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରି ଏହି ପ୍ରକଳ୍ପ କାମକରୁଛନ୍ତି। ଯାହାଦ୍ୱାରା ଅଞ୍ଚଳର ଲୋକଙ୍କ ପାଖରେ ସୁବିଧାରେ ଘରେ ଘରେ ପାନୀୟ ଜଳ ପହଞ୍ଚିବ। କିନ୍ତୁ ବର୍ତ୍ତମାନ ଏହାର ସୁରକ୍ଷିତ ଭବିଷ୍ୟତ ଉପରେ ପ୍ରଶ୍ନବାଚୀ ସୃଷ୍ଟି କଲାଣି। ଏ ସମ୍ପର୍କରେ ପାପଡାହାଣ୍ଡି ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ଏବଂ ପରିମଳ ବିଭାଗ ଜେଇ ଶ୍ରୀ ପଣ୍ଡାଙ୍କୁ ପଚାରିବାରୁ ଯିଏ କାମ କରୁଛି ସେ ୫ ବର୍ଷ ମେଣ୍ଟେନାନ୍ସ

## ● ସ୍ଥାୟୀତ୍ୱ ନେଇ ପ୍ରଶ୍ନବାଚୀ

କରିବ । ଯଦି ଏପରି ଭାବେ ମେଗା ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟ ଚାଲିବ, ତେବେ ଆଉ କେତେ ବର୍ଷ ପରେ ଘରେ ଘରେ ପାନୀୟ ଜଳ ମିଳିବ ବୋଲି ପ୍ରଶାସନକୁ ଅଞ୍ଚଳବାସୀଙ୍କ ପକ୍ଷରୁ ପ୍ରଶ୍ନ କରାଯାଇଛି। ଜିଲ୍ଲା ପ୍ରଶାସନ ତୁରନ୍ତ କାର୍ଯ୍ୟରେ ତଦନ୍ତ କରି ଶୀଘ୍ର ଗ୍ରାମର ଘରେ ଘରେ ଲୋକଙ୍କୁ ପାନୀୟ ଜଳ ବ୍ୟବସ୍ଥା କରିବାକୁ ଅଞ୍ଚଳବାସୀଙ୍କ ତରଫରୁ ଦାବି ହେଉଛି।

# ମଦ ଜବତ; ମହିଳାଙ୍କ ସହ ୩ ଗିରଫ



କୋରାପୁଟ,୨୦।୧୧(ସମିସ): କୋରାପୁଟ ସଦର ଅବକାରୀ କର୍ମଚାରୀଙ୍କ ପକ୍ଷରୁ ସୁନାବେଢ଼ା ଥାନା ଅନ୍ତର୍ଗତ ବିଭିନ୍ନ ସ୍ଥାନରେ ଚଢ଼ଉ କରି ଦେଶୀ ମଦ ଜବତ କରିବା ସହ ଜଣେ ମହିଳାଙ୍କ ସମେତ ତିନିଜଣଙ୍କୁ ଗିରଫ କରା ଯାଇଥିବା ଅବକାରୀ ଅଧିକ୍ଷକ ଅରୁଣ କୁମାର ପାଢ଼ୀ ସୂଚନା ଦେଇଛନ୍ତି। ସୁନାବେଢ଼ା ଥାନା ଅନ୍ତର୍ଗତ କେତେକ ସ୍ଥାନରେ ବେଆଇନ ଦେଶୀ ମଦ ବିକ୍ରି ହେଉଥିବା ଅଭିଯୋଗ ପାଇବା ପରେ ଶ୍ରୀ ପାଢ଼ୀ ଚଢ଼ଉ ପାଇଁ ସଦର ଇନ୍ସପେକ୍ଟର ସୁଧୀର କୁମାର ସାହୁଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଶ୍ରୀ ସାହୁଙ୍କ ନେତୃତ୍ୱରେ ଏକ ଟିମ୍ ଗୁରୁବାର ପୂର୍ବାହ୍ନରେ ସୁନାବେଢ଼ା ସହର ଉପକଣ୍ଠ କଳାହାଣ୍ଡି କଲୋନୀରେ ଚଢ଼ଉ କରି ବିଜୟ ନାଗକୁ ଗିରଫ କରି ତାଙ୍କ ଠାରୁ ୧୦ ଲିଟର ଦେଶୀ ମଦ ଜବତ କରିଥିଲେ। ସେହିପରି ମାଲିଗୁଡ଼ାରେ ଚଢ଼ଉ କରି କନକ ବେନିଆ ଓ ଡିପି କ୍ୟାମ୍ପରେ ଚଢ଼ଉ କରି ରମେଶ ବେନିଆଙ୍କୁ ଗିରଫ କରିବା ସହ ସେମାନଙ୍କ ଠାରୁ ଯଥାକ୍ରମେ ୯ ଲିଟର ଓ ୮ ଲିଟର ଦେଶୀ ମଦ ଜବତ କରିଥିଲେ। ସମସ୍ତଙ୍କ ବିରୁଦ୍ଧରେ ମାମଲା ରୁଜୁ କରି କୋର୍ଟ ଚାଲାଣ କରାଯାଇଥିବା ଶ୍ରୀ ସାହୁ ପ୍ରକାଶ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ସଦର ଅବକାରୀ ଥାନା ଓଆଇସି ଜଗବନ୍ଧୁ ଜାନି, ମମତାମୟୀ ମହାନ୍ତି, ସୁରେନ୍ଦ୍ର କୁମାର ପଣ୍ଡା, ମୀର୍ ମକସଦ ଅଲ୍ଲି ପ୍ରମୁଖ ଚଢ଼ଉରେ ସାମିଲ ହୋଇଥିଲେ।

# ଉମରକୋଟରେ ଏକତା ପଦଯାତ୍ରା

ଉମରକୋଟ,୨୦।୧୧ (ସମିସ): ଲୌହ ମାନବ ସର୍ଦାର ବଲ୍ଲଭ ଭାଇ ପଟେଲଙ୍କ ୧୫୦ ତମ ଜୟନ୍ତୀ ପାଳନ ଅବସରରେ ନବରଙ୍ଗପୁର ଜିଲା ପ୍ରଶାସନ ଆନୁକୂଲ୍ୟରେ ଆଜି ଉମରକୋଟ ଠାରେ ଏକତା ପଦଯାତ୍ରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ୨୦୦ ଶହ ମିଟର ତ୍ରିରଙ୍ଗା ଧରି ବଡଭରଣ୍ଡି ସ୍ଥିତ ଶହୀଦ ସ୍ତମ୍ଭରୁ ଏହି ପଦଯାତ୍ରା ବାହାରି ଉମରକୋଟ ଡିଏନକେ ଠାରେ ଥିବା ପରେଡ ପଡିଆ ଠାରେ ପହଞ୍ଚିଥିଲା। ଏହି ଏକତା ପଦଯାତ୍ରାରେ ନବରଙ୍ଗପୁର ସାଂସଦ ବଳଭଦ୍ର ମାଝୀ, ବିଦ୍ୟାଳୟ ଓ ଗଣ ଗଣଶିକ୍ଷା ମନ୍ତ୍ରୀ ପ୍ରତିନିଧି ଅଶୋକ ପାଢ଼ୀ, ସାଂସଦଙ୍କ ପ୍ରତିନିଧି ଝରିଗାଁ ବିଧାୟକ , ରାଜ୍ୟ ବିଜେପି ଉପ ସଭାପତି ରମେଶ ସାହୁ, ନବରଙ୍ଗପୁର ଉପ ଜିଲାପାଳ ପ୍ରକାଶ ମିଶ୍ର, ନବରଙ୍ଗପୁର ଅତିରିକ୍ତ ଜିଲ୍ଲାପାଳ ବିଶ୍ୱଜିତ୍ ବର୍ମନ୍ , ପି ଡି ବିରଞ୍ଚି ନାରାୟଣ ଦରୱାନ ପୌର ଅଧକ୍ଷା ରାଧା ଭତ୍ରା ,ଉମରକୋଟ ବ୍ଲକ ଅଧକ୍ଷା ସୁଶୀଳା ମାଝୀ, ଉମରକୋଟ ପୈର ପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀ ଆଲୋକ କୁମାର ଅନୁଗୁଳିଆ, ଉମରକୋଟ ଗୋଷ୍ଠୀ ଉନ୍ନୟନ ଅଧିକାରୀ ମନୋଜ ମେହେର ସମସ୍ତ ବିଭାଗର ଅଧିକାରୀମାନେ ଯୋଗ ଦେଇଥିଲେ। ସାଂସଦ ବଳଭଦ୍ର ମାଝୀ ସମସ୍ତ ଙ୍କୁ ଶପଥ ପାଠ କରାଇଥିଲେ।

# ଛାତ୍ରୀଙ୍କୁ ସାଇକଲ୍ ବାଣ୍ଟିଲେ ଭାରତ ମାଳା ପ୍ରକଳ୍ପ ଅଧିକାରୀ




ପଟ୍ଟାଙ୍ଗି,୨୦।୧୧(ସମିସ): କୋରାପୁଟ ଜିଲ୍ଲା ଦେଇ ନିର୍ମାଣ ଚାଲିଥିବା ଭାରତମାଳା ପ୍ରକଳ୍ପ ଅଧିକାରୀ ପଟ୍ଟାଙ୍ଗି ବ୍ଲକ ଅନ୍ତର୍ଗତ ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟ ପୁକାଲି ଠାରେ ଛାତ୍ରୀ ମାନଙ୍କୁ ନୂତନ ବାଇସାଇକେଲ ବଣ୍ଟନ କରିଛନ୍ତି। ଭାରତରେ ସଂଯୋଗୀକରଣ, ପର୍ଯ୍ୟଟନ, ବିକାଶ ଏବଂ ଆର୍ଥିକ ଅଭିବୃଦ୍ଧିକୁ ଉନ୍ନତ କରିବା ପାଇଁ ସଡ଼କ ପରିବହନ ଏବଂ ରାଜପଥ ମନ୍ତ୍ରଣାଳୟ ପକ୍ଷରୁ ୨୦୧୭ ମସିହାରେ ଭାରତମାଳା ପରିଯୋଜନାର ଅନୁମୋଦନ କରାଯାଇଥିଲା। ରାୟପୁର ଠାରୁ କୋରାପୁଟ ଦେଇ ବିଶାଖାପାଟଣା ପର୍ଯ୍ୟନ୍ତ ଏହି ପ୍ରକଳ୍ପଟି କରାଯାଉଛି। ଭାରତମାଳା ପରିଯୋଜନା ପ୍ରକଳ୍ପକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନଭେମ୍ବର ୨୦୨୨ ମସିହାରେ ଏକ୍ସପ୍ରେସୱେ ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ପ୍ରକଳ୍ପଟି ୨୦,୦୦୦ କୋଟି ଟଙ୍କା ବ୍ୟୟରେ ନିର୍ମାଣ କରାଯାଉଛି। ଏହା ଛଅ ଲେନ୍ ବିଶିଷ୍ଟ ୪୬୪ କିଲୋମିଟର ଗ୍ରୀନଫିଲ୍ଡ ଏକ୍ସପ୍ରେସୱେ ଅଟେ। ଆଜି ଡେପୁଟି ପ୍ରୋଜେକ୍ଟ ମ୍ୟାନେଜର ସୁଧାଂଶୁ ଶେଖର ସେଠୀଙ୍କ ଅଧକ୍ଷତାରେ ଉକ୍ତ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମରେ ଅତିଥି ଭାବେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ରାମକୃଷ୍ଣ ନାୟକ, ତହସିଲଦାର ଦେବେନ୍ଦ୍ର ଧାରୁଆ ଏବଂ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଦୀପଶିଖା ବେହେରା ଅତିଥି ଭାବେ ଯୋଗ ଦେଇଥିଲେ। ନବମ ଏବଂ ଦଶମ ଶ୍ରେଣୀର ୬୮ ଜଣ ଛାତ୍ରୀଙ୍କୁ ବାଇସାଇକଲ୍ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ମେକାନିକାଲ୍ ମ୍ୟାନେଜର ପ୍ରଦୀପ ଶର୍ମା, ଟିମ୍ ଲିଡର ଡାରେଲ୍ ମେଣ୍ଡୋଜା, ଅଫିସ୍ ମ୍ୟାନେଜର ଜି ସାଇ ପ୍ରସାଦ ଏବଂ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ତଥା ଜଗନ୍ନାଥ ସାହୁ, ଅର୍ଜୁନ କୁମାର ଦାସ, ସନାତନ ମହାରଣା, ପିଣ୍ଟୁ କୁମାର ଦାସ, ବିନୟ ମଣ୍ଡଳ, ଭାସ୍କର ମହାରଣା, ପ୍ରଜ୍ଞାନ ବିଶି, ଶିବପ୍ରସାଦ ସାମଲ, ପୁଷ୍ପଲତା ସିଂହ, ମମିତା ଖରା, ସ୍ନେହଲତା ଭୂୟାଁ, ଶିବାନୀ ସେଠୀ, ଶୁଭଶ୍ରୀ ସାହୁ ପ୍ରମୁଖ ଉପସ୍ଥିତ ରହିଥିଲେ।

# ସ୍ତ୍ରୀ ଶକ୍ତି ଦିବସ ପାଳିତ

ଜୟପୁର, ୨୦ ।୧୧ (ସମିସ) : ରାଣୀ ଲକ୍ଷ୍ମୀବାଈ ଜୟନ୍ତୀ ତଥା ସ୍ତ୍ରୀ ଶକ୍ତି ଦିବସ ଆଜି ବିକ୍ରମଦେବ ସ୍ୱୟଂ ଶାସିତ ମହାବିଦ୍ୟାଳୟ ଠାରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ପକ୍ଷରୁ ପାଳିତ ହୋଇଥିଲା। ଏଥିରେ ବିକ୍ରମଦେବ ବିଶ୍ୱ ବିଦ୍ୟାଳୟର ଏବିଭିପିର ସଭାପତି ଜ୍ୟୋତିରଞ୍ଜନ ପାଣଗ୍ରାହୀଙ୍କ ଆହ୍ୱାନ କ୍ରମେ ଝାନ୍ସି ରାଣୀ ଲକ୍ଷ୍ମୀବାଈଙ୍କ ୧୯୭ତମ ଜୟନ୍ତୀ ପାଳନ କରା ଯାଇଥଇଲା। ଏହି ଅବସରରେ ଆୟୋଜିତ ପ୍ରତିଯୋଗିତା କାର୍ଯକ୍ରମରେ ମୁଖ୍ୟଅତିଥି ବିକ୍ରମ ଦେବ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଦେବୀ ପ୍ରସାଦ ମିଶ୍ର ଏବଂସମ୍ମାନିତ ଅତିଥି ପିଜି କାଉନ୍‌ସିଲର ଅଧକ୍ଷ ଡ. ପ୍ରଶାନ୍ତ କୁମାର ପାତ୍ର, ମୁଖ୍ୟବକ୍ତା ଭାବେ ଓଡ଼ିଆ ବିଭାଗର ପ୍ରଫେସର ସୁକାନ୍ତି ସଏ ଏବଂ ହିନ୍ଦୁ ସମାଜର ସଭାପତି ତଥା ଆଇନଜୀବୀ ନିରଞ୍ଜନ ପାଣିଗ୍ରାହୀ ବିଚାରକ ମଣ୍ଡଳୀ ଭାବେ ନିଜ ବକ୍ତବ୍ୟ ରଖି ପ୍ରତିଯୋଗିତା କାର୍ଯକ୍ରମ ପ୍ରାରମ୍ଭ କରିଥିଲେ। ପ୍ରତିଯୋଗିତାରେ ଛାତ୍ର ମାନଙ୍କ ମଧ୍ୟରୁ ପ୍ରଥମ ଆଶିଷ ମହାପାତ୍ର , ଦ୍ୱିତୀୟ ରତିକାନ୍ତ ପ୍ରଧାନ, ତୃତୀୟ ରାହୁଲ ବାଘ ଏବଂ ଛାତ୍ରୀ ମାନଙ୍କ ମଧ୍ୟରୁ ପ୍ରଥମ ମାନସୀ ରାଣୀ ମହାନ୍ତି, ଦ୍ୱିତୀୟ ଚମ୍ପାମଣୀ ଭତ୍ରା ଏବଂ ତୃତୀୟ ଜ୍ୟୋତିର୍ମାଳା ମିଶ୍ର ଅଧିକାର କରିଥିଲେ। ଏହି ଅବସରରେ ଅଧ୍ୟାପକ ଲୋକେଶ ପ୍ରଧାନ, ଏବିଭିପି ସମ୍ପାଦକ ମନୋଜ ସାହୁ, ଶୁଭମ୍ ନାୟକ,ଜଗନ୍ନାଥ ଖରା,ଟି. ପ୍ରତୀକ,ଦୀପକ ଦୋରା, ସତ୍ୟଞ୍ଜୟ ବିଷୋୟୀ, ରିଙ୍କି ହରିଜନ,ମଧୁସ୍ମିତା ପ୍ରଧାନ, ପିୟୂଷ ବେହେରା,ପ୍ରଥମ ପୂଜାରୀ,ପର୍ଶୁରାମ ଗୋଲରି, ଜଗଦୀଶ ଦୋରା, ଘାସିରାମ ହିଆଲ, ଏସ୍. କୌଶିକ ରାଓ ଓ ଅନ୍ୟାନ୍ୟ ଛାତ୍ର ଛାତ୍ରୀ ମାନେ ସହଯୋଗ କରିଥିଲେ।

# ବ୍ଲକ୍‌ସ୍ତରୀୟ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ



ନନ୍ଦାହାଣ୍ଡି,୨୦।୧୧(ସମିସ): ନବରଙ୍ଗପୁର ଜିଲ୍ଲା ନନ୍ଦାହାଣ୍ଡି ବ୍ଲକ୍‌ସ୍ତରୀୟ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ନନ୍ଦାହାଣ୍ଡି ସମନ୍ୱିତ ଶିଶୁ ଓ ମହିଳା ବିକାଶ ବିଭାଗ ପକ୍ଷରୁ ପୋଡାଲଗୁଡା ପଞ୍ଚାୟତ କାର୍ଯ୍ୟାଳୟ ପରିସର ରାଜୀବ ଗାନ୍ଧୀ ସେବା କେନ୍ଦ୍ର ଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ କ୍ଷୀରୋଦ ଚନ୍ଦ୍ର ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଡିଏସ୍‌ଡବ୍ଲ୍ୟୁ ଦ୍ରୋପତି କହଁର ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ମାନଙ୍କ ମଧ୍ୟରୁ ଏବିଇଓ ଉତ୍ତମା ହରିଜନ, ସରପଞ୍ଚ ଫଗୁଣୁ ନାୟକ ପିଇଓ ପ୍ରସନ୍ନ କୁମାର ବିଷୋୟୀ, ସିଡ଼ିପିଓ ସସ୍ମିତା ବାଳା ମହାନ୍ତି, ଶିଶୁବିଭାଗ ଅଧିକାରୀ ଓ ସମସ୍ତ କର୍ମକର୍ତ୍ତା ମାନେ ଉପସ୍ଥିତ ରହିଥିଲେ। କାର୍ଯ୍ୟକ୍ରମରେ ବ୍ଲକ ମଧ୍ୟରୁ ୫୦ଟି ଅଙ୍ଗନବାଡ଼ି କେନ୍ଦ୍ର ପକ୍ଷରୁ ୫ଜଣ ଲେଖାଏଁ ବାଳକ ବାଳିକା ୧୦ରୁ ୧୯ ବର୍ଷ ପର୍ଯ୍ୟନ୍ତ କିଶୋରୀ କିଶୋର ଯୋଗ ଦେଇଥିଲେ। ପ୍ରତିଭା ଅନ୍ୱେଷଣ ଦେଖାଇବା ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଥିଲା। ସେଥିମଧ୍ୟରୁ ସଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶିତ, ଚିତ୍ରାଙ୍କନ ସହ ବକ୍ତୃତା ପ୍ରତିଯୋଗିତା କରାଯାଇଥିଲା। ସେଥିରେ ପ୍ରଥମ ସ୍ଥାନ ପ୍ରଜ୍ଞା ପ୍ରିୟଦର୍ଶନୀ ପଣ୍ଡାଙ୍କୁ ମାନପତ୍ର ଓ କପ୍ ପ୍ରଦାନ କରିଥିଲେ। ସୁପରଭାଇଜର ଶାନ୍ତିଲତା ଭୂମିଆ, ସଂଗୀତା ଦାସ, ମନିକା ସରକାର, ନିଖସା ନାୟକ, ଗୌତମ ବେସରା, ରଞ୍ଜିତା ମାଝୀ, ସୁପ୍ରଭା ତ୍ରିପାଠୀ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ତେନ୍ତୁଳିଗୁମ୍ମାରେ ସ୍ଥାୟୀ ଶିକ୍ଷକ ନିଯୁକ୍ତି ଦାବି

ବୈପାରୀଗୁଡ଼ା,୨୦।୧୧(ସମିସ): ବୈପାରୀଗୁଡା ବ୍ଲକ ଅନ୍ତର୍ଗତ ତେନ୍ତୁଳିଗୁମ୍ମା ପଞ୍ଚାୟତ ସଦର ମହକୁମା ସ୍ଥିତ ସହିଦ ଲକ୍ଷ୍ମଣ ନାୟକ ଆଶ୍ରମ ବିଦ୍ୟାଳୟରେ ସ୍ଥାୟୀ ଶିକ୍ଷକ ନିଯୁକ୍ତି ପାଇଁ ଦାବି ହୋଇଛି। ଏହି ଆଶ୍ରମ ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ପର୍ଯ୍ୟନ୍ତ ଶ୍ରେଣୀ ରହିଥିବା ବେଳେ ୨୫୯ ପିଲା ଅଛନ୍ତି। କିନ୍ତୁ ଜଣେ ମାତ୍ର ରେଗୁଲାର ଶିକ୍ଷକ ସୂର୍ଯ୍ୟ ନାରାୟଣ ସାବତ ଅଛନ୍ତି । ଯିଏ କି ପ୍ରଧାନଶିକ୍ଷକ ଭାବେ ଦାୟିତ୍ୱ ତୁଲାଉଛନ୍ତି। ସେ ଅଧିକାଂଶ ସମୟରେ ଅଫିସ କାର୍ଯ୍ୟରେ ବ୍ୟସ୍ତ ରହୁଛନ୍ତି। ବିଦ୍ୟାଳୟରେ ଅତିଥି ଶିକ୍ଷକ ୨ ଜଣ, ମିନାକ୍ଷୀ ପାୱାର ପ୍ରୋଜେକ୍ଟ ତରଫରୁ ୩ ଜଣ ଶିକ୍ଷକ ନିଯୁକ୍ତି ହୋଇଛନ୍ତି। ମୋଟ ୬ ଜଣ ଶିକ୍ଷକଙ୍କୁ ନେଇ ପାଠ ପଢାଚାଲିଛି । ତେନ୍ତୁଳିଗୁମ୍ମା ଠାରୁ ବୈପାରୀଗୁଡା ବ୍ଲକ କାର୍ଯ୍ୟାଳୟ ଦୂରତା ପ୍ରାୟ ୮୦ କିଲୋମିଟର। ପୁଣି ଯାନବାହାନ ସୁବିଧା ନାହିଁ। ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ହଷ୍ଟେଲ ବ୍ୟବସ୍ଥା ରହିଛି। ପିଲାମାନେ ଏଠାରେ ରହୁଛନ୍ତି। ପ୍ରଧାନ ଶିକ୍ଷକ ବିଦ୍ୟାଳୟର କୌଣସି କାର୍ଯ୍ୟରେ ବାହାରକୁ ଗଲେ ବିଦ୍ୟାଳୟରେ ସ୍ଥାୟୀ ଶିକ୍ଷକ ନ ଥିବା ଯୋଗୁଁ ଦାୟିତ୍ୱ ହସ୍ତାନ୍ତର କରିପାରୁନାହାନ୍ତି। ଏଣୁ ବିଦ୍ୟାଳୟ ପରିଚାଳନାରେ ବାଧା ସୃଷ୍ଟି ହେଉଛି। ସ୍ଥାୟୀ ଶିକ୍ଷକ ନିଯୁକ୍ତି ପାଇଁ ସହିଦ ଲକ୍ଷ୍ମଣ ନାୟକ ଜନ୍ମ ମାଟି ତେନ୍ତୁଳିଗୁମ୍ମାର ବୁଦ୍ରା ନାୟକ, ରାମ ଚନ୍ଦ୍ର ନାୟକ, ପଦ୍ମ ପୂଜାରୀ, ଅର୍ଜୁନ ଭୂମିଆ, ରାମଚନ୍ଦ୍ର ପୂଜାରୀ, ଭଗତ ପୂଜାରୀ, ଗିରିଶ ମହାପାତ୍ର ପ୍ରମୁଖ ଦାବି କରିଛନ୍ତି। ଏନେଇ ସ୍ଥାନୀୟ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କୁ ପଚାରିବାରୁ ଏଭଳି ଶିକ୍ଷକ ସମସ୍ୟା ବହୁ ସ୍ଥାନରେ ଅଛି। ତଥାପି ସହିଦ ମାଟିରେ ସ୍ଥାୟୀ ଶିକ୍ଷକ ସମସ୍ୟା ସମାଧାନ କରିବା ପାଇଁ ଜିଲ୍ଲା ଶିକ୍ଷା ଅଧିକାରଙ୍କ ସହ ଆଲୋଚନା କରିବେ ବୋଲି କହିଛନ୍ତି। ସମସ୍ୟା ସମାଧାନ ନ ହେଲେ ଆଗାମୀ ଦିନରେ ସ୍କୁଲ ସମ୍ମୁଖରେ ତାଲା ପକାଇ ଧାରଣାରେ ବସିବେ ବୋଲି ଗାଁ ଲୋକେ ଚେତାବନୀ ଦେଇଛନ୍ତି।

# ପିଏମ୍ କିଶାନ କିସ୍ତି ବଣ୍ଟନ

କୋରାପୁଟ,୨୦।୧୧(ସମିସ): ପ୍ରଧାନ ମନ୍ତ୍ରୀ କିଷାନ ସମ୍ମାନ ନିଧିର ୨୧ତମ କିସ୍ତି ବୁଧବାର ପ୍ରଦାନ କରାଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ତାମିଲନାଡୁର କୋଏମ୍ବାଟୁର ଠାରେ ବଣ୍ଟନ କରାଯାଇଥିବା ଏହି କାର୍ଯ୍ୟକ୍ରମକୁ କୋରାପୁଟ ଜିଲ୍ଲା ସଦର ମହକୁମାରରେ ସଦଭାବନା ସଭାଗୃହରେ ଲାଇଫ୍ ପ୍ରସାରଣ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ଅଧକ୍ଷା ସୁଶ୍ରୀ ସସ୍ମିତା ମେଲେକା, ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ନାୟକ ଓ ମୁଖ୍ୟ ଉନ୍ନୟନ ଅଧିକାରୀ ବେଣୁଧର ଶବର ସମ୍ମାନିତ ଅତିଥି ଥିଲେ। କୋରାପୁଟର ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ, କୃଷି ଜିଲ୍ଲା ଅଧିକାରୀ କୋରାପୁଟ, ଉପ ନିର୍ଦ୍ଦେଶକ ଉଦ୍ୟାନ, ସହକାରୀ ପ୍ରକଳ୍ପ ନିର୍ଦ୍ଦେଶକ ଜଳଛାୟା କୋରାପୁଟ, ସହକାରୀ ମତ୍ସ୍ୟ ଅଧିକାରୀ କୋରାପୁଟ, କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଓ ଅନ୍ୟାନ୍ୟ ଅଧିକାରୀମାନେ ମଧ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। କୋରାପୁଟ ଜିଲ୍ଲାର ବିଭିନ୍ନ ୧୦୦ ଜଣ ଚାଷୀ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। କୋରାପୁଟ ଜିଲ୍ଲାରେ ମୋଟ ହିତାଧିକାରୀ ଚାଷୀଙ୍କ ସଂଖ୍ୟା ୬୮୬୧୨ ଥିଲା । ଯେଉଁମାନଙ୍କୁ ୧୩ କୋଟି ୭୨ ଲକ୍ଷ ୨୪ ହଜାର ଟଙ୍କାର ସହାୟତା ପ୍ରଦାନ କରାଯାଇଛି।

# ବସ୍‌ରୁ ସାମଗ୍ରୀ ଚୋରି କରି ଫେରାର ଅଭିଯୁକ୍ତ ଗିରଫ

ଜୟପୁର,୨୦ ।୧୧(ସମିସ): କୋରାପୁଟ ଜିଲ୍ଲା ଜୟପୁର ସହରରକୁ ବାହାରରୁ ବିଭିନ୍ନ ବସ୍‌ରେ ଆସୁଥିବା ସାମଗ୍ରୀ ସ୍ଥାନୀୟ ବସ୍‌ଷ୍ଟାଣ୍ଡର ଖଲାସୀ ମାନେ ଓହ୍ଲାଉଥିବା ବେଳେ ସେମାନଙ୍କୁ ଆକ୍ରମଣ କରିବା ସହ ସାମଗ୍ରୀ ଲୁଟ ଅଭିଯୋଗରେ ଦୁର୍ଦ୍ଦାନ୍ତ ଲୁଟେରା ସ୍ଥାନୀୟ ଗୋପବନ୍ଧୁ ନଗରର ଶିବ ସୁନା (୨୬) ଟାଉନ ଥାନା ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ପୁଲିସ ସୂଚନା ଅନୁଯାୟୀ, ଗତମାସ ୨୮ ତାରିଖରେ ବ୍ରହ୍ମପୁରରୁ ଏକ ବସରେ ଆସିଥିବା ବୋଟମ ଛତୁ ପ୍ୟାକେଟ ସ୍ଥାନୀୟ ଖଲାସୀ ମାନେ ଓହ୍ଲାଉଥିବା ବେଳେ ଅଭିଯୁକ୍ତ ସେମାନଙ୍କ ଠାରୁ ଉକ୍ତ ସାମଗ୍ରୀ ପ୍ୟାକେଟ ଛଡାଇ ନେଉଥିବା ବେଳେ କିଛି ଖଲାସୀ ବିରୋଧ କରିଥିଲେ। କିନ୍ତୁ ଅଭିଯୁକ୍ତ ଏକ ମଦ ବୋତଲ ଫଟାଇ ଖଲାସୀ ମାନଙ୍କୁ ଆକ୍ରମଣ କରିଥିଲା। ଶେଷରେ ସ୍ଥାନୀୟ ବାପୁଜୀ ନଗରର ବାସିନ୍ଦା ଖଲାସୀ ହେମନ୍ତ ନାୟକଙ୍କ ହାତରେ ଉକ୍ତ ଭଙ୍ଗା ବୋତଲରେ ଆକ୍ରମଣ ଯୋଗୁଁ ପ୍ରବଳ ରକ୍ତସ୍ରାବ ହୋଇଥିଲା। ଏଥିନେଇ ଟାଉନ ଥାନାରେ ଲିଖିତ ଅଭିଯୋଗ କ୍ରମେ ପୁଲିସ ମାମଲା ରୁଜୁ କରିବା ସହ ତଦନ୍ତ କରିଥିଲେ। ସେଦିନ ଠାରୁ ଅଭିଯୁକ୍ତ ଫେରାର ହୋଇଯାଇଥିଲା। ଆଜି ଅଭିଯୁକ୍ତ ନିଜ ଗୃହକୁ ଆସିଥିବା ଟାଉନ ଥାନା ପୁଲିସ ସୂଚନା ପାଇବା ପରେ ଗୋପବନ୍ଧୁ ନଗର ଘର ଉପରେ ଚଢ଼ଉ କରିବା ସହ ଅଭିଯୁକ୍ତଙ୍କୁ ତଦନ୍ତକାରୀ ଅଧିକାରୀ ଏସ୍‌ଆଇ ଏ.କ୍ରୀଷ୍ଣା ରାଓ ଗିରଫ କରିବାରେ ସଫଳ ହୋଇଥିବା ନେଇ ଥାନା ଅଧିକାରୀ ଉଲ୍ଲାସ ଚନ୍ଦ୍ର ରାଉତ ସୂଚନା ଦେଇଛନ୍ତି।

# ଶ୍ରୀ ସତ୍ୟସାଇ ବାବାଙ୍କ ୧୦୦ତମ ଜୟନ୍ତୀ

ରାୟଗଡ଼ା,୨୦।୧୧(ସମିସ): କତାପେଟା ସତ୍ୟ ସାଇ ସେବା ସମିତି ତରଫରୁ ଶ୍ରୀ ସତ୍ୟସାଇ ବାବାଙ୍କ ୧୦୦ତମ ଜନ୍ମ ବାର୍ଷିକୀ ଉତ୍ସବ ନଭେମ୍ବର ୧୯ ଠାରୁ ୨୩ ତାରିଖ ପର୍ଯ୍ୟନ୍ତ ପାଳିତ ହେଉଛି। ଏହି ଅବସରରେ ଗୁରୁବାର ଅନୁଷ୍ଠାନ ତରଫରୁ କତାପେଟା, କାମ୍ପ୍‌ମାଲିଗାଁ କାଶିଲି ଠାରେ ଅବସ୍ଥିତ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ମିଷ୍ଟାନ୍ନ ବଣ୍ଟନ କରାଯାଇଛି। ଏହି ଅବସରରେ କତାପେଟା ଓ କାମ୍ପ ମାଲିଗାଁରେ ୫୦ ଜଣ ଗରିବଙ୍କୁ ମୁକ୍ତ ରାସନ କିଟ୍ ଓ ୧୦୦ ଜଣ ବାଲବାଟିକା ଶିଶୁଙ୍କୁ ଧଳା ପୋଷାକ ବଣ୍ଟନ କରାଯାଇଥିବା ସମିତିର କନଭେନର ପ୍ରସାଦ ପଟ୍ଟନାୟକ ପ୍ରକାଶ କରିଛନ୍ତି। ଏହି ସମିତିରେ ୫୦ ଜଣ ଲେଖାଏଁ ପୁରୁଷ ଓ ମହିଳା ଯୋଗଦାନ କରି ସମାଜିକ ସହାୟତା ଓ ସମାଜସେବାକାର୍ଯ୍ୟହାତକୁନେଉଥିବାପ୍ରସାଦପଟ୍ଟନାୟକକହିଛନ୍ତି।

# ଭୂତକୋଠିରେ ପରିଣତ ହୋଇଛି ବ୍ଲକ୍ ସରକାରୀ କ୍ୱାର୍ଟର୍ସ



କଲ୍ୟାଣସିଂହପୁର,୨୦।୧୧(ସମିସ): ରାୟଗଡ଼ା ଜିଲ୍ଲାର କଲ୍ୟାଣସିଂହପୁର ବ୍ଲକ ସଦର ଠାରେ ଥିବା ସରକାରୀ କୋଠାରେ ଦୀର୍ଘ ବର୍ଷହେବ କର୍ମଚାରୀ ମାନେ ରହୁନଥିବାରୁ ଭୂତକୋଠି ପାଲଟି ଯାଇଛି। ସରକାରୀ ଚାକିରି କରୁଥିବା କର୍ମଚାରୀ ମାନଙ୍କ ପାଇଁ ସରକାର ସମସ୍ତ ପ୍ରକାର ସୁବିଧା କରି ଦେଉଛନ୍ତି। ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରି ଘର ହୋଇଛି। କିନ୍ତୁ ସେ ଘରେ ନ ରହି ନିଜକୁ ସୁହାଇବା ଭଳି ସ୍ଥାନରେ ରହୁଛନ୍ତି। ଫଳରେ ସରକାରୀ ଘର ନଷ୍ଟ ହେଉଛି। ଲୋକେ ମଧ ଆସି କର୍ମଚାରୀଙ୍କୁ ଖୋଜି ପାଉନାହାନ୍ତି। ଏହି ବ୍ଲକର ସଦର ଠାରେ ବ୍ଲକ, ତହସିଲ, ମେଡିକାଲ କାର୍ଯ୍ୟାଳୟ ପାଇଁ ସରକାର ତରଫରୁ କର୍ମଚାରୀ ମଧ ନିଯୁକ୍ତି କରିଛନ୍ତି। ଅଧିକାରୀଙ୍କ ପାଇଁ ଅଫିସ ମଧ ରହିଛି। ତା ସହିତ ଏଠାରେ ଯେଉଁ ଅଧିକାରୀ ନିଯୁକ୍ତି ହେଉଛନ୍ତି, ତାଙ୍କ ରହିବା ପାଇଁ ସ୍ୱତନ୍ତ୍ର ଭାବରେ କୋଠରୀ ମଧ ନିର୍ମାଣ ହୋଇଛି। ସରକାରଙ୍କ ତରଫରୁ ସରକାରୀ ଚାକିରି କରୁଥିବା କର୍ମଚାରୀ ମାନେ କାର୍ଯ୍ୟାଳୟରେ ରହି ଜନସାଧାରଣଙ୍କୁ ଠିକ ସମୟରେ ସେବା ପ୍ରଦାନ କରିବା ପାଇଁ ପ୍ରତିବର୍ଷ ମରାମତି ନାମରେ ସରକାରୀ କ୍ୱାର୍ଟର୍ସରେ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ ହେଉଛି। ଫଳରେ ସରକାର କର୍ମଚାରୀ ମାନଙ୍କ ନିମନ୍ତେ ନିର୍ମାଣ କରୁଥିବା କ୍ୱାର୍ଟର୍ସ ଗୁଡିକ ଅଦରକାରୀ ହୋଇପଡ଼ିଛି। ନାରାୟଣପୁର ଠାରେ ରହିଥିବା ସହକାରୀ କୃଷି କାର୍ଯ୍ୟାଳୟର କର୍ମଚାରୀ ମାନଙ୍କ ନିମନ୍ତେ ନିର୍ମାଣ ହୋଇଥିବା ଗୃହ ସଂପୂର୍ଣ୍ଣ ଅଦରକାରୀ ହୋଇପଡିଛି। ସରକାର ରାଜକୋଷରୁ ଅର୍ଥ ଖର୍ଚ୍ଚ କରି ସରକାରୀ କ୍ୱାର୍ଟର୍ସ ନିର୍ମାଣ କରୁଛନ୍ତି। କିନ୍ତୁ ତାକୁ ସରକାରୀ କର୍ମଚାରୀ ମାନେ ବ୍ୟବହାର କରୁ ନାହାନ୍ତି। ଭୂତକୋଠିରେ ପରିଣତ ହୋଇଥିବା ସରକାରୀ କ୍ୱାର୍ଟର୍ସର ଉନ୍ନତିକରଣ ସହ ଜିଲ୍ଲାପାଳ କର୍ମଚାରୀଙ୍କୁ ସଦର ମହାକୁମା ଠାରେ ରହିବା ଦିଗରେ ସ୍ୱତନ୍ତ୍ର ଭାବରେ ଦୃଷ୍ଟି ଦେବାକୁ ଦାବି ହେଉଛି। ଏ ସମ୍ପର୍କରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ମନୀଷା ଦାସଙ୍କୁ ପଚାରିବାରୁ ସେ କହିଛନ୍ତି, ସରକାରଙ୍କୁ ଅନୁଦାନ ମାଗିଛି, ଟଙ୍କା ଆସିଲେ ମରାମତି କରାଯିବ ।ସବୁ କର୍ମଚାରୀଙ୍କୁ ହେଡ୍ କ୍ୱାର୍ଟରରେ ରହିବାକୁ ନୋଟିସ ହୋଇଛି।

# ପୋଷ୍ୟ ସନ୍ତାନ ଗ୍ରହଣ ପାଇଁ ସଚେତନତା ରଥ ଶୁଭାରମ୍ଭ




ରାୟଗଡ଼ା,୨୦।୧୧(ସମିସ): ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ପୋଷ୍ୟ ସନ୍ତାନ ଗ୍ରହଣ ପାଇଁ ସଚେତନତା ରଥର ଉଦଘାଟନ କଲେ ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣି। ଏଥିରେ ଅତିରିକ୍ତ ଜିଲ୍ଲାପାଳ ନବୀନ ଚନ୍ଦ୍ର ନାୟକ, ଉପଜିଲ୍ଲାପାଳ, ଗୁଣୁପୁର ଦୁଧାଳ ଅଭିଶେଖ ଦିଲୀପ, ଡିଆଇପିଆର ବସନ୍ତ କୁମାର ପ୍ରଧାନ, ଡିସିପିଓ ମହାଦେବ ଚିରୁଆନ୍, ଜିଲ୍ଲା ଯୋଗାଣ ଅଧିକାରୀ ଦଶରଥି ସୋରେନ, ଶିଶୁ ସୁରକ୍ଷା ଅଧିକାରୀ ପ୍ରତିମା ଦାଶ, ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀମାନେ, ଡିସିପିଉ କର୍ମଚାରୀ ଓ ଆଇସିଡିଏସ୍ ଷ୍ଟାଫ ଉପସ୍ଥିତ ଥିଲେ। ଏ ରଥ ମାଧ୍ୟମରେ ଜନସାଧାରଣଙ୍କୁ ଦେଶର ବୈଧ ଆଇନ, ଦତକର ନିୟମ, ପ୍ରକ୍ରିୟା ଏବଂ ଶିଶୁସୁରକ୍ଷା ସମ୍ପର୍କରେ ସଠିକ୍ ସୂଚନା ଦିଆଯାଉଛି। ଏହି ସଚେତନତା ରଥ ଆଜି ଠାରୁ ଆସନ୍ତା ଡିସେମ୍ବର ୧୦ତାରିଖ ପର୍ଯ୍ୟନ୍ତ ଜିଲ୍ଲାର ସମସ୍ତ ବ୍ଲକ, ପଞ୍ଚାୟତ ଓ ଦୁର୍ଗମ ଅଞ୍ଚଳ ଭ୍ରମଣ କରିବ। ସମସ୍ତ ବିଭାଗର ସହଭାଗୀତା ତଥା ବିଡ଼ିଓ ଏବଂ ପିଓ ମାନଙ୍କ ସହାୟତାରେ ପ୍ରତ୍ୟେକ ବ୍ଲକ ଓ ପଞ୍ଚାୟତରୁ ଏହି ରଥ ସଚେତନତା କରିବ। ସମସ୍ତ ବିଭାଗ ମିଶି ପୋଷ୍ୟ ସନ୍ତାନ ସମ୍ପର୍କରେ ଜନଜାଗରଣ କରିବାକୁ ସମୁଦାୟ ବା ଗୋଷ୍ଠୀ ମଧ୍ୟରେ ସନ୍ଦେଶ ପହଞ୍ଚାଇବେ।

## ଆବାସ ଯୋଜନାରେ ଘର କରିବାକୁ ବଣ୍ଡା ଜନଜାତି ନାରାଜ

# ସଚେତନତା ପାଇଁ ରାତିରେ ଗାଁ ଗାଁ ବୁଲୁଛି ପ୍ରଶାସନ

ଖଇରପୁଟ,୨୦।୧୧(ସମିସ):

ଅବାସ ଯୋଜନା ଅନ୍ତର୍ଗତ ମିଳିଥିବା ଘର ନିର୍ମାଣ କାମ ଆରମ୍ଭ କରୁନାହାନ୍ତି ବଣ୍ଡା ଜନଜାତି। ପ୍ରଥମ କିସ୍ତି ଟଙ୍କା ପାଇ ପରେ ମଧ୍ୟ ବହୁ ଘରର ନିର୍ମାଣ କାମ ଆରମ୍ଭ ହୋଇନାହିଁ। ଏଥିପାଇଁ ବାଧ୍ୟ ହୋଇ ଖଇରପୁଟ ବ୍ଲକ୍ ବିଡ଼ିଓ ଉମାଶଙ୍କର କୋୟାଙ୍କ ନେତୃତ୍ୱରେ ରାତି ସମୟରେ ବଣ୍ଡାଘାଟୀର ମୁଦୁଲିପଡା ଓ ଅଣ୍ଡରାହାଲ ଗାଁଗାଁ ବୁଲି ସଚେତନତା କରିବାକୁ ବାହାରିଛନ୍ତି ସମସ୍ତ ବ୍ଲକ୍ ପ୍ରଶାସନ। ଦିନରେ ଚାଷ କାମ ଓ ଅମଳରେ ବ୍ୟସ୍ତ ଥିବାରୁ ଲୋକମାନେ ଘରେ ରୁହୁନାହାନ୍ତି। ତେଣୁ ବ୍ଲକ୍ ଯନ୍ତ୍ରୀ, ପିଇଓ, ସହକାରୀ ଯନ୍ତ୍ରୀ ସହ ଦଳରେ ବିଡ଼ିଓ ମଧ୍ୟ ରାତିରେ ଗସ୍ତ କରୁଛନ୍ତି। ଘର ନ ତିଆରି ହେବାର ପଛରେ ଅନେକ କାରଣ ରହିଛି। ବ୍ଲକ୍ ପ୍ରଶାସନ ପକ୍ଷରୁ ସ୍ଥାନୀୟ ଲୋକଙ୍କୁ ସଚେତନ କରାଯାଉଛି। ଘର ନ ହେବା ପଛରେ ଅଞ୍ଚଳର ଭୌଗୋଳିକ ବିପଦ୍‌ତା ଘାଟି ଅଞ୍ଚଳ ବୋଲି କୁହାଯାଉଛି। ବାଲି, ଗୋଡ଼ି, ଇଟା ପହଞ୍ଚାଇବାକୁ ଅଧିକ ଖର୍ଚ୍ଚ ହେଉଛି। ସାମଗ୍ରୀ ଅଭାବରୁ କାମ ଅଟକି ଯାଇଛି। ପ୍ରଥମ କିସ୍ତି ଟଙ୍କା ନେଇ ଲୋକେ ଅନ୍ୟ ଚାଷ କାମରେ ବ୍ୟୟ ହୋଇଥିବା ବେଳେ ବିଶେଷ କରି ବର୍ଷା ଦିନରେ ଆସିଥିବା ରାଶିକୁ ଆପାତକାଳୀନ ଚାଷ ଓ ଅମଳରେ ଲୋକେ ବ୍ୟୟ କରିଦେଇଛନ୍ତି। ବଣ୍ଡା ଜନଜାତିଙ୍କ ଘର ଲାଗିଲାଗି ହୋଇଥାଏ। ପୁରୁଣା ଘର ଭାଙ୍ଗି ପୁନଃ ନିର୍ମାଣ କରିବାକୁ ସେମାନେ ରାଜି ହୋଇ ନଥିବା ଦେଖିବାକୁ ମିଳିଛି। "ଯଦି ପକ୍କା ଘର ହୋଇ ଯାଏ, ମାଗଣା ଯୋଜନା ବନ୍ଦ ହୋଇଯିବ' ବୋଲି ମଧ୍ୟ ମନରେ ଭୁଲ ଧାରଣା ରହିଥିବାରୁ ପକ୍କା ଘର ତିଆରି ବିଶେଷ ଅଗ୍ରଗତ ହେଉ ନାହିଁ। ଏହା ସହ କିଛି ବ୍ୟକ୍ତି ଫସଲ ଅମଳ ସରିଲେ ଘର ତିଆରି କରିବୁ କହିଛନ୍ତି। ଚାଷ ଓ ଅମଳରେ ବ୍ୟସ୍ତତା ଦର୍ଶାଇ ଅନେକେ କହୁଛନ୍ତି, ଅମଳ ସରିଲେ ଘର ତିଆରି କରିବୁ।।

ବଣ୍ଡାଘାଟୀରେ ମୋଟ ୧୧୬୮ ଆବାସ ଯୋଜନା ଘର ପାଇଁ କାର୍ଯ୍ୟାଦେଶ ଦିଆଯାଇଛି। ଯେଉଁଥିରେ ମୁଦୁଲିପଡା ପଞ୍ଚାୟତରେ ମୋଟ ଘର ୫୯୮ ଘର ହେବାକୁ ଆଦେଶ ପତ୍ର ଆସିଛି। ହେଲେ ବର୍ତ୍ତମାନ ସୁଦ୍ଧା ଘର ନିର୍ମାଣ ସମ୍ପୂର୍ଣ୍ଣ ହୋଇଛି ମାତ୍ର ୩୬ଟି। ଏହା ପରେ ମଧ୍ୟ ଆହୁରି ୫୬୨ଟି ଘର ହେବାକୁ ବାକି ଅଛି। ସେହିପରି ଅଣ୍ଡରାହାଲ ପଞ୍ଚାୟତରେ ମୋଟ ୫୭୦ଟି ଘର ପାଇଁ ଆଦେଶ ପତ୍ର ମିଳିଥିବା ବେଳେ ସେଥିରୁ ଶେଷ ୬୭ଟି ହୋଇଛି। ବଳକା ୫୦୩ଟି ଘର ହେବାକୁ ବାକି ଅଛି। ଅର୍ଥାତ ଦୁଇ ପଞ୍ଚାୟତରେ ୧୦୬୫ ଜଣଙ୍କ ଘର ଏପର୍ଯ୍ୟନ୍ତ ଶେଷ ହୋଇନାହିଁ। ଏନେଇ ବ୍ଲକ୍ ପ୍ରଶାସନ ପ୍ରାଥମିକତା ଭିତ୍ତିରେ ରାତିରେ ସଚେତନତା ଅଭିଯାନ ଚାଲାଇଛନ୍ତି। ଏପଟେ ସ୍ଥାନୀୟ ବୁଦ୍ଧିଜୀବୀ ଆନନ୍ଦ ଚାର୍ଜି କହିଛନ୍ତି ଆବାସ ଘର ପାଇଁ ପ୍ରଥମେ ସଚେତନତା ଅଭିଯାନ ଆବଶ୍ୟକ। ଭ୍ରମ ହଟିଲେ ନିଶ୍ଚୟ ଲୋକେ ଘର ତିଆରି କରିବେ। ସଚେତନତା ପାଇଁ ବ୍ଲକ୍ ପକ୍ଷରୁ ଯେଉଁପରି ରାତି ସମୟରେ ଦଳ ବନାଇ ଗାଁଗାଁ ଗସ୍ତ କରାଯାଉଛି, ଯେ ଅବାସ ଯୋଜନାର ନିୟମ ଓ ଲାଭ ସମ୍ପର୍କରେ ସଚେତନତା ପ୍ରଥମ କିସ୍ତି ଉପଯୋଗ ସମ୍ପର୍କରେ ସଠିକ୍ ଜ୍ଞାନ ଭ୍ରମ ହଟାଇବ। ତେବେ ଏସବୁକୁ ନେଇ ଖଇରପୁଟ ବିଡ଼ିଓ ଉମାଶଙ୍କର କୋୟା କହିଛନ୍ତି , ସମସ୍ତେ ମିଳିମିଶି କାମ କଲେ ଶୀଘ୍ର ଏହି କାର୍ଯ୍ୟ ସଫଳ ହେବ। ଅନେକ କ୍ଷେତ୍ରରେ ଲୋକ ସହଯୋଗ କରୁନାହାନ୍ତ। ତେଣୁ ବାଧ୍ୟ ହୋଇ ଗାଁ ଗାଁ ବୁଲି ସଚେତନ କରାଯାଉଛି। ଜନଜାତି ଅଞ୍ଚଳରେ ଏପରି ଭୁଲ ଧାରଣା ବହୁତ ଲୋକଙ୍କୁ ଘର ନିର୍ମାଣରୁ ଦୂରରେ ରଖୁଛି। ସଚେତନତା ଅଭିଯାନ ଜୋରଦାର ଭାବରେ ଚାଲିବ। ବଣ୍ଡାଘାଟୀରେ ଆବାସ ଯୋଜନାର ଅବସ୍ଥା ଚିନ୍ତାଜନକ ହେଲେ ମଧ୍ୟ, ବ୍ଲକ୍ ପ୍ରଶାସନଙ୍କ ରାତିରେ ସଚେତନ ଅଭିଯାନ ଏକ ନୂଆ ପଦକ୍ଷେପ। ଯଦି ଲୋକେ ସହଯୋଗ କରନ୍ତି, ଦୁର୍ଗମ ବଣ୍ଡାଘାଟୀ ମଧ୍ୟ ତ୍ୱରିତ ଆବାସ ଯୋଜନାରେ ପୁରା କାମ ଶେଷ କରିପାରିବ।

## ୧୨ ଦାଦନ ଶ୍ରମିକ ଉଦ୍ଧାର



ପାପଡାହାଣ୍ଡି,୨୦।୧୧(ସମିସ): ପାପଡାହାଣ୍ଡି ପୁଲିସ ଉମରକୋଟ ନିକଟ ଚଚା ଅଞ୍ଚଳରୁ ୧୨ ଜଣ ପୁରୁଷ, ମହିଳା ଦାଦନ ଶ୍ରମିକ ଭାବେ କାମ କରିବାକୁ ଆନ୍ଧ୍ରପ୍ରଦେଶର ବିଜୟୱାଡାକୁ ଯାଉଥିବା ବେଳେ ପାପଡାହାଣ୍ଡି ପୁଲିସ ଏବଂ ଶ୍ରମ ଅଧିକାରୀ ସେମାନଙ୍କୁ ଉଦ୍ଧାର କରିଛନ୍ତି। ସେମାନଙ୍କୁ ହାଇଦ୍ରାବାଦ ଯାଉଥିବା ଏକ ଘରୋଇ ବସ୍ ଭିତରୁ ଉଦ୍ଧାର କରାଯାଇଛି। ପୁଲିସ ନେଉଥିବା ଦଲାଲକୁ ଅଟକ ରଖି ଶ୍ରମ ଅଧିକାରୀଙ୍କ କାର୍ଯ୍ୟାଳୟକୁ ନେଇଛି। ବର୍ତ୍ତମାନ ଗ୍ରାମାଞ୍ଚଳରେ ଚାଷ କାର୍ଯ୍ୟ ସରିଛି। କାମଧନ୍ଦା ଅଭାବରୁ ଗ୍ରାମର ଲୋକେ ଅନ୍ୟତ୍ର କାମଧନ୍ଦା କରି ପରିବାର ଚଳାଇବା ପାଇଁ ବାହାର ରାଜ୍ୟରେ ଦାଦନ ଖଟିବାକୁ ଯାଉଥିବା ଜଣାପଡ଼ିଛି।

## ପଞ୍ଚାନନ ମନ୍ଦିର ଛକରେ ଜବରଦଖଲ

● ପୌରସଂସ୍ଥାର ଦୃଷ୍ଟି ଆଢୁଆଳରେ ଅଞ୍ଚଳ

ଜୟପୁର, ୨୦।୧୧ (ସମିସ): କୋରାପୁଟ ଜିଲ୍ଲା ଜୟପୁର ସହରର ବିଭିନ୍ନ ସରକାରୀ ଓ ପୌରସଂସ୍ଥାର ଜମି ଗୁଡିକ ବହୁମାତ୍ରାରେ ଜବରଦଖଲ ରହିଥିବା ବେଳେ ଜୟପୁର ପଞ୍ଚାନନ ଛକ ନିକଟରେ ସଂଯୋଗ କରୁଥିବା ବାଇପାସ ରୋଡ ଏବଂ ସୁନାରୀସାହି ରାସ୍ତା ମଧ୍ୟରେ ରହିଥିବା ପୌରସଂସ୍ଥାର ଜମିକୁ କିଛି ଜବରଦଖଲକାରୀ ନିଜ ଅକ୍ତିଆରରେ ରଖିଛନ୍ତି। ଉଠା ଷ୍ଟଲ ଏବଂ ସ୍ଥାୟୀ ଭାବେ ମଧ୍ୟ ଦୋକାନ ଗୃହ ନିର୍ମାଣ କରିବା ସହ ନିଜେ ଦୋକାନ କରିଥିବା ବେଳେ ଭାଡସୂତ୍ରରେ ମଧ୍ୟ ପ୍ରଦାନ କରିଥିବା ନେଇ ଅଭିଯୋଗ ହେଉଛି। ପୌରସଂସ୍ଥା ପକ୍ଷରୁ ଉକ୍ତ ଜମିରେ ଏକ ଗୋଲେଇ ଛକ କରିବା ସହ ହାଇମାଷ୍ଟ ଲାଇଟ ଲଗାଇ ସୌନ୍ଦର୍ଯ୍ୟ କରିବା ନେଇ ପ୍ରସ୍ତାବ ରହିଥିଲା। କିନ୍ତୁ କୌଣସି କାରଣରୁ ଏହାକୁ ସ୍ଥଗିତ ରଖାଯାଇଥିବା ଯୋଗୁଁ ଉକ୍ତ ଜବରଦଖଲକାରୀ ମାନଙ୍କ ପାଇଁ ଏହା ସୁଯୋଗ ପାଲଟିଛି। ଏହିପରି ଉକ୍ତ ଜମିରେ ପ୍ରାୟ ୧୦ରୁ ୧୨ଟି ଉଠା ଓ ସ୍ଥାୟୀ ଷ୍ଟଲ ନିର୍ମାଣ କରାଯାଇଥିବା ଯୋଗୁଁ ଉଭୟ ବାଇପାସ ରୋଡ ଏବଂ ସୁନାରୀ ସାହି ରାସ୍ତାରେ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହେଉଛି। ବର୍ତ୍ତମାନ ଜୟପୁର ସହରରେ ପ୍ରଶାସନ ଓ ପୌରସଂସ୍ଥା ପକ୍ଷରୁ ବିଭିନ୍ନ ସରକାରୀ ଓ ପୌର ଜମିରେ ଜବରଦଖଲ ଉଚ୍ଛେଦ କାର୍ଯ୍ୟ ଚାଲିଥିବା ଯୋଗୁଁ ତୁରନ୍ତ ଉକ୍ତ ଜବରଦଖଲକାରୀ ମାନଙ୍କୁ ଉଚ୍ଛେଦ କରିବାକୁ ସାଧାରଣରେ ଦାବି ହେଉଛି।

### ମିଳୁନି ମୃତ୍ୟୁକାଳୀନ ଓ ଅନ୍ୟାନ୍ୟ ସହାୟତା

# ସମାଧାନ ନ ହେଲେ ଶ୍ରମିକ ଆନ୍ଦୋଳନ

ରାୟଗଡ଼ା,୨୦।୧୧(ସମିସ):



➤ ଜିଲ୍ଲା ନିର୍ମାଣ ଶ୍ରମିକ ମହାସଂଘର ୧୦ ଦଫା ଦାବିପତ୍ର
➤ ଜିଲ୍ଲା ଶ୍ରମ କାର୍ଯ୍ୟାଳୟରେ ଶ୍ରମ ଦଲାଲ ସକ୍ରିୟ: ମହାସଂଘ

ରାୟଗଡ଼ା ଜିଲ୍ଲାର ପଡୋଶୀ ଜିଲ୍ଲାମାନଙ୍କରେ ନିର୍ମାଣ ଶ୍ରମିକମାନଙ୍କୁ ସରକାରଙ୍କ ପକ୍ଷରୁ କୋଟି କୋଟି ଟଙ୍କାର ସମସ୍ତ ସହାୟତା ମିଳୁଥିବା ବେଳେ ବର୍ଷ ବର୍ଷ ଧରି ରାୟଗଡ଼ା ଜିଲ୍ଲାରେ ନିର୍ମାଣ ଶ୍ରମିକଙ୍କୁ ମିଳୁନି ସହାୟତା। ଫଳରେ ପଞ୍ଜିକୃତ ନିର୍ମାଣ ଶ୍ରମିକମାନେ ସହାୟତା ପାଇବାରୁ ବଞ୍ଚିତ ହେଉଛନ୍ତି। ଜିଲ୍ଲାରେ ନିର୍ମାଣ ଶ୍ରମିକମାନଙ୍କ ମୃତ୍ୟୁକାଳୀନ ସହାୟତା ବଣ୍ଟନ ସଂପୂର୍ଣ୍ଣ ବିଫଳ ତଥା ନବୀକରଣ, ବିବାହ ସହାୟତା, ଶିକ୍ଷା ସହାୟତା ଏବଂ ପ୍ରସୂତି କାଳନୀ ସହାୟତା ବଣ୍ଟନରେ ଧର୍ମକୁ ଆଖିଠାର ମାରିବା ଭଳି କିଛି ବଣ୍ଟନ କରୁଥିବା, ଜିଲ୍ଲା ଶ୍ରମ ବିଭାଗର ମନମୁଖୀ କାର୍ଯ୍ୟକଳାପ, ସ୍ଥାଣୁତା ପାଲଟିବା, ଶ୍ରମ ଦଲାଲଙ୍କୁ ପ୍ରଶୟ ଦେଇ ମୋଟା ଅଙ୍କରେ ଯୋଗ୍ୟ ଶ୍ରମିକମାନଙ୍କ ଠାରୁ ଅର୍ଥ ଆଦାୟ ପ୍ରତିବାଦରେ ୧୦ଦଫା ଦାବି ପୂରଣ କରିବା ପାଇଁ ଜିଲ୍ଲା ପ୍ରଶାସନକୁ ୧୪ଦିନର ସମୟ ଦେଇଛି ରାୟଗଡ଼ା ଜିଲ୍ଲା ନିର୍ମାଣ ଶ୍ରମିକ ମହାସଂଘ। ଆଜି ମହାସଂଘ ସଭାପତି ନିରଂଜନ ପାତ୍ର ଓ ସଂପାଦକ ଖଗେଶ୍ୱର ସିଂଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲ୍ଲାପାଳ ନବୀନ ଚନ୍ଦ୍ର ନାୟକଙ୍କୁ ଦାବିପତ୍ର ପ୍ରଦାନ କରି ଆଲୋଚନା କରିଛନ୍ତି। ଜିଲ୍ଲାର ଶ୍ରମ ବିଭାଗ କାର୍ଯ୍ୟାଳୟରେ ନିର୍ମାଣ ଶ୍ରମିକ ମୃତ୍ୟୁକାଳୀନ ସହାୟତା ରାଶି ପ୍ରଦାନରେ ହୋଇଥିବା ଦୁର୍ନୀତିକୁ ନେଇ ଚାଲିଥିବା ତଦନ୍ତ ଯୋଗୁଁ ସହାୟତା ପ୍ରଦାନ ଦିଗରେ ବିଳମ୍ବ ହେଉଥିବା ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନାୟକ ମହାସଂଘକୁ ଜଣାଇଥିବା ବେଳେ ଯଥାଶୀଘ୍ର ଅନ୍ୟାନ୍ୟ ସହାୟତା ପ୍ରଦାନ ଦିଗରେ ଜିଲ୍ଲାପାଳଙ୍କୁ ଅବଗତ କରାଇବେ ବୋଲି କହିଥିବା ସଭାପତି ଶ୍ରୀ ପାତ୍ର ପ୍ରକାଶ କରିଛନ୍ତି। ଏହି ଦାବିଗୁଡିକ ମଧ୍ୟରେ ଶ୍ରମ କାର୍ଯ୍ୟାଳୟରେ ଶ୍ରମ ଦଲାଲମାନେ ବ୍ୟକ୍ତିଗତ ପଞ୍ଜୀକରଣ କରାଇ ପାରୁଥିବାରୁ ଦୁର୍ନୀତି ବଢି ଚାଲିଛି। ଶ୍ରମିକମାନଙ୍କ ଠାରୁ ଏମାନେ ହଜାର ହଜାର ଟଙ୍କା ଆଦାୟ କରୁଛନ୍ତି। ତେଣୁ ବ୍ୟକ୍ତିଗତ ପଞ୍ଜୀକରଣ ବନ୍ଦ କରିବା, ୟୁନିୟନମାନଙ୍କ ଏବଂ ଅଧିକାରୀଙ୍କ ସ୍ୱୀକୃତିରେ ପଞ୍ଜୀକରଣ ଦରଖାସ୍ତ ଗ୍ରହଣ କରିବା, ପ୍ରତିମାସରେ ପରିଚାଳନା କମିଟିର ବୈଠକ କରିବା, ୭୦ଦିନ ଭିତରେ ନିର୍ମାଣ ଶ୍ରମିକ ସହାୟତା ବଣ୍ଟନ କରିବା, ନୂତନ କାର୍ଯ୍ୟ ପଞ୍ଜୀକରଣ କରିବା, ୩ବର୍ଷରୁ ଅଧିକ ଥିବା ନବୀକରଣ ମଞ୍ଜୁର କରିବା, ପୁନଃ ଦାଖଲ କାର୍ଡକୁ ସକ୍ରିୟ କରି ନବୀକରଣ କରି ମଞ୍ଜୁର କରିବା, କଲ୍ୟାଣ ଅଧିକାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା, ନିର୍ମାଣ ଶ୍ରମିକ ସହାୟତା ନିମନ୍ତେ ଆବେଦନ ଦାଖଲ କଲା ପରେ ତଦନ୍ତ ପ୍ରକ୍ରିୟା ଅହେତୁକ ବିଳମ୍ବ ହେଉଥିବାରୁ ତାହାକୁ ସରଳୀକରଣ କରିବା, ଗୁଣପୁର ସହକାରୀ ଶ୍ରମ ଅଧିକାରୀଙ୍କ ମନମୁଖୀ କାର୍ଯ୍ୟକଳାପ ବନ୍ଦ କରିବା ,୨୦୨୪ ଓ ୨୦୨୫ରେ ଜିଲ୍ଲାର ପ୍ରାୟ ୪୦ରୁ ୫୦ହଜାର ନିର୍ମାଣ ଶ୍ରମିକ ନବୀକରଣ ନିମନ୍ତେ ଅନ୍‌ଲାଇନରେ ଆବେଦନ କରିଥିଲେ ମଧ୍ୟ ଆବେଦନକୁ ମଞ୍ଜୁର କରାଯାଉ ନ ଥିବାରୁ ମଞ୍ଜୁର କରିବାକୁ ଦାବି କରାଯାଇଛି। ଆଜି ଏହି ଦାବିପତ୍ର ପ୍ରଦାନ ବେଳେ ମହାସଘର ଗଣେଷ ହିମିରିକା, ରୁନା ନାୟକ, ଦୟା ନାୟକ, ମାଧବ ଗରଡା ଓ ଅନ୍ୟମାନେ ଉପସ୍ଥିତ ରହିଥିଲେ।

## ବିବାହିତ ମହିଳାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ରାୟଗଡ଼ା,୨୦।୧୧(ସମିସ): ରାୟଗଡ଼ା ଜିଲ୍ଲା ଚାନ୍ଦିଲି ଥାନା ଅନ୍ତର୍ଗତ ଜେକେପୁର ସହରର ମେସ କ୍ୱାଟର୍ସ କଲୋନୀରେ ଜଣେ ବିବାହିତ ମହିଳାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରିଛି ପୁଲିସ। ମୃତ ମହିଳା ଜଣକ ହେଲେ ଝାନ୍‌ସି ରାଣୀ (୨୮)। ଏ ନେଇ ଖବର ପାଇ ଚାନ୍ଦିଲି ଥାନା ଅଧିକାରୀ ଉତ୍ତମ କୁମାର ସାହୁ ଓ ଅନ୍ୟ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ରାୟଗଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିବା ଜଣାପଡିଛି। ଚାନ୍ଦିଲି ଥାନା ଆରକ୍ଷୀ ନିରୀକ୍ଷକ ଶ୍ରୀ ସାହୁଙ୍କ ଠାରୁ ମିଳିଥିବା ସୂଚନା ପ୍ରକାରେ ଆଜି ସକାଳେ ଝାନସିରାଣୀଙ୍କ ସ୍ୱାମୀ ଟିଫିନ ଆଣିବା ପାଇଁ ବାହାରକୁ ଯାଇଥିବା ବେଳେ ଘରେ ତାଙ୍କ ୯ବର୍ଷର ପୁଅ ଓ ଝିଅ ରହିଥିଲେ। ତେବେ ଝାନ୍‌ସୀ ହଠାତ୍ ଘର ଭିତରକୁ ଯାଇ ବେକରେ ଶାଢୀ ଦେଇ ଝୁଲି ପଡିଥିଲେ। ପରେ ତାଙ୍କ ସ୍ୱାମୀ ଘରକୁ ଆସି ଦେଖିବା ବେଳକୁ ତାଙ୍କର ମୃତ୍ୟୁ ହୋଇସାରିଥିଲା। ସ୍ୱାମୀ ଏ ନେଇ ଚାନ୍ଦିଲି ଥାନାରେ ଖବର ଦେଇଥିବା ବେଳେ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଥିବା ଶ୍ରୀ ସାହୁ କହିଛନ୍ତି। ପ୍ରାଥମିକ ତଦନ୍ତରୁ ପାରିବାରିକ କଳହରୁ ମହିଳା ଜଣକ ଆତ୍ମହତ୍ୟା କରିଥିବା କୁହାଯାଉଛି।

## ● ମୁନିଗୁଡ଼ାକୁ ଏନ୍‌ଏସି ମାନ୍ୟତା ଦାବି

## ଜିଲ୍ଲାପାଳଙ୍କୁ ଉଚ୍ଚ ନ୍ୟାୟାଳୟର ନିର୍ଦ୍ଦେଶନାମା ପ୍ରଦାନ କଲେ ଅଞ୍ଚଳବାସୀ



ରାୟଗଡ଼ା,୨୦।୧୧(ସମିସ): ରାୟଗଡ଼ା ଜିଲ୍ଲାର ଚାନ୍ଦିଲି, ମୁନିଗୁଡ଼ା ଓ ବିଷମକଟକକୁ ତତ୍କାଳୀନ ବିଜେଡି ସରକାର ଗତ ୨୦୨୪ ଫେବୃଆରୀରେ ଏନଏସି ମାନ୍ୟତା ଘୋଷଣା କରିଥିଲେ।ତେବେ ସରକାର ବଦଳିବା ପରେ ନୂତନ ବିଜେପି ସରକାର ଏକ ବର୍ଷରୁ ଅଧିକ ସମୟ ହେଲା ଶାସନ କ୍ଷମତାରେ ରହି ମଧ୍ୟ ତାହାକୁ କାର୍ଯ୍ୟକାରୀ କରିନାହାନ୍ତି। ଯାହାକୁ ନେଇ ମୁନିଗୁଡ଼ା ବ୍ଲକବାସିନ୍ଦା ଓଡ଼ିଶା ଉଚ୍ଚ ନ୍ୟାୟାଳୟରେ ମୁନିଗୁଡ଼ା ସହର ଏନ୍‌ଏସି ପାଇଁ ସମସ୍ତ ଯୋଗ୍ୟତା ରଖିଥିବା ଦାବି ନେଇ ଏକ ରିଟ୍ ପିଟିସନ୍ ଦାଖଲ କରିଥିଲେ। ଏଥିରେ ମୁନିଗୁଡ଼ା ଏନଏସି ପାଇଁ ଯୋଗ୍ୟତା ମାନଦଣ୍ଡରେ ରହୁଛି ବୋଲି ମୁନିଗୁଡ଼ାର ବାସିନ୍ଦା ତରଣୀ କୁମାର ଚୌଧୁରୀ ଉଲେଖ କରିଛନ୍ତି। ତେବେ ଏ ନେଇ ହାଇକୋର୍ଟ ଦେଇଥିବା ନିର୍ଦ୍ଦେଶନାମାକୁ ଆଜି ଜିଲ୍ଲା ପ୍ରଶାସନ ନିକଟରେ ଦାଖଲ କରି ପଦକ୍ଷେପ ଗ୍ରହଣ କରିବାକୁ ଦାବି କରିଛନ୍ତି ବ୍ଲକବାସିନ୍ଦା। ପ୍ରକାଶ ଥାଉକି, ମୁନିଗୁଡ଼ାକୁ ଏନଏସି କରିବା ପାଇଁ ଅଞ୍ଚଳବାସୀ ଦୀର୍ଘ ଦିନରୁ ଦାବି କରୁଛନ୍ତି। ମୁନିଗୁଡ଼ାଓ ଭୈରବଗଡ଼ ପଞ୍ଚାୟତକୁ ନେଇ ଏହି ଏନଏସି ଗଠନ ହେବା ନେଇ ଯୋଜନା ହୋଇଥିଲା। ଏକ ବ୍ୟବସାୟିକ କେନ୍ଦ୍ର ଭାବେ ମୁନିଗୁଡ଼ା ଜିଲ୍ଲାରେ ବେଶ୍ ପରିଚିତ ଏବଂ ସମସ୍ତ ମାନଦଣ୍ଡ ପୂରଣ କରୁଥିବାରୁ ଯଥାଶୀଘ୍ର ଏନଏସି ଘୋଷଣା କାର୍ଯ୍ୟକାରୀ ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି। ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣି ହାଇକୋର୍ଟ ନିର୍ଦ୍ଦେଶନାମାର କପି ଗ୍ରହଣ କରିବା ପରେ ଏନେଇ ସମ୍ପୃକ୍ତ ବିଭାଗକୁ ଜଣାଇ ଦେବେ ବୋଲି କହିଛନ୍ତି।

## ଏଚ୍‌ଆଇଭି ସଚେତନତା ପଦଯାତ୍ରା

ସୁନାବେଡ଼ା ,୨୦।୧୧(ସମିସ): ହାଲ୍ ସହରାଞ୍ଚଳ ସ୍ଥିତ ଏରୋନଟିକ୍ସ ମହାବିଦ୍ୟାଳୟରେ ଯୁବ ରେଡକ୍ରସ ଓ ରେଡ୍ ରିବନ୍ କ୍ଲବ୍ ତରଫରୁ ଏଚ.ଆଇଭି/ ଏଡସ୍ ସଚେତନତା ପଦଯାତ୍ରା ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ଅନସୂୟା ନନ୍ଦ ଏହି ପଦଯାତ୍ରାର ଶୁଭ ଉଦ୍‌ଘାଟନ କରି ସ୍ୱେଚ୍ଛାସେବୀମାନଙ୍କୁ ସଚେତନ ହେବାସଙ୍ଗେ ଅନ୍ୟମାନଙ୍କୁ ସଚେତନ କରିବାପାଇଁ ବାର୍ତ୍ତା ଦେଇଥିଲେ। ଏହି ପଦଯାତ୍ରା ମହାବିଦ୍ୟାଳୟରୁ ବାହାରି ହାଲ୍ ସହରାଞ୍ଚଳ ପରିଭ୍ରମଣ କରିଥିଲା। ପଦଯାତ୍ରାଟି ମହାବିଦ୍ୟାଳୟକୁ ପ୍ରତ୍ୟାବର୍ତ୍ତନ କରିବାପରେ ଏଡସ୍ ସଚେତନତାମୂଳକ ବକ୍ତୃତା, ପ୍ରବନ୍ଧ ଲିଖନ, ପୋଷ୍ଟର ପ୍ରତିଯୋଗିତା ଓ ସାଧାରଣ ଜ୍ଞାନ ପ୍ରତିଯୋଗିତା ହୋଇଥିଲା। ବକ୍ତୃତା ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ସ୍ୱର୍ଣ୍ଣଶ୍ରୀ ପାତ୍ର, ଦ୍ୱିତୀୟ ତପସ୍ୱିନୀ ଖରା ଓ ତୃତୀୟ ସ୍ଥାନ ଅଧିକାର କରିଛନ୍ତି ବୋରା ଦିନେଶ ରେଡ୍ଡୀ। ଏଥିରେ ବିଚାରକ ଥିଲେ ଡ. ସସ୍ମିତା ମହାପାତ୍ର, ରୁଚିକା ମାଣିଆ, ତୁଷାରକାନ୍ତ ଭୁଜବଳ ଓ ସହଯୋଗ କରିଥିଲେ ତପନ କୁମାର ବେହେରା। ପ୍ରବନ୍ଧ ଲିଖନ ପ୍ରତିଯୋଗିତାରେ ପ୍ରଥମ ଦେବରାଜ ହରିଜନ, ଦ୍ୱିତୀୟ କାଜଲମୟୀ ରାଉତ ଓ ତୃତୀୟ ସ୍ଥାନ ଅଧିକାର କରିଛନନ୍ତି ଅଂଶୁମାନ ଡାକୁଆ। ଏଥିରେ ବିଚାରକ ଥିଲେ ଡ. ରବିନାରାୟଣ ସାମନ୍ତରାୟ, ଦିଲ୍ଲୀପ କୁମାର ସାମଲ, ମଗ୍ନେଶ୍ୱର ନାଗ ଏବଂ ସହଯୋଗ କରିଥିଲେ ପ୍ରିୟଙ୍କା ରାଣୀ ମହାନ୍ତି। ସାଧାରଣ ଜ୍ଞାନରେ ପ୍ରଥମ ସାହିଲ ବାଗ, ଦ୍ୱିତୀୟ ରିତେଶ ସାମଲ ଓ ତୃତୀୟ ସ୍ଥାନ ଅଧିକାର କରିଛନ୍ତି ବି. ସିମ୍ରନ ରାଣୀ ନାଗ। ବିଚାରକ ଥିଲେ ଉତ୍କର୍ଷା କୁମାରୀ, ମଦନ ହରିଜନ। ପୋଷ୍ଟର ପ୍ରତିଯୋଗିତାରେ ପ୍ରଥମ କମଳିନୀ ଦାଶ, ଦ୍ୱିତୀୟ ସାଇ ସଞ୍ଜନା ପଟ୍ଟନାୟକ, ଯୁଗ୍ମ ତୃତୀୟ ସ୍ଥାନ ଅଧିକାର କରିଛନ୍ତି ଇତିଶ୍ରୀ ପ୍ରଧାନ, ଶ୍ରୀୟା ବିଷୋୟୀ ଏବଂ ବିଚାରକ ଭାବେ ଡ. ସଞ୍ଜୟ ପୁରୋହିତ, ଚିନ୍ମୟୀ ସାହୁ ଥିଲେ। ପଦଯାତ୍ରା ଓ ସଚେତନତା ମୂଳକ ପ୍ରତିଯୋଗିତାର ଆୟୋଜକ ଯୁବ ରେଡକ୍ରସ କାଉନସିଲର ଡ. ଶାନ୍ତନୁ କୁମାର ନାୟକ, ଚିନ୍ମୟୀ ପଣ୍ଡା ପରିଚାଳନା କରିଥିବା ବେଳେ ଉପାଧ୍ୟକ୍ଷ ଡ. ସଞ୍ଜୟ ପୁରୋହିତ, ବରିଷ୍ଠ ପ୍ରାଧ୍ୟାପିକା ହିରଣ୍ମୟୀ ତ୍ରିପାଠୀ, ଗୌରୀ ଶଙ୍କର ରଥ, ଡ.ସଞ୍ଜୟ କୁମାର ଲେଙ୍କା , ଅଧ୍ୟାପକ ସତ୍ୟବ୍ରତ ସାହୁ, ଶ୍ରୀଲତା ଜେନା ଆଦି ପ୍ରମୁଖ ଛାତ୍ରଛାତ୍ରୀ ମାନଙ୍କୁ ଉତ୍ସାହିତ କରି ସହଯୋଗ କରିଥିଲେ।

## ବିଶ୍ୱ ଶିଶୁ ଦିବସ ପାଳିତ

ପଦ୍ମପୁର,୨୦।୧୧(ସମିସ): ରାୟଗଡ଼ା ଜିଲ୍ଲା ପଦ୍ମପୁର ବ୍ଲକ ସ୍ଥିତ ସରକାରୀ ପ୍ରାଥମିକ ବିଦ୍ୟାଳୟ, ଉ-କୁମୁରୁଗଡ଼ାଠାରେ ବିଦ୍ୟାଳୟର ପୂର୍ବତନ ପ୍ରଧାନଶିକ୍ଷକ ତଥା ୫ମ ଶ୍ରେଣୀର ଶିକ୍ଷକ ଦିଲୀପ କୁମାର କରଙ୍କ ଆୟୋଜନ କ୍ରମେ ଆଜି ବିଶ୍ୱ ଶିଶୁ ଦିବସ ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀଙ୍କୁ ନେଇ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବିଦ୍ୟାଳୟର କମିଟି ସଭାପତି ହରିକୃଷ୍ଣ ରାମନାଥ ଶବର ଓ ସଭାପତି ରୁପେ ପ୍ରଧାନ ଶିକ୍ଷକ ଭୁବନାନନ୍ଦ ଖାଡ଼ଙ୍ଗା, ସହକାରୀ ଶିକ୍ଷକ ହୃଷିକେଶ ପରିଡାଲା ଓ ଶିକ୍ଷୟିତ୍ରୀ ବନିତା ନାୟକ ଛାତ୍ରଛାତ୍ରୀଙ୍କୁ ଆଜିର ଦିନର ଉଦ୍ଦେଶ୍ୟ ବିଷୟରେ ଉଦ୍‌ବୋଧନ ଦେଇଥିଲେ। ଶିକ୍ଷକ ଦିଲୀପ କୁମାର କର ଜାତୀୟ ଶିଶୁ ଦିବସ ଓ ବିଶ୍ୱ ଶିଶୁ ଦିବସର ପାର୍ଥକ୍ୟ ଓ ସାମଞ୍ଜସ୍ୟ ଛାତ୍ରଛାତ୍ରୀଙ୍କୁ ଜଣାଇଥିଲେ। ବିଦ୍ୟାଳୟର ଏପରି ନୂତନ ପ୍ରୟାସ ପାଇଁ ଅଭିଭାବକ ଓ କମିଟି ସଦସ୍ୟ ବୃନ୍ଦ ଧନ୍ୟବାଦ ଦେଇଛନ୍ତି।

## ରାୟଗଡ଼ା ପୂର୍ତ୍ତ ବିଭାଗରେ ଟେଣ୍ଡର ଫିକ୍ସିଂ ଅଭିଯୋଗ



ରାୟଗଡ଼ା,୨୦।୧୧(ସମିସ): ରାୟଗଡ଼ା ଜିଲ୍ଲା ରାସ୍ତା ଓ କୋଠାବାଡି (ପୂର୍ତ୍ତ) ବିଭାଗ ଡିଭିଜନ-୧ରେ ୭ଟି ଟେଣ୍ଡର ଆହ୍ୱାନ କରାଯାଇଥିବା ବେଳେ ଏହି ଟେଣ୍ଡର ମଧ୍ୟରେ କୁମୁତଲପେଟା-ମୁନିଗୁଡା-ଡୁମୁଡିବନ୍ଧ ରାଜ୍ୟ ସଡ଼କପଥର ମରାମତି କାର୍ଯ୍ୟ ପାଇଁ ଟେଣ୍ଡର ଫିକ୍ସିଂ ଅଭିଯୋଗ ଆଣିଛନ୍ତି ଆଶାୟୀ "ବି'କ୍ଲାସ ଠିକାଦାର ବିଶ୍ୱଭୂଷଣ ମହାପାତ୍ର। ସେ ଅଭିଯୋଗ କରିଛନ୍ତି ଯେ, ଜିଲ୍ଲାର ରାଜ୍ୟ ସଡକପଥ କୁମତଲପେଟା-ମୁନିଗୁଡା-ଡୁମୁଡିବନ୍ଧ ୩୦କିମି ମୁଖ୍ୟ ରାସ୍ତାର ବିଭିନ୍ନ ସ୍ଥାନରେ ଗର୍ତ୍ତ ମରାମତି ନିମନ୍ତେ ଚଳିତ ବର୍ଷ ସେପ୍ଟେମ୍ବର ମାସ ୪ତାରିଖରେ ଇ-ଟେଣ୍ଡର ଆହ୍ୱାନ କରାଯାଇଥିଲା। ଟେଣ୍ଡରରେ ଭାଗ ନେବାର ଶେଷ ତାରିଖ ସେପ୍ଟେମ୍ବର ୧୨ତାରିଖ ଅପରାହ୍ନ ସାଢେ ୫ଟା ପର୍ଯ୍ୟନ୍ତ ରହିଥିଲା। ଏହି ଟେଣ୍ଡର ପାଇଁ ବିଭିନ୍ନ ସ୍ଥାନରୁ ଆଶାୟୀ ୧୭ଜଣ ଠିକାଦାର ଆବେଦନ କରିଥିଲେ। ୩ ମାସ ଅବଧି ମଧ୍ୟରେ ରାସ୍ତା ମରାମତି କାର୍ଯ୍ୟ ନିମନ୍ତେ ବିଭାଗ ପକ୍ଷରୁ ପ୍ରାୟ ୪୯,୧୪,୬୭୧ଟଙ୍କା ବ୍ୟୟ ଅଟକଳ ରଖାଯାଇଥିଲା। ତେବେ ୧୬ଜଣଙ୍କ ବିଡ୍ ଯୋଗ୍ୟତା ହୋଇଥିବା ବେଳେ ଜଣଙ୍କ ଆବେଦନ କୌଣସି କାରଣରୁ ନାକଚ ହୋଇଥିଲା। ବଳକା ୧୬ଜଣ ଠିକାଦାରଙ୍କ ମଧ୍ୟରୁ ରାୟଗଡ଼ା ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଅମ୍ବିକେୟ ମିଶ୍ର ଏଥିରେ ଚଞ୍ଚକତା କରି ନବରଙ୍ଗପୁରର ମହମ୍ମଦ ଜାଫର କାଡ୍ରିୟା ନାମକ ଜଣେ ଠିକାଦାରଙ୍କୁ ଏଓସି ଆଧାରରେ ତାଙ୍କର ଆବେଦନକୁ ଯୋଗ୍ୟ ବିବେଚିତ କରି ସେପ୍ଟେମ୍ବର ୨୬ ତାରିଖରେ କାର୍ଯ୍ୟାଦେଶ ଦେଇଥିଲେ। ଫଳରେ କାର୍ଯ୍ୟାଦେଶ ନେଇ ଆବେଦନ କରିଥିବା ଅନ୍ୟ ଆଶାୟୀ ମାନଙ୍କୁ ଅନ୍ଧାରରେ ରଖି ଚଳିତ ମାସ ନଭେମ୍ବର ୧୩ ତାରିଖ ଅଧୀକ୍ଷଣ ଯନ୍ତ୍ରୀ ଇ ପ୍ରକ୍ୟୁରମେଣ୍ଟ ସିଷ୍ଟମ ପୋର୍ଟାଲରେ ଅପ୍‌ଲୋଡ କରି ଦେଇଛନ୍ତି। ସେହିପରି ଅନ୍ୟ ୬ଟି ଟେଣ୍ଡରକୁ ମଧ୍ୟ ଅଧୀକ୍ଷଣ ଯନ୍ତ୍ରୀ ଅନ୍ୟ ଠିକାଦାରମାନଙ୍କୁ ବାଣ୍ଟି ଦେଇଥିବା ବେଳେ ଏ ନେଇ ରାଜ୍ୟ ସରକାର ଅବଗତ ହେଲେ ନାହିଁ କିମ୍ବା ଅନ୍ୟ ଆଶାୟୀ ଠିକାଦାରମାନଙ୍କୁ ମଧ୍ୟ ଅନ୍ଧାରରେ ରଖିଲେ ବୋଲି ଠିକାଦାର ଶ୍ରୀ ମହାପାତ୍ର ଅଭିଯୋଗ କରିଛନ୍ତି। ଏ ନେଇ ଆଜି ଠିକାଦାର ଶ୍ରୀ ମହାପାତ୍ର ଅଧୀକ୍ଷଣ ଯନ୍ତ୍ରୀଙ୍କୁ ଭେଟି ଟେଣ୍ଡର ବିଷୟରେ କାହିଁକି ଅବଗତ କରାଯାଇ ନାହିଁ ବୋଲି ପ୍ରଶ୍ନ କରିଥିବା ବେଳେ ଟେଣ୍ଡରର ସମସ୍ତ ବିଷୟ ଇ-ମେଲ ଦ୍ୱାରା ପଠାଯାଇଥିବା କହିବା ସହ ପୂର୍ତ୍ତ ବିଭାଗର କାମ କିଭଳି ହୁଏ ତାହା ଜାଣି ନାହାନ୍ତି କି ବୋଲି କହିଥିବା ନେଇ ଶ୍ରୀ ମହାପାତ୍ର ଆଜି ରାୟଗଡ଼ା ସାର୍କିଟ ହାଉସ ଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଅଭିଯୋଗ କରିଛନ୍ତି। ଏ ନେଇ ଅଧୀକ୍ଷଣ ଯନ୍ତ୍ରୀ ଅମ୍ବିକେୟ ମିଶ୍ରଙ୍କ ପ୍ରତିକ୍ରିୟା ନେବାରୁ ଟେଣ୍ଡର ପ୍ରକ୍ରିୟା ସରକାରଙ୍କ ନିୟମ ପ୍ରକାରେ କରାଯାଇଛି ଏଥିରେ କୌଣସି ଅନିୟମିତତା ହୋଇ ନ ଥିବା ସେ କହିଛନ୍ତି।

### କେନ୍ଦ୍ରୀୟ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ପାଇଁ ଘରୋଇ ଶିକ୍ଷାନୁଷ୍ଠାନ ବସ୍ ଅଡ୍ଡୁଆ

# ଟ୍ରାଫିକ୍ ସମସ୍ୟାର ସମାଧାନ ପାଇଁ ଦାବି





ଗୁଣୁପୁର,୨୦।୧୧(ସମିସ): ଗୁଣୁପୁର ସହରର ପୁରୁଣା ବସ୍‌ଷ୍ଟାଣ୍ଡ ନିକଟ ତଥା ବ୍ୟାଙ୍କ ସାହି ନିକଟରେ ରହିଛି କେନ୍ଦ୍ରୀୟ ବିଦ୍ୟାଳୟ। ଏହି ବିଦ୍ୟାଳୟ ସହରର ମୁଖ୍ୟ ରାସ୍ତା ପାଶ୍ୱର୍ରେ ରହିଛି। ଉକ୍ତ ରାସ୍ତା ଦେଇ ପୁରୁଣା ବସଷ୍ଟାଣ୍ଡ ଅଞ୍ଚଳକୁ ପ୍ରତିଦିନ ହଜାର ହଜାର ମଟର ସାଇକେଲ, ଶହ ଶହ ଅଟୋ ଯାତାୟତ କରିଥାଏ। ଏହା ମଧ୍ୟରେ ଘରୋଇ ଶିକ୍ଷା ଅନୁଷ୍ଠାନ ଗୁଡିକର ବିରାଟକାୟ ବସ୍ ଗୁଡିକ ମଧ୍ୟ ଉକ୍ତ ରାସ୍ତା ଦେଇ ଠାକୁରାଣୀ ମନ୍ଦିର ପର୍ଯ୍ୟନ୍ତ ଯାଇ ସେଠାରୁ ପୁଣି ଫେରିଥାଏ। ଫଳରେ ସେଠାରେ ବହୁ ଟ୍ରାଫିକ୍ ସମସ୍ୟା ଉପୁଜୁଛି। ଏହି ସ୍ଥାନରେ ଏକା ସଙ୍ଗେ ବିଭିନ୍ନ ଶିକ୍ଷା ଅନୁଷ୍ଠାନର ବସ୍ ମାଳ ମାଳ ହୋଇ ଠିଆ ହୋଇ ରହୁଛି। ଏଣୁ କେନ୍ଦ୍ରୀୟ ବିଦ୍ୟାଳୟ ସମ୍ମୁଖରେ ଅତ୍ୟନ୍ତ ଭିଡ଼ ରହୁଛି। ବିଦ୍ୟାଳୟ ନିକଟରେ ବସ୍ ଗୁଡିକ ପାର୍କିଂ କରୁଛନ୍ତି। ଠାକୁରାଣୀ ମନ୍ଦିର ଠାରୁ କେନ୍ଦ୍ରୀୟ ବିଦ୍ୟାଳୟ ମଧ୍ୟରେ ମାତ୍ର ୧୦୦ ମିଟର ଦୂରତା ଅଟେ। ଫଳରେ ଛାତ୍ରଛାତ୍ରୀମାନେ ଘର ଠାରୁ ସ୍କୁଲକୁ ଯିବା ସମୟରେ ଏବଂ ସ୍କୁଲରୁ ଘରକୁ ଫେରିବା ସମୟରେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଏବଂ ବେଳେ ବେଳେ ଦୁର୍ଘଟଣାର ସମ୍ମୁଖୀନ ମଧ୍ୟ ହେଉଛନ୍ତି। ଛାତ୍ରଛାତ୍ରୀ ସ୍କୁଲକୁ ଯିବା ଏବଂ ଫେରିବା ସମୟରେ ବହୁ ସଂଖ୍ୟାର ଅଟୋ ଏବଂ ମଟର ସାଇକେଲ କେନ୍ଦ୍ରୀୟ ବିଦ୍ୟାଳୟ ସମ୍ମୁଖରେ ରହିଥାଏ। ଏହାରି ଭିତରେ ବସ୍ ଗୁଡିକ ଉଚ୍ଚ ଶବ୍ଦରେ ହର୍ଣ୍ଣ ମାରି ଉକ୍ତ ରାସ୍ତା ଅତିକ୍ରମ କରନ୍ତି । ଯାହାକୁ ନେଇ ଅଭିଭାବକ ମାନେ ଅସନ୍ତୋଷ ପ୍ରକାଶ କରୁଛନ୍ତି। ସକାଳ ୭ ଘଟିକା ଠାରୁ ୮ ଘଣ୍ଟା ମଧ୍ୟରେ ଛାତ୍ର ଛାତ୍ରୀ ମାନେ ବିଦ୍ୟାଳୟକୁ ଯାଇଥାନ୍ତି। ଏବଂ ଅପରାହ୍ନ ୧ ଘଣ୍ଟା ଠାରୁ ୨ ଘଣ୍ଟା ମଧ୍ୟରେ ଘରକୁ ଫେରନ୍ତି। ତେଣୁ ଅନ୍ତତଃ ସକାଳୁ ୧ ଘଣ୍ଟା ପାଇଁ ଏବଂ ଅପରାହ୍ନରେ ୧ ଘଣ୍ଟା ପାଇଁ ଘରୋଇ ଶିକ୍ଷା ଅନୁଷ୍ଠାନ ଗୁଡିକର ବସ୍ ଗୁଡିକ ଚଳାଚଳ ବନ୍ଦ ରହିଲେ ଛାତ୍ରଛାତ୍ରୀ ବିପଦମୁକ୍ତ ଓ ଭୟମୁକ୍ତ ହୋଇ ଯିବା ଆସିବା କରିପାରିବେ। ତେଣୁ କୁନି କୁନି ପିଲାଙ୍କ ସୁରକ୍ଷା ଦୃଷ୍ଟିରୁ ଶିକ୍ଷା ଅନୁଷ୍ଠାନର ମାଲିକ ମାନେ ଏଥିପ୍ରତି ଦୃଷ୍ଟି ଦିଅନ୍ତୁ ବୋଲି ଅଭିଭାବକ ମାନେ ମତବ୍ୟକ୍ତ କରିଛନ୍ତି। ଗୁଣୁପୁର ସହରର ବର୍ଦ୍ଧିତ ଜନସଂଖ୍ୟା ଯୋଗୁଁ ବ୍ୟାପକ ଟ୍ରାଫିକ୍ ସମସ୍ୟା ଓ ବାରମ୍ବାର ଦୁର୍ଘଟଣା ଯୋଗୁଁ ବହୁ ବାଦବିବାଦ ପରେ ୨୦୧୦ ମସିହା ଜୁନ୍ ୬ ତାରିଖରେ ତତ୍କାଳୀନ ଗୁଣୁପୁର ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ (ଆଇପିଏସ୍) ନୀତିନ୍ ଶେଖର ଏବଂ ଗୁଣୁପୁର ଥାନା ଅଧିକାରୀ ଶ୍ରୀମନ୍ତ ବାରିକଙ୍କ ଉଦ୍ୟମ କ୍ରମେ ବ୍ୟବସାୟୀ, ରାଜନେତା ଓ ପ୍ରଶାସନ ମିଳିତ ନିଷ୍ପତ୍ତି କ୍ରମେ ପୁରୁଣା ବସଷ୍ଟାଣ୍ଡକୁ ବସ୍ ଚଳାଚଳ କରିବା ପାଇଁ ସମ୍ପୂର୍ଣ୍ଣ ବାରଣ କରାଯାଇଥିଲା। ମାଲ୍ ବୋଝେଇ ଗାଡ଼ି ଗୁଡିକ ରାତି ୧୦ ଘଣ୍ଟା ପରେ ପୁରୁଣା ବସଷ୍ଟାଣ୍ଡକୁ ପ୍ରବେଶ କରି ଦିନ ୬ ଘଣ୍ଟା ଭିତରେ ସହର ବାହାରକୁ ପଳାଇଯିବା ପାଇଁ ନିର୍ଦ୍ଦେଶ ରହିଥିଲା। କିନ୍ତୁ ସେହି ଦିନଠାରୁ ବେସରକାରୀ ଓ ସରକାରୀ ବସ୍ ଚଳାଚଳ ବନ୍ଦ ହୋଇଯାଇଥିବା ବେଳେ ଘରୋଇ ଶିକ୍ଷା ଅନୁଷ୍ଠାନ ବସ୍ ଗୁଡିକ ଧୀରେ ଧୀରେ ଗୋଟିଏ ଦୁଇଟି ବସ୍ ଚଳାଚଳ କରିଥିଲେ। ବର୍ତ୍ତମାନ୍ ସମସ୍ତ ଶିକ୍ଷା ଅନୁଷ୍ଠାନର ମାଳ ମାଳ ବସ୍ ଚଳାଚଳ କରୁଛି। ହଳଦିଆ ନାଳ ଠାରୁ ପୁରୁଣା ବସଷ୍ଟାଣ୍ଡ ଏବଂ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପର୍ଯ୍ୟନ୍ତ ରାସ୍ତା ସଂକୀର୍ଣ୍ଣ ରହିଥିବା ଯୋଗୁଁ ବ୍ୟାପକ ଟ୍ରାଫିକ୍ ସମସ୍ୟା ଉପୁଜୁଛି। ତେଣୁ ଏହାକୁ ଦୃଷ୍ଟିରେ ରଖି ଗୁଣୁପୁର ଉପଜିଲ୍ଲାପାଳ ଏବଂ ପୁଲିସ ପ୍ରଶାସନ ପକ୍ଷରୁ ଏଥିପ୍ରତି ଦୃଷ୍ଟି ଦେବା ସହ ଟ୍ରାଫିକ୍ ସମସ୍ୟା ଦୂରୀକରଣ କରିବା ପାଇଁ ସାଧାରଣରେ ଦାବି ହେଉଛି।

**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୮.୯୦ • ପାଉଣ୍ଡ ୧୧୫.୭୩
- ୟୁରୋ ୧୦୨.୧୫ • ୟେନ୍ ୦.୫୬

**ସୁନା, ରୁପା ଦର (ଟଙ୍କାରେ)**



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୧,୧୪,୪୬୦ (ନୂଆଦିଲ୍ଲୀ)
- ରୁପା : ୧,୬୮,୧୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୮୫,୬୩୨.୦୦
- ନିଫ୍ଟି ୨୬,୧୯୨.୦୦



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



### ସ୍ୱାସ୍ଥ୍ୟ ବୀମା ପ୍ରିମିୟମ୍‌ରେ ବାର୍ଷିକ ମନଇଚ୍ଛା ବୃଦ୍ଧିକୁ ନେଇ ବଢ଼ୁଛି ଅସନ୍ତୋଷ

# ଭାରତରେ ଚିକିତ୍ସା ମୁଦ୍ରାସ୍ଫୀତି ବିଶ୍ୱରେ ସର୍ବାଧିକ




**୨୦% ମଧ୍ୟରେ ରହିବ ଏଜେଣ୍ଟ କମିଶନ**

**ପ୍ରିମିୟମ୍ ବୃଦ୍ଧି ଉପରେ ଲାଗିବ ରୋକ୍**

**ଚିକିତ୍ସା ପ୍ୟାକେଜ୍ ମୂଲ୍ୟ କମ୍ କରିବାକୁ ସରକାରଙ୍କ ଯୋଜନା**

**ବୀମା କମ୍ପାନୀ ଓ ହସ୍ପିଟାଲ ମନଇଚ୍ଛା ପ୍ୟାକେଜ୍ ହାର ସ୍ଥିର କରିପାରିବେନି**

ନୂଆଦିଲ୍ଲୀ, ୨୦।୧୧ (ଏଜେନ୍ସି): ସମ୍ପ୍ରତି ସରକାର ଦେଶରେ ହୁ ହୁ ହୋଇ ବଢ଼ୁଥିବା ସ୍ୱାସ୍ଥ୍ୟ ବୀମା ପ୍ରିମିୟମ୍‌ରେ ଲଗାମ୍ ଲଗାଇବାକୁ ଯାଉଛନ୍ତି। ଏଥିରେ ହେଉଥିବା ବାର୍ଷିକ ପ୍ରିମିୟମ୍ ବୃଦ୍ଧିକୁ କମ୍ କରିବା ପାଇଁ ଅନେକ ପ୍ରସ୍ତାବ ଦିଆଯାଇଛି। ପ୍ରସ୍ତାବ ମଧ୍ୟରେ ଏଜେଣ୍ଟ କମିଶନକୁ ୨୦% ପର୍ଯ୍ୟନ୍ତ ସୀମିତ କରିବା ଏବଂ ହସ୍ପିଟାଲ ଚିକିତ୍ସା ପ୍ୟାକେଜ୍ ହାର ହ୍ରାସ କରିବା ସମ୍ପର୍କିତ ପ୍ରସ୍ତାବ ଅନ୍ତର୍ଭୁକ୍ତ। ଏହି ପ୍ରସ୍ତାବଗୁଡ଼ିକୁ ବୀମା ନିୟାମକ, ଭାରତୀୟ ବୀମା ନିୟାମକ ଏବଂ ବିକାଶ ପ୍ରାଧିକରଣ (ଆଇଆର୍‌ଡିଏଆଇ) ନିକଟରେ ଦାଖଲ କରାଯାଇଛି। ବର୍ତ୍ତମାନ ନିଷ୍ପତ୍ତି ବିଚାରାଧୀନ ଅଛି। କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟ ବୀମା କମ୍ପାନୀଗୁଡିକର ସିଇଓ, ପ୍ରମୁଖ ହସ୍ପିଟାଲ ମାଲିକ ଏବଂ ଆଇଆର୍‌ଡିଏଆଇ ଅଧିକାରୀଙ୍କ ସହିତ ଏ ସମ୍ପର୍କରେ ବୈଠକ କରିଛି। ସ୍ୱାସ୍ଥ୍ୟ ବୀମା ପ୍ରିମିୟମ୍ ରେ ମନଇଚ୍ଛା ବାର୍ଷିକ ବୃଦ୍ଧି ଉପରେ ମନ୍ତ୍ରଣାଳୟ ଅସନ୍ତୋଷ ପ୍ରକାଶ କରିଛି। ଏଥିରେ କୁହାଯାଇଛି ଯେ ଭାରତରେ ମେଡିକାଲ୍ ବା ଚିକିତ୍ସା ମୁଦ୍ରାସ୍ଫୀତି ୧୧.୫%ରେ ପହଞ୍ଚିଛି, ଯାହା ବିଶ୍ୱରେ ସର୍ବାଧିକ। ଏହା ଗ୍ରହଣୀୟ ନୁହେଁ, ଏବଂ ସରକାର ଏହାକୁ ସମାଧାନ କରିବା ପାଇଁ ପଦକ୍ଷେପ ନେଉଛି।

ପ୍ରସ୍ତାବ ଅନୁଯାୟୀ, ପ୍ରିମିୟମ୍‌ରେ ବାର୍ଷିକ ବୃଦ୍ଧି ଉପରେ ଏକ ସୀମା ଲାଗୁ କରାଯିବ। ଏହାର ଅର୍ଥ ହେଉଛି ବୀମା କମ୍ପାନୀଗୁଡ଼ିକ ମନଇଚ୍ଛା ସ୍ୱାସ୍ଥ୍ୟ ବୀମା ପ୍ରିମିୟମ୍ ବୃଦ୍ଧି କରିପାରିବେ ନାହିଁ। ନୂତନ ସ୍ୱାସ୍ଥ୍ୟ ବୀମା ପଲିସି ଉପରେ ଏଜେଣ୍ଟ କମିଶନ ସର୍ବାଧିକ ୨୦% ହେବା ଉଚିତ। ବାର୍ଷିକ ନବୀକରଣ ଉପରେ ମଧ୍ୟ ଏହି କମିଶନ ୧୦% ଅତିକ୍ରମ କରିବା ଉଚିତ୍ ନୁହେଁ। ପ୍ରତ୍ୟେକ କ୍ଲେମ୍ ବା ଦାବି, ସବୁ ହସ୍ପିଟାଲ ବିଲ୍ ଏବଂ ପ୍ରତ୍ୟେକ ଡିସଚାର୍ଜ ସାରାଂଶ ସମ୍ପୂର୍ଣ୍ଣ ସ୍ୱଚ୍ଛ ହେବା ଉଚିତ। ବୀମା କମ୍ପାନୀ ଏବଂ ହସ୍ପିଟାଲଗୁଡ଼ିକ ମିଳିମିଶି ମନଇଚ୍ଛା ପ୍ୟାକେଜ୍ ହାର ସ୍ଥିର କରିପାରିବେନାହିଁ। ହସ୍ପିଟାଲଗୁଡ଼ିକ ସରକାରୀ ପ୍ରସ୍ତାବକୁ ବିରୋଧ କରି କହିଥିଲେ ଯେ ସେମାନଙ୍କର ମାର୍ଜିନ୍ ପୂର୍ବରୁ କମ୍ ଅଛି। ବୀମା କମ୍ପାନୀଗୁଡ଼ିକ ପ୍ରିମିୟମ୍ ବୃଦ୍ଧି କରନ୍ତି, କିନ୍ତୁ ଦାବି ଦେବାକୁ ଅନିଚ୍ଛୁକ। ଅର୍ଥ ମନ୍ତ୍ରଣାଳୟର ଜଣେ ଅଧିକାରୀ ପ୍ରତିକ୍ରିୟା ଦେଇଥିଲେ ଯେ ଏହି କାରଣରୁ ଜାତୀୟ ସ୍ୱାସ୍ଥ୍ୟ ଦାବି ଏକ୍ସଚେଞ୍ଜ ପ୍ରତିଷ୍ଠା କରାଯାଉଛି, ଯେଉଁଠାରେ ସବୁକିଛି ଡିଜିଟାଲ୍ ହେବ। ଭାରତରେ ମେଡିକାଲ ମୁଦ୍ରାସ୍ଫୀତି ୧୧.୫% ରେ ପହଞ୍ଚିଛି। ଏହାର ଅର୍ଥ ହେଉଛି ଯେ ହସ୍ପିଟାଲ ଚିକିତ୍ସା ଖର୍ଚ୍ଚ ପ୍ରତିବର୍ଷ ୧୧.୫% ହାରରେ ବୃଦ୍ଧି ପାଉଛି, ଯାହା ବିଶ୍ୱରେ ସର୍ବାଧିକ। ଏହାଛଡ଼ା ସ୍ୱାସ୍ଥ୍ୟ ବୀମା ପ୍ରିମିୟମ ମାତ୍ର ଗୋଟିଏ ବର୍ଷରେ ୨୫% ବୃଦ୍ଧି ପାଇଛି। ବିଶେଷକରି କୋଭିଡ୍ ପରେ ଦେଶରେ ସ୍ୱାସ୍ଥ୍ୟ ବୀମା ଅଧିକ ମହଙ୍ଗା ହୋଇଯାଇଛି।

# ଅନୀଲ ଅମ୍ବାନୀଙ୍କ ଆଉ ୧୪୫୨ କୋଟିର ସମ୍ପତ୍ତି ଜବତ

## ଭୁବନେଶ୍ୱର, ନାଭି ମୁମ୍ବାଇ, ଚେନ୍ନାଇ, ପୁଣେରେ ସମ୍ପତ୍ତି ଜବତ

ନୂଆଦିଲ୍ଲୀ,୨୦।୧୧(ଏଜେନ୍ସି): ଆର୍ଥିକ ହେରଫେର ଓ ଋଣ ଠକେଇ ଅଭିଯୋଗରେ ଇଡି ଜାଲରେ ସମ୍ପୂର୍ଣ୍ଣ ଭାବେ ଫସି ଯାଇଛନ୍ତି ଅନୀଲ ଅମ୍ବାନୀ। ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ପୁଣି ଥରେ ଅନିଲ ଅମ୍ବାନୀଙ୍କ ରିଲାଏନ୍ସ ଗ୍ରୁପର କୋଟି କୋଟି ଟଙ୍କାର ସମ୍ପତ୍ତି ଜବତ କରିଛି। ଏହି ସମ୍ପତ୍ତିଗୁଡ଼ିକର ମୂଲ୍ୟ ପ୍ରାୟ ୧,୪୫୨ କୋଟି ଟଙ୍କା। ନାଭି ମୁମ୍ବାଇ, ଚେନ୍ନାଇ, ପୁଣେ ଏବଂ ଭୁବନେଶ୍ୱରରେ ଏହି ସମ୍ପତ୍ତିଗୁଡ଼ିକୁ ଜବତ କରାଯାଇଛି। ଏହି କାର୍ଯ୍ୟାନୁଷ୍ଠାନ ସହିତ, ରିଲାଏନ୍ସ ଗ୍ରୁପର ମୋଟ ସମ୍ପତ୍ତି ଜବତ ପ୍ରାୟ ୯,୦୦୦ କୋଟି ଟଙ୍କାରେ ପହଞ୍ଚିଛି। ରିଲାଏନ୍ସ ହୋମ୍ ଫାଇନାନ୍ସ (ଆର୍‌ଏଚ୍‌ଏଫ୍‌ଏଲ) ଏବଂ ରିଲାଏନ୍ସ କମର୍ସିଆଲ୍ ଫାଇନାନ୍ସ (ଆର୍‌ସିଏଫ୍‌ଏଲ) ରେ ବ୍ୟାପକ ପରିମାଣର ପାଣ୍ଠି ଅପବ୍ୟବହାର ସହିତ ଜଡିତ ମାମଲାରେ ଏହି ସମ୍ପତ୍ତିଗୁଡ଼ିକୁ ଜବତ କରାଯାଇଛି।

ଏହା ପୂର୍ବରୁ ନଭେମ୍ବର ୩ରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ପାଣ୍ଠି ସ୍ଥାନାନ୍ତର ମାମଲା ସହିତ ଜଡିତ ଅନିଲ ଅମ୍ବାନୀଙ୍କ ରିଲାଏନ୍ସ ଗ୍ରୁପର ୧୩୨ ଏକର ଜମିକୁ ଜବତ କରିଥିଲା। ଏହି ଜମି ନାଭି ମୁମ୍ବାଇର ଧୀରୁଭାଇ ଅମ୍ବାନୀ ନଲେଜ୍ ସିଟି (ଡିଏକେସି) ରେ ଅବସ୍ଥିତ। ଏହାର ମୂଲ୍ୟ ୪,୪୬୨.୮୧ କୋଟି ଟଙ୍କା ଥିଲା। ଏହାବାଦ୍ ଅନିଲ ଅମ୍ବାନୀଙ୍କ ପାଲି ହିଲ୍ ଘର ସମେତ



**ଏ ପର୍ଯ୍ୟନ୍ତ ଇଡି ଜବତ କଲାଣି ୯ ହଜାର କୋଟିର ସମ୍ପତ୍ତି**

ଗ୍ରୁପର ୪୦ ରୁ ଅଧିକ ସମ୍ପତ୍ତି ମଧ୍ୟ ଜବତ କରାଯାଇଥିଲା। ଏଥିରେ ଜବତ କରାଯାଇଥିବା ସମ୍ପତ୍ତିର ମୋଟ ମୂଲ୍ୟ ୩,୦୮ କୋଟି ଟଙ୍କା ହେବ। ଇଡି ତଦନ୍ତରେ ରିଲାଏନ୍ସ ହୋମ୍ ଫାଇନାନ୍ସ (ଆର୍‌ଏଚ୍‌ଏଫ୍‌ଏଲ) ଏବଂ ରିଲାଏନ୍ସ କମର୍ସିଆଲ୍ ଫାଇନାନ୍ସ (ଆର୍‌ସିଏଫ୍‌ଏଲ) ରେ ବ୍ୟାପକ ପାଣ୍ଠିର ଅପବ୍ୟବହାର ହୋଇଥିବା ଜଣାପଡ଼ିଥିଲା। ୨୦୧୭ରୁ ୨୦୧୯ ମଧ୍ୟରେ, ୟେସ୍ ବ୍ୟାଙ୍କ ଆର୍‌ଏଚ୍‌ଏଫ୍‌ଏଲ୍‌ରେ ୨,୯୬୫ କୋଟି ଟଙ୍କା ଏବଂ ଆର୍‌ସିଏଫ୍‌ଏଲ୍‌ରେ ୨,୦୪୫ କୋଟି ଟଙ୍କା ନିବେଶ କରିଥିଲା, କିନ୍ତୁ ଡିସେମ୍ବର ୨୦୧୯ ସୁଦ୍ଧା ଏହି ପାଣ୍ଠିଗୁଡ଼ିକ ନନ-ପରଫର୍ମିଂ ଆସେଟ୍ସ(ଏନ୍‌ପିଏ) ହୋଇଯାଇଥିଲା।

ଆର୍‌ଏଚ୍‌ଏଫ୍‌ଏଲ୍‌ର ୧,୩୫୩ କୋଟି ଏବଂ ଆର୍‌ସିଏଫ୍‌ଏଲ୍‌ର ୧,୯୮୪ କୋଟି ଟଙ୍କା ଏ ପର୍ଯ୍ୟନ୍ତ ବକେୟା ରହିଥିଲା। ମୋଟ ଉପରେ ଏଥିରେ ୟେସ୍ ବ୍ୟାଙ୍କକୁ ୨,୭୦୦ କୋଟି ଟଙ୍କାରୁ ଅଧିକ କ୍ଷତି ହୋଇଛି। ଇଡି କହିବାନୁଯାୟୀ, ଏହି ପାଣ୍ଠି ଅନ୍ୟ ରିଲାଏନ୍ସ ଗ୍ରୁପ୍ କମ୍ପାନୀଗୁଡ଼ିକୁ ପଠାଯାଇଥିଲା। ଋଣ ଅନୁମୋଦନ ପ୍ରକ୍ରିୟାରେ ଅନେକ ଅନିୟମିତତା ମଧ୍ୟ ହୋଇଥିବା ଜଣାପଡ଼ିଥିଲା। ଯେପରିକି କିଛି ଋଣ ଗୋଟିଏ ଦିନରେ ଆବେଦନ, ମଞ୍ଜୁରି ଏବଂ ବିତରଣ କରାଯାଇଥିଲା। ଫିଲ୍ଡ ଚେକ୍ ଓ ମିଟିଂ ସ୍କିପ୍ କରିଦିଆଯାଇଥିଲା।

### ଭାରତକୁ ପ୍ରତ୍ୟର୍ପଣ ବିରୋଧରେ ମେହୁଲ ଚୋକସିଙ୍କ ଆବେଦନ

# ବେଲଜିୟମ୍ ସୁପ୍ରିମକୋର୍ଟରେ ଡିସେମ୍ବର ୯ରେ ହେବ ଶୁଣାଣି

ନୂଆଦିଲ୍ଲୀ, ୨୦।୧୧ (ଏଜେନ୍ସି): ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ (ପିଏନ୍‌ବି) ମହାଠକେଇ ମାମଲାର ଅନ୍ୟତମ ମୁଖ୍ୟ ଅଭିଯୁକ୍ତ ପଳାତକ ହୀରା ବ୍ୟବସାୟୀ ମେହୁଲ ଚୋକସିଙ୍କ ପ୍ରତ୍ୟର୍ପଣକୁ ଚ୍ୟାଲେଞ୍ଜ କରିଥିବା ମାମଲାର ଶୁଣାଣି ଡିସେମ୍ବର ୯ ତାରିଖରେ ବେଲଜିୟମର ସର୍ବୋଚ୍ଚ ଅଦାଲତ କୋର୍ଟ ଅଫ୍ କାସେସନ୍ ସମ୍ମୁଖରେ କରାଯିବ। ଏ ନେଇ ସେଠାକାର ଅଧିକାରୀମାନେ ଗୁରୁବାର ଘୋଷଣା କରିଛନ୍ତି। ଚୋକ୍‌ସି ଅକ୍ଟୋବର ୧୭ରେ ବେଲଜିୟମର ସର୍ବୋଚ୍ଚ ଅଦାଲତରେ ଆଣ୍ଟୱର୍ପ କୋର୍ଟ ଅଫ୍ ଆପିଲ୍‌ର ନିଷ୍ପତ୍ତିକୁ ଚ୍ୟାଲେଞ୍ଜ କରିଛନ୍ତି। ଏହି ନିଷ୍ପତ୍ତି ଭାରତର ପ୍ରତ୍ୟର୍ପଣ ଅନୁରୋଧକୁ ସମର୍ଥନ କରି ଏହାକୁ "ବୈଧ" ବୋଲି କହିଛି। ଆଡଭୋକେଟ୍ ଜେନେରାଲ ହେନରୀ ଭାଣ୍ଡରଲିଣ୍ଡେନ୍ କହିଛନ୍ତି ଯେ କୋର୍ଟ ଅଫ୍ କାସେସନ୍ ଡିସେମ୍ବର ୯ ତାରିଖରେ ମାମଲାର ଶୁଣାଣି କରିବ। ସେ ପିଟିଆଇକୁ କହିଛନ୍ତି ଯେ କାସେସନ୍ କୋର୍ଟ କେବଳ ଆଇନଗତ ଦିଗଗୁଡ଼ିକ ଉପରେ କାସେସନ୍ କୋର୍ଟର ନିଷ୍ପତ୍ତିକୁ ପରୀକ୍ଷା କରେ, ଯେପରିକି କାସେସନ୍ କୋର୍ଟ ସଠିକ୍ ଭାବରେ ଆଇନଗତ ବ୍ୟବସ୍ଥା ପ୍ରୟୋଗ କରିଛି



କି ନାହିଁ ଏବଂ ସଠିକ୍ ପ୍ରକ୍ରିୟା ଅନୁସରଣ କରିଛି କି ନାହିଁ। ତେଣୁ, ନୂତନ ତଥ୍ୟ କିମ୍ବା ପ୍ରମାଣ ଉପସ୍ଥାପନ କରାଯାଇପାରିବ ନାହିଁ ବୋଲି ସେ କହିଛନ୍ତି। ପୂର୍ବରୁ ଅପିଲ୍ କୋର୍ଟ ରାୟ ଦେଇଥିଲେ ଯେ ୧୩,୦୦୦ କୋଟି ଟଙ୍କାର ପିଏନବି ଦୁର୍ନୀତିର ମୁଖ୍ୟ ଅଭିଯୁକ୍ତ ଚୋକସିଙ୍କୁ ଭାରତକୁ ପ୍ରତ୍ୟର୍ପଣ କରାଗଲେ ତାଙ୍କୁ ନିରପେକ୍ଷ ବିଚାରରୁ ବଞ୍ଚିତ କରାଯିବା କିମ୍ବା ଦୁର୍ବ୍ୟବହାରର ସମ୍ମୁଖୀନ ହେବାର କୌଣସି ବିପଦ ନାହିଁ। କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଏହାର ଚାର୍ଜସିଟ୍‌ରେ ଅଭିଯୋଗ କରିଛି ଯେ ଚୋକସି କେବଳ ମୋଟ ଠକେଇର ୬,୪୦୦ କୋଟି ଟଙ୍କା ଆତ୍ମସାତ କରିଛନ୍ତି।

## ଷ୍ଟୋନେଲାମ୍ ଡିଜାଇନ୍ କାର୍ନିଭାଲ୍ ଏବଂ ବିଲ୍ଡ ଏକ୍ସପୋ ୨୦୨୫

ଭୁବନେଶ୍ୱର, ୨୦।୧୧ (ସମିସ): ୧୮ ନଭେମ୍ବର ୨୦୨୫: ପ୍ରାକୃତିକ ପୋର୍ସେଲିନ୍ ସ୍ଲାବ୍ ପୃଷ୍ଠ ପାଇଁ ଭାରତର ଅଗ୍ରଣୀ ବ୍ରାଣ୍ଡ ଷ୍ଟୋନେଲାମ୍, ୧୪ରୁ ୧୬ ନଭେମ୍ବର ୨୦୨୫ ପର୍ଯ୍ୟନ୍ତ ଭୁବନେଶ୍ୱରର ହୋଟେଲ କ୍ରିଷ୍ଟାଲ୍ କ୍ରାଉନ୍ ରେ ଆଇଆଇଏ ଓଡ଼ିଶା ଚାପ୍ଟର ଦ୍ୱାରା ଆୟୋଜିତ ଡିଜାଇନ୍ କାର୍ନିଭାଲ୍ ଏବଂ ବିଲ୍ଡ ଏକ୍ସପୋ ୨୦୨୫ରେ ଅଂଶଗ୍ରହଣ କରିଥିଲା। ଏଆଇ- ସ୍ଥାପତ୍ୟ ବୁଦ୍ଧିମତା: ଯେଉଁଠାରେ ଡିଜାଇନ୍ ଡିଜିଟାଲ୍ ଜ୍ଞାନକୁ ଭେଟିଥାଏ; ଥିମ୍ ଆଧାରିତ ୩-ଦିନିଆ ଫୋରମ୍ କିପରି କୃତ୍ରିମ ବୁଦ୍ଧିମତା, ସ୍ଥାୟୀତ୍ୱ ଏବଂ ଡିଜିଟାଲ୍ ନବସୃଜନ ନିର୍ମାଣ ପରିବେଶକୁ ପୁନଃଆକୃତି ଦେଉଛି ତାହା ଅନୁସନ୍ଧାନ କରିଥିଲା। ଏହି କାର୍ଯ୍ୟକ୍ରମ ବୁଦ୍ଧିମାନ ସାମଗ୍ରୀ ଡିଜାଇନ୍ ଏବଂ ନିର୍ମାଣର ଭବିଷ୍ୟତ ବିଷୟରେ ଆଲୋଚନା କରିବା ପାଇଁ ପ୍ରମୁଖ ସ୍ଥପତି, ଡିଜାଇନର୍ ଏବଂ ଶିଳ୍ପ ଦୂରଦର୍ଶୀମାନଙ୍କୁ ଏକତ୍ରିତ କରିଥିଲା। ଏକ୍ସପୋରେ, ଷ୍ଟୋନେଲାମ୍ ଏହାର ନୂତନତମ ବୃହତ-ଫର୍ମ, ଉଚ୍ଚ-କାରଣ ପୋର୍ସେଲିନ୍ ସ୍ଲାବ୍ ସଂଗ୍ରହ ପ୍ରଦର୍ଶନ କରିଥିଲା, ଯାହା ସେମାନଙ୍କର ନିର୍ବିଘ୍ନ ସୌନ୍ଦର୍ଯ୍ୟ, ପ୍ରାକୃତିକ ଗଠନ ଏବଂ ସର୍ବନିମ୍ନ ପରିବେଶଗତ ପଦଚିହ୍ନ ପାଇଁ ପାଳିତ ହୋଇଥିଲା।

## ପଞ୍ଚମ ଅଡିଟ୍ ସପ୍ତାହ-୨୦୨୫ ଉଦ୍‌ଘାଟିତ




ଭୁବନେଶ୍ୱର,୨୦।୧୧(ସମିସ): ଅଡିଟ ସପ୍ତାହ ପାଳନ ଅବସରରେ ଅଡିଟ ସଚେତନତା ପାଇଁ ରାଜ୍ୟ ସ୍ତରରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ଏହି ପରିପ୍ରେକ୍ଷୀରେ ଏଜି ଅଫିସ ପକ୍ଷରୁ ସ୍ଥାନୀୟ ମହାଲେଖାକାର (ଏଜି) ଆନୁକୂଲ୍ୟରେ ଗୁରୁବାର ଗୀତ ଗୋବିନ୍ଦ ସଦନରେ ପଞ୍ଚମ ଅଡିଟ ସପ୍ତାହ-୨୦୨୫ର ଆନୁଷ୍ଠାନିକ ଉଦ୍‌ଘାଟନ ହୋଇଯାଇଛି। ପ୍ରଧାନ ମହାଲେଖାକାର ଡି. ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ସମାରୋହରେ ପ୍ରଧାନ ମହାଲେଖାକାର ସୁବୁ. ଆର୍, ପୂର୍ବତଟ ରେଳବାଇର ପ୍ରମୁଖ ନିର୍ଦ୍ଦେଶକ ଅନୁପ ଫ୍ରାନ୍‌ସିସ୍ ଡୁଙ୍ଗଡୁଙ୍ଗ ଓ ମହାଲେଖାକାର (ଅଡିଟ-୨) ଅତୁଲ ପ୍ରକାଶ ସମ୍ମାନିତ ଅତିଥିରୂପେ ଯୋଗଦେଇଥିଲେ। ଉପମହାଲେଖାକାର ବାନ୍‌ଥୋ ରାକେଶ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଭାରତୀୟ ଅଡିଟ ଓ ଆକାଉଣ୍ଟସ ବିଭାଗର କର୍ମଚାରୀମାନେ ଭାଗ ନେଇଥିଲେ। ଏହି ଅବସରରେ ଅଡିଟ-୨ କାର୍ଯ୍ୟାଳୟ ପରିସରରେ ଏକ ମେଗା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଥିଲା।


## ଜାପାନରେ ବଢ଼ିଲା ସୁଧ ହାର

### ଭାଙ୍ଗିଲା ୩୦ ବର୍ଷର ରେକର୍ଡ

ନୂଆଦିଲ୍ଲୀ,୨୦।୧୧(ଏଜେନ୍ସି): ଜାପାନ ପ୍ରାୟ ୩୦ ବର୍ଷ ପରେ ସୁଧହାର ବଢାଇ ସାରା ବିଶ୍ୱକୁ ଚମକାଇ ଦେଇଛି। ଦେଶର ଋଣଭାର ବଢି ୨.୮% ହୋଇଯାଇଛି। ଏଣୁ ଦୀର୍ଘ ଦଶନ୍ଧୀରୁ ନିବେଶକଙ୍କୁ ଲାଭ ଦେଇ ଆସୁଥିବା 'ୟେନ କ୍ୟାରି ଟ୍ରେଡ୍'ଏବେ ସଙ୍କଟରେ ପଡିଯାଇଛି। ଇନଭେଷ୍ଟମେଣ୍ଟ ବ୍ୟାଙ୍କର ସାର୍ଥକ ଆହୁଜା ଏହାକୁ ବଡ଼ ଧରଣର 'ବିପର୍ଯ୍ୟୟ' ବୋଲି କହିଛନ୍ତି। ପୂର୍ବରୁ ଜାପାନର ସୁଧହାର ୦% ରହୁଥିଲା। ଏଣୁ ବଡ଼ ବଡ଼ ସଂସ୍ଥା ଶସ୍ତା ୟେନ ଋଣ ନେଇ ଆମେରିକା ଓ ଭାରତ ଭଳି ବଜାରରୁ ୪-୮% ପର୍ଯ୍ୟନ୍ତ ରିଟର୍ଣ୍ଣ ପାଇ ପାରୁଥିଲେ। ଏଥିରେ ସୁଧହାର ଲାଗିବା ଏବେ ଚିନ୍ତାଜନକ ପରିସ୍ଥିତି ସୃଷ୍ଟି କରିଛି। ଯଦି ସୁଧହାର ୩% ପାର କରେ ତେବେ ଜାପାନର ଋଣ (ଜିଡିପିର ୨.୫ଗୁଣା)କୁ ସମ୍ଭାଳିବା କଷ୍ଟକର ହୋଇ ପଡିବ। ଏଣୁ ସଂଶୋଧନରେ ବିଚଳିତ ନିବେଶକ ଏବେ ସେମାନଙ୍କ ଆସେଟ୍ ବିକ୍ରି କରି ଜାପାନର ଋଣ ସୁଝିବାକୁ ଉଦ୍ୟମ କରିପାରନ୍ତି, ଯାହାର ପ୍ରଭାବ ବୈଶ୍ୱିକ ସେୟାର ମାର୍କେଟରେ ଦେଖା ଯାଇ ପାରେ। ୨୫ ବର୍ଷରେ ପ୍ରଥମ ଥର ଜାପାନରେ ମୁଦ୍ରାସ୍ଫିତି ୨.୫% ଉପରକୁ ପହଞ୍ଚିଛି। ତେବେ ବାସ୍ତବ ସୁଧରେ କୌଣସି ପରିବର୍ତ୍ତନ ହୋଇ ନାହିଁ। ମୂଲ୍ୟକୁ ନିୟନ୍ତ୍ରିତ ରଖିବାକୁ ବ୍ୟାଙ୍କ ଅଫ ଜାପାନ ସୁଧହାର ବଢାଇବାକୁ ଏବେ ବାଧ୍ୟ। ଗତ ଅଗଷ୍ଟରେ ଜାପାନ ସୁଧହାରରେ ୦.୨୫% ବୃଦ୍ଧି କରିଥିଲା। ଏଣୁ ନିକେଇରେ ୧୨% ପର୍ଯ୍ୟନ୍ତ ହ୍ରାସ ଦେଖା ଯାଇଥିଲା। ତେବେ ଜାପାନ ସୁଧହାର ବୃଦ୍ଧି କରିବା ଭାରତକୁ ମଧ୍ୟ ପ୍ରଭାବିତ କରିବ। ଭାରତରେ ଶସ୍ତା ପୁଞ୍ଜି ଉପଲବ୍ଧତା ହ୍ରାସ ହେବ। ଜାପାନୀ ନିବେଶକ ସେମାନଙ୍କ ନିବେଶକୁ ଜାପାନ ଫେରସ୍ତ ନେଇ ଯାଇ ପାରନ୍ତି।

# ଏଆଇ ମୋ ଚାକିରି ମଧ୍ୟ ଛଡାଇନେବ: ସୁନ୍ଦର ପିଚାଇ

ନୂଆଦିଲ୍ଲୀ, ୨୦।୧୧ (ଏଜେନ୍ସି): ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ଯୋଗୁ ଚାକିରି ପ୍ରତି ବଢୁଥିବା ବିପଦକୁ ନେଇ ସମସ୍ତଙ୍କ ମନରେ ଭୟର ଆଶଙ୍କା ରହିଛି। ଅନେକ କ୍ଷେତ୍ରରେ ଏଆଇ ଏପରେ ମଣିଷର ସ୍ଥାନ ନେବା ଆରମ୍ଭ କଲାଣି। ଏହାମଧ୍ୟରେ ଗୁଗଲ ସିଇଓ ସୁନ୍ଦର ପିଚାଇ କୌତୁହଳରେ କହିଛନ୍ତି ଯେ ଏଆଇ ଏତେ ଆଗକୁ ବଢୁଛି ଯେ



ଦିନେ ସିଇଓ ଚାକିରି ମଧ୍ୟ ମେସିନ କରିପାରିବ। ସୁନ୍ଦର ପିଚାଇଙ୍କ ମତରେ ଏଆଇ କେବଳ ଛୋଟ-ମୋଟ କାମ କରିବ ନାହିଁ, ବରଂ ଆଗାମୀ ସମୟରେ କମ୍ପାନୀଗୁଡ଼ିକ ପାଇଁ ବଡ଼ ନିଷ୍ପତ୍ତି ମଧ୍ୟ ନେଇପାରେ। ସେ କହିଛନ୍ତି ଯେ କିଛି କାମ ଏପରି ହୋଇଥାଏ, ଯାହା ନିୟମରେ ଚାଲିଥାଏ, ଯେପରିକି ରିପୋର୍ଟ ପଢିବା, ଡାଟା ବୁଝିବା, ପ୍ଲାନ କରିବା ଓ ନିଷ୍ପତ୍ତି ନେବା। ଏହି ସବୁ କାମ ଏଆଇ ପୂର୍ବରୁ ହିଁ ଭଲ ଭାବେ କରିପାରେ। ପିଚାଇଙ୍କ ମତରେ ଏଆଇ ଏବେ ଏତେ ବୁଦ୍ଧିମାନ ହୋଇସାରିଛି ଯେ ସେ ବଡ଼ ବଡ଼ ନିଷ୍ପତ୍ତି ବୁଝି ବିଚାରି ନେଇପାରିବ। ସେ କହିଛନ୍ତି ଯେ ଆଗାମୀ ୧୨ ମାସରେ ଏଆଇ ଏତେ ବିକଶିତ ହୋଇଯିବ ଯେ ସେ ମଣିଷଙ୍କ ପାଇଁ ଅନେକ ଜଟିଳ କାମ ନିଜେ କରିପାରିବ। ଅର୍ଥାତ୍ ଆପଣଙ୍କୁ କେବଳ କହିବାକୁ ହେବ ଓ ଏଆଇ ଆପଣଙ୍କ ପାଇଁ ପୂରା ଟାସ୍କ କରିଦେବ। ଆଗାମୀ ଏକ ବର୍ଷରେ ଏଆଇ 'ଏଜେଣ୍ଟ' ପାଲଟି ଯିବେ।

### ଚାପ ପକାଇବାରେ ସଫଳ ହେଉଛନ୍ତି ଟ୍ରମ୍ପ

# ଋଷରୁ ତୈଳ ଆମଦାନୀ ୬୬% କମିଲା

ନୂଆଦିଲ୍ଲୀ,୨୦।୧୧(ଏଜେନ୍ସି):ଋଷକୁ ଆର୍ଥିକ ସ୍ତରରେ ଦୁର୍ବଳ କରିବା ପାଇଁ ଆମେରିକା ମସ୍କୋ ଠାରୁ ତେଲ କିଣୁଥିବା ସମସ୍ତ ଦେଶ ଉପରେ ଶୁଳ୍କ ଲଗାଇଛି। ଯେଉଁଥିରେ ଭାରତ ବି ରହିଛି। ଭାରତ ଉପରେ କେବଳ ଏଥିପାଇଁ ଅତିରିକ୍ତ ୨୫% ମୋଟ ୫୦% ଶୁଳ୍କ ଲଗାଇଛନ୍ତି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ। ଆଗକୁ ପୁଣି ୫୦୦% ଶୁଳ୍କ ଲଗାଇବାକୁ ଯୋଜନା ଚାଲିଛି। ଏ ନେଇ ଆମେରିକା ସିନେଟରେ ପ୍ରସ୍ତାବ ମଧ୍ୟ ଆଗତ ହୋଇସାରିଛି।

**ପୁଣି ୫୦୦% ଶୁଳ୍କ ଲଗାଇବାକୁ ସିନେଟରେ ପ୍ରସ୍ତାବ ଆଗତ**

ତେବେ ଭାରତ ଉପରେ ହାକିମାତି ଜାହିର କରିବାରେ ସଫଳ ହୋଇଛନ୍ତି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ। କାରଣ ଭାରତ ବର୍ତ୍ତମାନ ବିକଶିତ ସ୍ତରରେ ରହିଛି। ତେଣୁ ଆମେରିକା ସହିତ ପଙ୍ଗା ନେବା ମହଙ୍ଗା ପଡ଼ିପାରେ। ଏଥିପାଇଁ ରଣନୈତିକ ସ୍ତରରେ ଭାରତ ଋଷ ଠାରୁ ତେଲ କିଣିବା କମାଇ ଦେଇଛି। ସଦ୍ୟ ତଥ୍ୟାନୁସାରେ, ନଭେମ୍ବରରେ ରୁଷରୁ ଆସୁଥିବା ଅଶୋଧିତ ତୈଳର ପରିବହନରେ ୬୬% ହ୍ରାସ ଘଟିଛି। ଆମେରିକା ଋଷର ଦୁଇଟି ବଡ଼ ତୈଳ କମ୍ପାନୀ ରୋସନେଫ୍ଟ ଏବଂ ଲୁକୋଏଲ ଉପରେ କଟକଣା ଲଗାଇଛି। ଯାହା ନଭେମ୍ବର ୨୧ ତାରିଖରେ ଲାଗୁ ହେବ। ଏଥିପ୍ରତି ଭାରତରେ ରିଫାଇନାରୀମାନେ ସତର୍କତା ଅବଲମ୍ବନ କରି ତୈଳ ଆମଦାନୀ କମାଇ ଦେଇଛନ୍ତି। ଫଳରେ ଟ୍ରମ୍ପ ତାଙ୍କ ଚାଲ୍‌ରେ ସଫଳ ହେଉଥିବା ଦେଖାଯାଉଛି। ବିଶ୍ୱସ୍ତରୀୟ ରିଅଲ୍-ଟାଇମ୍ ଡାଟା ଏବଂ ବିଶ୍ଳେଷଣ ତଥ୍ୟ ପ୍ରଦାନକାରୀ ସଂସ୍ଥା କେପ୍‌ଲର ଅନୁଯାୟୀ, ନଭେମ୍ବର ୧-୧୭ ମଧ୍ୟରେ ଭାରତ ରୁଷ ଠାରୁ ହାରାହାରି ପ୍ରତିଦିନ ୬୭୨,୦୦୦ ବ୍ୟାରେଲ (ବିପିଡି) ଅଶୋଧିତ ତୈଳ ଆମଦାନୀ କରିଥିଲା। ଏହା ଅକ୍ଟୋବରର ୧.୮୮ ନିୟୁତ ବିପିଡି ତୁଳନାରେ ବହୁତ କମ। ରିପୋର୍ଟ ଅନୁଯାୟୀ, ନଭେମ୍ବରରେ ସମସ୍ତ ପାର୍ଟନର୍ ଦେଶଗୁଡ଼ିକୁ ରୁଷର ସାମଗ୍ରିକ ତୈଳ ଯୋଗାଣ ୨୮% ହ୍ରାସ ପାଇ ୨.୭୮ ନିୟୁତ ବିପିଡି ହୋଇଛି।

# ଅନ୍‌ଲାଇନ୍ ଶପିଙ୍ଗରେ ବନ୍ଦ ହେବ 'ଡାର୍କ ପାଟର୍ନ' ବ୍ୟବହାର

ନୂଆଦିଲ୍ଲୀ,୨୦।୧୧(ଏଜେନ୍ସି): ଦେଶର ୨୪ଟି ପ୍ରମୁଖ ଇ-କମର୍ସ ପ୍ଲାଟଫର୍ମ ଘୋଷଣା କରିଛନ୍ତି ଯେ ସେମାନେ ସେମାନଙ୍କର ଆପ୍ ଏବଂ ୱେବସାଇଟରେ ଡାର୍କ ପାଟର୍ନ ବ୍ୟବହାର ବନ୍ଦ କରିଦେବେ। ଆଭ୍ୟନ୍ତରୀଣ କିମ୍ବା ତୃତୀୟ-ପକ୍ଷ ଅଡିଟ୍ ପରେ ଏହି କମ୍ପାନୀଗୁଡ଼ିକ କେନ୍ଦ୍ରୀୟ ଗ୍ରାହକ ସୁରକ୍ଷା ପ୍ରାଧିକରଣ (ସିସିପିଏ) ନିକଟରେ ଏକ ସ୍ୱ-ଘୋଷଣା ପତ୍ର ଦାଖଲ କରିଛନ୍ତି। ଏଥିରେ ଫ୍ଲିପ୍‌କାର୍ଟ, ମିନ୍ତ୍ରା, ଜୋମାଟୋ, ଏବଂ ସ୍ୱିଗି ଭଳି ପ୍ଲାଟଫର୍ମ ରହିଛି। ଏହି କମ୍ପାନୀଗୁଡ଼ିକ କିରାଣା, ଖାଦ୍ୟ ବିତରଣ, ଫାର୍ମାସୀ, ଫ୍ୟାଶନ୍ ଏବଂ ଟ୍ରାଭେଲ୍ କ୍ଷେତ୍ରରେ କାର୍ଯ୍ୟରତ। ଗ୍ରାହକମାନଙ୍କୁ ଯାଞ୍ଚ କରିବା ପାଇଁ କମ୍ପାନୀଗୁଡ଼ିକ ଏହି ଘୋଷଣାଗୁଡ଼ିକୁ ସେମାନଙ୍କର ୱେବସାଇଟରେ ଅପଲୋଡ୍ ମଧ୍ୟ କରିଛନ୍ତି। ଗ୍ରାହକ ବ୍ୟାପାର ବିଭାଗ ଏହାକୁ ଡିଜିଟାଲ୍ ଗ୍ରାହକ ସୁରକ୍ଷା ଦିଗରେ ଏକ ପ୍ରମୁଖ ପଦକ୍ଷେପ ବୋଲି କହିଛି, ଯାହା ଅନ୍ୟ କମ୍ପାନୀଗୁଡ଼ିକୁ ଆତ୍ମ-ନିୟନ୍ତ୍ରଣ ଗ୍ରହଣ କରିବାକୁ ଉତ୍ସାହିତ କରିବ।

### ଡାର୍କ ପାଟର୍ନ କ'ଣ ?

ଡାର୍କ ପାଟର୍ନଗୁଡ଼ିକ ହେଉଛି ଏପରି କୌଶଳ ଯାହା ଅନଲାଇନ୍ ସପିଂ କରିବା ସମୟରେ ବ୍ୟବହାରକାରୀଙ୍କୁ ଭ୍ରମିତ କରିଥାଏ। ଏଥିରେ ଏକ ମିଥ୍ୟା ଜରୁରି

**ସିସିପିଏ ନିକଟରେ କମ୍ପାନୀଙ୍କ ଘୋଷଣାନାମା ଦାଖଲ**

**ଡାର୍କ ପାଟର୍ନରେ ଅନ୍‌ଲାଇନ୍ ଶପିଙ୍ଗରେ ବ୍ୟବହାରକାରୀଙ୍କୁ ଭ୍ରମିତ କରାଯାଏ**

**ଡାର୍କ ପାଟର୍ନ ଅଭ୍ୟାସ ନ କରିବାକୁ ସ୍ୱେଚ୍ଛାକୃତ ପ୍ରତିଶ୍ରୁତି ଦେଲେ କମ୍ପାନୀ**

ବାର୍ତ୍ତା ସୃଷ୍ଟି କରାଯାଏ। ଯେପରିକି 'ଏବେ କିଣନ୍ତୁ ନଚେତ୍ ଆମର ଷ୍ଟକ୍ ଶେଷ ହୋଇଯିବ'। ଏହାଛଡା ଗୋପନରେ କାର୍ଟରେ ଅତିରିକ୍ତ ଜିନିଷ ଯୋଡ଼ିଦେବା ଭଳି କାର୍ଯ୍ୟ ଅନ୍ତର୍ଭୁକ୍ତ। ୨୦୨୩ ମସିହାରେ ଅଧିସୂଚିତ ହୋଇଥିବା ଡାର୍କ ପାଟର୍ନର ନିବାରଣ ଏବଂ ନିୟନ୍ତ୍ରଣ ପାଇଁ ନିର୍ଦ୍ଦେଶାବଳୀ ୧୩ଟି ଏପରି ପ୍ୟାଟର୍ଣ୍ଣକୁ ନିଷିଦ୍ଧ କରିଛି। ଏଥିରେ ମିଥ୍ୟା ଏମର୍ଜେନ୍ସି, ବାସ୍କେଟ ସ୍ନିକିଂ, କନଫର୍ମେଶନ୍ ସୋମିଂ, ବାଧ୍ୟତାମୂଳକ କାର୍ଯ୍ୟାନୁଷ୍ଠାନ, ସବସ୍କ୍ରିପସନ୍ ଟ୍ରାପ୍, ଇଣ୍ଟରଫେସ୍ ହସ୍ତକ୍ଷେପ, ବାଇଟ୍ ଏବଂ ସ୍ୱିଚ୍, ଡ୍ରିପ୍ ମୂଲ୍ୟ ନିର୍ଦ୍ଧାରଣ, ଗୁପ୍ତ ବିଜ୍ଞାପନ, ନେଗିଂ, ଟ୍ରିକ୍ ୱାର୍ଡିଂ, ସାସ୍ ବିଲିଂ ଏବଂ ରଗ୍ ମାଲୱେର୍ ଅନ୍ତର୍ଭୁକ୍ତ।




ଏହି କୌଶଳଗୁଡ଼ିକ ଗ୍ରାହକମାନଙ୍କୁ ଅନାବଶ୍ୟକ ଉତ୍ପାଦ କ୍ରୟ କରିବାକୁ କିମ୍ବା ସବସ୍କ୍ରିପସନ୍ ସବସ୍କ୍ରାଇବ କରିବାକୁ ପ୍ରତାରଣା କରିବା ପାଇଁ ବ୍ୟବହାର କରାଯାଏ। ଡିଜିଟାଲ୍ ବଜାରରେ ସ୍ୱଚ୍ଛତା ଆଣିବା ପାଇଁ ଗ୍ରାହକ ସୁରକ୍ଷା ଆଇନ ୨୦୧୯ ଅଧୀନରେ ଏହି ନିର୍ଦ୍ଦେଶାବଳୀ ୨୦୨୩ ନଭେମ୍ବର ୩୦ରେ କାର୍ଯ୍ୟକାରୀ ହୋଇଥିଲା।

ଗ୍ରାହକ ବ୍ୟାପାର ବିଭାଗ ଚଳିତବର୍ଷ ଜୁନ୍‌ରେ ଏକ ପରାମର୍ଶ ଜାରି କରିଥିଲା, ଯେଉଁଥିରେ ଇ-କମର୍ସ କମ୍ପାନୀଗୁଡ଼ିକୁ ଏକ ଆତ୍ମ-ସମୀକ୍ଷା କରିବାକୁ ଏବଂ ତିନି ମାସ ମଧ୍ୟରେ ଏକ ଘୋଷଣାପତ୍ର ଦାଖଲ କରିବାକୁ ବାଧ୍ୟ କରାଯାଇଥିଲା। ଗ୍ରାହକମାନଙ୍କୁ ଡାର୍କ ପାଟର୍ନ ଚିହ୍ନଟ କରିବାରେ ଏବଂ ଅଭିଯୋଗ ଦାଖଲ କରିବାରେ ସାହାଯ୍ୟ କରିବା ପାଇଁ ଜାତୀୟ ଗ୍ରାହକ ହେଲ୍ପଲାଇନ୍ ମାଧ୍ୟମରେ ସୋସିଆଲ ମିଡିଆ ଅଭିଯାନ, ସୂଚନାମୂଳକ ଭିଡିଓ ଏବଂ କର୍ମଶାଳା କରାଯାଇଥିଲା।

ସିସିପିଏ ଏହାକୁ ଏକ ଉଦାହରଣ ଭାବରେ ଉଲ୍ଲେଖ କରିଛି ଏବଂ ଅନ୍ୟ ଡିଜିଟାଲ୍ କମ୍ପାନୀମାନଙ୍କୁ ଏହାକୁ ଅନୁସରଣ କରିବାକୁ ଅନୁରୋଧ କରିଛି। ଯଦି କୌଣସି କମ୍ପାନୀ ସମୟସୀମା ହରାଏ, ତେବେ ନିୟାମକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରନ୍ତି। ବର୍ତ୍ତମାନ, କମ୍ପାନୀଗୁଡ଼ିକ ସ୍ୱେଚ୍ଛାକୃତ ଭାବରେ ଡାର୍କ ପ୍ୟାଟର୍ନ ଅଭ୍ୟାସ ନ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି, କିନ୍ତୁ ସରକାର ଭବିଷ୍ୟତରେ ଏହାକୁ କଡ଼ାକଡ଼ି ଲାଗୁ କରିପାରନ୍ତି। ଏହା ନିଶ୍ଚିତ କରିବ ଯେ ଗ୍ରାହକମାନେ ସପିଂ ଆପ୍ ବ୍ୟବହାର କରିବା ସମୟରେ କମ୍ ଠକେଇର ସମ୍ମୁଖୀନ ହେବେ, ଯାହା ଏକ ନିରାପଦ ଏବଂ ସ୍ୱଚ୍ଛ ଅଭିଜ୍ଞତା ଆଣିବ।

## ଆଜିର ରାଶିଫଳ

**ମେଷ:** ବ୍ୟବସାୟରେ ଆଶାଜନକ ପରିଣାମ ମିଳିବ ନାହିଁ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ଆର୍ଥିକ ସ୍ଥିତି ଭଲ ରହିବ। ବନ୍ଧୁଙ୍କ ସହାୟତା ମିଳିବ। ନକାରାତ୍ମକ ଚିନ୍ତା ଦୂର ହେବ।

**ବୃଷ:** ଯାତ୍ରା ଯୋଗ ଅଛି। ଯାନବାହନ କିଣିବେ। ନିବେଶରୁ ଦୂରେଇ ରୁହନ୍ତୁ। ଛାତ୍ରଛାତ୍ରୀ ମନପସନ୍ଦ କାର୍ଯ୍ୟରେ ସମୟ ଅତିବାହିତ କରିବେ। ବନ୍ଧୁଙ୍କ ସହ ମନୋମାଳିନ୍ୟ ଦେଖା ଦେବ।

**ମିଥୁନ:** ଧାର୍ମିକ ପୁସ୍ତକ ପ୍ରତି ଆଗ୍ରହ ବଢ଼ିବ। ମନ ପ୍ରସନ୍ନ ରହିବ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ। ପରୋପକାର କାର୍ଯ୍ୟରେ ନିଜକୁ ନିୟୋଜିତ କରିବେ। ଘରେ ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହେବ।

**କର୍କଟ:** ଅଫିସ୍‌ରେ କାର୍ଯ୍ୟଭାର ବଢ଼ିବ। କୌଣସି କାର୍ଯ୍ୟରେ ସମସ୍ୟା ଦେଖା ଦେବ। ଅଯଥା ଖର୍ଚ୍ଚ ବୃଦ୍ଧି ପାଇବ। ବିବାହରେ ସମସ୍ୟା ଆସିବ। ପ୍ରତିଯୋଗିତାମୂଳକ ପରୀକ୍ଷାରେ ବିଦ୍ୟାର୍ଥୀ କୃତକାର୍ଯ୍ୟ ହେବେ।

**ସିଂହ:** ଚାକିରିରେ ସଫଳତା ମିଳିବ। ଜୀବନସାଥୀଙ୍କ ସହଯୋଗ ମିଳିବ। ବାପାଙ୍କ ସ୍ୱାସ୍ଥ୍ୟ ସମସ୍ୟାକୁ ନେଇ ଚିନ୍ତାରେ ରହିବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**କନ୍ୟା:** ଚାକିରିକୁ ନେଇ କୌଣସି ସମସ୍ୟା ଦେଖା ଦେବ। ପାରିବାରିକ ଜୀବନ ସୁଖମୟ ହେବ। ଘରେ ପୂଜାପାଠ ଆୟୋଜନ କରିବେ। ଅଟକିଥିବା କାର୍ଯ୍ୟ ପୂରା ହେବ। ଆୟର ନୂଆ ଅବସର ପ୍ରାପ୍ତ ହେବ।

**ତୁଳା:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ଆର୍ଥିକ ସ୍ଥିତି ମଜଭୁତ୍ ହେବ। ବିବାହ ପ୍ରସ୍ତାବ ଆସିବ। ରାଜନୀତିରେ ସଫଳତା ମିଳିବ। ଛାତ୍ରଛାତ୍ରୀ କ୍ୟାରିୟର ପାଇଁ ନୂଆ ଯୋଜନା କରିବେ।

**ବିଛା:** ଆଇଟି ଓ ବ୍ୟାଙ୍କ କ୍ଷେତ୍ରରେ ସଫଳତା ମିଳିବ। ଅଫିସ୍‌ରେ ବରିଷ୍ଠ ଅଧିକାରୀଙ୍କ ସହଯୋଗ ମିଳିବ। ବୈବାହିକ ଜୀବନ ସୁଖଶାନ୍ତିରେ କଟିବ। ବିଦ୍ୟାର୍ଥୀ ପଢ଼ାରେ ମନୋନିବେଶ କରିବେ।

**ଧନୁ:** ପରିବାର ଲୋକଙ୍କ ସହଯୋଗ ମିଳିବ। ସ୍ୱାସ୍ଥ୍ୟରେ ସୁଧାର ଆସିବ। ଆୟ ତୁଳନାରେ ବ୍ୟୟ ଅଧିକ ହେବ। କଥାରେ ମଧୁରତା ରକ୍ଷା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେବ।

**ମକର:** ଦିନଟିରେ କର୍ମଚଞ୍ଚଳ ରହିବେ। ବ୍ୟବସାୟରେ ଲାଭ ମିଳିବ। ଛାତ୍ରଛାତ୍ରୀ କଠିନ ପରିଶ୍ରମ କରିବେ। ପଡ଼ୋଶୀଙ୍କ ସହ ମତାନ୍ତର ହେବ। ପୈତୃକ ସମ୍ପତ୍ତିରୁ ଲାଭ ମିଳିବ। ପ୍ରେମ ସମ୍ବନ୍ଧ ସୁଖମୟ ହେବ।

**କୁମ୍ଭ:** ବ୍ୟବସାୟକୁ ନେଇ ଦୂରସ୍ଥାନକୁ ଯାତ୍ରା କରିବେ। ନିବେଶରୁ ଦୂରେଇ ରୁହନ୍ତୁ। ଘରେ ପୂଜାପାଠ ଆୟୋଜନ ହେବ। ବିବାହ ସମସ୍ୟା ସମାଧାନ ହେବ। ଯାନବାହନ କ୍ରୟର ଯୋଗ ଅଛି।

**ମୀନ:** ଆର୍ଥିକ ମାମଲାରେ ସୁଧାର ଆସିବ। ମାଆଙ୍କ ସ୍ୱାସ୍ଥ୍ୟାବସ୍ଥା ପାଇଁ ଚିନ୍ତାରେ ରହିବେ। ଅଫିସ୍ କାମ ପାଇଁ ଦୂରଯାତ୍ରା କରିପାରନ୍ତି। ଦାନଧର୍ମ କରନ୍ତୁ। ମହିଳାମାନେ ଘରକାମରେ ବ୍ୟସ୍ତ ରହିବେ।

## ଆଜିର ଇତିହାସ

- ୧୯୦୬-ଚୀନ୍ ଅଫିମ ବ୍ୟବସାୟ ଉପରେ ରୋକ୍ ଲଗାଗଲା।
- ୧୯୪୭-ସ୍ୱାଧୀନତା ପରେ ଦେଶରେ ପ୍ରଥମ ଥର ଡାକଟିକଟ ଜାରି କରାଗଲା।
- ୧୯୭୦- ଭାରତର ପ୍ରସିଦ୍ଧ ବୈଜ୍ଞାନିକ ଚନ୍ଦ୍ରଶେଖର ଭେଙ୍କଟରମଣଙ୍କ ଦେହାନ୍ତ।
- ୧୯୯୯- ଚୀନ୍ ପ୍ରଥମ ମାନବ ରହିତ ମହାକାଶଯାନ 'ଶେନ୍‌ଝୁ'କୁ ପ୍ରକ୍ଷେପଣ କଲା।



## ବିଶ୍ୱ ଟେଲିଭିଜନ ଦିବସ

ଆଜି ବିଶ୍ୱ ଟେଲିଭିଜନ ଦିବସ। କଳାଧଳା ଯୁଗରୁ ଆରମ୍ଭ ହୋଇଥିବା ଟେଲିଭିଜନ ଏବେ ସ୍ମାର୍ଟ ଟିଭିରେ ପହଞ୍ଚିଲାଣି। ମନୋରଞ୍ଜନର ଏକ ପ୍ରମୁଖ ଅଂଶ ଟେଲିଭିଜନର ଗୁରୁତ୍ୱ ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରିବା ନିମନ୍ତେ ପ୍ରତିବର୍ଷ ନଭେମ୍ବର ୨୧ ତାରିଖକୁ ବିଶ୍ୱ ଟେଲିଭିଜନ ଦିବସ ଭାବେ ପାଳନ କରାଯାଏ। ୧୯୯୬ ମସିହା ନଭେମ୍ବର ୨୧ ଓ ୨୨ ତାରିଖ ଦିନ, ବିଶ୍ୱର ପ୍ରଥମ ଟେଲିଭିଜନ ଫୋରମ୍ ଆୟୋଜନ କରାଯାଇଥିଲା। ପରେ ଜାତିସଂଘ ସାଧାରଣ ପରିଷଦ ସେହି ବର୍ଷ ଡିସେମ୍ବର ୧୭ ତାରିଖରେ, ୨୧ ନଭେମ୍ବରକୁ ବିଶ୍ୱ ଟେଲିଭିଜନ ଦିବସ ଭାବେ ପାଳନ ପାଇଁ ଘୋଷଣା କରିଥିଲା। ଜାତିସଂଘ ଏହାର ସଦସ୍ୟ ରାଷ୍ଟ୍ରଙ୍କୁ ଆମନ୍ତ୍ରଣ କରି ବିଶ୍ୱର ସବୁଦେଶ ମଧ୍ୟରେ ଟେଲିଭିଜନ କାର୍ଯ୍ୟକ୍ରମର ଆଦାନପ୍ରଦାନକୁ ପ୍ରୋତ୍ସାହିତ କରିବା ସହ ଏହା ମାଧ୍ୟମରେ କିପରି ବିଶ୍ୱର ଅର୍ଥନୀତି, ସୁରକ୍ଷା, ସାମାଜିକ ବିକାଶ,ଶାନ୍ତି ଓ ସାଂସ୍କୃତିକ ପରିବର୍ତ୍ତନକୁ ଆଗକୁ ନେଇହେବ, ତା'ଉପରେ ଗୁରୁତ୍ୱାରୋପ କରିଥିଲା। ସେବେଠାରୁ ବିଶ୍ୱ ଟେଲିଭିଜନ ଦିବସ ଅବସରରେ ଏହି ସବୁ ଲକ୍ଷ୍ୟ ପୂରଣ ନିମନ୍ତେ ଟେଲିଭିଜନ କେତେ ସକ୍ଷମ ହୋଇ ପାରିଛି, ତା'ର ସମୀକ୍ଷା କରାଯାଏ। ଟେଲିଭିଜନ ରେଡିଓର ଏକ ବିକଶିତ ରୂପ କହିଲେ କିଛି ଭୁଲ୍ ହେବ ନାହିଁ। ଭାରତରେ ପ୍ରଥମେ ଦୂରଦର୍ଶନ ଆକାଶବାଣୀ ସହିତ ସଂଲଗ୍ନ ଥିଲା, ଅବଶ୍ୟ ପରେ ଏହା ଅଲଗା ହୋଇଯାଇଥିଲା। ଟେଲିଭିଜନ ଗୁରୁତ୍ୱ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ସହ ବିଶ୍ୱରେ ଯେଉଁ ସମସ୍ୟା ଲୋକମାନଙ୍କୁ ବେଶି ପ୍ରଭାବିତ କରୁଛି, ତାହାକୁ ଟେଲିଭିଜନ ଦ୍ୱାରା କିପରି ଦୂର କରାଯାଇପାରିବ, ତାହା ଏହି ଦିବସର ଲକ୍ଷ୍ୟ ଭାବେ ଗ୍ରହଣ କରାଯାଇଛି। ଟେଲିଭିଜନ ଏକ ଗଣମାଧ୍ୟମ, ଯାହା ମନୋରଞ୍ଜନ, ଶିକ୍ଷା, ରାଜନୀତି, ସ୍ୱାସ୍ଥ୍ୟ, ଦେଶ ବିଦେଶର ଘଟଣାବଳୀ ବିଷୟରେ ଲୋକଙ୍କୁ ଅବଗତ କରାଇଥାଏ। ୧୯୨୪ ମସିହାରେ ଜନ୍ ଲୋଜି ବଏଡ୍ ଟେଲିଭିଜନର ଉଦ୍ଭାବନ କରିଥିଲେ। ତାପରେ ଏହାର ବହୁ ପରିବର୍ତ୍ତନ ପରିଲକ୍ଷିତ ହୋଇଥିଲା। ଆମ ଦେଶରେ ଟେଲିଭିଜନ ବା ଟିଭି ଏକ ଉପକରଣ ନୁହେଁ, ମନୋରଞ୍ଜନର ଏକ ବଳିଷ୍ଠ ମାଧ୍ୟମ। ଯେତେବେଳେ ମୋବାଇଲ୍ ଓ ଇଣ୍ଟରନେଟ୍ ବ୍ୟବସ୍ଥା ନ ଥିଲା, ଯାହା ଘରକୁ ଟିଭି ଆସୁଥିଲା, କେବଳ ପାଖ ପଡ଼ୋଶୀ ନୁହଁନ୍ତି, ଆଖପାଖ ଅଞ୍ଚଳରେ ଲୋକେ ଦେଖିବା ପାଇଁ ପହଞ୍ଚୁଥିଲେ। ଏବେ କିନ୍ତୁ ଘରେ ଘରେ ଟିଭି। ସ୍ମାର୍ଟଫୋନ୍‌ର ଅଭିବୃଦ୍ଧି ଏବେ ଟେଲିଭିଜନର ଲୋକପ୍ରିୟତାକୁ କିଛି ମାତ୍ରାରେ ହ୍ରାସ କରିଛି। ବ୍ୟସ୍ତବହୁଳ ଜୀବନ ଭିତରେ ଲୋକେ ଟିଭି ସାମନାରେ ବସିବାର ସମୟ ପାଉନାହାନ୍ତି। ଏପରିସ୍ଥିତିରେ ଟିଭି ଯୁଗ ଖୁବଶୀଘ୍ର ଶେଷ ହୋଇଯିବ ବୋଲି ଗବେଷକମାନେ ମତ ଦେଇଛନ୍ତି। ଅନ୍ୟପଟେ କରୋନା ସଂକ୍ରମଣ ଏବଂ ଲକ୍‌ଡାଉନ୍‌ରେ ଟିଭି ଦର୍ଶକଙ୍କ ସଂଖ୍ୟା ବଢିଥିବା ଏକ ରିପୋର୍ଟରୁ ଜଣାପଡିଛି। ଆଜି ବି ସାମାଜିକ ଗଣମାଧ୍ୟମର ଭିଡ଼ ମଧ୍ୟରେ ବି ଟିଭି ତାର ଲୋକପ୍ରିୟତା ହରାଇ ନାହିଁ। ଏହି ଦିବସ ପାଳନ ଅବସରରେ ବିଭିନ୍ନ ଶିକ୍ଷାନୁଷ୍ଠାନ ଗଣମାଧ୍ୟମ ସଂସ୍ଥାଗୁଡ଼ିକରେ ଟେଲିଭିଜନର ବିକାଶ ଯାତ୍ରା ଓ ଡିଜାଟାଲ ଯୁଗରେ ଏହାର ଭବିଷ୍ୟତକୁ ନେଇ କର୍ମଶାଳା ଆୟୋଜନ କରାଯାଏ।



## କାନ୍ଥରେ ଚାଷ

କୃଷି କ୍ଷେତ୍ରରେ ଉନ୍ନତମାନର ଶସ୍ୟ ଉତ୍ପାଦନ ପାଇଁ ଆଧୁନିକ ଶୈଳୀ ସବୁ ଆପଣାଯାଉଛି। ଏହାଦ୍ୱାରା ଅମଳ ଭଲ ହେବା ସହ ଚାଷକାର୍ଯ୍ୟ ସହଜ ହୋଇପାରୁଛି। ଏହି କ୍ରମରେ ଏପରି ଏକ ଦେଶ ରହିଛି, ଯେଉଁଠି ଲୋକେ ଜମି ବଦଳରେ କାନ୍ଥରେ ଚାଷ କରନ୍ତି। ତେବେ ଇସ୍ରାଏଲ୍‌ରେ ଏହି ନିଆରା ଶୈଳୀରେ ଚାଷକାର୍ଯ୍ୟ କରାଯାଉଛି। ଏଠାରେ ଧାନ, ଗହମ ଓ ପନିପରିବା ମଧ୍ୟ ଏହି ପ୍ରକ୍ରିୟାରେ ଚାଷ କରାଯାଉଛି। ଏହି ନିଆରା ଚାଷ ପ୍ରଣାଳୀକୁ ଭର୍ଟିକାଲ ଫାର୍ମିଂ ଅର୍ଥାତ୍ କାନ୍ଥରେ ଚାଷ କରିବା କୁହାଯାଏ। ଏହି ପଦ୍ଧତିରେ ଗଛଗୁଡ଼ିକୁ ଫୁଲକୁଣ୍ଡରେ ଛୋଟ ୟୁନିଟ୍‌ରେ ଲଗାଯାଏ। ଏହାପରେ ଗଛଗୁଡ଼ିକୁ କାନ୍ଥରେ ସେଟ୍ କରାଯାଏ। କାନ୍ଥରୁ ଫୁଲକୁଣ୍ଡଗୁଡ଼ିକ ଯେମିତି ପଡ଼ି ନ ଯାଏ, ସେଥିପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ହୋଇଥାଏ। ଅବଶ୍ୟ ଗଛକୁ ଯେମିତି ପାଣି ଓ ଉପଯୁକ୍ତ ପୋଷକତତ୍ତ୍ୱ ମିଳିପାରିବ ସେବ୍ୟବସ୍ଥା ମଧ୍ୟ କରାଯାଇଥାଏ। କିଛି ସମୟ ପାଇଁ ଗଛକୁ କାନ୍ଥରୁ ବାହାର କରାଯାଇଥାଏଏବଂ ପୁନର୍ବାର କାନ୍ଥରେ ରଖାଯାଏ। ଇସ୍ରାଏଲରେ ଚାଷଜମିର ଅଭାବ ଦେଖାଯାଏ। ଏହି ସମସ୍ୟାରୁ ମୁକ୍ତି ପାଇବା ପାଇଁ ଲୋକେ ଭର୍ଟିକାଲ ଫାର୍ମିଂ ସାହାଯ୍ୟ ନେଉଛନ୍ତି। ଇସ୍ରାଏଲ୍ ବ୍ୟତୀତ ଏହି ଚାଷ ପଦ୍ଧତି ଆମେରିକା, ଚୀନ୍ ଓ ଇଉରୋପରେ ଦ୍ରୁତ ଗତିରେ ବୃଦ୍ଧି ପାଇଛି। ଏହିଭଳି ଉପାୟରେ ଚାଷ କରିବାର ସବୁଠୁ ବଡ଼ ଫାଏଦା ହେଉଛି କାନ୍ଥରେ ଗଛଲତା ରହିବା ଦ୍ୱାରା ଘରର ତାପମାତ୍ରା ବୃଦ୍ଧିପାଏ ନାହିଁ। ଏହାବାଦ୍ ଶବ୍ଦ ପ୍ରଦୂଷଣର ପ୍ରଭାବ ମଧ୍ୟ ହ୍ରାସ ପାଏ। ଏନେଇ ବିଶେଷଜ୍ଞଙ୍କ କହିବାନୁଯାୟୀ, ଆଗାମୀ ଦିନରେ ଚାଷଜମି ନ ଥିବା ଦେଶଗୁଡ଼ିକ ପାଇଁ ଏହା ଗେମ୍ ଚେଞ୍ଜର ସାବ୍ୟସ୍ତ ହେବ।

## ଦୁଇଟି ପାର୍ଟରେ ଆସିବ 'ଧୁରନ୍ଧର'

ବଲିଉଡ୍ ଅଭିନେତା ରଣବୀର ସିଂହଙ୍କ ଫିଲ୍ମ 'ଧୁରନ୍ଧର' ଟ୍ରେଲର୍ ଇତିମଧ୍ୟରେ ରିଲିଜ୍ ହୋଇଛି। ଆଦିତ୍ୟ ଧର ଏହାର ନିର୍ଦ୍ଦେଶନା ଦେଇଛନ୍ତି। ଫିଲ୍ମର ଟ୍ରେଲର୍ ଦର୍ଶକଙ୍କୁ ବେଶ୍ ପସନ୍ଦ ଆସିଛି। ରଣବୀରଙ୍କର ଜବରଦସ୍ତ ଲୁକ୍ ଓ ଆକ୍ସନ୍ ଦର୍ଶନଙ୍କ ମନ ଜିଣିଛି। ଏହି ଫିଲ୍ମ ପାଇଁ ରଣବୀର ୩୦ରୁ ୪୦ କୋଟି ନେଇଥିବା ଚର୍ଚ୍ଚା ହେଉଛି। ଏଥିରେ ଲିଡ୍ ରୋଲରେ ରଣବୀର ସିଂହ, ସାରା ଅର୍ଜୁନ୍, ସଞ୍ଜୟ ଦତ୍ତ, ଅକ୍ଷୟ ଖାନ୍ନା, ଅର୍ଜୁନ୍ ରାମପାଲ, ଆର୍ ମାଧବନ୍ ଦେଖାଯିବେ। ଏହା ଡିସେମ୍ବର ୫ରେ ମୁକ୍ତିଲାଭ କରିବ। ଫିଲ୍ମର କାହାଣୀ ଏକ ସିକ୍ରେଟ୍ ମିଶନ ଉପରେ ଆଧାରିତ। ଧୂଆଁଧାର ଆକ୍ସନ, ଜବରଦସ୍ତ ସଂଳାପ ସହ ଦମ୍‌ଦାର୍ ସିନ୍ ଏଥିରେ ଦେଖିବାକୁ ମିଳିବ। ଏହା ଦୁଇଟି ପାର୍ଟରେ ରିଲିଜ୍ ହେବ ବୋଲି ଫିଲ୍ମ ନିର୍ମାତା କହିଛନ୍ତି। ପ୍ରଥମ ପାର୍ଟ ଡିସେମ୍ବର ୫ରେ ଆସିବ ଓ ଦ୍ୱିତୀୟ ପାର୍ଟ ଆସନ୍ତା ବର୍ଷ ଆସିବ। ପ୍ରଥମ ପାର୍ଟର ଶେଷରେ ଦ୍ୱିତୀୟ ପାର୍ଟ କଥା ଘୋଷଣା କରାଯାଇପାରେ ବୋଲି କୁହାଯାଉଛି।



# ସଞ୍ଜୀବନୀ

### 'ସକାଳ'ର ସ୍ୱାସ୍ଥ୍ୟ

## ଆଲ୍ଫା-ଗାଲ୍-ସିଣ୍ଡ୍ରୋମ



**ଆଲ୍‌ଫା –ଗାଲ୍ ସିଣ୍ଡ୍ରୋମ ଏକ ବିରଳ ଆଲର୍ଜି, ଯାହାକି ଏକ ସ୍ୱତନ୍ତ୍ର ଟିଙ୍କ କାମୁଡ଼ିବା ଓ ରେଡମିଟ୍ ଖାଇବା ଯୋଗୁ ହୋଇଥାଏ। ୨୦୨୪ରେ ନ୍ୟୁ ଜର୍ସିର ଜଣେ ୪୭ ବର୍ଷୀୟ ବ୍ୟକ୍ତି ବର୍ଗର ଖାଇବା ଯୋଗୁ ତାଙ୍କର ମୃତ୍ୟୁ ଘଟିଥିଲା। ନାନା ଗବେଷଣା ପରେ ତାଙ୍କ ମୃତ୍ୟୁର କାରଣ ରେଡ ମିଟ୍ ଆଲର୍ଜି ବୋଲି ଜଣାପଡ଼ିଛି। ଏହାକୁ ଆଲଫା-ଗାଲ୍ ସିଣ୍ଡ୍ରୋମ କୁହାଯାଏ। ତେବେ ଏହି ରୋଗର କାରଣ, ଲକ୍ଷଣ ଏବଂ ପ୍ରତିକାର କ'ଣ ଜାଣିବା।**

ଆଲ୍‌ଫା-ଗାଲ୍ ଏକ କାର୍ବୋହାଇଡ୍ରେଟ୍ ଅଣୁ। ଏହା ସ୍ତନ୍ୟପାୟୀ ପ୍ରାଣୀ (ମାନବ ବ୍ୟତୀତ) ଏବଂ ଏକ ଟିଙ୍କର ଲାଳରୁ ମିଳିଥାଏ। ଏହି ଟିଙ୍କ କାମୁଡିବା ଦ୍ୱାରା ଶରୀରରେ ଆଲର୍ଜି ସୃଷ୍ଟି ହୁଏ। ଏହାକୁ ଆଲଫା-ଗାଲ୍ ଆଲର୍ଜି କୁହାଯାଏ। ଏହା ଏକ ପ୍ରକାରର ଖାଦ୍ୟ ଆଲର୍ଜି। ମୁଖ୍ୟତଃ ରେଡ୍‌ମିଟ(ବିଫ୍, ପର୍କ, ମଟନ) ପ୍ରସ୍ତୁତ ଉତ୍ପାଦ ପ୍ରତି ଏହା ଅଧିକ ପ୍ରତିକ୍ରିୟା କରେ। ଆମେରିକାର ଦକ୍ଷିଣ ପୂର୍ବ ଏବଂ କେନ୍ଦ୍ରୀୟ ଅଞ୍ଚଳରେ ଅଧିକାଂଶ ଏହି ରୋଗରେ ଆକ୍ରାନ୍ତ ହୁଅନ୍ତି। 'ଲୋନ ଷ୍ଟାର' ଟିଙ୍କ କାମୁଡିଲେ ଏହାର ଲାଳର ବିଷାକ୍ତ ମନୁଷ୍ୟ ଶରୀରକୁ ପ୍ରବେଶ କରି ରୋଗପ୍ରତିରୋଧକ ପ୍ରଣାଳୀକୁ ପ୍ରଭାବିତ କରେ। ସେହି ସମୟରେ ଜଣେ ଯଦି ରେଡମିଟ୍ ଖାଆନ୍ତି ଆଲର୍ଜି ପ୍ରତିକ୍ରିୟା ଅଧିକ ହୁଏ।

**ପ୍ରଭାବିତ ହୁଏ ପାଚନପ୍ରଣାଳୀ:** ଏହି ରୋଗରେ ପୀଡ଼ିତଙ୍କ ଶରୀରରେ କିଛି ଲକ୍ଷଣ ଯଥା- ଚର୍ମ ପରିବର୍ତ୍ତନ, ଲାଲ୍ ଲାଲ୍ ପଡ଼ିଯିବା, ଓଠ, ଆଖିପତା, ଗଳା, ଜିଭ କିମ୍ବା ମୁହଁ ଫୁଲିଯିବା, ନିଃଶ୍ୱାସପ୍ରଶ୍ୱାସରେ କଷ୍ଟ, ପେଟ ଯନ୍ତ୍ରଣା, ଝାଡ଼ା, ବାନ୍ତି ଏବଂ ମୁଣ୍ଡବୁଲାଇବା ଲକ୍ଷଣ ଆଦି ଦେଖାଯାଏ। ଏହି ଲକ୍ଷଣ ଦେଖି ଡାକ୍ତରଙ୍କ ପରାମର୍ଶ କ୍ରମେ ରକ୍ତପରୀକ୍ଷା କରାଯାଏ।

**ପ୍ରତିକାର:** ରୋଗୀର ଲକ୍ଷଣ ଆଧାରରେ ଡାକ୍ତର ଚିକିତ୍ସା କରନ୍ତି। ତେଣୁ ରୋଗୀ ରେଡ ମିଟ୍‌ଯୁକ୍ତ ଖାଦ୍ୟ ଖାଇବା ଅନୁଚିତ। ଆଲର୍ଜି ଗମ୍ଭୀର ରୂପ ନେଲେ ଡାକ୍ତର ଆଣ୍ଟି ଆଲର୍ଜିକ ଔଷଧ ଉପଯୋଗ କରନ୍ତି। ଏଥିରୁ ବର୍ତ୍ତିବାକୁ ହେଲେ ଜଙ୍ଗଲ ଅଞ୍ଚଳକୁ ଯିବା ଅନୁଚିତ। ବାହାରକୁ ଯିବା ସମୟରେ ଚର୍ମକୁ ଘୋଡାଇ ରଖିବା ଭଲ। ଆଲର୍ଜି ସୃଷ୍ଟି ହେଉଥିବା ଖାଦ୍ୟ ଛାଡ଼ି ପାରିବେ। ଘରେ ଗୃହପାଳିତ ପ୍ରାଣୀ ଥିଲେ, ନିୟମିତ ବ୍ୟବଧାନରେ ତାଙ୍କ ଶରୀରରେ ଟିଙ୍କ ସଫା କରିବା ଆବଶ୍ୟକ।

## ମସ୍ତିଷ୍କ କର୍କଟ ପାଇଁ ଟିକା

ମସ୍ତିଷ୍କ କର୍କଟ ହେଉଛି ମସ୍ତିଷ୍କ ସମ୍ବନ୍ଧୀୟ ଏକ ରୋଗ। ଏହି କର୍କଟରେ ମସ୍ତିଷ୍କ ମଧ୍ୟରେ ଅସ୍ୱାଭାବିକ କୋଷ ବୃଦ୍ଧି ହୋଇଥାଏ। ଏହାଦ୍ୱାରା ମସ୍ତିଷ୍କ କାର୍ଯ୍ୟକ୍ଷମତା ପ୍ରଭାବିତ ହୁଏ। ଏହାଦ୍ୱାରା ପ୍ରବଳ ମୁଣ୍ଡବିନ୍ଧା,ବାନ୍ତି, ଦୃଷ୍ଟିଶକ୍ତି ହ୍ରାସ ଆଦି ଲକ୍ଷଣ ଦେଖାଯାଏ। ଏହା ପକ୍ଷାଘାତର କାରଣ ସାଜିଥାଏ। ଏହି ରୋଗର ସଫଳ ଚିକିତ୍ସା ପାଇଁ ଶୀଘ୍ର ଚିହ୍ନଟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଡାକ୍ତର ରୋଗର ସ୍ଥିତି ଅନୁସାରେ ଚିକିତ୍ସା ଯୋଗାନ୍ତି। ଜାଣି ଖୁସି ହେବେ ଯେ, ଫ୍ଲୋରିଡା ବିଶ୍ୱବିଦ୍ୟାଳୟର ବୈଜ୍ଞାନିକମାନେ ମସ୍ତିଷ୍କ କର୍କଟ(ଗ୍ଲାଓବ୍ଲାଷ୍ଟମା) ଚିକିତ୍ସା ପାଇଁ ଏକ ନୂତନ ଏମ୍‌ଆର୍‌ଏନ୍‌ଏ ଟିକା ବିକଶିତ କରିଛନ୍ତି। ଟିକାର ପ୍ରାରମ୍ଭିକ ପରୀକ୍ଷାରୁ ଉତ୍ସାହଜନକ ପରିଣାମ ଦେଖିବାକୁ ମିଳିଥିଲା। ଟିକାଟି ରୋଗୀର ଟ୍ୟୁମର କୋଷିକାରୁ ମିଳିଥିବା ଏମ୍‌ଆରଏନ୍‌ଏକୁ ଉପଯୋଗ କରି ତିଆରି କରାଯାଇଛି। ଏହା ଶରୀରରେ ପ୍ରତିରକ୍ଷା ପ୍ରଣାଳୀକୁ କର୍କଟ କୋଷକୁ ଚିହ୍ନି ତାକୁ ନଷ୍ଟ କରିବାରେ ସାହାଯ୍ୟ କରିବାକୁ ପୁନଃକାର୍ଯ୍ୟକ୍ଷମ କରିଥାଏ। ପ୍ରଥମେ ମୂଷା ଏବଂ କୁକୁରଙ୍କ ଉପରେ ଏହାର ପରୀକ୍ଷା କରାଯାଇଥିଲା। ଏହି ଟିକାଟି ସେମାନଙ୍କ ମସ୍ତିଷ୍କର ଟ୍ୟୁମରକୁ ସମ୍ପୂର୍ଣ୍ଣ ଭାବେ ନଷ୍ଟ କରିଦେଇଥିଲା। ନୂତନ କୋଷ ସୃଷ୍ଟି କରିବାକୁ ଦେଇ ନ ଥିଲା। ଏହି ଟିକା ପାରମ୍ପରିକ ଉପଚାର କେମୋଥେରାପି ଏବଂ ବିକିରଣଠାରୁ ଭିନ୍ନ। ଏଥିରେ ପାର୍ଶ୍ୱପ୍ରତିକ୍ରିୟା କମ୍ ହୋଇଥାଏ। ପ୍ରତିରକ୍ଷା ପ୍ରଣାଳୀକୁ ଦୀର୍ଘ ସମୟ କର୍କଟ ସହିତ ଲଢ଼ିବାରେ ଏହା ସାହାଯ୍ୟ କରେ। ତେବେ ଟିକାଟି ସମସ୍ତ ପରୀକ୍ଷଣରେ ସଫଳ ହେଲେ ଏହା ମସ୍ତିଷ୍କ କର୍କଟ ଚିକିତ୍ସାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇବ। ଅନ୍ୟପଟେ ଋଷ୍‌ର ବୈଜ୍ଞାନିକମାନେ ଏମ୍‌ଆର୍‌ଏନ୍‌ଏ କୌଶଳରେ ନୂଆ ଟିକା 'ଏଣ୍ଟରୋମିକ୍ସ' ବିକଶିତ କରିଛନ୍ତି। ଏହାର ଡାକ୍ତରୀ ପରୀକ୍ଷଣ ସଫଳ ହୋଇଛି। ଏହି ଟିକା କୋଲନ କର୍କଟ ସମେତ ମସ୍ତିଷ୍କ କର୍କଟ, ଚର୍ମ କର୍କଟ ଚିକିତ୍ସାରେ ପ୍ରଭାବୀ ହେବ।



## କଅଁଳ ବୟସରୁ ପରିପକ୍ୱ

**ଆଧୁନିକ ଜୀବନଶୈଳୀ, ଦୀର୍ଘ ସମୟ ଫୋନ୍ ବ୍ୟବହାର ଆଦି ଅଭ୍ୟାସ ଯୋଗୁଁ ଏବେ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ହେଉଛି। ସେଥିରୁ ପ୍ରିକୋସିୟସ୍ ପ୍ୟୁବର୍ଟି ଯୋଗୁଁ ପିଲାମାନେ କଅଁଳ ବୟସରୁ ପରିପକ୍ୱ ହେଉଛନ୍ତି। ମାତ୍ର ୭ରୁ ୮ ବର୍ଷରୁ ପୁଅ ଓ ଝିଅଙ୍କ ଶାରୀରିକ ଓ ମାନସିକ ପରିବର୍ତ୍ତନ ହେଉଛି। ଏହା ପ୍ରାୟତଃ ଅଭିଭାବକଙ୍କ ଚିନ୍ତା ବଢ଼ାଇଛି। ତେଣୁ ଏହି ସମସ୍ୟା କାହିଁକି ହେଉଛି, ଏହାର ସମାଧାନ କ'ଣ ତାହାକୁ ନେଇ ଏହି ଆଲେଖ୍ୟ।**



ଋତୁସ୍ରାବ ମହିଳାଙ୍କର ଏକ ସ୍ୱାଭାବିକ ପ୍ରକ୍ରିୟା। ଏହା ୧୨ରୁ ୧୪ବର୍ଷ ବୟସରେ ଆରମ୍ଭ ହୋଇଯାଏ। ଏବେ କିନ୍ତୁ ୮ରୁ ୯ ବର୍ଷୀୟା ଝିଅମାନେ ଋତୁସ୍ରାବକୁ ସାମ୍ନା କରୁଛନ୍ତି। ଝିଅଙ୍କ ପରି ପୁଅମାନଙ୍କର କମ୍ ବୟସରୁ ଯୌନାଙ୍ଗବୃଦ୍ଧି, ସ୍ୱରରେ ପରିବର୍ତ୍ତନ, ନିଶ ଉଠିବା ଆଦି ଲକ୍ଷଣ ଦେଖାଯାଉଛି। ତେବେ କମ୍ ବୟସରୁ ଏହି ପରିପକ୍ୱତା ସେମାନଙ୍କ ଶାରୀରିକ, ମାନସିକ ସ୍ୱାସ୍ଥ୍ୟକୁ ପ୍ରଭାବିତ କରୁଛି। ଫଳରେ ସେମାନଙ୍କ ସ୍ୱଭାବ ଚିଡ଼ିଚିଡ଼ା ହେଉଛି।

**ଅନିୟନ୍ତ୍ରିତ ଜୀବନଶୈଳୀ**

ରାସାୟନିକଯୁକ୍ତ ଖାଦ୍ୟ, ଗର୍ଭବସ୍ଥାରୁ ଇଞ୍ଜେକସନ୍ ଏବଂ ଔଷଧ ସେବନ ଅଭ୍ୟାସରୁ ପିଲାମାନେ ଶୀଘ୍ର ରାସାୟନିକ ସମ୍ପର୍କରେ ଆସିଯାଉଛନ୍ତି। ଜନ୍ମ ପରେ ଖାଦ୍ୟଠୁ ନେଇ ଶାରୀରିକ ବୃଦ୍ଧି ପାଇଁ ଖାଦ୍ୟରେ ଗ୍ରୋଥ୍ ହରମୋନ୍ ଉପଯୋଗ ଯୋଗୁଁ ହରମୋନ୍ ଅସନ୍ତୁଳନ ହେଉଛି। ଅଧିକ ଜଙ୍କଫୁଡ ସେବନ ଦ୍ୱାରା କମ୍ ବୟସରୁ ପିଲା ପରିପକ୍ୱ ହେଉଛନ୍ତି।

**ମେଦବହୁଳତା ଏବଂ ଚିନ୍ତା:** ପ୍ରିଜରଭେଟିଭ ଖାଦ୍ୟଗ୍ରହଣ, ଶାରୀରିକ ନିଷ୍କ୍ରିୟତା ଯୋଗୁଁ ପିଲାମାନେ ମେଦବହୁଳତାରେ ପୀଡ଼ିତ ହେଉଛନ୍ତି। ଏହା ଦ୍ୱାରା ଚିନ୍ତା ଓ ଓଜନ ବୃଦ୍ଧି ସମସ୍ୟା ଅଧିକ ବଢୁଛି। ଏହା ମଧ୍ୟ ପ୍ରିକୋସିୟସ୍ ପ୍ୟୁବର୍ଟିର ମୂଳ କାରଣ।

**କାଳ ସାଜୁଛି ମୋବାଇଲ୍ ଫୋନ୍:** ପଢ଼ାକୁ ନେଇ ଅଧିକାଂଶ ପିଲା ଚାପଗ୍ରସ୍ତ ରହୁଛନ୍ତି। ଘଣ୍ଟା ଘଣ୍ଟା ଡିଜିଟାଲ ସ୍କ୍ରିନ୍ ବ୍ୟବହାର ଯୋଗୁଁ ଫୋନ୍‌ର ନୀଳ ଆଲୋକ ମସ୍ତିଷ୍କକୁ ନିଦ ସଙ୍କେତ ଦିଏ ନାହିଁ। ବିଳମ୍ବିତ ରାତିଯାଏଁ ସେମାନେ ଅନିଦ୍ରା ରହୁଥିବାରୁ ହରମୋନ ଅସନ୍ତୁଳନ ହେଉଛି। ଫଳରେ କମ୍ ବୟସରୁ ପରିପକ୍ୱ ହେଉଛନ୍ତି।

**ଖାଦ୍ୟପେୟରେ ସତର୍କତା:** ପିଲାମାନେ ସନ୍ତୁଳିତ ଖାଦ୍ୟ ସେବନ ସହିତ ବ୍ୟାୟାମ କରିବା ନିତାନ୍ତ ଜରୁରି। ଶୋଇବାର ଘଣ୍ଟାକ ପୂର୍ବରୁ ମୋବାଇଲ୍ ବନ୍ଦ କରିବା ଉଚିତ। ୮ରୁ ୯ ବର୍ଷ ବୟସରେ ପୁଅଝିଅ ପରିପକ୍ୱ ହେଲେ ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ପରାମର୍ଶ ନେବା ନିହାତି ଆବଶ୍ୟକ।

## ରକ୍ତଚାପ ନିୟନ୍ତ୍ରଣକାରୀ ଲାଉ ଜୁସ୍

**ଆୟୁର୍ବେଦରେ ଲାଉର ଅନେକ ଔଷଧୀୟ ଗୁଣ ଭରି ରହିଛି। ଲାଉରୁ ପ୍ରସ୍ତୁତ ଜୁସ୍ ପିଇଲେ ଏହା ଶରୀରରୁ ବିଷାକ୍ତ ତତ୍ତ୍ୱ ବାହାର କରିପାରେ। ଲାଉ ଜୁସ୍‌ରେ ଭିଟାମିନ୍, ମିନେରାଲ ଅନେକ ପୋଷକତତ୍ତ୍ୱ ରହିଛି। ତେଣୁ ନିୟମିତ ରୂପେ ସଠିକ ମାତ୍ରାରେ ଏହାକୁ ସେବନ କଲେ, ଶରୀରର ବିଭିନ୍ନ ରୋଗ ଦୂର ହୋଇପାରେ। ଶୀତଦିନେ ଲାଉ ଜୁସ୍ ପିଇବା ଅତ୍ୟନ୍ତ ହିତକର।**

- ଲାଉରେ ଥିବା ପଟାସିୟମ ରକ୍ତଚାପକୁ ନିୟନ୍ତ୍ରିତ ରଖେ। ପାଚନତନ୍ତ୍ରକୁ ସକ୍ରିୟ ରଖିବାରେ ଏହାର ଭୂମିକା ରହିଛି। ସେହିପରି ଲାଉରେ ଭିଟାମିନ-ସି, ପଟାସିୟମ, ମ୍ୟାଗ୍ନେସିୟମ, ଆଣ୍ଟିଅକ୍ସିଡାଣ୍ଟ ଥିବାରୁ ଏହା ହୃଦୟକୁ ସୁସ୍ଥ ରଖେ। ଶରୀରରେ ଜଳୀୟଅଂଶ ସନ୍ତୁଳିତ ରଖିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇଥାଏ।
- ମୁଣ୍ଡବିନ୍ଧା ସମସ୍ୟାରୁ ରକ୍ଷା ପାଇବାକୁ ପ୍ରତିଦିନ ଲାଉ ଜୁସ୍ ପିଇବା ହିତକର। ଏହା ଶରୀରରେ ରୋଗପ୍ରତିରୋଧକ ଶକ୍ତି ବଢ଼ାଏ। କେବଳ ସେତିକି ନୁହେଁ, ଏହା ଓଜନ ନିୟନ୍ତ୍ରଣ କରିବାରେ ବିଶେଷ ଭୂମିକା ନିଭାଏ। ସକାଳୁ ଖାଲି ପେଟରେ ଏହି ଜୁସ୍ ପିଇପାରିବେ। ନିୟମିତ ରୂପେ ୧୦୦ରୁ ୧୫୦ ମିଲି ଟଟକା ଲାଉ ଜୁସ୍ ପିଇବାକୁ ପରାମର୍ଶ ଦିଆଯାଏ। ଯଦି କାହାର ସ୍ୱାସ୍ଥ୍ୟ ସମସ୍ୟା ରହିଥାଏ, ସେମାନେ ଡାକ୍ତରଙ୍କ ବିନା ପରାମର୍ଶରେ ଲାଉ ଜୁସ୍ ସେବନ କରିବା ଅନୁଚିତ।



### ଶନିବାରରୁ ଦକ୍ଷିଣ ଆଫ୍ରିକା ବିପକ୍ଷ ଦ୍ୱିତୀୟ ଟେଷ୍ଟ

# ଭାରତ ସାମ୍ନାରେ ଚୂଡ଼ାନ୍ତ ଏକାଦଶ ଚୟନ ଦ୍ୱନ୍ଦ୍ୱ

ଗୌହାଟୀ,୨୦।୧୧(ଏଜେନ୍ସି): ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ସ୍ଥାନୀୟ ବର୍ଷାପଡ଼ା ଷ୍ଟାଡିୟମ୍‌ରେ ସିରିଜ୍‌ର ଦ୍ୱିତୀୟ ତଥା ଚୂଡାନ୍ତ ଟେଷ୍ଟ ମ୍ୟାଚ୍ ଶନିବାରଠୁ ଖେଳାଯିବ। ଭାରତର ୨୮ତମ ଟେଷ୍ଟ ଭେନ୍ୟୁଭାବେ ଏଠାରେ ପ୍ରଥମ ଟେଷ୍ଟ ଖେଳାଯିବ। ଆଜି ଖୋଲାଯାଇଥିବା ବର୍ଷାପଡ଼ା ପିଚ୍‌ରେ ପ୍ରବଳ ଘାସ ଥିବାର ଦେଖାଯାଇଛି। କିନ୍ତୁ ଆସନ୍ତାକାଲି ଏହା ନ ଥିବ। ଏହା ସତ୍ତ୍ୱେ ପିଚ୍ କିପରି ବ୍ୟବହାର କରିବ, ଭାରତ କେଉଁଭଳି ପିଚ୍ ପସନ୍ଦ କରିବ ଏହା ଉପରେ ସବୁକିଛି ନିର୍ଭର କରୁଛି। କୋଲକାତାର ଅନ୍‌ଇଭିନ ବାଉନ୍ସ ଓ ଟର୍ଣ୍ଣିଂ ପିଚ୍‌ରେ ଦକ୍ଷିଣ ଆଫ୍ରିକା ବୋଲରଙ୍କ ମୁକାବିଲା କରିପାରିଲା ନାହିଁ। ଏଣୁ ପ୍ରଥମଥର ଟେଷ୍ଟ ମ୍ୟାଚ୍ ଖେଳାଯିବାକୁ ଥିବା ବର୍ଷାପଡ଼ା ଷ୍ଟାଡିୟମ୍‌ର ଭେନ୍ୟୁ କିପରି ହେବ ତାହା ଏବେଠାରୁ କହିବା କଷ୍ଟକର।

ପ୍ରଥମ ଟେଷ୍ଟ ହାରିଯିବା ପରେ ଭାରତୀୟ ଶିବିରରେ ମନ୍ଥନ ପରେ ମନ୍ଥନ ଚାଲିଛି। ବିଚାର ବିମର୍ଷ, ଅଭ୍ୟାସ, ଯୋଜନା ଓ ରଣନୀତିକୁ ନେଇ କ୍ରିକେଟ ମହଲ ଉତ୍ସୁକତାର ସହ ଅପେକ୍ଷା କରିଛନ୍ତି। ବିଶେଷ କରି ଗୌତମ ଗମ୍ଭୀରଙ୍କ ପ୍ରଶିକ୍ଷଣରେ ଭାରତ ୨ଟି ଟେଷ୍ଟ ସିରିଜ୍‌ରେ କ୍ଲିନ୍ ସୁଇପ ନ ହେବାକୁ ସମସ୍ତେ ନିଶ୍ଚିତ ଚେଷ୍ଟା କରିବେ। କିନ୍ତୁ ଏଥିଲାଗି କେଉଁ ରଣନୀତି ଗ୍ରହଣ କରାଯିବ, କିଭଳି ପିଚ୍ ରହିବ ଓ କେଉଁ ଖେଳାଳିଙ୍କୁ ଦଳରେ ସାମିଲ କରାଯିବ ଓ କାହାକୁ ବାଦ୍ ଦିଆଯିବ ତାହାକୁ ନେଇ ଟିମ୍ ମ୍ୟାନେଜ୍‌ମେଣ୍ଟ ଦ୍ୱନ୍ଦ୍ୱରେ ପଡ଼ିଛି। ଏହା ସତ ଯେ, ଆହତ ଅଧିନାୟକ ଶୁବମନ ଗିଲଙ୍କ ଖେଳିବା ଉପରେ ଟିମ୍ ମ୍ୟାନେଜମେଣ୍ଟ ଶେଷ ମୂହୂର୍ତ୍ତଯାଏ ଅପେକ୍ଷା କରିବ। ମେଡିକାଲ ଟିମ୍‌ର ସାର୍ଟିଫିକେଟ ଏବଂ ଗିଲ ନିଜେ ସହଜ ଅନୁଭବ କଲେ ଖେଳିବେ କି ନାହିଁ ସ୍ଥିର ହେବ। ଟିମ୍ ମ୍ୟାନେଜମେଣ୍ଟ ବିଶ୍ୱସ୍ତସୂତ୍ରରୁ ଜଣାଯାଇଛି, ଗିଲ୍‌ଙ୍କୁ ଦ୍ୱିତୀୟ ଟେଷ୍ଟରେ ଖେଳିବାକୁ ସୁଯୋଗ ଦିଆଯିବ ନାହିଁ। ଶନିବାର ଖେଳ ଆରମ୍ଭ ହେବା ପରେ ତାଙ୍କୁ ନିଜ ଘରକୁ କିମ୍ବା ବେଙ୍ଗାଲୁରୁ ପଠାଇଦିଆଯିବ। ସେଠାରେ ତାଙ୍କର ଚିକିତ୍ସା ହେବ ଓ ନଭେମ୍ବର ୩୦ ତାରିଖରୁ ଆରମ୍ଭ ହେବାକୁ ଥିବା ଦିନିକିଆ ସିରିଜ୍ ଲାଗି ସେ ଫିଟ୍ ହୁଅନ୍ତୁ ବୋଲି ଟିମ୍ ମ୍ୟାନେଜମେଣ୍ଟ ଆଶା ରଖୁଛି।

ଗିଲଙ୍କ ଯଦି ଦ୍ୱିତୀୟ ଟେଷ୍ଟ ନ ଖେଳିବେ ତେବେ ଉପଅଧିନାୟକ ତଥା ୱିକେଟରକ୍ଷକ ଋଷଭ ପନ୍ତ୍ ଦଳର ନେତୃତ୍ୱନେବେ। କିନ୍ତୁ ତାଙ୍କ ଅନୁପସ୍ଥିତିରେ ଭାରତର ଚୂଡାନ୍ତ ଏକାଦଶ ଚୟନକୁ ନେଇ ଅଡୁଆ ସ୍ଥିତି ସୃଷ୍ଟି ହୋଇଛି। ବର୍ଷାପଡ଼ାରେ ଭାରତ ତାଙ୍କ ସ୍ଥାନରେ କାହାକୁ ଖେଳାଇବ ତାହାକୁ ନେଇ ମ୍ୟାନେଜମେଣ୍ଟ ଦ୍ୱନ୍ଦ୍ୱରେ। ଗତ କିଛିଦିନ ଯେପରି ସାଇ ସୁଦର୍ଶନଙ୍କୁ ପ୍ରୋଜେକ୍ଟ କରାଯାଉଛି, ସେଥିରୁ ଜଣାଯାଉଛି ଗିଲ୍‌ଙ୍କ ସ୍ଥାନ ସେ ପୂରଣ କରିବେ। ଅର୍ଥାତ୍ ୱାଶିଂଟନ ସୁନ୍ଦର ପୂର୍ବପରି ନଂ-୩ରେ ବ୍ୟାଟିଂ କରିବେ ଓ ତାଙ୍କ ପରେ ସୁଦର୍ଶନ ଆସିବେ। ସେହିପରି କୋଲକାତାରେ ବିଶେଷ ପ୍ରଭାବ ପକାଇପାରି ନ ଥିବା ସ୍ପିନ୍ ଅଲରାଉଣ୍ଡର ଅକ୍ଷର ପଟେଲଙ୍କୁ ଦ୍ୱିତୀୟ ଟେଷ୍ଟରୁ ବାଦ୍ ଦେବାର ଆଶଙ୍କା ରହିଛି। ଏପରି ହେଲେ ପେସ୍ ଅଲରାଉଣ୍ଡର ନୀତୀଶ କୁମାର ରେଡ୍ଡୀଙ୍କୁ ଦଳରେ ସାମିଲ କରାଯିବ। ଦକ୍ଷିଣ ଆଫ୍ରିକା-ଏ' ବିପକ୍ଷ ଦିନିକିଆ ସିରିଜ୍ ଖେଳୁଥିଲାବେଳେ ନୀତୀଶଙ୍କୁ ଦଳକୁ ଫେରାଇ ଅଣାଯାଇଛି। ତାଙ୍କୁ ଦ୍ୱିତୀୟ ଟେଷ୍ଟରେ ସାମିଲ କରିବାର ଯଥେଷ୍ଟ ସମ୍ଭାବନା ରହିଛି।


ବର୍ଷାପଡ଼ା ଷ୍ଟାଡିୟମରେ ଅପରାହ୍ଣ ୪ଟା ୪୦ ମିନିଟରେ ସ୍ଥିତି

**ଦ୍ୱିତୀୟ ଟେଷ୍ଟର ଖେଳ ସମୟ**

**ପ୍ରଥମ ସେସନ୍**
ସକାଳ ୯ଟାରୁ ୧୧ଟା

**ଟି (ଚା' ପାନ)**
୧୧ଟାରୁ ୧୧ଟା ୨୦ମିନିଟ୍

**ଦ୍ୱିତୀୟ ସେସନ୍**
ପୂର୍ବାହ୍ଣ ୧୧.୨୦ରୁ ୧.୨୦

**ଲଞ୍ଚ୍ (ମଧ୍ୟାହ୍ନ ଭୋଜନ)**
ଅପରାହ୍ଣ ୧.୨୦ରୁ ୨ଟା

**ତୃତୀୟ ସେସନ୍**
ଅପରାହ୍ଣ ୨ଟାରୁ ୪ଟା

### ବର୍ଷାପଡ଼ା ଟେଷ୍ଟ: ଲଞ୍ଚ୍ ଆଗରୁ ଟି' | ଆଇଡେନ୍ ମାର୍କ୍ରମ୍‌ଙ୍କ ସମାଲୋଚନା

ବର୍ଷାପଡ଼ା: ଭାରତରେ ଟେଷ୍ଟ କ୍ରିକେଟ ସାଧାରଣତଃ ସକାଳ ୯ଟା ୩୦ରୁ ଆରମ୍ଭ ହୋଇଥାଏ। କିନ୍ତୁ ଦ୍ୱିତୀୟ ଟେଷ୍ଟ ଖେଳାଯିବାକୁ ଥିବା ଆସାମ ରାଜ୍ୟ ଭାରତର ଉତ୍ତରପୂର୍ବାଞ୍ଚଳରେ ଅବସ୍ଥିତ। ଏଠାରେ ସୂର୍ଯ୍ୟୋଦୟ ଯେପରି ଆଗୁଆ ହୁଏ, ଠିକ୍ ସେହିପରି ସୂର୍ଯ୍ୟାସ୍ତ ମଧ୍ୟ ଦେଶର ଅନ୍ୟଭାଗ ଅପେକ୍ଷା ଆଗୁଆ ହୋଇଥାଏ। ଏଣୁ ପ୍ରତ୍ୟେକ ଦିନର ଓଭର କୋଟା ପୂରଣ କରିବାକୁ ମ୍ୟାଚ୍‌କୁ ସକାଳ ୯ଟାରୁ ଆରମ୍ଭ କରାଯିବାକୁ ବିସିସିଆଇ ନିଷ୍ପତ୍ତି ନେଇଛି। ଏହି ନିଷ୍ପତ୍ତି ଫଳରେ ପୂର୍ବାହ୍ଣ ୧୧ଟାରୁ ୧୧ଟା୨୦ ମଧ୍ୟରେ ପ୍ରଥମ ବ୍ରେକ୍ ବା ଟି' ହେବ। ଲଞ୍ଚ୍ ଲାଗି ସକାଳ ୧୧ଟା ବହୁତ ଆଗୁଆ ହେବ ବୋଲି ବିସିସିଆଇ ସମ୍ପାଦକ ତଥା ଆସାମ ବାସିନ୍ଦା ଦେବଜିତ ସାଇକିଆ କହିଥିଲେ। ୧୧ଟା ୨୦ରୁ ୧ଟା ୨୦ ପର୍ଯ୍ୟନ୍ତ ଦ୍ୱିତୀୟ ସେସନ ଖେଳ ହେବା ପରେ ଲଞ୍ଚ୍ ହେବ। ଏହାର ଅର୍ଥ ଦିନରେ ଖେଳାଯାଉଥିବା ଟେଷ୍ଟ କ୍ରିକେଟ ଇତିହାସରେ ଏହା ପ୍ରଥମ ମ୍ୟାଚ୍ ହେବ ଯେଉଁଥିରେ ଲଞ୍ଚ୍ ଆଗରୁ ଟି' ବ୍ରେକ୍ ହେବ। ୧ଟା୨୦ରୁ ୨ଟାଯାଏ ଲଞ୍ଚ ଓ ଏହା ପରେ ଅର୍ଥାତ୍ ଅପରାହ୍ଣ ୨ଟାରୁ ୪ଟା ଯାଏ ତୃତୀୟ ତଥା ଶେଷ ସେସନ ଖେଳାଯିବ। ପ୍ରତ୍ୟେକ ଦିନ ୯୦ ଓଭର ଖେଳାଯିବାର ନିୟମ ରହିଛି। କିନ୍ତୁ ଆଗୁଆ ସୂର୍ଯ୍ୟାସ୍ତ ହେଉଥିବାରୁ ବର୍ଷାପଡ଼ାରେ ଏହା ସମ୍ଭବ ହେବ ନାହିଁ। ଏହି ନିଷ୍ପତ୍ତିକୁ ଦକ୍ଷିଣ ଆଫ୍ରିକାର ଓପନର ଆଇଡେନ୍ ମାରକ୍ରମ ସମାଲୋଚନା କରିଛନ୍ତି। ତାଙ୍କ ମତରେ ଟେଷ୍ଟ କ୍ରିକେଟ ମାନେ ପୂର୍ବାହ୍ଣ ୧୦ଟାରୁ ଆରମ୍ଭ ହେବା କଥା। ଏଠାରେ ସ୍ଥିତି ଭିନ୍ନ ରହିଛି। ଅନ୍ୟଦକ୍ଷିଣ ଆଫ୍ରିକୀୟ ଖେଳାଳି କେଶବ ମହାରାଜ ଏହି ନିଷ୍ପତ୍ତିକୁ ସମର୍ଥନ ଜଣାଇଛନ୍ତି। ପୂରା ସମୟ ଖେଳ ଲାଗି ଏପରି ନିଷ୍ପତ୍ତି ଯଥାର୍ଥ ବୋଲି ସେ କହିଛନ୍ତି। ଭାରତୀୟ ବ୍ୟାଟର ସାଇ ସୁଦର୍ଶନ ମଧ୍ୟ ଏହି ନିଷ୍ପତ୍ତିକୁ ସମର୍ଥନ ଦେଇଛନ୍ତି।

### ଆଜିଠୁ ଆସେସ୍ ସିରିଜ

## ଟ୍ରଫି ବଜାୟ ଲକ୍ଷ୍ୟରେ ଅଷ୍ଟ୍ରେଲିଆ

ପର୍ଥ, ୨୦।୧୧ (ଏଜେନ୍ସି): ଟେଷ୍ଟ କ୍ରିକେଟ୍ ଇତିହାସର ସବୁଠୁ ପୁରୁଣା ଓ ସମ୍ମାନଜନକ ସିରିଜ 'ଦି ଆସେସ୍'ର ୭୪ତମ ସଂସ୍କରଣ ଶୁକ୍ରବାରଠାରୁ ଘରୋଇ ଅଷ୍ଟ୍ରେଲିଆ ଓ ଇଂଲଣ୍ଡ ମଧ୍ୟରେ ଆରମ୍ଭ ହେବାକୁଯାଉଛି। ପାଞ୍ଚ ମ୍ୟାଚ୍‌ବିଶିଷ୍ଟ ଏହି ଟେଷ୍ଟ ସିରିଜର ପ୍ରଥମ ମୁକାବିଲା ପର୍ଥ ଷ୍ଟାଡିୟମରେ ଖେଳାଯିବ। ଅଭିଜ୍ଞ ଅଲ୍‌ରାଉଣ୍ଡର ବେନ୍ ଷ୍ଟୋକ୍ସ ଭ୍ରମଣକାରୀ ଇଂଲଣ୍ଡ ଦଳର ନେତୃତ୍ୱ ନେଉଛନ୍ତି। ଦଳରେ ଜୋ ରୁଟ୍, ଓଲି ପୋପ୍, ବେନ୍ ଡକେଟ୍, ହ୍ୟାରୀ ବ୍ରୁକ୍, ଜୋଫ୍ରା ଆର୍ଚର, ମାର୍କ ଉଡ୍‌ଙ୍କ ଭଳି ଅଭିଜ୍ଞ ଖେଳାଳି ରହିଛନ୍ତି। ଇଂଲଣ୍ଡ ଦୀର୍ଘ ୧୦ ବର୍ଷର ବ୍ୟବଧାନ ପରେ ଆସେସ୍ ସିରିଜ ବିଜୟୀ ହେବାକୁ ଲକ୍ଷ୍ୟ ରଖିଛି। ଅପରପକ୍ଷରେ ଷ୍ଟିଭ ସ୍ମିଥଙ୍କ ନେତୃତ୍ୱାଧୀନ ଅଷ୍ଟ୍ରେଲିଆ ଘରୋଇ ମାଟିରେ କୌଣସି ସୁଯୋଗ ନ ଦେଇ ସିରିଜ ବଜାୟ ରଖିବା ଲକ୍ଷ୍ୟରେ ପଡ଼ିଆକୁ ଓହ୍ଲାଇବ। ସ୍ମିଥଙ୍କ ସମେତ ମାର୍ନସ ଲାବୁଶେନ, ଟ୍ରାଭିସ ହେଡ, ମିଚେଲ ଷ୍ଟାର୍କ, ନାଥନ ଲିୟନଙ୍କ ଭଳି ଅଭିଜ୍ଞ ଖେଳାଳି ଇଂଲଣ୍ଡକୁ କଡ଼ା ଟକ୍କର ଦେବାକୁ ଲକ୍ଷ୍ୟ ରଖିଛନ୍ତି।

**ପ୍ରଥମ ଟେଷ୍ଟ**
ଆରମ୍ଭ: ସକାଳ ୭ଟା ୫୦
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ ନେଟୱର୍କ



**ଫ୍ଲାସବ୍ୟାକ୍ ଆସେସ୍**
ପ୍ରଥମ ସିରିଜ: ୧୮୭୬-୭୭
ମୋଟ୍ ସିରିଜ: ୭୩
ଅଷ୍ଟ୍ରେଲିଆ ବିଜୟ: ୩୪ଥର
ଇଂଲଣ୍ଡ ବିଜୟ: ୩୨ଥର
ଡ୍ର: ୭ଥର
ମୋଟ୍ ଟେଷ୍ଟ ମ୍ୟାଚ୍: ୩୪୦ଟି
ଅଷ୍ଟ୍ରେଲିଆ ଜିତିଛି: ୧୪୦ଟି
ଇଂଲଣ୍ଡ ଜିତିଛି: ୧୦୮ଟି

## ଏଏଫ୍‌ଆଇରେ ଜିଏସ୍ ପଟ୍ଟନାୟକଙ୍କୁ ଗୁରୁତ୍ୱପୂର୍ଣ୍ଣ ପଦ

ଭୁବନେଶ୍ୱର, ୨୦।୧୧ (ସମିସ): ଓଡ଼ିଶା ଆଥ୍‌ଲେଟିକ୍ସ ଆସୋସିଏସନ (ଓଏଏ)ର ସଭାପତି ଜିଏସ୍ ପଟ୍ଟନାୟକଙ୍କୁ ଜାତୀୟ ସଂଘରେ ଏକ ବଡ଼ ଦାୟିତ୍ୱ ମିଳିଛି। ସେ ଆଥଲେଟିକ୍ସ ଫେଡେରେସନ ଅଫ୍ ଇଣ୍ଡିଆ (ଏଏଫ୍‌ଆଇ)ର ଅଫିସିଏଟିଂ ସେକ୍ରେଟାରୀ (କାର୍ଯ୍ୟାଳୟ ପରିଚାଳନା ସମ୍ପାଦକ) ଭାବେ ମନୋନୀତ ହୋଇଛନ୍ତି। ପୂର୍ବରୁ ସେ ଏଏଫ୍‌ଆଇର ବରିଷ୍ଠ ଯୁଗ୍ମ ସମ୍ପାଦକ ଭାବେ ନିର୍ବାଚିତ ହୋଇ ଦାୟିତ୍ୱ ତୁଲାଉଥିଲେ। ଓଡ଼ିଶା ଇତିହାସରେ ଶ୍ରୀ ପଟ୍ଟନାୟକ ପ୍ରଥମ ବ୍ୟକ୍ତି ଭାବେ ଏଏଫ୍‌ଆଇର ଅଫିସିଏଟିଂ ସେକ୍ରେଟାରୀ ପଦ ମଣ୍ଡନ କରିଛନ୍ତି। ଏହି ଅବସରରେ ଓଏର ଚେୟାରମ୍ୟାନ ଆଶୀର୍ବାଦ ବେହେରା, ସମ୍ପାଦକ ଅଭିଜିତ୍ ପାଲ୍‌ଙ୍କ ସମେତ ଅନ୍ୟ ସମସ୍ତ କର୍ମକର୍ତ୍ତା ଜିଏସ୍ ପଟ୍ଟନାୟକଙ୍କୁ ଅଭିନନ୍ଦନ ଜଣାଇଛନ୍ତି।



## ଶତକ ଟେଷ୍ଟରେ ଶତକ ରହିମଙ୍କ ବିରଳ କୀର୍ତ୍ତିମାନ

ମୀରପୁର, ୨୦।୧୧ (ଏଜେନ୍ସି): ବାଂଲାଦେଶର ବରିଷ୍ଠ କ୍ରିକେଟର୍ ମୁସଫିକର ରହିମ ଏକ ବିରଳ କ୍ଲବରେ ସାମିଲ ହୋଇଛନ୍ତି। ବିଶ୍ୱର ୧୧ତମ ବ୍ୟାଟର୍ ଭାବେ ୩୮ ବର୍ଷୀୟ ରହିମ ନିଜର ୧୦୦ତମ ଟେଷ୍ଟ ମ୍ୟାଚରେ ଶତକୀୟ ପାଳି ଖେଳିବାର ସୌଭାଗ୍ୟ ଲାଭ କରିଛନ୍ତି। ଆୟର୍ଲାଣ୍ଡ ବିପକ୍ଷ ଦ୍ୱିତୀୟ ଟେଷ୍ଟରେ ବାଂଲାଦେଶର ପ୍ରଥମ ପାଳିରେ ରହିମ ୧୦୬ ରନ ସଂଗ୍ରହ କରିଥିଲେ। ରହିମଙ୍କ ଏହା ୧୦୦ତମ ଟେଷ୍ଟ ମ୍ୟାଚ୍ ଥିଲା। ପୂର୍ବରୁ ବିଶ୍ୱର ୧୦ଜଣ କ୍ରିକେଟର୍ ନିଜର ୧୦୦ତମ ଟେଷ୍ଟ ମ୍ୟାଚରେ ଶତକୀୟ ପାଳି ଖେଳିଛନ୍ତି। ସେମାନେ ହେଲେ ଇଂଲଣ୍ଡର କଲିନ କାଓଡ୍ରେ, ଜାଭେଦ ମିଆଁଦାଦ, ଗର୍ଡନ ଗ୍ରୀନିଜ୍, ଆଲେକ୍ ଷ୍ଟିୱାର୍ଟ, ଇଞ୍ଜାମାମ-ଉଲ୍-ହକ, ରିକି ପଣ୍ଟିଂ, ଗ୍ରାଏମ ସ୍ମିଥ, ହାସିମ ଅମଲା, ଜୋ ରୁଟ୍, ଡେଭିଡ୍ ୱାର୍ଣ୍ଣର। ଏହି ଟେଷ୍ଟରେ ବାଂଲାଦେଶ ପ୍ରଥମ ଇନିଂସରେ ୪୭୬ ରନରେ ସୀମିତ ରହିଥିଲା। ଜବାବରେ ଆୟର୍ଲାଣ୍ଡ ଗୁରୁବାର ଦ୍ୱିତୀୟ ଦିବସ ଷ୍ଟମ୍ପ୍ସ ସୁଦ୍ଧା ୫ ୱିକେଟରେ ୯୮ ରନ ସଂଗ୍ରହ କରିଛି।



### ଅଲ୍ ଓଡ଼ିଶା ବିଲିୟାର୍ଡ୍ସ ଓ ସ୍ନୁକର

## ବିଶେଷଙ୍କୁ ହ୍ୟାଟ୍ରିକ୍ ଟାଇଟଲ

ଭୁବନେଶ୍ୱର,୨୦।୧୧(ସମିସ): ରାଜ୍ୟ ଜୁନିଅର ବିଲିଆର୍ଡ୍ସ ଚାମ୍ପିଅନ୍ ବିଶେଷ ସିଂଘାଲ ରାଜ୍ୟ ଜୁନିଅର ସ୍ନୁକର ଟାଇଟଲ ହାସଲ କରିଛନ୍ତି। ସ୍ନୁକରରେ ଏହା ତାଙ୍କର ହ୍ୟାଟ୍ରିକ୍ ଟାଇଟଲ। ଗୁରୁବାର ଅନୁଷ୍ଠିତ ଫାଇନାଲରେ ସେ ୨-୦ ଫ୍ରେମ୍‌ରେ ସାଇ ସଙ୍କଳ୍ପଙ୍କୁ ହରାଇ କ୍ରମାଗତ ତୃତୀୟ ଟାଇଟଲ ଜିତିଥିଲେ। ଗତକାଲି ଅନୁଷ୍ଠିତ ସିନିଅର ବିଲିଆର୍ଡ୍ସରେ ବିଶେଷ ପୂର୍ବତନ ଜାତୀୟ ରନର୍ସ ଅପ୍ କୁନାଲ ଅଗରୱାଲଙ୍କୁ ହରାଇ ବିପର୍ଯ୍ୟୟ ସୃଷ୍ଟି କରିଥିଲେ। ସିନିଅର ସ୍ନୁକର ବିଭାଗରେ ସୁବ୍ରତ ଦାସ, ଆଶୁତୋଷ ପାଢ଼ୀ, ଅନୁଜ ପଣ୍ଡା ଓ ସୁଦୀପ୍ତ ଦାଶ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି।



## ଡିସେମ୍ବର ୨୮ ରୁ ମହିଳା, ଜାନୁଆରୀ ୩ରୁ ପୁରୁଷ ହକି ଇଣ୍ଡିଆ ଲିଗ୍

ନୂଆଦିଲ୍ଲୀ, ୨୦।୧୧ (ଏଜେନ୍ସି): ହକି ଇଣ୍ଡିଆ ଲିଗ୍ ପୁଣିଥରେ ଫେରୁଛି। ହକି ଇଣ୍ଡିଆ ପକ୍ଷରୁ ରାଞ୍ଚିରେ ଡିସେମ୍ବର ୨୮ ରୁ ଜାନୁଆରୀ ୧୦ ଯାଏ ମହିଳା ଲିଗ୍ ଏବଂ ଚେନ୍ନଇ, ରାଞ୍ଚି ଓ ଭୁବନେଶ୍ୱରରେ ୨୦୨୬ ଜାନୁଆରୀ ୩ରୁ ୨୬ ଯାଏ ପୁରୁଷ ଲିଗ୍ ଖେଳାଯିବାକୁ ସ୍ଥିର ହୋଇଛି। ବିଗ୍ ଇଜ୍ ବ୍ୟାକ୍ ନାମରେ ହକି ଇଣ୍ଡିଆ ଲିଗ୍‌ର ଅଫିସିଆଲ ପ୍ରୋମୋ ଆଜି ଉନ୍ମୋଚିତ ହୋଇଛି। ଏହି ଲୋକପ୍ରିୟ ପ୍ରତିଯୋଗିତା ଲାଗି ହକି ସମର୍ଥକ ପ୍ରସ୍ତୁତ ହୋଇ ରହିଛନ୍ତି।

## ୱାର୍ଲ୍ଡ ବକ୍ସିଂ କପ୍: ୪ ଭାରତୀୟ ମହିଳାଙ୍କୁ ସ୍ୱର୍ଣ୍ଣ

ନୂଆଦିଲ୍ଲୀ,୨୦।୧୧(ଏଜେନ୍ସି): ୱାର୍ଲ୍ଡ ବକ୍ସିଂ କପ୍‌ରେ ଭାରତୀୟ ମହିଳା ୪ଟି ସ୍ୱର୍ଣ୍ଣ ଓ ପୁରୁଷ ପ୍ରତିଯୋଗୀ ୪ଟି ରୌପ୍ୟ ପଦକ ବିଜୟୀ ହୋଇଛନ୍ତି। ଗୁରୁବାର ମହିଳା ବିଭାଗ ୪୮ କେଜିରେ ମିନାକ୍ଷୀ, ୫୪ କେଜିରେ ପ୍ରୀତି, ୭୦ କେଜିରେ ଅରୁନ୍ଧତୀ ଓ ୮୦ରୁ ଊର୍ଦ୍ଧ୍ୱ କେଜିରେ ନୁପୁର ସ୍ୱର୍ଣ୍ଣ ଜିତିଛନ୍ତି। ସେହିପରି ଯଦୁମଣି ସିଂ, ପୱନ ବାର୍ତ୍ତୱାଲ, ଅବିନାଶ ଜାମୱାଲ୍ ଓ ଅଙ୍କୁଶ ପାଙ୍ଘଲ ରୌପ୍ୟ ପଦକ ବିଜୟୀ ହୋଇଛନ୍ତି।

## ମହିଳା କବାଡ଼ି ବିଶ୍ୱକପ୍: ସେମିରେ ଭାରତ

ଢାକା, ୨୦।୧୧ (ଏଜେନ୍ସି): ଡିଫେଣ୍ଡିଂ ଚାମ୍ପିଅନ ଭାରତୀୟ ଦଳ ଚଳିତ ମହିଳା କବାଡ଼ି ବିଶ୍ୱକପ୍‌ର ଦ୍ୱିତୀୟ ସଂସ୍କରଣରେ ସେମିଫାଇନାଲରେ ପ୍ରବେଶ କରିଛି। ଗୁରୁବାର ଭାରତ ୩ୟ ଗ୍ରୁପ୍ ମ୍ୟାଚରେ ଜର୍ମାନୀକୁ ୬୩-୨୨ ପଏଣ୍ଟରେ ହରାଇଥିଲା। ବିଶ୍ୱକପ୍‌ରେ ଭାରତର ଏହା ହ୍ୟାଟ୍ରିକ ବିଜୟଥିଲା। ନଭେମ୍ବର ୨୩ରେ ସେମିଫାଇନାଲ ଖେଳାଯିବ। ଗ୍ରୁପ୍ ପର୍ଯ୍ୟାୟ ଶେଷ ପରେ ଭାରତ ସେମିଫାଇନାଲରେ କାହାକୁ ଭେଟିବ ତାହା ସ୍ପଷ୍ଟ ହେବ। ୨୦୧୨ରେ ଅନୁଷ୍ଠିତ ମହିଳା ବିଶ୍ୱକପ୍‌ର ପ୍ରଥମ ସଂସ୍କରଣରେ ଭାରତ ଚାମ୍ପିଅନ ହୋଇଥିଲା।

### ଅଷ୍ଟ୍ରେଲିଆନ ଓପନ୍ ବ୍ୟାଡ୍‌ମିଣ୍ଟନ

## ବିପର୍ଯ୍ୟୟ ଘଟାଇ କ୍ୱାର୍ଟରରେ ଆୟୁଷ

ସିଡ୍‌ନୀ, ୨୦।୧୧ (ଏଜେନ୍ସି): ଯୁବ ଭାରତୀୟ ବ୍ୟାଡ୍‌ମିଣ୍ଟନ ଖେଳାଳି ଆୟୁଷ ସେଟ୍ଟୀ ଚଳିତ ଅଷ୍ଟ୍ରେଲିଆନ୍ ଓପନ୍‌ରେ ଗୁରୁବାର ବଡ଼ ବିପର୍ଯ୍ୟୟ ଘଟାଇଛନ୍ତି। ପୁରୁଷ ସିଙ୍ଗଲ୍ସର ଏକ ମ୍ୟାଚରେ ୨୦ ବର୍ଷୀୟ ଆୟୁଷ ୨୧-୧୭, ୨୧-୧୬ ସିଧାସଳଖ ଗେମରେ ୪ର୍ଥ ସିଡ୍ ଜାପାନର କୋଡାଇ ନାରାଓକାଙ୍କୁ ହରାଇ କ୍ୱାର୍ଟର ଫାଇନାଲରେ ପହଞ୍ଚିଛନ୍ତି। ବିଶ୍ୱ ମାନ୍ୟତାର ୩୨ତମ ସ୍ଥାନରେ ରହିଥିବା ଆୟୁଷ କ୍ୱାର୍ଟରରେ ସାଥୀ ଖେଳାଳି ଲକ୍ଷ୍ୟ ସେନଙ୍କୁ ଭେଟିବେ। ଅନ୍ୟ ଏକ ପ୍ରି-କ୍ୱାର୍ଟରରେ ଲକ୍ଷ୍ୟ ୨୧-୧୭, ୧୩-୨୧, ୨୧-୧୩ ଗେମରେ ଚାଇନିଜ ତାଇପେଇର ଚି ୟୁ-ଜେନଙ୍କୁ ହରାଇ ଅଗ୍ରଗତି କରିଛନ୍ତି। ପୁରୁଷ ଡବଲ୍ସରେ ଟପ୍ ସିଡ୍ ସାତ୍ୱିକସାଇରାଜ ରାଙ୍କିରେଡ୍ଡୀ ଓ ଚିରାଗ ସେଟ୍ଟୀ ଯୋଡ଼ି ମଧ୍ୟ କ୍ୱାର୍ଟର ଫାଇନାଲରେ ସ୍ଥାନ ପକ୍କା କରିଛନ୍ତି।

ସକାଳ THE SAKALA
A Unit of Nandighosha Network Pvt. Ltd.
ନନ୍ଦିଘୋଷ
'ସକାଳ'ର ପଞ୍ଚମ ସ୍ୱନକ୍ଷତ୍ର ଉପଲକ୍ଷେ ରାଜ୍ୟସ୍ତରୀୟ
ବିତର୍କ ପ୍ରତିଯୋଗିତା ୨୦୨୫
ଭାଷା: ଓଡ଼ିଆ
Presented by:
BHARAT MASALA
AN ISO 9001 : 2015 & HACCP CERTIFIED COMPANY
The Taste of New India
In Association with:
CBSE-XI & XII
SRI VINAYAKA Concept School
BHUBANESWAR
5th Anniversary

ପ୍ରତିଯୋଗିତା ସ୍ଥାନ ଓ ଯୋଗାଯୋଗ ନଂ.

| | | |
|---|---|---|
| ରାୟଗଡା | ସେଞ୍ଚୁରିୟନ ପବ୍ଲିକ ସ୍କୁଲ, ରିଙ୍ଗ ରୋଡ, ଯୁଜିଏମଆଇଟି କଲେଜ ପାଖରେ, ରାୟଗଡା | ଶିବ ନାରାୟଣ ଗୌଡ - ୭୦୦୮୧୪୧୨୧୬ |
| ନବରଙ୍ଗପୁର | ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ନୂଆଁଗଡ, ମିର୍ଗାନ୍ ଗୁଡା, ନବରଙ୍ଗପୁର | ଗୌରାଙ୍ଗ ପାତ୍ର - ୭୯୭୮୭୩୩୬୩୬ |
| ମାଲକାନଗିରି | ମାଲକାନଗିରି ମହା ବିଦ୍ୟାଳୟ, ମାଲକାନଗିରି | ଅଶୋକ ମିଶ୍ର - ୯୦୭୮୯୩୨୨୬୬ |
| କୋରାପୁଟ | ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଅରବିନ୍ଦ ନଗର ପାରାବେଢ଼ା, ଜୟପୁର | ସୁପ୍ରିତ ପୂଜାରୀ - ୯୪୩୭୧୮୨୧୦୫ |

୨୩ ନଭେମ୍ବର ୨୦୨୫ । ରବିବାର
ଜୁନିୟର: ହାଇସ୍କୁଲ ଛାତ୍ରଛାତ୍ରୀ
ସିନିୟର: କଲେଜ / ବିଶ୍ୱବିଦ୍ୟାଳୟ ଛାତ୍ରଛାତ୍ରୀ
ପ୍ରାରମ୍ଭିକ ବିତର୍କ ପ୍ରତିଯୋଗିତାର ବିଜେତାମାନଙ୍କୁ ପୁରସ୍କୃତ କରାଯିବ।
ଭାଗ ନେଉଥିବା ସମସ୍ତ ପ୍ରତିଯୋଗୀମାନଙ୍କୁ ସାର୍ଟିଫିକେଟ୍ ଅଫ୍ ପାର୍ଟିସିପେସନ୍ ପ୍ରଦାନ କରାଯିବ।
ଜିଲ୍ଲାସ୍ତରୀୟ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ ରାଜ୍ୟସ୍ତରର ପ୍ରତିଯୋଗିତା ପାଇଁ ଭୁବନେଶ୍ୱର ଡକାଯିବ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, PLOT NO.125, IRRIGATION COLONY, JEYPORE-764001, DIST: KORAPUT, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ରୁ ଦାସ
EXECUTIVE EDITOR: SAMARENDU DAS